ଧରିତ୍ରୀ
DHARITRI
ଭୁବନେଶ୍ୱର, ରବିବାର, ଫେବୃୟାରୀ ୫/୨୦୨୩ (୧୬ ପୃଷ୍ଠା+ଛୁଟିଦିନ) Bhubaneswar, Sunday, February 5/2023 Page 16 ₹ 7.00
୪୯ଶ ଭାଗ ୭୩ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 49 ISSUE 73 ମୂଲ୍ୟ ₹୭/-



## ଅଡୁଆରେ ଦୀପା କର୍ମକାର

ଡୋପ୍ ଟେଷ୍ଟରେ ବିଫଳ ପାଇଁ ଭାରତର ଷ୍ଟାର ମହିଳା ଜିମ୍ନାଷ୍ଟ ଦୀପା କର୍ମକାର ଖେଳରୁ ୨୧ ମାସ ବାସନ୍ଦ ହୋଇଛନ୍ତି।

୧୬

୧୨

## ବହୁତ ଭଲ ନୟନତାରା

ସାଉଥ୍ ଫିଲ୍ମ ଅଭିନେତ୍ରୀ ନୟନତାରା ଖୁବ୍ ଅଭିଜ୍ଞ ଓ ଜଣେ ବହୁତ ଭଲ ମଣିଷ କହି ଶାହରୁଖ ଖାନ୍ ତାଙ୍କ ପ୍ରଶଂସା କରିଛନ୍ତି।



# କମ୍ପ୍ରେସର ଫାଟି ୨ ମୃତ

## ଗ୍ୟାସ୍ ପାଇପ୍ ଲାଇନ୍ କାମ ବେଳେ ଅଘଟଣ

- ୩ ଶ୍ରମିକ ଆହତ
- ଗେଲ୍ ଇଣ୍ଡିଆ ପକ୍ଷରୁ ବିଶାଖାପାଟଣାରୁ ପାରାଦୀପ ଯାଏ ଚାଲିଛି କାମ
- ଲାଇସେନ୍ସ ନ ଥାଇ କାମ କରୁଥିଲେ ପ୍ରବାସୀ ଶ୍ରମିକ
- ଆଞ୍ଚଳିକ ଶ୍ରମ କମିଶନର ତଦନ୍ତ କରିବେ

**ନୟାଗଡ଼ ଅଫିସ,୪।୨**

ନୟାଗଡ ଜିଲା ଇଟାମାଟି ଥାନା ସୁନାଲଟି ନିକଟରେ ଶନିବାର ସନ୍ଧ୍ୟାରେ ବଡ଼ଧରଣର ଅଘଟଣ ଘଟିଛି। ଗ୍ୟାସ୍ ପାଇପ୍ ଲାଇନ୍ କାମ ଚାଲିଥିବାବେଳେ ଏକ କମ୍ପ୍ରେସର ଫାଟିଯିବାରୁ ୨ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ୩ଜଣ ଶ୍ରମିକ ଆହତ ହୋଇଛନ୍ତି। ମୃତକ ଦ୍ୱୟ ହେଲେ ସୋନୁ ଗାଙ୍ଗୁଲି ଓ ବିଜୟ ଗାଙ୍ଗୁଲି। ଉଭୟଙ୍କର ବୟସ ପ୍ରାୟ ୩୫ ବର୍ଷ ହେବ। ସେମାନଙ୍କ ଘର ମହାରାଷ୍ଟ୍ରରେ ବୋଲି ଜଣାପଡ଼ିଛି। ଆହତମାନେ ହେଲେ ଉତ୍ତରପ୍ରଦେଶ ବନାରସର ସୁନୀଲ କୁମାର(୪୩), ମହାରାଷ୍ଟ୍ର ପୋଲିସ୍ ଗ୍ରାମର ରାମସିଂ ଉତ୍ତମ ସିଂ ମୋରେ(୩୬) ଏବଂ ବୋଲଡା ଗ୍ରାମର ଆୟୁବ କରିମ୍ ପଟେଲ(୩୫)। ଶ୍ରମିକମାନେ ସୁରକ୍ଷା ଉପକରଣ ନ ପିନ୍ଧି କାମ କରୁଥିବା ଜଣାପଡ଼ିଛି। ଏହାର ତଦନ୍ତ ପାଇଁ ଦାବି ହେଉଛି। ଖବର ପାଇ ଇଟାମାଟି ଥାନା ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟରେ ରଖିଛି। ଏହାସହ ପୋଲିସ ଘଟଣାସ୍ଥଳକୁ ଯାଇ ତଦନ୍ତ କରୁଛି ।

ଗେଲ୍ ଇଣ୍ଡିଆ ପକ୍ଷରୁ ବିଶାଖାପାଟଣାଠାରୁ ପାରାଦୀପ ପର୍ଯ୍ୟନ୍ତ ଗ୍ୟାସ୍ ପାଇପ୍ ଲାଇନ କାମ ଚାଲୁ ରହିଛି। ସୁନାଲଟି ନିକଟରେ ଶ୍ରମିକମାନେ ପାଇପ୍ ଲାଇନ୍‌କୁ କମ୍ପ୍ରେସର ଯୋଗେ ସଫା କରୁଥିଲେ। ପାଇପ୍ ଭିତରେ ସୋନୁ ଓ ବିଜୟ ରହି କାମ କରୁଥିବାବେଳେ କମ୍ପ୍ରେସରଟି ଫାଟିଯାଇଥିଲା। ଏହି ବିସ୍ଫୋରଣ ଏତେ ଶକ୍ତିଶାଳୀ ଥିଲା ଯେ, ସୋନୁ ଏବଂ ବିଜୟ ସେଠାରେ ଚାପି ହୋଇଯାଇଥିବାବେଳେ ଅନ୍ୟ ୩ ଶ୍ରମିକ ଛିଟିକି ପଡ଼ିଥିଲେ। ଏହି ୫ ଶ୍ରମିକଙ୍କୁ ଉଦ୍ଧାର କରାଯାଇ ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। କିନ୍ତୁ ସୋନୁ ଓ ବିଜୟଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ସେମାନଙ୍କ ଶରୀରର ବିଭିନ୍ନ ସ୍ଥାନ କ୍ଷତାକ୍ତ ହୋଇଛି। ଆହତମାନେ ବିପଦମୁକ୍ତ ଥିବା ଜଣାପଡ଼ିଛି। ☞ପୃଷ୍ଠା-୪



ଜି-୨୦ ପ୍ରତିନିଧିମାନେ ଶନିବାର ଆସାମର ମୋରିଗାଁଓ ଜିଲାରେ ଥିବା ପୋବିତୋରା ବନ୍ୟପ୍ରାଣୀ ଅଭୟାରଣ୍ୟରେ ହାତୀ ସଫାରିର ମଜା ନେଉଛନ୍ତି।

## ସଡ଼କ ଦୁର୍ଘଟଣାରେ ପୂର୍ବତନ ବିଧାୟକ ଅର୍ଜୁନ ଦାସଙ୍କ ମୃତ୍ୟୁ



- ବିଞ୍ଝାରପୁରରୁ କଂଗ୍ରେସ ଟିକେଟ୍‌ରେ ବିଜୟୀ ହୋଇଥିଲେ
- ଦୁର୍ଘଟଣାରେ ସହଯୋଗୀଙ୍କ ମଧ୍ୟ ମୃତ୍ୟୁ

**ଯାଜପୁର ଅଫିସ୍/ଯାଜପୁର ଟାଉନ୍/ବିଞ୍ଝାରପୁର, ୪।୨ (ଡି.ଏନ୍.ଏ.)**

ବିଞ୍ଝାରପୁର ନିର୍ବାଚନମଣ୍ଡଳୀର ପୂର୍ବତନ ବିଧାୟକ ଅର୍ଜୁନ ଚରଣ ଦାସଙ୍କର ଶନିବାର ସକାଳେ ସଡ଼କ ଦୁର୍ଘଟଣାରେ ମୃତ୍ୟୁ ଘଟିଛି। ପୂର୍ବାହ୍ନ ପ୍ରାୟ ୯ଟାରେ ଦାସ ନିଜ ସହଯୋଗୀ ଅନନ୍ତ ମହାନ୍ତିଙ୍କ ସହ ବାଇକ୍ ଯୋଗେ ଏକ କୃଷକ ସମ୍ମିଳନୀରେ ଯୋଗଦେବାକୁ ଭୁବନେଶ୍ୱର ଯାଉଥିଲେ। ଅନନ୍ତ ବାଇକ୍ ଚଳାଉଥିଲେ। ଏହି ସମୟରେ ଯାଜପୁର ଖରସ୍ରୋତା ରାଜଘାଟ ସେତୁ ଉପରେ ସେମାନଙ୍କୁ ଏକ ବାଲି ବୋଝେଇ ହାଇୱା (ଓଆର୍ ୧୦ଏଚ୍ ୬୦୧୯) ସମ୍ମୁଖ ପଟୁ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ☞ପୃଷ୍ଠା-୪

## ବର୍ଷୀୟାନ ଗାୟିକା ବାଣୀ ଜୟରାମଙ୍କ ପରଲୋକ

**ଶୋକବ୍ୟକ୍ତ କଲେ ମୁଖ୍ୟମନ୍ତ୍ରୀ**

**ଚେନ୍ନାଇ/ଭୁବନେଶ୍ୱର(ବ୍ୟୁରୋ),୪।୨**

ମେଘ ବରଷିଲା ଟୁପୁରୁ ଟୁପୁରୁ କେଶୁର ମାଇଲା ଗଜା...। ୭୦ ଦଶକର ଲୋକପ୍ରିୟ ଓଡ଼ିଆ ଚଳଚ୍ଚିତ୍ର 'ଶେଷ ଶ୍ରାବଣ'ର ଏହି ହୃଦୟଛୁଆଁ ଗୀତ ଗାଇ ଘରେ ଘରେ ପରିଚିତ ବର୍ଷୀୟାନ ପ୍ରଚ୍ଛଦପଟ ଗାୟିକା ବାଣୀ ଜୟରାମ ଆଉ ନାହାନ୍ତି। ଶନିବାର ଚେନ୍ନାଇସ୍ଥିତ ବାସଭବନରେ ତାଙ୍କର ପରଲୋକ ହୋଇଯାଇଛି। ତାଙ୍କୁ ୭୮ ବର୍ଷ ହୋଇଥିଲା। ସକାଳେ ବାଣୀଙ୍କ ଘରୋଇ ସହାୟିକା ମାଲାରକୋଡ଼ି କାମ କରିବା ପାଇଁ ତାଙ୍କ ଘରେ ପହଞ୍ଚି ଭିତରପଟୁ କବାଟ ବନ୍ଦଥିବା ଦେଖିଥିଲେ। ସେ ବାରମ୍ବାର ଡାକିବା ସତ୍ତ୍ୱେ କୌଣସି ଉତ୍ତର ନ ମିଳିବାରୁ ସମ୍ପର୍କୀୟଙ୍କୁ ଜଣାଇଥିଲେ। ତାଙ୍କ ଭଉଣୀଙ୍କ ପାଖରେ ଥିବା ଡୁପ୍ଲିକେଟ ଚାବି ସହାୟତାରେ ଘର ଖୋଲାଯିବା ପରେ ବାଣୀଙ୍କ ମୁଣ୍ଡରେ ଆଘାତ ଚିହ୍ନ ରହିଥିବା ଓ ତାଙ୍କର ମୃତ୍ୟୁ ଘଟିଥିବା ଦେଖିବାକୁ ମିଳିଥିଲା। ପୋଲିସକୁ ଖବର ଦିଆଯିବା ପରେ ତାଙ୍କ ମୃତଦେହକୁ ହସ୍ପିଟାଲ ନିଆଯାଇଥିଲା। ତଳେ ପଡ଼ି ମୁଣ୍ଡ ଫାଟିଯିବାରୁ ଅତ୍ୟଧିକ ରକ୍ତସ୍ରାବ ଯୋଗୁ ତାଙ୍କର ମୃତ୍ୟୁ ଘଟିଥିବା କୁହାଯାଉଛି। କିଛିବର୍ଷ ତଳେ ବାଣୀଙ୍କ ସ୍ୱାମୀଙ୍କର ମଧ୍ୟ ଦେହାନ୍ତ ହୋଇଥିଲା। ଏହାପରଠାରୁ ସେ ଉକ୍ତ ଆପାର୍ଟମେଣ୍ଟରେ ଏକାକୀ ରହୁଥିଲେ। ଓଡ଼ିଆ ☞ପୃଷ୍ଠା-୪



ବାଣୀ ଜୟରାମ

# ଅପରେଶନ 'ସ୍ୟାଣ୍ଡ ଷ୍ଟର୍ମ'

- ବାଲି ଚୋରାଚାଲାଣକାରୀଙ୍କୁ ସାବାଡ୍ କରିବାକୁ ଆକ୍ସନ ମୁଡ୍‌ରେ ପ୍ରଶାସନ
- ଇଟାଭାଟିରେ ବୁଲଡୋଜର ବୁଲାଇ ଲାଲ୍‌ପତାକା ପୋତିଲା

**ବାଲେଶ୍ୱର ଅଫିସ, ୪।୨**

ବାଲେଶ୍ୱର ଉପଜିଲାପାଳ କୁନାଲ ମୋତିରାମ ଚଭନଙ୍କୁ ଆକ୍ରମଣ ପରେ ବାଲି ଚୋରା ଚାଲାଣକାରୀଙ୍କୁ ସାବାଡ୍ କରିବା ଲାଗି ଆକ୍ସନ ମୁଡ୍‌ରେ ଉଭୟ ପ୍ରଶାସନ ଓ ପୋଲିସ। ମୋରମ, ପଥର, ବାଲି ଓ ମାଟି ଚୋରା ଚାଲାଣକାରୀଙ୍କ ଉପରେ ଆରମ୍ଭ ହୋଇଛି ଅପରେଶନ 'ସ୍ୟାଣ୍ଡ ଷ୍ଟର୍ମ'। ପୂର୍ବାଞ୍ଚଳ ଆଇଜି ହିମାଂଶୁ ଲାଲଙ୍କ ନେତୃତ୍ୱରେ ଏକ ଟିମ୍ ଶନିବାର ଏହି ଅପରେଶନ ଆରମ୍ଭ କରିଛନ୍ତି।

ବାଲେଶ୍ୱର ଜିଲା ବୁଢାବଲଙ୍ଗ ନଦୀ କୂଳରେ ଅନବରତ ଚାଲିଥିବା ବେଆଇନ ବାଲି ଉତ୍ତୋଳନ ଓ ଗଢ଼ି ଉଠିଥିବା ଇଟାଭାଟି ଉପରେ ଶନିବାର ଜିଲା ପ୍ରଶାସନ ପକ୍ଷରୁ କଡ଼ା କାର୍ଯ୍ୟାନୁଷ୍ଠାନ ଆରମ୍ଭ ହୋଇଛି। ସେଠାରେ ବର୍ଷ ବର୍ଷ ଧରି ରହିଥିବା ଇଟାଭାଟିରେ ବୁଲଡୋଜର ଚଲାଯାଇ ଲାଲ୍ ପତାକା ପୋତାଯାଇ ବନ୍ଦ କରାଯାଇଛି। ପ୍ରାଥମିକ ପର୍ଯ୍ୟାୟରେ ୨ ଅଭିଯୁକ୍ତ ଚିତ୍ତରଞ୍ଜନ ବେହେରା ଓ ମନୋରଞ୍ଜନ ବେହେରାଙ୍କ ବେଆଇନ ଇଟାଭାଟି ଉପରେ ପ୍ରଶାସନ ବୁଲଡୋଜର ବୁଲାଇ ଘଟଣାସ୍ଥଳରେ ୧୪୪ ଧାରା ଜାରି କରାଯାଇଛି। ୨ରୁ ଊର୍ଦ୍ଧ୍ୱ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ ହୋଇଛି। ଉଭୟଙ୍କ ଜମି ଚିହ୍ନଟ କରି ବେଆଇନ ଜାଗାରେ ପ୍ରଶାସନ ଲାଲ୍ ପତାକା ଉଡ଼ାଇଛି। କେଉଁଠି ବେଆଇନ ଅର୍ଥ ବିନିଯୋଗ ହୋଇଛି ତାହା ଉପରେ ମଧ୍ୟ ନଜର ରଖିଛି ପ୍ରଶାସନ। ଏହାସହ ଗଢ଼ି ଉଠିଥିବା ଘର ଟାଉନ୍ ପ୍ଲାନିଂ ନିୟମ ଅନୁସାରେ ହୋଇଛି କି ନାହିଁ ତାହାର ତଦାରଖ ପାଇଁ ବ୍ରିଟ୍‌ର ଏକ ଟିମ୍ ଆସି ଘଟଣାସ୍ଥଳ ପରିଦର୍ଶନ କରିଛନ୍ତି ବୋଲି ବ୍ରିଟ୍ ସେକ୍ରେଟାରି ☞ପୃଷ୍ଠା-୪

## ଉପଜିଲାପାଳଙ୍କୁ ଆକ୍ରମଣ ଘଟଣା: ୩ ମହିଳାଙ୍କ ସମେତ ୧୧ ଗିରଫ

**ବାଲେଶ୍ୱର ଅଫିସ, ୪।୨**

ବାଲେଶ୍ୱର ଜିଲା ରେମୁଣା ବ୍ଲକ ମନ୍ଦାରପୁର ଓ ଦହପଡ଼ା ଅଞ୍ଚଳରେ ଶୁକ୍ରବାର ଉପଜିଲାପାଳ କୁନାଲ ମୋତିରାମ ଚଭନ ଓ ତାଙ୍କ ଡ୍ରାଇଭର ଗଗନ ବିହାରୀ ସାହୁଙ୍କୁ ଆକ୍ରମଣ ଘଟଣାରେ ପୋଲିସ ୩ ମହିଳାଙ୍କ ସମେତ ୧୧ ଜଣଙ୍କୁ ଗିରଫ କରିଛି। ଏ ନେଇ ଡ୍ରାଇଭର ସାହୁ ସହଦେବଖୁଣ୍ଟା ମଡେଲ୍ ଥାନାରେ ଅଭିଯୋଗ କରିବା ପରେ ଏକ ମାମଲା(ନଂ.୪୦/୨୦୨୩) ରୁଜୁ କରାଯାଇ ☞ପୃଷ୍ଠା-୪

## ସୁପ୍ରିମକୋର୍ଟରେ ୫ ବିଚାରପତି ନିଯୁକ୍ତିକୁ ମଞ୍ଜୁରୀ

- କଡ଼ା ଚେତାବନୀ ପରେ ନରମିଲା କେନ୍ଦ୍ର

**ମୋତିହାରି,୪।୨**

ସୁପ୍ରିମକୋର୍ଟରେ ୫ ବିଚାରପତି ନିଯୁକ୍ତି ଲାଗି କଲେଜିୟମ ସୁପାରିସ କରିବାର ୨ ମାସ ପରେ ଶନିବାର କେନ୍ଦ୍ର ସରକାର ଏହାକୁ ମଞ୍ଜୁରୀ ପ୍ରଦାନ କରିଛନ୍ତି। ବିଚାରପତି ନିଯୁକ୍ତିକୁ ନେଇ କେନ୍ଦ୍ର ସରକାର ଓ ନ୍ୟାୟପାଳିକା ମଧ୍ୟରେ ଟଣାଓଟରା ଲାଗି ରହିଥିବାବେଳେ ଦୁଇ ଦିନ ପୂର୍ବରୁ ସୁପ୍ରିମକୋର୍ଟ କଡ଼ା ଚେତାବନୀ ଦେଇଥିଲେ। ଏହା ପରେ ସରକାର ୫ ବିଚାରପତିଙ୍କ ନିଯୁକ୍ତିକୁ ଅନୁମୋଦନ କରିଛନ୍ତି। ରାଜସ୍ଥାନ ହାଇକୋର୍ଟ ମୁଖ୍ୟ ବିଚାରପତି ପଙ୍କଜ ମିଥାଲ, ପାଟନା ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

ବିଫଳ ରଣନୀତି

# ଚାଇନା ଗୋଇନ୍ଦା ବେଲୁନ୍‌କୁ ଖସାଇବା ସହଜ ନୁହେଁ

**ୱାଶିଂଟନ,୪।୨**

ଆମେରିକାର ସମ୍ବେଦନଶୀଳ ବାଲିଷ୍ଟିକ୍ କ୍ଷେପଣାସ୍ତ୍ର ଗଚ୍ଛିତ ରହିଥିବା ସ୍ଥାନ ଉପରେ ଚାଇନାର ପ୍ରଥମ ଗୋଇନ୍ଦା ବେଲୁନ୍ ଉଡୁଥିବା ପେଣ୍ଟାଗନ ଠାବ କରିଛି। ଏହା ଅତ୍ୟାଧୁନିକ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ଟେକ୍ନୋଲୋଜି ଦ୍ୱାରା ପରିଚାଳିତ ହୋଇଥାଇପାରେ ବୋଲି ଆମେରିକା ବିଶେଷଜ୍ଞ କହିଛନ୍ତି। ଏହାର କିଛି ଘଣ୍ଟା ପରେ ଲାଟିନ୍ ଆମେରିକା ଉପରେ ଚାଇନାର ଦ୍ୱିତୀୟ ଗୁପ୍ତଚର ବେଲୁନ୍ ଠାବ ହୋଇଛି। ଏହା ପୂର୍ବଦିଗରେ ଗତିକରି କେନ୍ଦ୍ରୀୟ ଆମେରିକା ଆଡ଼େ ମୁହାଁଇଛି। ଏହି ବେଲୁନ୍‌ଗୁଡ଼ିକ ପର୍ଯ୍ୟବେକ୍ଷଣର ମୂଲ୍ୟବାନ୍ ମାଧ୍ୟମ, ଯାହାକୁ ଗୁଳିକରି ଖସାଇବା ସହଜ ନୁହେଁ ବୋଲି ୱାଶିଂଟନର ମାରାଥନ ଇନିସିଏଟିଭ୍ ଥିଙ୍କ୍‌ଟ୍ୟାଙ୍କର ସର୍ଭିଲାନ୍ସ ବେଲୁନ୍ ବିଶେଷଜ୍ଞ ୱିଲିୟମ୍ କିମ୍ କହିଛନ୍ତି। ପ୍ରଥମଟି ଏକ ଜଳବାୟୁ ବେଲୁନ୍ ଭଳି ଦେଖାଯାଉଥିଲେ ହେଁ ଏହାର ଭିନ୍ନ ବିଶେଷତ୍ୱ ରହିଛି। ବୃହତ ସୋଲାର ପ୍ୟାନେଲ ଶକ୍ତିରେ ପରିଚାଳିତ ଏହି ବେଲୁନ୍ ଏକ ବୃହତ ପ୍ଲେଲୋଡ୍। ମାର୍ଗଦର୍ଶନ ଓ ତଥ୍ୟ ସଂଗ୍ରହ ଲାଗି ଏଥିରେ ଇଲେକ୍ଟ୍ରୋନିକ୍ ସରଞ୍ଜାମ ରହିଛି। ଚାଇନାର ଗୁପ୍ତଚରଗିରି ଉଦ୍ୟମ ବଢ଼ିବାରେ ଲାଗିଥିବାରୁ ଆମେରିକାର ସୁରକ୍ଷା ଅଧିକାରୀମାନେ ଲଗାତର ସତର୍କ କରାଇଆସୁଛନ୍ତି। ଆମେରିକା ପରରାଷ୍ଟ୍ର ସଚିବ ଆଣ୍ଟୋନି ବ୍ଲିଙ୍କେନ ଆସନ୍ତା ୫-୬ରେ ଚାଇନା ଯିବାର କାର୍ଯ୍ୟକ୍ରମ ଥିବାବେଳେ ସନ୍ଦିଗ୍ଧ ବେଲୁନ୍‌ର ଉପସ୍ଥିତିକୁ ଦେଖି ପାଗ ଅନୁକୂଳ ନ ଥିବା ଦର୍ଶାଇ ତାଙ୍କ ଗସ୍ତକୁ ସ୍ଥଗିତ ରଖାଯାଇଛି।



# ପୁଣି ୪ଦିନ ରିମାଣ୍ଡରେ ଗୋପାଳ

**ମନ୍ତ୍ରୀ ନବ ଦାସ ହତ୍ୟା ମାମଲା**

**ଭୁବନେଶ୍ୱର, (ବ୍ୟୁରୋ)/ ବ୍ରଜରାଜନଗର (ଡି.ଏନ୍.ଏ.), ୪।୨**

ପୂର୍ବତନ ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସଙ୍କ ହତ୍ୟା ଅଭିଯୁକ୍ତ ଏଏସ୍ଆଇ ଗୋପାଳ କୃଷ୍ଣ ଦାସଙ୍କୁ କ୍ରାଇମବ୍ରାଞ୍ଚ ଆଉ ୪ଦିନିଆ ରିମାଣ୍ଡରେ ନେଇଛି। ପୂର୍ବରୁ ଗୋପାଳଙ୍କୁ ୪ଦିନ ରିମାଣ୍ଡରେ ନେଇଥିବାବେଳେ ଏହାର ଅବଧି ଶନିବାର ଶେଷ ହୋଇଥିଲା। ଅଧିକ ତଦନ୍ତର ଆବଶ୍ୟକତା ଦର୍ଶାଇ କ୍ରାଇମବ୍ରାଞ୍ଚ ଝାରସୁଗୁଡ଼ା ଜେଏମ୍ଏଫ୍‌ସି କୋର୍ଟରେ ୯ଦିନ ରିମାଣ୍ଡ ପାଇଁ ଆବେଦନ କରିଥିଲା। ଏହାର ବିଚାରକରି କୋର୍ଟ ୪ଦିନ ରିମାଣ୍ଡରେ ଯିବାକୁ ଅନୁମତି ଦେଇଛନ୍ତି ବୋଲି ଅଭିଯୁକ୍ତଙ୍କ ଓକିଲ ହରିଶଙ୍କର ଅଗ୍ରୱାଲଙ୍କ ସୂତ୍ରରୁ ଜଣାପଡିଛି। ଶନିବାର କ୍ରାଇମବ୍ରାଞ୍ଚ ଅଭିଯୁକ୍ତ ଗୋପାଳଙ୍କୁ କଡ଼ା ସୁରକ୍ଷା ମଧ୍ୟରେ କୋର୍ଟରେ ହାଜର କରି ପୁଣି ରିମାଣ୍ଡରେ ନେଇଥିଲା । ଏବେ ଅଭିଯୁକ୍ତ ଗୋପାଳଙ୍କୁ ଝାରସୁଗୁଡା ଓଏସ୍ଏପି ୨ୟ ବାଟାଲିୟନ ରିଜର୍ଭ ପୋଲିସ୍ କ୍ୟାମ୍ପରେ ରଖାଯାଇଛି। ରିମାଣ୍ଡ ଅବଧି ବୃଦ୍ଧିପରେ କ୍ରାଇମବ୍ରାଞ୍ଚ ତରଫରୁ ଅଭିଯୁକ୍ତ ଗୋପାଳଙ୍କୁ ପୁଣି ମାରାଥନ ଜେରା କରାଯିବା ସହ ଗୁଳିକାଣ୍ଡ ସ୍ଥାନକୁ ନେଇ ସିନ୍ ରିକ୍ରିଏଶନ ଆଦି କରାଯିବ ବୋଲି ଜଣାପଡିଛି। ଅପରପକ୍ଷରେ ଗୋପାଳଙ୍କ ସୂଚନା ଅନୁସାରେ ପାଇଖାନା ଟାଙ୍କିରୁ ଜବତ ହୋଇଥିବା ହାତଲେଖା କାଗଜଗୁଡ଼ିକର ଯାଞ୍ଚ ଏବଂ ପରୀକ୍ଷା ପାଇଁ ହସ୍ତଲେଖା ବ୍ୟୁରୋକୁ ଶନିବାର ପଠାଯାଇଥିବା ଜଣାପଡ଼ିଛି।

ସୂଚନାଯୋଗ୍ୟ ଗତ ୨୯ ତାରିଖରେ ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସ ବ୍ରଜରାଜନଗରଠାରେ ଏକ ଦଳୀୟ କାର୍ଯ୍ୟକ୍ରମରେ ☞ପୃଷ୍ଠା-୪



ଅଭିଯୁକ୍ତ ଗୋପାଳ କୃଷ୍ଣ ଦାସ

## ୱିକିପିଡିଆକୁ ବ୍ଲକ୍ କଲା ପାକିସ୍ତାନ

ପାକିସ୍ତାନ ସରକାର ୱିକିପିଡିଆକୁ ବ୍ଲକ୍ କରିଛନ୍ତି। ଏହି ଅନ୍‌ଲାଇନ ଏନ୍‌ସାଇକ୍ଲୋପିଡିଆ ଆପରାଧିକ ତଥା ଧର୍ମନିନ୍ଦାକାରୀ ବିଷୟବସ୍ତୁ ହଟାଇବାରେ ବିଫଳ ହେବାରୁ ଇସ୍‌ଲାମାବାଦ ଏଭଳି ପଦକ୍ଷେପ ନେଇଛି। ପାକିସ୍ତାନ ଟେଲିକମ୍ ଅଥରିଟି ୱିକିପିଡିଆ ସର୍ଭିସକୁ ୪୮ ଘଣ୍ଟା ପାଇଁ ଡିଗ୍ରେଡେଡ୍ କରିବା ସହ ଧର୍ମନିନ୍ଦା ବିଷୟବସ୍ତୁ ନ ହଟାଇଲେ ବ୍ଲକ୍ କରିଦିଆଯିବ ବୋଲି ଧମକ ଦେଇଥିଲା।

## ସଂକ୍ଷେପରେ

### ଶାଢ଼ି ବଣ୍ଟନ ବେଳେ ଦଳାଚକଟା: ୪ ମୃତ

**ଚେନ୍ନାଇ, ୪।୨:** ତାମିଲନାଡୁ ତିରୁପତ୍ତୁର ଜିଲା ଭାନିୟାମ୍ବାଡିରେ ଶାଢ଼ି ବଣ୍ଟନ ସମୟରେ ଦଳାଚକଟା ହୋଇ ୪ ମହିଳାଙ୍କ ମୃତ୍ୟୁ ଘଟିଛି। ଏଥିରୁ ୧୧ ଜଣ ଗୁରୁତର ଆହତ ହୋଇଥିବା କୁହାଯାଉଛି। ଆଞ୍ଚଳିକ ଥାଇପୁସମ ପର୍ବ ଅବସରରେ ଆଇୟାପାନ ନାମକ ଜଣେ ବ୍ୟକ୍ତି ମହିଳାମାନଙ୍କୁ ମାଗଣାରେ ଶାଢ଼ି ବାଣ୍ଟୁଥିଲେ। ତେବେ ଏ ନେଇ ମହିଳାଙ୍କୁ ଟୋକନ ଦେଖାଇବାର ଆବଶ୍ୟକତା ଥିବାବେଳେ ଟୋକନ୍ କାଉଣ୍ଟରରେ ବହୁ ସଂଖ୍ୟାରେ ମହିଳା ଜମା ହୋଇଥିଲେ।

### ସନିଙ୍କ ଫ୍ୟାଶନ୍ ଶୋ' ନିକଟରେ ବିସ୍ଫୋରଣ



**ଇମ୍ଫାଲ, ୪।୨:** ବଲିଉଡ୍ ଅଭିନେତ୍ରୀ ସନି ଲିଓନ ଯୋଗଦେବାକୁ ଥିବା ଫ୍ୟାଶନ ଶୋ' କାର୍ଯ୍ୟକ୍ରମ ନିକଟରେ ଶନିବାର ସନ୍ଧ୍ୟାରେ ବଡ଼ ଧରଣର ବିସ୍ଫୋରଣ ଘଟିଛି। ରବିବାର ଦିନ ସନି ମଣିପୁର ଇମ୍ଫାଲରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥାନ୍ତେ। ତେବେ ବିସ୍ଫୋରଣରେ କୌଣସି ଧନ ଜୀବନ ନଷ୍ଟ ହୋଇ ନ ଥିବା କୁହାଯାଉଛି। ବିସ୍ଫୋରଣର କାରଣ ସ୍ପଷ୍ଟ ହୋଇ ନ ଥିବା ବେଳେ ସ୍ଥାନୀୟ ପୋଲିସ ପକ୍ଷରୁ ତଦନ୍ତ ଆରମ୍ଭ କରାଯାଇଛି।

### ଏସ୍‌ଆଇଙ୍କ କାନକୁ କାମୁଡ଼ି ଦେଲେ ଅଭିଯୁକ୍ତ

**କାସାରଗୋଡ, ୪।୨:** କେରଳର କାସାରଗୋଡ ପୋଲିସ ଗାଡ଼ିରେ ଜଣେ ଅଭିଯୁକ୍ତଙ୍କୁ ଥାନାକୁ ନିଆଯାଉଥିବାବେଳେ ଅଭିଯୁକ୍ତଜଣକ ଏସ୍‌ଆଇଙ୍କ କାନ କାମୁଡ଼ି ଦେଇଛନ୍ତି। ଅଭିଯୁକ୍ତଙ୍କ କାମୁଡ଼ାରେ ଏସ୍‌ଆଇ ଆହତ ହୋଇଯାଇଥିବାବେଳେ ତାଙ୍କୁ ତୁରନ୍ତ ଡାକ୍ତରଖାନା ନିଆଯାଇଥିଲା। ଏକ ବାଇକ୍ ଧକ୍କା ଘଟେଇଥିବା ଅଭିଯୁକ୍ତ ଷ୍ଟେନି ରୋଡ୍ରିଗୁଇଜ୍‌ଙ୍କୁ ପାଟ୍ରୋଲିଂ ଟିମ୍ ଘଟଣାସ୍ଥଳରୁ ଗୁରୁବାର ଥାନାକୁ ନେଉଥିଲା। ଗାଡ଼ିର ପଛସିଟ୍‌ରେ ବସିଥିବା ଷ୍ଟେନି ଆଗରେ ବସିଥିବା ଏସ୍‌ଆଇଙ୍କ ବାମ କାନକୁ କାମୁଡ଼ି ଦେଇଥିଲେ। ଏସ୍‌ଆଇଙ୍କୁ ପ୍ରଥମେ ନିକଟସ୍ଥ ଡାକ୍ତରଖାନାକୁ ନିଆଯାଇଥିବାବେଳେ ପରେ ଏକ ଘରୋଇ ଡ଼ାକ୍ତରଖାନାରେ ତାଙ୍କ ଚିକିତ୍ସା କରାଯାଇଥିଲା। ଏ ନେଇ ଅଭିଯୁକ୍ତଙ୍କ ପୋଲିସ ଗିରଫ କରିଛି।

**ମୋର୍ବି ପୋଲ ଭୁଶୁଡ଼ିବା ମାମଲା**

### ୭ ଅଭିଯୁକ୍ତଙ୍କ ଜାମିନ ଖାରଜ

**ମୋର୍ବି,୪।୨:** ଗୁଜରାଟର ମୋର୍ବି ଝୁଲା ପୋଲ ଭୁଶୁଡ଼ିବା ଘଟଣାରେ ଗିରଫ ୭ ଅଭିଯୁକ୍ତଙ୍କ ଜାମିନ ଆବେଦନକୁ ସ୍ଥାନୀୟ ସେସନ୍ସ କୋର୍ଟ ଖାରଜ କରିଦେଇଛନ୍ତି। ଗତବର୍ଷ ଅକ୍ଟୋବର ୩୦ରେ ବ୍ରିଟିଶ ଅମଳର ଏହି ପୋଲ ଭୁଶୁଡ଼ି ପଡ଼ିବାରୁ ୧୩୫ ଜଣଙ୍କ ମୃତ୍ୟୁ ଘଟିଥିଲା। ଉକ୍ତ ପୋଲର ମରାମତି ଓ ରକ୍ଷଣାବେକ୍ଷଣ ଦାୟିତ୍ୱରେ ଥିବା ଓରେଭା ଗ୍ରୁପ୍‌ର ୨ ମ୍ୟାନେଜରଙ୍କ ସମେତ ୭ ଜଣଙ୍କ ଜାମିନ ଆବେଦନକୁ ପ୍ରିନ୍ସିପାଲ ସେସନ୍ସ ଜଜ୍ ପି.ସି. ଜୋଶୀଙ୍କ କୋର୍ଟ ଖାରଜ କରିଦେଇଛନ୍ତି। ଓରେଭା ଗ୍ରୁପ୍‌ର ଏମ୍‌ଡି ଜୟସୁଖ ପଟେଲ ଗତ ୧ ତାରିଖରେ ଆତ୍ମସମର୍ପଣ କରିବା ପରେ ତାଙ୍କୁ ଗିରଫ କରାଯାଇଥିଲା। ଏହି ମାମଲାରେ ବର୍ତ୍ତମାନ ସୁଦ୍ଧା ପଟେଲଙ୍କ ସମେତ ୧୦ ଜଣ ଗିରଫ ହୋଇଥିବାବେଳେ ସେମାନଙ୍କ ବିରୋଧରେ ଗତ ସପ୍ତାହରେ ପୋଲିସ ଚାର୍ଜଶିଟ୍ ଦାଖଲ କରିଥିଲା।

# ଆମେରିକାରେ ବିଯୁକ୍ତ ୪୬ ଡିଗ୍ରୀ ତାପମାତ୍ରା



ଆମେରିକାର ଉତ୍ତରପୂର୍ବ ଭାଗରେ ଭୀଷଣ ଶୀତ ଲହରି ଜାରି ରହିଛି। ଫଳରେ ନ୍ୟୁ ହାମ୍ପସାୟାର ମାଉଣ୍ଟ ୱାଶିଂଟନ ସମେତ ମାସାଚୁସେଟ୍ସରେ ତାପମାତ୍ରା ବିଯୁକ୍ତ ୪୬ ଡିଗ୍ରୀ ସେଲ୍‌ସିୟସରେ ପହଞ୍ଚିଛି। ଶୀତ ଲହରି ନ୍ୟୁୟର୍କ ସମେତ ମାସାଚ୍ୟୁସେଟ୍ସ, କନେକ୍ଟିକଟ, ରୋଡେ ଆଇଲାଣ୍ଡ, ନ୍ୟୁ ହାମ୍ପିଶାୟାର, ଭରମୋଣ୍ଟ ଏବଂ ମାଇନେରେ ଜାରି ରହିବ ବୋଲି ସତର୍କ କରିଦିଆଯାଇଛି। ଏହି ଅଞ୍ଚଳରେ ୧୬ ନିୟୁତ ଲୋକ ବସବାସ କରନ୍ତି। ବହୁବର୍ଷ ପରେ ଆମେରିକାରେ ଏଭଳି ଥଣ୍ଡା ଅନୁଭୂତ ହୋଇଛି। ଜାତୀୟ ପାଣିପାଗ ସେବା ବିଭାଗ ଅନୁଯାୟୀ ଏଭଳି ଥଣ୍ଡା ପାଗ ବେଶୀଦିନ ରହି ନ ଥାଏ। ତେବେ ପ୍ରବଳ ଥଣ୍ଡା ସାଙ୍ଗକୁ କାଲୁଆ ପବନ ଯୋଗୁ ଭୟଙ୍କର ପାଗ ସୃଷ୍ଟି ହୋଇଛି। ଥଣ୍ଡା ଯୋଗୁ ଶୁକ୍ରବାର ଦୁଇଟି ସହରର ଶିକ୍ଷାନୁଷ୍ଠାନକୁ ବନ୍ଦ ଘୋଷଣା କରାଯାଇଥିଲା। ରବିବାର ପର୍ଯ୍ୟନ୍ତ ବୋଷ୍ଟନରେ ଏମର୍ଜେନ୍ସି ଜାରି ହୋଇଛି ଏବଂ ଲୋକମାନଙ୍କୁ ସହାୟତା ଲାଗି ୱାର୍ମିଂ ସେଣ୍ଟରମାନ ଖୋଲାଯାଇଛି।

# ଚିଲିରେ ଜଳୁଛି ଜଙ୍ଗଲ: ୧୩ ମୃତ

**ସାଣ୍ଟିଆଗୋ,୪।୨**



ଚିଲିର ୧୫୦ରୁ ଊର୍ଦ୍ଧ୍ୱ ସ୍ଥାନରେ ଜଙ୍ଗଲ ଜଳୁଛି। ଏଥିରେ ୧୩ ଜଣଙ୍କ ମୃତ୍ୟୁ ଘଟିବା ସହ ଅନେକ ଘର ଧ୍ୱଂସ ହେଲାଣି। ପ୍ରବଳ ଗ୍ରୀଷ୍ମପ୍ରବାହ ଲାଗିରହିଥିବାବେଳେ ଏହି ଦକ୍ଷିଣ ଆମେରିକୀୟ ଦେଶର ହଜାର ହଜାର ଏକର ଜଙ୍ଗଲ ଜଳିଗଲାଣି। ରାଜଧାନୀ ସାଣ୍ଟିଆଗୋଠାରୁ ୫୬୦ କିଲୋମିଟର ଦକ୍ଷିଣରେ ଅବସ୍ଥିତ ବିଓବିଓ ଅଞ୍ଚଳରେ ଜଙ୍ଗଲ ନିଆଁରେ ୧୧ ଜଣଙ୍କ ଜୀବନ ଯାଇଛି। ସେମାନଙ୍କ ମଧ୍ୟରେ ଜଣେ ଅଗ୍ନିଶମ କର୍ମଚାରୀ ଅଛନ୍ତି। ସେ ନିଆଁ ଲିଭାଉଥିବାବେଳେ ଦମକଳ ଗାଡ଼ି ତାଙ୍କ ଉପରେ ମାଡ଼ିଯାଇଥିଲା। ସେହିପରି ଅରୋକାନିଆ ଅଞ୍ଚଳରେ ନିଆଁଲିଭାରେ ନିୟୋଜିତ ଥିବା ଏକ ହେଲିକପ୍ଟର ଦୁର୍ଘଟଣାଗ୍ରସ୍ତ ହେବାରୁ ଏହାର ପାଇଲଟ ଓ ମେକାନିକ୍‌ଙ୍କ ମୃତ୍ୟୁ ଘଟିଛି। ଶୁକ୍ରବାର ମଧ୍ୟାହ୍ନ ସୁଦ୍ଧା ୧୫୧ଟି ସ୍ଥାନରେ ଜଙ୍ଗଲ ଜଳୁଥିବାବେଳେ ୬୫ଟି ନିୟନ୍ତ୍ରଣକୁ ଆସିଲାଣି। ୩୪,୫୯୫ ଏକର ଜଙ୍ଗଲରେ ନିଆଁ ଲାଗିଛି। ଗ୍ରୀଷ୍ମ ଲହରି ଲାଗି ରହିଥିବାର ଚିଲିର ତାପମାତ୍ରା ବୃଦ୍ଧି ପାଇବାରେ ଲାଗିଛି। ପ୍ରବଳ ବେଗରେ ପବନ ବହୁଥିବାରୁ ନିଆଁ ଲିଭାଇବାରେ ଏହା ବଡ଼ ଚ୍ୟାଲେଞ୍ଜ ସୃଷ୍ଟି କରିଛି। ନିଆଁ ଲିଭାଇବା ସହ କ୍ଷତିଗ୍ରସ୍ତଙ୍କୁ ଥଇଥାନ କରିବା ଉପରେ ସରକାର ପ୍ରାଥମିକତା ଦେଉଛନ୍ତି। ତେବେ ଜଙ୍ଗଲ ନିଆଁରେ କେତେ ଘର ଧ୍ୱଂସ ହେଲାଣି ତାହା ସ୍ପଷ୍ଟ ହୋଇନାହିଁ।

# ଶର୍ଜିଲ ଇମାମଙ୍କୁ ମୁକ୍ତ କଲେ ଦିଲ୍ଲୀ କୋର୍ଟ

**ଜାମିଆ ହିଂସା ମାମଲା**

**ନୂଆଦିଲ୍ଲୀ,୪।୨**



ଦିଲ୍ଲୀର ଜାମିଆ ମିଲିଆ ଇସ୍‌ଲାମିଆ ୟୁନିଭର୍ସିଟିରେ ହିଂସା ମାମଲାର ଅଭିଯୁକ୍ତ ଜବାହରଲାଲ ନେହେରୁ ବିଶ୍ୱବିଦ୍ୟାଳୟ (ଜେଏନ୍‌ୟୁ)ର ପୂର୍ବତନ ଛାତ୍ର ଶର୍ଜିଲ ଇମାମ ଏବଂ ସହଅଭିଯୁକ୍ତ ଅସିଫ୍ ଇକ୍‌ବାଲ ତନ୍‌ହାଙ୍କୁ ଦିଲ୍ଲୀର ଏକ ଅଦାଲତ ମୁକ୍ତ କରିଦେଇଛନ୍ତି। ସାକେତ୍ କୋର୍ଟର ଅତିରିକ୍ତ ସେସନ୍ସ ଜଜ୍ ଅରୁଣ ବର୍ମା ଏହି ରାୟ ପ୍ରଦାନ କରିଛନ୍ତି। ୨୦୧୯ ଡିସେମ୍ବରରେ ନାଗରିକତ୍ୱ ସଂଶୋଧନ ଆଇନ (ସିଏଏ) ବିରୋଧରେ ବିକ୍ଷୋଭ ଚାଲିଥିବାବେଳେ ପୋଲିସ ଓ ବିକ୍ଷୋଭକାରୀଙ୍କ ମଧ୍ୟରେ ସଂଘର୍ଷ ପରେ ହିଂସା ସୃଷ୍ଟି ହୋଇଥିଲା। ଏନେଇ ଇମାମ ଏବଂ ତନ୍‌ହାଙ୍କ ବିରୋଧରେ ଦଙ୍ଗା ସୃଷ୍ଟି, ବେଆଇନ ସମାବେଶ ସମେତ ଆଇପିସିର ବିଭିନ୍ନ ଧାରାରେ ମାମଲା ରୁଜୁ ହୋଇଥିଲା। ଅନ୍ୟତମ ଅଭିଯୁକ୍ତ ମହମ୍ମଦ ଇଲିୟାସଙ୍କ ବିରୋଧରେ ବେଆଇନ ଭାବେ ଏକାଠି ହେବା ଏବଂ ଦଙ୍ଗା ଅଭିଯୋଗରେ ଚାର୍ଜଫ୍ରେମ୍ ହୋଇଥିଲା। ତେବେ ଇମାମଙ୍କ ବିରୋଧରେ ୨୦୨୦ର ଉତ୍ତରପୂର୍ବ ଦିଲ୍ଲୀ ଦଙ୍ଗା ମାମଲାରେ ଷଡ଼ଯନ୍ତ୍ର ପାଇଁ ବେଆଇନ କାର୍ଯ୍ୟକଳାପ ପ୍ରତିକାର ଆଇନ (ୟୁଏପିଏ)ରେ ମାମଲା ରୁଜୁ ହୋଇଥିବାରୁ ସେ ଏବେ ଜେଲରେ ରହିବେ।

# କେଜ୍‌ରିୱାଲଙ୍କ ଇସ୍ତଫା ଦାବିରେ ଭାଜପାର ବିକ୍ଷୋଭ

**ଦିଲ୍ଲୀ ଅବକାରୀ ଦୁର୍ନୀତି ମାମଲା**

**ନୂଆଦିଲ୍ଲୀ,୪।୨**

ଦିଲ୍ଲୀ ସରକାରଙ୍କ ନୂଆ ଅବକାରୀ ନୀତି ଯୋଗୁ ହୋଇଥିବା ଦୁର୍ନୀତି ପାଇଁ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲଙ୍କୁ ଦାୟୀ କରି ଭାଜପା ଶନିବାର ଆମ୍ ଆଦ୍‌ମୀ ପାର୍ଟି (ଏଏପି) କାର୍ଯ୍ୟାଳୟ ବାହାରେ ବିଶାଳ ବିକ୍ଷୋଭ ପ୍ରଦର୍ଶନ କରିଛି। ମୁଖ୍ୟମନ୍ତ୍ରୀ ପଦରୁ କେଜରିୱାଲଙ୍କ ଇସ୍ତଫା ଲାଗି ଭାଜପା ଦାବି କରିଛି। ବିକ୍ଷୋଭକାରୀମାନେ ବାରିକେଡ୍ ଭାଙ୍ଗି ଆଗକୁ ଯିବାକୁ ଉଦ୍ୟମ କରିବାରୁ ପୋଲିସ ସହ ସେମାନଙ୍କର ସଂଘର୍ଷ ହୋଇଥିଲା। କେଜ୍‌ରିୱାଲଙ୍କ ବିରୋଧରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଦ୍ୱିତୀୟ ଚାର୍ଜଶିଟ୍ ଦାଖଲ କରିଥିବାରୁ ଦୁର୍ନୀତିରେ ତାଙ୍କର ସମ୍ପୃକ୍ତି ପ୍ରମାଣିତ ହୋଇଥିବା ଭାଜପା କହିଛି। ଦିଲ୍ଲୀ ଅବକାରୀ ନୀତି ଅନିୟମିତତା ଅଭିଯୋଗରେ ଗୁରୁବାର ୫ ଅଭିଯୁକ୍ତ ଏବଂ ୭ କମ୍ପାନୀ ବିରୋଧରେ ଅତିରିକ୍ତ ଚାର୍ଜଶିଟ୍ ଦାଖଲ ହୋଇଥିଲା। ଅବକାରୀ ଦୁର୍ନୀତିର ସିବିଆଇ ତଦନ୍ତ ପାଇଁ ଉପରାଜ୍ୟପାଳ ଭି.କେ. ସାକ୍ସେନା ନିର୍ଦ୍ଦେଶ ଦେବା ପରେ ଏଏପି ସରକାର ଗତବର୍ଷ ବିବାଦୀୟ ଅବକାରୀ ନୀତିକୁ ପ୍ରତ୍ୟାହାର କରିନେଇଥିଲେ। ଏହି ଅବକାରୀ ନୀତିରେ ଏଏପି ସରକାର ମଦ ବ୍ୟବସାୟ ପାଇଁ ଲାଇସେନ୍ସ ଦେଇ ୧୦୦ କୋଟି ଟଙ୍କା ଲାଞ୍ଚ ସଂଗ୍ରହ କରିଥିବା ଅଭିଯୋଗ ହୋଇଥିଲା। ଏହି ଅର୍ଥକୁ ଏଏପି ଗୁଜରାଟ ନିର୍ବାଚନ ପ୍ରଚାରରେ ଖର୍ଚ୍ଚ କରିଥିବା ଭାଜପା ଅଭିଯୋଗ କରିଛି।



ବିକ୍ଷୋଭବେଳେ ଜଣେ ଭାଜପା କର୍ମୀ ପୋଲିସ ବ୍ୟାରିକେଡ୍ ଡେଉଁଛନ୍ତି।

### ମନ୍ଦିରରୁ ଚୋରି ସନ୍ଦେହରେ ଯୁବକଙ୍କୁ ପିଟି ହତ୍ୟା

**ରାଜକୋଟ,୪।୨**

ଗୁଜରାଟର ପୋରବନ୍ଦର ଅଞ୍ଚଳରେ ଏକ ମନ୍ଦିରରୁ ଦାନବାକ୍ସ ଚୋରି କରିଥିବା ସନ୍ଦେହରେ ଜଣେ ୩୫ ବର୍ଷୀୟ ଯୁବକଙ୍କୁ ୩ ଜଣ ପିଟି ମାରିଦେଇଛନ୍ତି। ଗତ ଗୁରୁବାର ରାତିରେ ଶ୍ୟାମ ବଥିୟା ସାଇକେଲରେ ଫିନାଇଲ ଏବଂ ଏସିଡ୍ ବିକୁଥିବାବେଳେ ମନ୍ଦିର ଟ୍ରଷ୍ଟିମାନେ ବଚ୍ଛ୍ରା ଦାଦା ମନ୍ଦିରରୁ ଚୋରି ସମ୍ପର୍କରେ ଆଲୋଚନା କରୁଥିଲେ। ଏହି ସମୟରେ ସେମାନେ ଶ୍ୟାମକୁ ମନ୍ଦିର ନିକଟରେ ଦେଖି ସେ ଚୋରି କରିଥିବା ସନ୍ଦେହ କରିଥିଲେ। ଶ୍ୟାମଙ୍କୁ ୩ ଜଣ ଧରିନେଇ ଲାଠି ଓ ପ୍ଲାଷ୍ଟିକ୍ ପାଇପ୍‌ରେ ନିର୍ଘାତ ପିଟିଥିଲେ। ଖବର ପାଇ ପୋଲିସ ଶ୍ୟାମଙ୍କୁ ଥାନାକୁ ନେଇଥିବାବେଳେ ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ମାଡ଼ ମାରିବା ଘଟଣା ମନ୍ଦିର ସିସିଟିଭିରେ କଏଦ ହୋଇଥିଲେ ହେଁ ଅଭିଯୁକ୍ତମାନେ ଉକ୍ତ ଫୁଟେଜ୍‌କୁ ଡିଲିଟ୍ କରିଦେଇଥିବା ଅଭିଯୋଗ ହୋଇଛି। ପୋଲିସ ୩ ଜଣଙ୍କ ନାମରେ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

# ବାଲ୍ୟ ବିବାହ ବିରୋଧୀ ଅଭିଯାନ: ମହିଳାଙ୍କ ଆତ୍ମହତ୍ୟା



ଗିରଫଦାରୀ ଅଭିଯାନକୁ ବିରୋଧ କରି ଆସାମର ଧୁବ୍ରି ଥାନା ସମ୍ମୁଖରେ ମହିଳାଙ୍କ ବିକ୍ଷୋଭ।

**ଦିଶପୁର, ୪।୨**

ଆସାମରେ ବାଲ୍ୟ ବିବାହ ବିରୋଧରେ ଆରମ୍ଭ କରାଯାଇଥିବା ଗିରଫଦାରି ଡରରେ ଜଣେ ମହିଳା ଶନିବାର ଆତ୍ମହତ୍ୟା କରିଛନ୍ତି। ସ୍ଥାନୀୟ ଗଣମାଧ୍ୟମ ରିପୋର୍ଟ ଅନୁସାରେ, ମହିଳାଙ୍କ ବାଲ୍ୟ ବିବାହ କରାଯାଇଥିଲା। ପୋଲିସ ତାଙ୍କ ବାପାଙ୍କୁ ଗିରଫ କରିନେବ ଡରରେ ମହିଳା ଏହି ଚରମ ନିଷ୍ପତ୍ତି ନେଇଥିବା କୁହାଯାଉଛି। ଅନ୍ୟପକ୍ଷେ ଜିଲା ପୋଲିସ ପକ୍ଷରୁ ଆରମ୍ଭ ହୋଇଥିବା ଏହି ଅଭିଯାନକୁ ବିରୋଧ କରି ଶନିବାର ହଜାରେ ସଂଖ୍ୟାରେ ମହିଳା ଧୁବ୍ରି ଥାନା ଆଗରେ ଜମା ହୋଇଥିଲେ। ଦୁଇଦିନରେ ପୋଲିସ ମୋଟ ୨୨୫୭ ଜଣଙ୍କୁ ଗିରଫ କରିଛି। ଗିରଫ ହୋଇଥିବା ବ୍ୟକ୍ତିଙ୍କୁ ଛାଡ଼ିବା ଦାବିରେ ମହିଳା ଥାନା ଆଗରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ରାଜ୍ୟ ପୋଲିସ ଦ୍ୱାରା ଆରମ୍ଭ ହୋଇଥିବା ଏହି ଅଭିଯାନରେ ମୋଟ ୮ ହଜାର ଲୋକଙ୍କ ନାମ ଥିବାବେଳେ ୪,୦୦୪ ଟି ମାମଲା ରୁଜୁ କରାଯାଇଛି। ଗିରଫ ହୋଇଥିବା ଲୋକଙ୍କ ମଧ୍ୟରେ ୫୧ ଜଣ ପୁରୋହିତ ଏବଂ କାଜି ରହିଥିବା ପୋଲିସ କହିଛି। ତେବେ ରାଜ୍ୟ ପୋଲିସ ପକ୍ଷରୁ ଆରମ୍ଭ ହୋଇଥିବା ଏହି ଅଭିଯାନ ୨୦୨୬ ବିଧାନସଭା ନିର୍ବାଚନ ପର୍ଯ୍ୟନ୍ତ ଚାଲିବ ବୋଲି ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା ଶନିବାର କହିଛନ୍ତି।

# ରାମ ମନ୍ଦିର ଉଡ଼ାଇଦେବାକୁ ଧମକ

**ବିହାରରୁ ୩ ପିଏଫ୍‌ଆଇ ସନ୍ଦିଗ୍ଧ ଗିରଫ**

**ମୋତିହାରି,୪।୨**

ଅଯୋଧ୍ୟାର ରାମମନ୍ଦିରକୁ ବିସ୍ଫୋରଣରେ ଉଡ଼ାଇଦେବାକୁ ଧମକ ଦେଇଥିବା ଅଭିଯୋଗରେ ବେଆଇନ ଘୋଷିତ ପପୁଲାର ଫ୍ରଣ୍ଟ ଅଫ୍ ଇଣ୍ଡିଆ (ପିଏଫ୍‌ଆଇ)ର ୩ ଜଣ ସନ୍ଦିଗ୍ଧଙ୍କୁ ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍‌ଆଇଏ) ଶନିବାର ସକାଳେ ବିହାରର ମୋତିହାରି ଜିଲାରେ ଅଟକ ରଖିଛି। ଏନ୍‌ଆଇଏ ଏବଂ ବିହାର ପୋଲିସ ଜିଲାର କୌନୱାନ ଗ୍ରାମରେ ମିଳିତ ଚଢ଼ାଉ କରିଥିଲେ। ଅଭିଯୁକ୍ତମାନଙ୍କୁ ଏନ୍‌ଆଇଏ ଏବଂ ଅନ୍ୟ କେନ୍ଦ୍ରୀୟ ତଦନ୍ତକାରୀ ସଂସ୍ଥା ଜେରା କରୁଛନ୍ତି। ଜାନୁୟାରୀ ୩୧ରେ ସୋସିଆଲ ମିଡିଆରେ ଏକ ଭିଡିଓ ଭାଇରାଲ ହୋଇଥିଲା। ଫେସ୍‌ବୁକ୍‌ରେ ଉସ୍‌ମାନ ନାମକ ଜଣେ ବ୍ୟକ୍ତି ରାମମନ୍ଦିରକୁ ଉଡାଇଦେବା ସହ ସେଠାରେ ବାବ୍ରୀ ମସ୍‌ଜିଦ ନିର୍ମାଣ କରିବାକୁ ଧମକ ଦେଇଥିଲେ। ଏହି ଭିଡିଓ ଭାଇରାଲ ପରେ ଏନ୍‌ଆଇଏ ପକ୍ଷରୁ ଚଢ଼ାଉ ଜାରି ରହିଛି। ରାମଲାଲାଙ୍କ ମୂର୍ତ୍ତି ନିର୍ମାଣ ଲାଗି ନେପାଳରୁ ଅଯୋଧ୍ୟାକୁ ଦେବଶିଳା ଯାତ୍ରା ବେଳେ ସୋସିଆଲ ମିଡିଆରେ ଭିଡିଓ ଭାଇରାଲ ହୋଇଥିଲା।

# ଗର୍ଭଧାରଣ କରିଛନ୍ତି ଟ୍ରାନ୍ସ ମ୍ୟାନ୍

**ଥିରୁଭାନନ୍ତପୁରମ୍,୪।୨**

କେରଳର ଏକ ଟ୍ରାନ୍ସଜେଣ୍ଡର କପୁଲ ସେମାନଙ୍କର ପ୍ରଥମ ସନ୍ତାନକୁ ଜନ୍ମ ଦେବାକୁ ଯାଉଛନ୍ତି। ଆସନ୍ତା ମାର୍ଚ୍ଚ ମାସରେ ଟ୍ରାନ୍ସ ମ୍ୟାନ୍ (ଲିଙ୍ଗ ପରିବର୍ତ୍ତନ କରି ପୁରୁଷ ହୋଇଥିବା ଯୁବତୀ) ଜହାଦ ସନ୍ତାନ ପ୍ରସବ କରିବେ। ୩ ବର୍ଷ ଧରି କେରଳର କୋଝିକୋଡେରେ ଟ୍ରାନ୍ସ ଜେଣ୍ଡର କପୁଲ ଜହାଦ ଏବଂ ଜିୟା ପାଭାଲ ରହୁଛନ୍ତି। ଜହାଦ ୮ ମାସର ଶିଶୁକୁ ଗର୍ଭରେ ଧାରଣ କରିବା କଥାକୁ ଇନ୍‌ଷ୍ଟାଗ୍ରାମରେ ଏକ ପୋଷ୍ଟ ଶେୟାର କରି ଜିୟା ପ୍ରଥମେ ଜଣାଇଥିଲେ। ତେବେ ଜହାନ ଦେଶର ପ୍ରଥମ ଲିଙ୍ଗପରିବର୍ତ୍ତନକାରୀ ଯେ ଗର୍ଭଧାରଣ କରିଥିବା କୁହାଯାଉଛି। ଜିୟା ପେସାରେ ଜଣେ ଡ୍ୟାନ୍ସର। ସେ ଜନ୍ମରୁ ପୁରୁଷ ଥିବାବେଳେ ପରବର୍ତ୍ତୀ ସମୟରେ ସେ ଲିଙ୍ଗ ପରିବର୍ତ୍ତନ କରି ଝିଅ ହୋଇଥିଲେ। ସେହିପରି ଜହାନ ଝିଅରୁ ପୁଅ ହୋଇଛନ୍ତି। ଦୁଇଜଣଯାକ ଜଣେ ଜଣେ ଟ୍ରାନ୍ସଜେଣ୍ଡର ଜାଣିବା ପରେ ଘରଛାଡ଼ି ବାହାରେ ଏକାକୀ ରହୁଥିଲେ। ପ୍ରଥମେ ଜିୟା ଓ ଜହାନ ଦୁହେଁ ଭଲ ବନ୍ଧୁ ହୋଇରହିବା ପରେ ସେମାନେ ପରସ୍ପରର ପ୍ରେମରେ ପଡ଼ିଥିଲେ, ଯାହାପରେ ସେମାନେ ଏକାଠି ରହିବାର ନିଷ୍ପତ୍ତି ନେଲେ। ଜିଆ ସବୁବେଳେ ଜଣେ ମା' ହେବା ନେଇ ଯେଉଁ ସ୍ୱପ୍ନ ଦେଖୁଥିଲେ, ତାକୁ ଜହାଦ ପୂରଣ କରିଥିବା ସେ କହିଛନ୍ତି। ଜହାଦ ଜନ୍ମରୁ ଜଣେ ମହିଳା ହୋଇଥିବାବେଳେ ତାଙ୍କ ଦେହରେ ଗର୍ଭାଶୟ ଥିବା ହେତୁ ସେ ଗର୍ଭଧାରଣ ପାଇଁ ସକ୍ଷମ ବୋଲି ଡାକ୍ତର କହିଛନ୍ତି। ଅନ୍ୟପକ୍ଷେ ଲିଙ୍ଗ ପରିବର୍ତ୍ତନ ସମୟରେ ଅସ୍ତ୍ରୋପଚାର ଦ୍ୱାରା ତାଙ୍କ ସ୍ତନକୁ କାଟିଯାଇଥିବା ଯୋଗୁ ଏହି ଟ୍ରାନ୍ସ ଜେଣ୍ଡର କପୁଲ ସେମାନଙ୍କ ସନ୍ତାନକୁ ମିଲ୍କ ବ୍ୟାଙ୍କରୁ କ୍ଷୀର ଦେବା କଥା ଜିୟା କହିଛନ୍ତି। ସୋସିଆଲ ମିଡିଆରେ ଜିୟା ଶେୟାର କରିଥିବା ପୋଷ୍ଟକୁ ୟୁଜର୍ସଙ୍କ ଭଲ ରେସ୍ପନ୍ସ ମିଳିଛି। ଅନେକେ ଏହି ଟ୍ରାନ୍ସ ଜେଣ୍ଡର କପୁଲଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।



## ପରଲୋକରେ କଣ୍ଠଶିଳ୍ପୀ ବାଣୀ ଜୟରାମ




# ବର୍ଷକ ମଧ୍ୟରେ କେନ୍ଦ୍ରାପଡ଼ାରେ ଶିଳ୍ପ ପ୍ରତିଷ୍ଠା

## ସମ୍ଭାବ୍ୟ ସ୍ଥାନ ଚିହ୍ନଟ ପ୍ରକ୍ରିୟା ଅନୁଧ୍ୟାନ କଲେ ଶିଳ୍ପ ମନ୍ତ୍ରୀ

ଭୁବନେଶ୍ୱର,୪।୨(ବ୍ୟୁରୋ)

ଶକ୍ତି, ଶିଳ୍ପ ଓ ଏମ୍ଏସ୍ଏମ୍ଇ ମନ୍ତ୍ରୀ ପ୍ରତାପ କେଶରୀ ଦେବ ଶନିବାର ଦୁବୁରୀ-ପାରାଦୀପ ଏକ୍ସପ୍ରେସ୍ ହାଇୱେ କଡ଼ରେ ଶିଳ୍ପ ପ୍ରତିଷ୍ଠା ଲାଗି ଜମି ଚିହ୍ନଟ ପାଇଁ ଯାଜପୁର, କେନ୍ଦ୍ରାପଡ଼ା ଓ ଜଗତ୍ସିଂହପୁର ଜିଲାର କେତେକ ସ୍ଥାନ ବୁଲି ଦେଖିଛନ୍ତି। ଶିଳ୍ପ ବିଭାଗ ପ୍ରମୁଖ ଶାସନ ସଚିବ ହେମନ୍ତ ଶର୍ମା ଇଡ୍କୋର ପରିଚାଳନା ନିର୍ଦ୍ଦେଶକ ଭୂପିନ୍ଦର ସିଂ ପୁନିଆ, ଓପିସିଏଲ୍ ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ସଞ୍ଜୟ କୁମାର ମିଶ୍ର, କେନ୍ଦ୍ରାପଡ଼ା ଜିଲାପାଳ ଅମୃତ ଋତୁରାଜ, କେନ୍ଦ୍ରାପଡ଼ା ଆରକ୍ଷୀ ଅଧୀକ୍ଷକ ସନ୍ଦୀପ ସମ୍ପତ୍ ମାଡ୍କର, ଇଡ୍କୋ ଜିଏମ୍. କଲ୍ୟାଣ ମହାନ୍ତିଙ୍କ ସହ ଆସି ସେ ପ୍ରଥମେ ଯାଜପୁର ଜିଲାର ଦର୍ପଣ ତହସିଲ, ଚଣ୍ଡିଖୋଲ-ପାରାଦୀପ ଟୋଲଗେଟ୍ ସନ୍ନିକଟ ଶ୍ରୀରାମପୁର ମୌଜାର କେତେକ ଅବ୍ୟବହୃତ ଜମି ଦେଖିଥିଲେ। ଏସବୁ ସ୍ଥାନ ଘରୋଇ ମାଲିକାନାରେ ଥିବା ସତ୍ତ୍ୱେ ଚାଷ କରାଯାଉ ନ ଥିବା ଦେଖାଯାଇଛି। ପରେ ମନ୍ତ୍ରୀ କେନ୍ଦ୍ରାପଡ଼ା ଜିଲା ରାଜନଗର ତହସିଲର କେତେକ ସ୍ଥାନ ବୁଲି ଦେଖିଥିଲେ।

ସେଠାରୁ କେନ୍ଦ୍ରାପଡ଼ା ଯାଇ ଜିଲାପାଳଙ୍କ ସମ୍ମିଳନୀ କକ୍ଷଠାରେ ଏକ ବୈଠକ କରି ଜିଲାପାଳଙ୍କ ଦ୍ୱାରା ଚିହ୍ନଟ ହୋଇଥିବା ମହାକାଳପଡ଼ା ତହସିଲର ଅମେଇପାଳ ମୌଜା, କଳଗଡ଼ା, ଯଦୁପୁର, ଅଙ୍ଗୁଳାଇ, ବେରୁହାଁ ମୌଜା, ଡେରାବିଶ ତହସିଲର ଫକୀରାବାଦ, ତିଳକପୁର ଓ ନୂଆହାଟ ମୌଜାଗୁଡ଼ିକରେ ଉପଲବ୍ଧ ଜମି ନକ୍ସା ଅନୁଧ୍ୟାନ କରିଥିଲେ। କେନ୍ଦ୍ରାପଡ଼ା ଜିଲାରେ କୌଣସି ଶିଳ୍ପ ପ୍ରତିଷ୍ଠାନ ହୋଇପାରୁନାହିଁ। ତେଣୁ ଏସବୁ ଚିହ୍ନଟ ଜମିକୁ ଶିଳ୍ପ ପ୍ରତିଷ୍ଠାନ ନିର୍ମାଣ ସକାଶେ କିପରି ପ୍ରସ୍ତୁତ କରାଯାଇ ପାରିବ ସେନେଇ ଆଲୋଚନା କରାଯାଇଛି। ଯେଉଁ ବେସରକାରୀ ଜମି ଏହି ଉଦ୍ଦେଶ୍ୟରେ କ୍ରୟ କରାଯିବ ତାର ମୂଲ୍ୟ ପଟ୍ଟାଦାରଙ୍କ ଖାତାରେ ଜମାହେବ ବୋଲି ସେ ସୂଚନା ଦେଇଥିଲେ। ତେବେ ସମସ୍ତ ଜଣାପଡିବା ପରେ ଶର୍ମା କଳଗଡ଼ାଠାରେ ଥିବା ଜମି ଚକଡ଼ାକୁ ପ୍ରଥମ, କଳଗଡ଼ାର ଦ୍ୱିତୀୟ ଚକଡ଼ାକୁ ଦ୍ୱିତୀୟ ଓ ମଣିକୁନ୍ଦା ଜମି ଚକଡ଼ାକୁ ତୃତୀୟ ଭାବେ ପ୍ରାଥମିକତା ସୂତ୍ରରେ ବାଛିବାକୁ କହିଛନ୍ତି। ଏ ସବୁ ଜମିର କିସମ, ଜମି ମାଲିକଙ୍କ ଜାତି, ବିକ୍ରି ପାଇଁ ମତାମତ ଉପରେ ଅନୁଧ୍ୟାନ କରିବାକୁ ସେ ଜିଲାପାଳ, ଜମି ଅଧିଗ୍ରହଣ ଅଧିକାରୀ ଓ ରାଜସ୍ୱ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ସେଠାରୁ ମନ୍ତ୍ରୀ ପାରାଦୀପ ଯାଇ ପ୍ଲାଷ୍ଟିକ୍ ପାର୍କଠାରେ ସିପେଟ୍ ଦ୍ୱାରା ପରିଚାଳିତ ତାଲିମ କାର୍ଯ୍ୟକ୍ରମର ସଂଚାଳନ ସହ ପ୍ଲାଷ୍ଟିକ୍ର ବିଭିନ୍ନ ବ୍ୟବହାରଯୋଗ୍ୟ ଉପକରଣର ନିର୍ମାଣଶୈଳୀ ବୁଲି ଦେଖିଥିଲେ। ସମ୍ପ୍ରତି ଓଡ଼ିଶା ଦକ୍ଷତା ବିକାଶ ପ୍ରାଧିକରଣ, ମହାନଦୀ କୋଲ୍ଡ ଫିଲ୍ଡ ଲିମିଟେଡ୍ ଏବଂ ଓଡ଼ିଶା ଅନୁସୂଚିତ ଜାତି/ଜନଜାତି ଉନ୍ନୟନ ନିଗମ ଦ୍ୱାରା ପ୍ରାୟୋଜିତ ଯୁବତୀଯୁବକଙ୍କୁ ତାଲିମ ଦିଆଯାଉଥିବା ଅନୁଧ୍ୟାନ କରିଛନ୍ତି। ପରେ ସେଠାରେ ଜଗତ୍ସିଂହପୁର ଜିଲାପାଳ ସୁଶ୍ରୀ ପାରୁଲ ପଟ୍ଟୱାରୀ ଓ ଜିଲାସ୍ତରୀୟ ଅଧିକାରୀ ତଥା ଇଡ୍କୋର ଜମି ଅଧିଗ୍ରହଣ ଅଧିକାରୀମାନଙ୍କ ଉପସ୍ଥିତିରେ ଇଡ୍କୋ ଦ୍ୱାରା ଶିଳ୍ପପୁଞ୍ଜି ପ୍ରତିଷ୍ଠା ଓ ବିକାଶ ନିମନ୍ତେ କରାଯାଉଥିବା ଜମି ଅଧିଗ୍ରହଣ ପ୍ରକ୍ରିୟା ସମ୍ପର୍କରେ ଏକ ବୈଠକ କରାଯାଇଥିଲା। ଓଡ଼ିଶା ଶକ୍ତି ସଂଚରଣ ନିଗମ ଓ ଟିପିସିଓଡିଏଲ୍ ଦ୍ୱାରା କରାଯାଉଥିବା ବିଦ୍ୟୁତ୍ ଯୋଗାଣ ବ୍ୟବସ୍ଥାର ସମୀକ୍ଷା କରାଯାଇ ଆଗାମୀ ୨୦/୩୦ ବର୍ଷକୁ ଦୃଷ୍ଟିରେ ରଖି ବିଦ୍ୟୁତ୍ର ଆବଶ୍ୟକତାକୁ ଆକଳନ କରି ଯୋଜନା ପ୍ରସ୍ତୁତ କରିବା ପାଇଁ ବିଭାଗୀୟ ଅଧିକାରୀମାନଙ୍କୁ କୁହାଯାଇଛି।



# ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାରେ ନିର୍ମାଣ ହୋଇଛି ୯୮୫ ରାସ୍ତା

## ମୁଖ୍ୟରାସ୍ତା ସହ ୧୧୭୨ ଗ୍ରାମ ସଂଯୋଗ

ଭୁବନେଶ୍ୱର,୪।୨(ବ୍ୟୁରୋ)

ଗ୍ରାମାଞ୍ଚଳର ବିକାଶ ଏବଂ ରାଜ୍ୟର ଗ୍ରାମାଞ୍ଚଳ ଓ ସହରାଞ୍ଚଳ ମଧ୍ୟରେ ସବୁଦିନିଆ ଗମନାଗମନକୁ ଦୃଷ୍ଟିରେ ରଖି ଗ୍ରାମ୍ୟ ରାସ୍ତା ସଂଯୋଗୀକରଣ ନିମନ୍ତେ ରାଜ୍ୟ ସରକାର ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନା ପ୍ରଚଳନ କରିଛନ୍ତି।

ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନା ୨୦୧୫-୧୬ ଆର୍ଥିକ ବର୍ଷଠାରୁ କାର୍ଯ୍ୟକାରୀ ହୋଇଛି। ଏହି ଯୋଜନାରେ ଅଦ୍ୟାବଧି ରାଜ୍ୟରେ ମୋଟ୍ ୯୮୫ ରାସ୍ତା ନିର୍ମାଣ କରାଯାଇଛି। ୩୯୫୧.୨୦ କିମି ଦୈର୍ଘ୍ୟବିଶିଷ୍ଟ ଏହି ରାସ୍ତାଗୁଡ଼ିକ ଦ୍ୱାରା ୧୧୭୨ ଗ୍ରାମକୁ ନିକଟବର୍ତ୍ତୀ ମୁଖ୍ୟରାସ୍ତା ସହ ସଂଯୋଗ ହୋଇଛି। ଏହା ରାଜ୍ୟ ସରକାରଙ୍କ ଅନୁଦାନ ଦ୍ୱାରା ପରିଚାଳିତ ଏକ ପ୍ରମୁଖ କାର୍ଯ୍ୟକ୍ରମ। ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନା ଗମନାଗମନ ତଥା ଯୋଗାଯୋଗ କ୍ଷେତ୍ରରେ ଏକ ବୈପ୍ଳବିକ ପରିବର୍ତ୍ତନ ଆଣିପାରିଛି। ପରିବହନ କ୍ଷେତ୍ରରେ ମଧ୍ୟ ଏହା ଅତ୍ୟନ୍ତ ଉପାଦେୟ ସାବ୍ୟସ୍ତ ହେବା ସହ ଏହାଦ୍ୱାରା ସ୍ଥାନୀୟ ଅଧିବାସୀ ନିକଟସ୍ଥ ସହରରେ ନିଜ ଉତ୍ପାଦନର ଉପଯୁକ୍ତ ବଜାର ସୁବିଧା ପାଇପାରୁଛନ୍ତି। ରାଜ୍ୟର ଅପହଞ୍ଚ ଅଞ୍ଚଳକୁ ଯୋଗାଯୋଗ ବ୍ୟବସ୍ଥା ନିମନ୍ତେ ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନା କାର୍ଯ୍ୟକାରୀ ହେବା ଦ୍ୱାରା ସ୍ଥାନୀୟ ଅଞ୍ଚଳଠାରୁ ଅନ୍ୟ ସ୍ଥାନର ଦୂରତା କମିବା ସହ ଲୋକେ ଅଯଥା ଖର୍ଚ୍ଚାନ୍ତରୁ ରକ୍ଷା ପାଉଛନ୍ତି।

ସବୁଦିନିଆ ରାସ୍ତା ନିର୍ମାଣ ଦ୍ୱାରା ଅନୁସୂଚିତ ଜାତି ଓ ଜନଜାତିଙ୍କ ଜୀବନଜୀବିକା କ୍ଷେତ୍ରରେ ଉନ୍ନତି ପରିଲକ୍ଷିତ ହୋଇଛି। ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାରେ ମାଓବାଦୀ ପ୍ରଭାବିତ ଅଞ୍ଚଳରେ ଏମାନଙ୍କ ଦମନ ନିମନ୍ତେ ପୋଲିସ କୋମ୍ବିଂ ଅପରେଶନ୍ ପାଇଁ ଲାଭଜନକ ସାବ୍ୟସ୍ତ ହୋଇପାରିଥିବା ବେଳେ ସେ ଅଞ୍ଚଳର ଉନ୍ନୟନ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରାଯାଇପାରିଛି। ଏହିସବୁ ଅଞ୍ଚଳକୁ ଯିବା ପାଇଁ ଏହା ସିଆର୍ପିଏଫ୍ ଆରକ୍ଷୀ ବାହିନୀ ଲାଗି ସୁବିଧାଜନକ ହୋଇପାରିଛି।




# ବଂଶୀଧର ପ୍ରତିହାରୀଙ୍କୁ ଧର୍ମପଦ ପୁରସ୍କାର, ୫ଜଣଙ୍କୁ ଶିଳ୍ପୀ ସମ୍ବର୍ଦ୍ଧନା

ଭୁବନେଶ୍ୱର,୪।୧(ବ୍ୟୁରୋ)

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ ଓଡ଼ିଶା ଲଳିତକଳା ଏକାଡେମୀ ପକ୍ଷରୁ ୨୦୨୨ ବର୍ଷ ପାଇଁ ଚିତ୍ରକଳା ଓ ସ୍ଥାପତ୍ୟ କଳା କ୍ଷେତ୍ରରେ ସର୍ବୋଚ୍ଚ ସମ୍ମାନ 'ଧର୍ମପଦ ପୁରସ୍କାର' ସହ ଶିଳ୍ପୀ ସମ୍ବର୍ଦ୍ଧନା ଲାଗି ନାମ ଘୋଷଣା କରାଯାଇଛି। ବିଶିଷ୍ଟ ଚିତ୍ରଶିଳ୍ପୀ ୯୪ ବର୍ଷୀୟ ବଂଶୀଧର ପ୍ରତିହାରୀଙ୍କୁ ୨୦୨୨ର ଧର୍ମପଦ ପୁରସ୍କାର ପ୍ରଦାନ କରାଯିବ। ସେହିପରି ଭାସ୍କର୍ଯ୍ୟ ଓ ଚିତ୍ରଶିଳ୍ପୀ ବ୍ରଜବନ୍ଧୁ ମିଶ୍ର, ତାଳପତ୍ର ଚିତ୍ରଶିଳ୍ପୀ ଲକ୍ଷ୍ମୀଧର ସୁବୁଦ୍ଧି, ପାରମ୍ପରିକ ପଟ୍ଟଚିତ୍ର ଶିଳ୍ପୀ ଭ୍ରମରବର ନାୟକ, ଚିତ୍ରଶିଳ୍ପୀ ରମେଶ କୁମାର ବେହେରା ଓ ପ୍ରସ୍ତର ଶିଳ୍ପୀ କେଶବ ଚନ୍ଦ୍ର ମହାରଣାଙ୍କୁ 'ଶିଳ୍ପୀ ସମ୍ବର୍ଦ୍ଧନା' ଦିଆଯିବ। ଧର୍ମପଦ ପୁରସ୍କାର ବିଜେତାଙ୍କୁ ୫ଲକ୍ଷ ଟଙ୍କାର ଅର୍ଥରାଶି ଓ ସମ୍ବର୍ଦ୍ଧିତ ହେବାକୁ ଥିବା ଶିଳ୍ପୀମାନଙ୍କୁ ୧ଲକ୍ଷ ଟଙ୍କା ଲେଖାଏ ପ୍ରଦାନ କରାଯିବ। ଆସନ୍ତା ୬ ତାରିଖ ସଂସ୍କୃତି ଭବନ ସମ୍ମିଳନୀ କକ୍ଷରେ ଏକ ସ୍ୱତନ୍ତ୍ର ଉତ୍ସବ ଆୟୋଜନ କରି ପୁରସ୍କାର ପ୍ରଦାନ ଓ ସମ୍ବର୍ଦ୍ଧନା ଦିଆଯିବ ବୋଲି ଏକାଡେମୀ ସଚିବ ପଞ୍ଚାନନ ସାମଲ ସୂଚନା ଦେଇଛନ୍ତି।


ବଂଶୀଧର ପ୍ରତିହାରୀ

## ମହୁମାଛି ଆକ୍ରମଣରେ ବିଧାୟକ ଆହତ



**ଆନନ୍ଦପୁର,୪।୨(ସ୍ୱ.ପ୍ର):** କେନ୍ଦୁଝର ଜିଲା ଆନନ୍ଦପୁର ବିଧାୟକ ଭାଗୀରଥି ସେଠୀ ମହୁମାଛି ଆକ୍ରମଣର ଶିକାର ହୋଇଛନ୍ତି। ତାଙ୍କ ଶରୀରର ୨୦ରୁ ୨୫ ସ୍ଥାନରେ କ୍ଷତ ସୃଷ୍ଟି ହୋଇଛି। ସେ ଚିକିତ୍ସା ନିମନ୍ତେ ଆନନ୍ଦପୁର ମେଡିକାଲରେ ଭର୍ତ୍ତି ହୋଇଛନ୍ତି। ବିଧାୟକ ସେଠୀ ଶନିବାର ପ୍ରାତଃ ଭ୍ରମଣ କରୁଥିବା ସମୟରେ ଆନନ୍ଦପୁର ବ୍ଲକ ଛକ ନିକଟରେ ମହୁମାଛି ଆକ୍ରମଣ କରିଥିଲେ। ନିଜକୁ ବଞ୍ଚାଇ ବିଧାୟକ ନିକଟରେ ଥିବା ଏକ କ୍ଲବ୍ କାର୍ଯ୍ୟାଳୟକୁ ଦୌଡ଼ି ପଳାଇଥିଲେ। ସ୍ଥାନୀୟ ଲୋକେ ପହଞ୍ଚି ତାଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଚିକିତ୍ସା ଜାରି ରହିଥିବା ବେଳେ ସ୍ୱାସ୍ଥ୍ୟ ଅବସ୍ଥା ଠିକ୍ ଥିବା ମେଡିକାଲ ସୂତ୍ରରୁ ଜଣାପଡ଼ିଛି।

## ରାଜ୍ୟ ସରକାରଙ୍କ ମାଗଣା ସିଭିଲ ସର୍ଭିସ କୋଚିଂ

### ନିଜ ଇନ୍ଷ୍ଟିଚ୍ୟୁଟ୍ରେ କୋଚିଂ ଦେବାକୁ ପ୍ରସ୍ତାବ ଦେଲା 'ନିଶ୍ୱାସ'

**ଭୁବନେଶ୍ୱର,୪।୨(ବ୍ୟୁରୋ):** କେନ୍ଦ୍ରୀୟ ଲୋକସେବା ଆୟୋଗ (ୟୁପିଏସ୍ସି) ପକ୍ଷରୁ ପରିଚାଳିତ ସିଭିଲ ସର୍ଭିସ ପରୀକ୍ଷା(ପ୍ରିଲିମ/ମୁଖ୍ୟ) ପାଇଁ ରାଜ୍ୟ ସରକାର ମାଗଣା କୋଚିଂ ଦେବା ପାଇଁ ନିଷ୍ପତ୍ତି ନେଇଛନ୍ତି। ଏଥର ୨୦୦ ସିଭିଲ ସର୍ଭିସ ଆଶାୟୀଙ୍କୁ କୋଚିଂ ଦେବାକୁ ଉଚ୍ଚଶିକ୍ଷା ବିଭାଗ ଯୋଜନା କରିଛି। ଏହି ପରିପ୍ରେକ୍ଷୀରେ ଭୁବନେଶ୍ୱରସ୍ଥିତ ନ୍ୟାଶନାଲ ଇନ୍ଷ୍ଟିଚ୍ୟୁଟ୍ ଅଫ୍ ସୋସିଆଲ ୱାର୍କ ଆଣ୍ଡ୍ ସୋସିଆଲ ସାଇନ୍ସେସ୍(ନିଶ୍ୱାସ) ଏହି କୋଚିଂ ଦେବା ପାଇଁ ଆଗ୍ରହ ପ୍ରକାଶ କରିଛି। ନିଜ କୋଚିଂ ସେଣ୍ଟରରେ ଛାତ୍ରୀଛାତ୍ରଙ୍କୁ ଏକାଡେମିକ କୋଚିଂ ସହ ରହିବା ସୁବିଧା ପ୍ରଦାନ କରିବା ନେଇ ନିଶ୍ୱାସ ଡାଇରେକ୍ଟର ଜେନେରାଲ ଉଚ୍ଚଶିକ୍ଷା ବିଭାଗକୁ ଏକ ପ୍ରସ୍ତାବ ଦେଇଛନ୍ତି। ତେଣୁ ନିଶ୍ୱାସ ଏହି ୨୦୦ ଛାତ୍ରୀଛାତ୍ରଙ୍କୁ ଉପରୋକ୍ତ ସୁବିଧା ଯୋଗାଇବା ପାଇଁ ଉପଯୁକ୍ତ କି ନାହିଁ ତାହା ଜାଣିବା ପାଇଁ ଉଚ୍ଚଶିକ୍ଷା ବିଭାଗ ଶନିବାର ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଛନ୍ତି।






# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଅତି ଉତ୍ଫୁଲ୍ଲ ହୁଅନା କରଡ଼ି**
**ବଢ଼ିଗଲେ ହବୁ ବାଉଁଶ;**
**ଚିରିଦେଲେ ହବୁ କୁଲା ବାଉଁଶିଆ**
**ପୋଡ଼ିଦେଲେ ହବୁ ପାଉଁଶ।**

କଣିଟିଏ ବଢି ବଢି ବାଉଁଶ ହେଉଥିବାବେଳେ ସେହି ବାଉଁଶକୁ ଚିରି ଉକ୍ତ ବାଉଁଶ ପାତିଆରେ କୁଲା ଟୋକେଇ ଆଦି ପ୍ରସ୍ତୁତ କରାଯାଇଥାଏ। ପରିଶେଷରେ ସେହି ବାଉଁଶ ଦ୍ୱାରା ପ୍ରସ୍ତୁତ ଉପକରଣକୁ ପୋଡ଼ିଦେଲେ ଏହା ମୁଠାଏ ପାଉଁଶରେ ପରିଣତ ହେବାଭଳି ବଡ଼ ଲୋକର ଆତ୍ମବଡ଼ିମା କିଭଳି ଦିନେ ପତନୋନ୍ମୁଖୀ ହୁଏ ଏହା ତାହାର ଏକ ନିଚ୍ଛକ ଉଦାହରଣ ଭାବେ ଏଠାରେ ବର୍ଣ୍ଣନା କରାଯାଇଛି।

**ଅଣପୁରୁଷା,**
**ନିତି ଘି'ପିଠା, ନିଇତି ରୁଷା।**

ଅପଦାର୍ଥ ଲୋକକୁ ଯେତେ ସନ୍ତୋଷ ମିଳିଲେ ସୁଦ୍ଧା ସେ ଆହୁରି ପାଇବା ପାଇଁ ଅଭିମାନ କରିଥାଏ। କାମଦାମ ନ କରି ସବୁଦିନେ ଆରାମରେ ଖାଇପିଇ ଘୂରିବୁଲୁଥିବା ବ୍ୟକ୍ତି ସାମାନ୍ୟ ତ୍ରୁଟିବିଚ୍ୟୁତି ବା ଅସୁବିଧା ଦେଖି ମୁହଁ ଫୁଲେଇ ରୁଷି ବସୁଥିବା ନେଇ ଏଭଳି କଟୁକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ୩ ଜିଲାରେ ଶୀତ ଲହରି

ଭୁବନେଶ୍ୱର,୪।୨(ବ୍ୟୁରୋ)

ଗତ ୨/୩ ଦିନ ହେବ ରାଜ୍ୟରେ ହାଲୁକା ଶୀତ ଲାଗି ରହିଛି। ରାଜ୍ୟକୁ ଉତ୍ତରପୂର୍ବ ଦିଗରୁ ଥଣ୍ଡାବାୟୁ ପ୍ରବାହ ଜାରି ରହିଛି। ଏଥିଯୋଗୁ ରାଜ୍ୟର କେତେକ ସ୍ଥାନରେ ସର୍ବନିମ୍ନ ତାପମାତ୍ରା ୧୦ ଡିଗ୍ରୀ ସେଲ୍‌ସିୟସ ତଳକୁ ଖସିଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଝାରସୁଗୁଡ଼ା, ସୁନ୍ଦରଗଡ଼, କନ୍ଧମାଳର କେତେକ ସ୍ଥାନରେ ଥଣ୍ଡା ଲହରି ପ୍ରବାହିତ ହେବ। ଏ ନେଇ ପାଣିପାଗ ବିଭାଗ ପକ୍ଷରୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ଅନ୍ୟପକ୍ଷରେ ରାଜ୍ୟର ବିଭିନ୍ନ ସ୍ଥାନରେ ପାରଦ ତଳମୁହାଁ ହୋଇଛି। ଏପରି କି ୬ଟି ସହରରେ ରାତ୍ରିର ସର୍ବନିମ୍ନ ତାପମାତ୍ରା ୧୦ ଡିଗ୍ରୀ ତଳକୁ ଖସିଯାଇଛି। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ଶୁକ୍ରବାର ଫୁଲବାଣୀରେ ସର୍ବନିମ୍ନ ତାପମାତ୍ରା ୫.୬ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଥିବା ବେଳେ ଝାରସୁଗୁଡ଼ା ୮.୬, ସୁନ୍ଦରଗଡ଼ ୯, ଭବାନୀପାଟଣା ୯.୫, କୋରାପୁଟ ୮.୫, ରାଉରକେଲା ୮.୩, ଦାରିଙ୍ଗବାଡି ୧୦.୫ ଏବଂ ସୋନପୁରରେ ସର୍ବନିମ୍ନ ତାପମାତ୍ରା ୧୦.୪ ଡିଗ୍ରୀ ସେଲ୍‌ସିୟସ ଥିବା ଜଣାଯାଇଛି।



୫-ଟି ସଚିବଙ୍କୁ ଭେଟି ଆଲୋଚନା କରିବାକୁ ମାଳି ପାହାଡ଼ ଉପରେ ଶନିବାର ଅପେକ୍ଷାରତ ଗ୍ରାମବାସୀ।

# ୫-ଟି ସଚିବଙ୍କ ନାରାୟଣପାଟଣା, ଦେଓମାଳି ଗସ୍ତ

## ଜଗନ୍ନାଥ ମନ୍ଦିର, ଝଞ୍ଜାବତୀ ବ୍ୟାରେଜ ବୁଲି ଦେଖିଲେ

କୋରାପୁଟ/ନାରାୟଣପାଟଣା ୪।୨(ସ୍ୱ.ପ୍ର./ଡି.ଏନ.ଏ.): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୁକ୍ରବାର କୋରାପୁଟ ଜିଲା ଗସ୍ତ କରି ନାରାୟଣପାଟଣା ପାଇଁ ଶିକ୍ଷା,ସାସ୍ଥ୍ୟ, ରାସ୍ତା, ପାନୀୟ ଜଳ ସମସ୍ୟା ଦୂର ନେଇ ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ କରିଥିଲେ। ଏହି ପରିପ୍ରେକ୍ଷୀରେ ଶନିବାର ଏକ ସ୍ୱତନ୍ତ୍ର ବିମାନ ଯୋଗେ ୫-ଟିସଚିବ ଭି.କେ. ପାଣ୍ଡିଆନ ବରିଷ୍ଠ ପ୍ରଶାସନିକ ଅଧିକାରୀମାନଙ୍କ ସହ ନାରାୟଣପାଟଣା ଗସ୍ତ କରିଥିଲେ। ଏଠାରେ ପହଞ୍ଚିବା ପରେ ସେ ପ୍ରଥମେ ୫ଶହ ବର୍ଷର ଐତିହାସିକ ତଥା ପୁରାତନ ଜଗନ୍ନାଥ ମନ୍ଦିର ପରିଦର୍ଶନ କରିଥିଲେ। ମନ୍ଦିର ଚତୁଃପାର୍ଶ୍ୱ ବୁଲି ଦେଖିଥିଲେ। ଏଠାରେ ଥିବା ଅର୍ଦ୍ଧନିର୍ମିତ ନୂତନ ମନ୍ଦିର କାର୍ଯ୍ୟ କିପରି ଖୁବ ଶୀଘ୍ର ଶେଷ ହେବ ସେନେଇ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିଲେ। ପରେ ୫ଟି-ସଚିବ ପାଣ୍ଡିଆନ ଚିନ୍ତାଗୁଡ଼ାସ୍ଥିତ ଝଞ୍ଜାବତୀ ବ୍ୟାରେଜ ପରିଦର୍ଶନ କରିଥିଲେ। ଦୁଇ ବର୍ଷ ମଧ୍ୟରେ ଏହି ବ୍ୟାରେଜ୍ କାର୍ଯ୍ୟ ଶେଷ ପାଇଁ ନିର୍ଦ୍ଦେଶ ଦେଇଥିଲେ। ସେଠାରୁ ସେ ଦଣ୍ଡାବାଡି ସ୍କୁଲ, ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପରିଦର୍ଶନ କରି ମଧ୍ୟାହ୍ନ ଭୋଜନ, ସ୍କୁଲ କୋଠା ସ୍ଥିତି ପରଖିଥିଲେ। ଛାତ୍ରୀଛାତ୍ରଙ୍କ ଶିକ୍ଷା କ୍ଷେତ୍ରରେ ମୁଖ୍ୟମନ୍ତ୍ରୀ ବିଭିନ୍ନ ପଦକ୍ଷେପ ଗ୍ରହଣ କରୁଛନ୍ତି। ସମସ୍ତେ ଆଇଏଏସ, ଡକ୍ଟର ହେବାକୁ ଲକ୍ଷ୍ୟ ରଖିବାକୁ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ।

## ଅଧିକ ପର୍ଯ୍ୟଟକଙ୍କୁ ଆକୃଷ୍ଟ ସମ୍ପର୍କରେ ଆଲୋଚନା

ପଟ୍ଟାଙ୍ଗି,୪।୨(ଡି.ଏନ.ଏ.): କୋରାପୁଟ ଜିଲାକୁ ଦିନିକିଆ ଗସ୍ତରେ ଆସି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଫେରି ଯାଇଥିବା ବେଳେ ତାଙ୍କ ସହ ଆସିଥିବା ୫-ଟି ସଚିବ ଭି.କେ. ପାଣ୍ଡିଆନ ଜିଲାରେ ରହି ବିଭିନ୍ନ ଅଞ୍ଚଳକୁ ଗସ୍ତ କରି ସରକାରଙ୍କ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ତଦାରଖ କରୁଛନ୍ତି। ଏହି ଅବସରରେ ସେ ଶନିବାର ପଟ୍ଟାଙ୍ଗି ବ୍ଲକର ପର୍ଯ୍ୟଟନସ୍ଥଳୀ ଦେଓମାଳିକୁ ଗସ୍ତ କରି ଜିଲାର ପ୍ରଶାସନିକ ଅଧିକାରୀମାନଙ୍କ ସହ ଆଲୋଚନା କରିଛନ୍ତି। ଅଧିକ ସଂଖ୍ୟାରେ ପର୍ଯ୍ୟଟକଙ୍କୁ କିପରି ଏଠାକୁ ଆକୃଷ୍ଟ କରି ଅଣାଯିବ ସେନେଇ ୫-ଟି ସଚିବ ଗୁରୁତ୍ୱାରୋପ କରିଥିଲେ। ସଚିବଙ୍କ ଗସ୍ତ ପୂର୍ବରୁ ଦେଓମାଳି ପର୍ଯ୍ୟଟନସ୍ଥଳୀକୁ ସ୍ଥାନୀୟ, ବିଭିନ୍ନ ଜିଲା ଓ ଜିଲା ବାହାରୁ ଆସିଥିବା ପର୍ଯ୍ୟଟକଙ୍କୁ କିଛି ସମୟ ପାଇଁ ଅଟକାଇ ରଖାଯାଇଥିଲା। ଖବର ସଂଗ୍ରହ କରିବାକୁ ଆସିଥିବା ଗଣମାଧ୍ୟମ ପ୍ରତିନିଧିଙ୍କ ପ୍ରବେଶ ଉପରେ ମଧ୍ୟ କଟକଣା ଲାଗିଥିଲା। ଏ ସମ୍ପର୍କରେ ବିଡିଓ ସୌମ୍ୟ ସାର୍ଥକ ମିଶ୍ର ଓ ତହସିଲଦାର ଦେବେନ୍ଦ୍ର ବାହାଦୁର ସିଂ ଧରୁଆଙ୍କୁ ପଚାରିବାରୁ ଉଭୟେ ଜିଲା ପ୍ରଶାସନ ପକ୍ଷରୁ ଏପରି କଟକଣା ଜାରି ହୋଇଥିବା ପ୍ରକାଶ କରିଥିଲେ।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି କର୍ମକ୍ଷେତ୍ରର କିଛି ସମସ୍ୟା ନେଇ ଚିନ୍ତିତ ରହିପାରନ୍ତି। ଅବଶ୍ୟ ବନ୍ଧୁମାନେ ସାହାଯ୍ୟ କରିବେ ଓ କୌଣସି କାମ ମଧ୍ୟ ଅଟକିବ ନାହିଁ। ଲେଖାପଢ଼ା, ଧର୍ମକାର୍ଯ୍ୟ, ସାଂସ୍କୃତିକ କିମ୍ବା ଧର୍ମାନୁଷ୍ଠାନ ଦିଗରୁ ପ୍ରେରଣା ଲାଭ କରିପାରନ୍ତି। ବାଣିଜ୍ୟ, ବ୍ୟବସାୟ, ନିର୍ମାଣ, ବିବାଦୀୟ ଘଟଣା ଓ ସଭାସମିତି, ଅର୍ଥ ସମ୍ପର୍କ କ୍ଷେତ୍ରରୁ ଉପକୃତ ହେବେ।

**ବୃଷ** ମନ ଅସ୍ଥିର ରହିବା କାରଣରୁ କାମଗୁଡ଼ିକ ସମ୍ପନ୍ନ ହେବା କଷ୍ଟକର ହୋଇପଡ଼ିବ। ବିବାଦୀୟ ଘଟଣାରେ ମଧ୍ୟସ୍ଥତା କରି ଅପମାନିତ ହୋଇପାରନ୍ତି। ଆଲୋଚନା ପରିସରରେ ରୁକ୍ଷ ବ୍ୟବହାର ବନ୍ଧୁଙ୍କ ମନରେ ଆଘାତ ଦେଇପାରେ। ମାନସିକ ଅବସାଦ ହେତୁ ସତ୍‌ସଙ୍ଗ ସାଙ୍ଗକୁ ଧର୍ମଚର୍ଚ୍ଚା ପ୍ରତି ମନ ବଳିପାରେ।

**ମିଥୁନ** ପାରିବାରିକ ସମସ୍ୟା ପୂର୍ବପରି ରହିବା ସାଙ୍ଗକୁ ସାଧାରଣ କଥାକୁ କେନ୍ଦ୍ରକରି ମାନସିକ ଅସ୍ଥିରତା ସୃଷ୍ଟିହେବ। ସରକାରୀ ସ୍ତରରୁ କର୍ମକ୍ଷେତ୍ରରେ କୌଣସି ଖବର ପାଇ ଖୁସି ହେବେ। ଶିଳ୍ପ, ବାଣିଜ୍ୟ ଓ ପରିବହନ ପାଇଁ କିଛି ଅସୁବିଧା ହେବ ନାହିଁ। ଅର୍ଥାଭାବ, ନିର୍ମାଣ, ପ୍ରକଳ୍ପ, ନୂତନ ଯୋଜନା ପାଇଁ ବାଧକ ସାଜିପାରେ।

**କର୍କଟ** ଗୁରୁଜନଙ୍କ ପରାମର୍ଶକୁ ଗ୍ରହଣ କରି କେତେକାଂଶରେ ସୁଯୋଗର ସଦ୍ ବ୍ୟବହାର କରିପାରିବେ। ବନ୍ଧୁଙ୍କ ନିମନ୍ତ୍ରଣ କ୍ରମେ ମନୋରଞ୍ଜନ ଜିନିଷ କ୍ରୟ ସକାଶେ ମନ ବଳାଇପାରନ୍ତି। ପାରିବାରିକ ସମସ୍ୟା ଅନ୍ୟ ଆଗରେ ପ୍ରକାଶ କରି ଓଲଟା ଫଳ ପାଇବେ। ସହକର୍ମୀଙ୍କ ପରାମର୍ଶ ନେଇ କାର୍ଯ୍ୟ କଲେ ଉପକୃତ ହେବେ।

**ସିଂହ** କର୍ମକ୍ଷେତ୍ରରେ କିଛି ନୂତନ ପଦକ୍ଷେପ ନେବା ପୂର୍ବରୁ ଭଲଭାବରେ ଚିନ୍ତା କରନ୍ତୁ। କିଣାବିକା କ୍ଷେତ୍ରରେ ସତର୍କ ନ ହେଲେ ଠକାମିରେ ପଡ଼ିପାରନ୍ତି। ପ୍ରତ୍ୟେକ କଥାକୁ ଭୟ ଓ ଆଶଙ୍କା କାରଣରୁ କୌଣସି କାର୍ଯ୍ୟ କରିପାରିବେ ନାହିଁ। ନିଜ ଲୋକଙ୍କଠାରୁ ଯାହା ଯେତିକି ପରିମାଣରେ ପାଇବା କଥା, ତାହା ପାଇବା ଦୁର୍ବିଷହ ହୋଇପାରେ।

**କନ୍ୟା** ପାରିବାରିକ ସମସ୍ୟା ସମାଧାନରେ ରାସ୍ତା ଖୋଜି ବାହାର କରିବାରେ ସମର୍ଥ ହେବେ। ମାଦକ ଦ୍ରବ୍ୟ ସେବନରୁ ବକ୍ଷ ବେଦନା ସୃଷ୍ଟି ହେବାର ସୂଚନା ରହିଛି। ଉପରିସ୍ଥଙ୍କ ଆଶ୍ୱସନା ଲାଭକରି ନିଜକୁ ନିୟନ୍ତ୍ରଣ ମଧ୍ୟରେ ରଖିବା ପାଇଁ ସମର୍ଥ ହେବେ। ଆବଶ୍ୟକତା ପୂରଣ କରିବା କ୍ଷେତ୍ରରେ ଧାରକରଜ କରି କାମ ଚଳାଇ ନେବେ।

**ତୁଳା** ପ୍ରତ୍ୟେକ କ୍ଷେତ୍ରରେ ଧୈର୍ଯ୍ୟହରା ନ ହୋଇ କାର୍ଯ୍ୟ କଲେ ଉପକୃତ ହେବେ। ଆଗାମୀ ମାଙ୍ଗଳିକ ଉତ୍ସବ ନିମନ୍ତେ ପ୍ରସ୍ତୁତି ଆରମ୍ଭ କରିବେ। ନୂତନ ଗୃହ ନିର୍ମାଣ, ପଦସ୍ଥ ବ୍ୟକ୍ତିଙ୍କ ସହ ଆଲୋଚନା ପ୍ରଭୃତିରେ ସମୟ କଟାଇ ପାରନ୍ତି। କୌଣସି ଏକ ବନ୍ଧୁମିଳନ ଅବସରରେ ମିତ୍ରତାର ବନ୍ଧନରେ ଆବଦ୍ଧ ହେବେ।

**ବିଛା** ଆପୋସ ଆଲୋଚନା ହେତୁ ପାରିବାରିକ ସ୍ଥିତିରେ କିଛିଟା ଉନ୍ନତି ପରିଲକ୍ଷିତ ହେବ। ଆଜିହିଁ ଶେଷ କରିବାକୁ ଚାହୁଁଥିଲେ ମଧ୍ୟ ଭାବୁଥିବା କାମଟିକୁ ଶେଷ କରିପାରିବେନି। ପରିବହନରେ ସମସ୍ୟା ଲାଗି ରହିବା ଯୋଗୁ ବ୍ୟସ୍ତ ହୋଇପାରନ୍ତି। ପ୍ରଶାସନିକ ସ୍ତରରେ ତଥା ବିବାଦୀୟ କଥାରେ ମୁଣ୍ଡ ନ ପୂରାଇବା ଭଲ।

**ଧନୁ** ନୂତନ କର୍ମସଂସ୍ଥାନ ପାଇଁ ମନ ବଳିବ ଏବଂ ଚେଷ୍ଟା କଲେ ଉପକୃତ ଅବଶ୍ୟ ହେବେ। କର୍ମକ୍ଷେତ୍ରରେ ଅନ୍ୟମାନଙ୍କ ମତକୁ ସମ୍ମାନ ଦେଇ କାମ କଲେ ଅପେକ୍ଷାକୃତ ସଫଳତା ପାଇପାରନ୍ତି। ତଥାପି ସବୁ କଥାକୁ ହାଲୁକା ଭାବେ ଗ୍ରହଣ କଲେ କ୍ଷତିରେ ପଡ଼ିବେ। ରାଜନୀତିରେ ଦୃଢ଼ ପୃଷ୍ଠପୋଷକତା ଯୋଗୁ ଆଗେଇ ଯିବେ।

**ମକର** ଯେତେ କାମ କଲେ ମଧ୍ୟ ପ୍ରତିବନ୍ଧକ ଯୋଗୁ ପ୍ରଗତିରେ ଅଗ୍ରଗତି ହୋଇ ପାରିବ ନାହିଁ। ପିଲାଙ୍କ କଥା ନେଇ ମାନସିକ ସ୍ଥିତି ବିପନ୍ନ ହେବାରୁ ମନ ଭଲ ରହିନପାରେ। ସଭାସମିତିରେ ବନ୍ଧୁଙ୍କ ସହ ସମ୍ପର୍କ ହାନି ଯୋଗୁ ଚିନ୍ତା ପ୍ରକଟ କରିବେ। ପାରିବାରିକ କ୍ଷେତ୍ରରେ ସମସ୍ୟା ସମାଧାନରେ ରାସ୍ତା ଖୋଜି ବାହାର କରିବାରେ ସମର୍ଥ ହେବେ।

**କୁମ୍ଭ** ଯୋଜନା ଅନୁଯାୟୀ କାମ କରିଚାଲନ୍ତୁ, ନିଶ୍ଚୟ ଉପକୃତ ହେବେ। ପିଲାଙ୍କ ସମସ୍ୟା ନେଇ ମନ ଭାରାକ୍ରାନ୍ତ ରହିପାରେ, ତଥାପି ସମସ୍ୟା ଅତି ସହଜରେ ସମାଧାନ ହୋଇଯିବ। ସ୍ୱାର୍ଥସାଧନ ପରିପ୍ରେକ୍ଷୀରେ ଆତ୍ମୀୟମାନେ ଶତ୍ରୁତା କରିବେ। ଆଜିର ପ୍ରତ୍ୟୁଷ ଯାତ୍ରାରେ ସାମାନ୍ୟ ବିଘ୍ନ ଆସିଲେ ମଧ୍ୟ କିଛି ଅସୁବିଧା ହେବ ନାହିଁ।

**ମୀନ** ଦୀର୍ଘ ଦିନରୁ ଅବହେଳିତ କାର୍ଯ୍ୟ ସକାଶେ ଅନୁତାପ କରିପାରନ୍ତି। ପୂର୍ବରୁ ସୁପରିକଳ୍ପିତ ନୂତନ କାର୍ଯ୍ୟରେ ହାତ ଦେଇ କୃତକାର୍ଯ୍ୟ ହେବେ। କଳା, ସାହିତ୍ୟ, ପ୍ରକାଶନ ଓ ପ୍ରଶାସନିକ ସ୍ତରରେ ସମସ୍ୟାର ସରଳ ସମାଧାନ କରିବାରେ ସଫଳ ହେବେ। ରୋଗ, ଋଣ ଓ ପରୋକ୍ଷ ଶତ୍ରୁତା ସାମୟିକ ଚିନ୍ତା ଉଦ୍ରେକ କରିବ।

ଆଜି ମାଘ ପୂର୍ଣ୍ଣିମା ରବିବାର, ଶ୍ରୀମନ୍ଦିରରେ ଗଜ ଉଦ୍ଧାରଣ ବେଶ, ମାଘବ୍ରତ ସମାପନ, ଅଦ୍ୟ ପୂର୍ଣ୍ଣିମା ବିହତ ଚନ୍ଦ୍ରୋପବାସ, ଫେବୃୟାରୀ ୫ ତାରିଖ, ରାଶିନକ୍ଷତ୍ର-ଦିବା ଘ.୧୨।୧୨ମି. ପର୍ଯ୍ୟନ୍ତ ପୁଷ୍ୟା/କର୍କଟ, ପୂର୍ଣ୍ଣିମାର ଏକୋଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୬।୨୪ ଗତେ ଘ.୧୦।୦୮ ମଧ୍ୟେ, ଘ.୦୧।୨୪ ଗତେ ଘ.୦୧।୫୨ ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୧୨।୦୦ ଗତେ ଘ.୦୧।୨୪ ମଧ୍ୟେ ରାହୁକାଳ।



ଜଣେ ଆହତ ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି।

ପ୍ରଥମ ପୃଷ୍ଠାରୁ...

## ଉପଜିଲାପାଳଙ୍କୁ ଆକ୍ରମଣ ...

## କଂଗ୍ରେସର ଫାଟି ...

ଏନେଇ ଇଟାମାଟି ଥାନା ଆଇଆଇସି ବିଶ୍ୱଜିତ ରାଉତ କୁହନ୍ତି, ଦୁର୍ଘଟଣାର କାରଣ ତଦନ୍ତ ଚାଲିଛି। ମାମଲା ରୁଜୁ ହୋଇନାହିଁ। ଅନ୍ୟପକ୍ଷରେ ୫ରୁ ଊର୍ଦ୍ଧ୍ୱ ପ୍ରବାସୀ ଶ୍ରମିକ ନିୟୋଜିତ ହୋଇଥିଲେ ଠିକାଦାର ଏବଂ ମୁଖ୍ୟ ନିଯୁକ୍ତି କର୍ତ୍ତା ଶ୍ରମ ବିଭାଗରେ ସେମାନଙ୍କ ନାମ ପଞ୍ଜୀକରଣ କରିବା ଓ ଲାଇସେନ୍ସ ନେବା ବାଧ୍ୟତାମୂଳକ। ପ୍ରବାସୀ ଶ୍ରମିକ ଆଇନ ୧୯୭୯ରେ ଏହା ସ୍ପଷ୍ଟ ଉଲ୍ଲେଖ ରହିଛି। ତେବେ ସୁନାଲଟିଠାରେ ଚାଲିଥିବା ପାଇପ୍ ଲାଇନ୍ କାମରେ ୫ରୁ ଊର୍ଦ୍ଧ୍ୱ ପ୍ରବାସୀ ଶ୍ରମିକ ନିୟୋଜିତ ହୋଇଥିଲେ ହେଁ ଶ୍ରମ ବିଭାଗରେ ପଞ୍ଜୀକରଣ କରାଯାଇ ନ ଥିଲା। ପ୍ରବାସୀ ଶ୍ରମିକ କାମ କରିବା ପାଇଁ ଲାଇସେନ୍ସ ନ ଥିବା ଅନୁରୂପ ଭାବେ ସୂଚନା ମିଳିଛି। ଭାରତ ସରକାରଙ୍କ ଏତେ ବଡ଼ ପ୍ରକଳ୍ପରେ ବିନା ଲାଇସେନ୍ସ ଓ ପଞ୍ଜୀକରଣରେ କାମ କିପରି ହେଉଛି ସେନେଇ ପ୍ରଶ୍ନ ଉଠିଛି। ଏହାର ବିଧିବଦ୍ଧ ତଦନ୍ତ କରାଯାଇ ଠିକାଦାରଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି ହୋଇଛି। ଏନେଇ ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ଶ୍ରମ କମିଶନର (ସେଣ୍ଟ୍ରାଲ୍) ପ୍ରଦ୍ୟୁମ୍ନ ରଣାଙ୍କୁ ଯୋଗାଯୋଗ କରାଯିବାରୁ ସେ କହିଛନ୍ତି, ଘଟଣାର ତଦନ୍ତ କରାଯିବ। କେଉଁଥିପାଇଁ ଠିକାଦାର ଓ ମୁଖ୍ୟନିଯୁକ୍ତି କର୍ତ୍ତା ପ୍ରବାସୀ ଶ୍ରମିକଙ୍କ ନାମ ପଞ୍ଜୀକରଣ କରିନାହାନ୍ତି କିମ୍ବା ଲାଇସେନ୍ସ ନେଇନାହାନ୍ତି ତାହା ତଦନ୍ତ ପରେ ଜଣାପଡ଼ିବ। କାମ ସମୟରେ ଶ୍ରମିକମାନେ ପ୍ରାଣ ହରାଇଥିଲେ ସହାୟତା ରାଶି ମିଳିବା ନିୟମ ରହିଛି। ତଦନ୍ତ ପରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି ।

## ସଡ଼କ ଦୁର୍ଘଟଣାରେ ପୂର୍ବତନ ...

ସେମାନେ ଗୁରୁତର ହୋଇପଡ଼ିଥିଲେ। ସେମାନଙ୍କୁ ଉଦ୍ଧାର କରାଯାଇ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ଉଭୟଙ୍କୁ ମୃତ ଘୋଷଣା କରିଥିଲେ। ମୃତ ଅନନ୍ତଙ୍କ ଘର ନନ୍ଦିପୁର ତରାଙ୍ଗ ଅଞ୍ଚଳରେ ବୋଲି ଜଣାପଡ଼ିଛି।

ଯାଜପୁର ଜିଲା ଦଶରଥପୁର ବ୍ଲକ ଖଣ୍ଡରା ଗ୍ରାମପଞ୍ଚାୟତ ବିଜିପୁର ଗ୍ରାମରେ ୧୯୫୭ ନଭେମ୍ବର ୧୬ରେ ଅର୍ଜୁନ ଜନ୍ମଗ୍ରହଣ କରିଥିଲେ। ତାଙ୍କ ବାପା ଅନାଦି ଚରଣ ଦାସ ଯାଜପୁର ଲୋକ ସଭା ଆସନରୁ ନିର୍ବାଚିତ ହୋଇଥିଲେ। ପିଲାବେଳୁ ଅର୍ଜୁନ ରାଜନୀତିରେ ଆଗ୍ରହ ଦେଖାଇ ବିଭିନ୍ନ ସାମାଜିକ କାର୍ଯ୍ୟକ୍ରମର ନେତୃତ୍ୱ ନେଇଥିଲେ। ସେ ୧୯୯୫ରେ କଂଗ୍ରେସ ଟିକେଟ୍‌ରେ ବିଞ୍ଝାରପୁର ଆସନରେ ବିଧାନସଭା ନିର୍ବାଚନ ଲଢ଼ି ତତ୍କାଳୀନ ବିଧାୟିକା ପ୍ରମିଳା ମଲ୍ଲିକଙ୍କୁ ହରାଇଥିଲେ। ନିକଟରେ ଅର୍ଜୁନ ତେଲଙ୍ଗାନା ମୁଖ୍ୟମନ୍ତ୍ରୀ କେ. ଚନ୍ଦ୍ରଶେଖର ରାଓଙ୍କ ଦ୍ୱାରା ଗଠିତ ଭାରତ ରାଷ୍ଟ୍ର ସମିତି (ବିଆର୍‌ଏସ୍)ରେ ଯୋଗଦେଇଥିଲେ ବୋଲି ଜଣାପଡ଼ିଛି। ତାଙ୍କ ମୃତ୍ୟୁ ଖବର ଜଣାପଡ଼ିବା ପରେ ବିଭିନ୍ନ ମହଲରେ ଶୋକ ପ୍ରକାଶ ପାଇଛି। ଅର୍ଜୁନଙ୍କର ୩ ପୁଅ ଏବଂ ସ୍ତ୍ରୀ ପ୍ରମିଳା ଦାସ ଅଛନ୍ତି। ବିଞ୍ଝାରପୁର ବିଧାୟିକା ତଥା ରାଜସ୍ୱ ମନ୍ତ୍ରୀ ପ୍ରମିଳା ମଲ୍ଲିକ ଶୋକ ପ୍ରକାଶ କରିବା ସହିତ ବିଜିପୁର ସ୍ଥିତ ଅର୍ଜୁନଙ୍କ ବାସଭବନରେ ପହଞ୍ଚି ତାଙ୍କ ପାର୍ଥିବ ଶରୀରରେ ପୁଷ୍ପ ଅର୍ପଣ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଅଧ୍ୟକ୍ଷା ରଞ୍ଜିତା ଦାସ, ଜିଲା ପରିଷଦ ସଭ୍ୟ ତଥା ବ୍ଲକ ବିଜେଡି ସଭାପତି ନନ୍ଦ କିଶୋର ସାମଲ, ଖଗେଶ୍ୱର ମହାନ୍ତି, ସୁନୀତା ନାୟକ, ଅହଲ୍ୟା ସ୍ୱାଇଁଙ୍କ ସମେତ କଂଗ୍ରେସ ନେତା ଚନ୍ଦ୍ରଶେଖର ଧଳ, କନକଲତା ମଲ୍ଲିକ, କୁଞ୍ଜ ବିହାରୀ ବେହେରା, ଗୋବିନ୍ଦ ପରିଡ଼ା, ଶିଶିର ନାୟକ, ପଦ୍ମାକର ଗୁରୁ, ଭାଜପା ଜିଲା ସଭାନେତ୍ରୀ ବବିତା ମଲ୍ଲିକ, କୃଷକ ନେତା ଅକ୍ଷୟ କୁମାର ପ୍ରମୁଖ ବହୁ ବିଶିଷ୍ଟ ବ୍ୟକ୍ତି ଶୋକ ପ୍ରକାଶ କରିଛନ୍ତି ।

## ଅପରେଶନ 'ସ୍ୟାଣ୍ଡ ...

ନବୀନ ଚନ୍ଦ୍ର ସିଂ କହିଛନ୍ତି। ପରବର୍ତ୍ତୀ ସମୟରେ ଚୋରାଚାଲାଣକାରୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଜୋରଦାର ହେବ ବୋଲି ଉପଜିଲାପାଳ କହିଛନ୍ତି। ପ୍ରଶାସନର ଆକ୍ସନ ଦେଖି ଇଟାଭାଟି ମାଲିକମାନେ ଫେରାର ହୋଇଯାଇଛନ୍ତି। ଅପରେଶନ 'ସ୍ୟାଣ୍ଡ ଷ୍ଟର୍ମ' ମାଧ୍ୟମରେ ଆଗାମୀ ଦିନରେ ଜିଲାର ବିଭିନ୍ନ ସ୍ଥାନରେ ବେଆଇନ ଭାବେ ଚାଲିଥିବା ପଥରକ୍ୱାରୀ, ବାଲି ଉତ୍ତୋଳନ, ମୋରମ ଖନନ ଓ ପଥର ଚୋରଚାଲାଣ ଉପରେ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ବାଲେଶ୍ୱର ଏସ୍‌ପି ସାଗରିକା ନାଥ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି।

## ଉପଜିଲାପାଳଙ୍କୁ ଆକ୍ରମଣ ...

ତଦନ୍ତ ଆରମ୍ଭ ହୋଇଥିବା ଶନିବାର ଏସ୍‌ପି ସାଗରିକା ନାଥ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ଶୁକ୍ରବାର ଅପରାହ୍ନରେ ଉପଜିଲାପାଳ କର୍ମଚାରୀଙ୍କ ସହ ରୂପସାରୁ ଫେରୁଥିବା ବେଳେ ବୁଢ଼ାବଳଙ୍ଗ ନଦୀ ସେତୁ ନିକଟରେ ଥିବା ସରକାରୀ ଜମିରୁ ମାଟି ଉଠାଯାଉଥିବା ଖବର ପାଇଥିଲେ। ଉପଜିଲାପାଳ ସେଠାରେ ପହଞ୍ଚି ଟ୍ରାକ୍ଟରକୁ ଜବତ କରି ଥାନାକୁ ଆଣିବାକୁ ଉଦ୍ୟମ କରୁଥିବା ବେଳେ ସେଠାରେ କଣ୍ଠାବଣିଆ ଗ୍ରାମର ୨୦ରୁ ୩୦ ମହିଳା ଓ ପୁରୁଷ ପହଞ୍ଚି ଜବତ ଟ୍ରାକ୍ଟରକୁ ଛଡ଼ାଇ ନେଇଥିଲେ। ଏହାପରେ ସେମାନେ ଉପଜିଲାପାଳଙ୍କ ଉପରକୁ ପଥର ଫିଙ୍ଗିବା ଆରମ୍ଭ କରିଥିଲେ। ଫଳସ୍ୱରୂପ ଗାଡି ଭାଙ୍ଗିରୁଜି ଯିବା ସହ ଉପଜିଲାପାଳ ଏବଂ ତାଙ୍କ ଡ୍ରାଇଭର ଆହତ ହୋଇଥିଲେ। ଓଆର-୦୧ ଇଟାଭାଟିର ମାଲିକ ମନୋରଞ୍ଜନ ବେହେରା, ଚିତ୍ତରଞ୍ଜନ ବେହେରା, ସେମାନଙ୍କ ପୁଅ ଏବଂ ସ୍ତ୍ରୀ ଏହି ଆକ୍ରମଣ କରିଥିବା ପୋଲିସ ପକ୍ଷରୁ କୁହାଯାଇଛି। ଏହି ଘଟଣାରେ ୩୦ରୁ ଊର୍ଦ୍ଧ୍ୱ ସାମିଲ ଥିବାବେଳେ ୧୧ ଜଣଙ୍କୁ ଗିରଫ କରାଯାଇଛି। ମାଷ୍ଟରମାଇଣ୍ଡ କୁହାଯାଉଥିବା ଅଭିଯୁକ୍ତଙ୍କ ସମ୍ପର୍କରେ ପୋଲିସ କୌଣସି ଟେର୍ ପାଇପାରିନି। ଗିରଫ ଅଭିଯୁକ୍ତମାନେ ହେଲେ କଣ୍ଠାବଣିଆ ଗ୍ରାମର ରାଜେଶ ଦାସ, ବିବେକ କୁମାର ପ୍ରଧାନ, ରମେଶ ପ୍ରଧାନ, ହିମାଂଶୁ ଶେଖର ଦାସ, ମିଥୁନ ଦାସ, ରବିନାରାୟଣ ଦାସ, ଦୀପୁ ଦାସ, ସାଗର ଦେହୁରୀ, ଗୀତାଣୀ ପ୍ରଧାନ, ବାସନ୍ତୀ ବିଶ୍ୱାଳ ଓ ଜୟନ୍ତୀ ପ୍ରଧାନ। ସମସ୍ତଙ୍କୁ ଶନିବାର କୋର୍ଟ ଚାଲାଣ କରାଯାଇଛି।

## ବର୍ଷୀୟାନ ଗାୟିକା ବାଣୀ...

ସମେତ ବିଭିନ୍ନ ଭାରତୀୟ ଭାଷାରେ ୧୦ ହଜାରରୁ ଊର୍ଦ୍ଧ୍ୱ ଗୀତ ଗାଇଛନ୍ତି ବାଣୀ ଜୟରାମ। ସଙ୍ଗୀତ କ୍ଷେତ୍ରକୁ ଉଲ୍ଲେଖନୀୟ ଅବଦାନ ପାଇଁ ତାଙ୍କୁ ଭାରତର ତୃତୀୟ ସର୍ବୋଚ୍ଚ ବେସାମରିକ ପୁରସ୍କାର 'ପଦ୍ମ ଭୂଷଣ'ରେ ସମ୍ମାନିତ କରିବା ଲାଗି କେନ୍ଦ୍ର ସରକାର ଗତମାସ ୨୫ ତାରିଖରେ ଘୋଷଣା କରିଥିଲେ। ୫୦ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ସେ ସଙ୍ଗୀତ ସାଧନାରେ ନିଜକୁ ନିୟୋଜିତ କରିଥିଲେ। ସେ ଓଡ଼ିଆ ସମେତ ହିନ୍ଦୀ, ତାମିଲ, ତେଲୁଗୁ, ମାଲୟାଲମ, ଅସମୀୟା ଏବଂ ବଙ୍ଗଳା ଭାଷାର ଅନେକ ସଙ୍ଗୀତରେ କଣ୍ଠଦାନ କରିଛନ୍ତି। ସେଥିପାଇଁ ତାଙ୍କୁ ଶ୍ରେଷ୍ଠ ପ୍ରଚ୍ଛଦପଟ ଗାୟିକା ଭାବେ ଜାତୀୟ ପୁରସ୍କାର ସମେତ ତାମିଲନାଡୁ, ମହାରାଷ୍ଟ୍ର, ଆନ୍ଧ୍ରପ୍ରଦେଶ, ଓଡ଼ିଶା, କେରଳ ଏବଂ ଗୁଜରାଟରୁ ରାଜ୍ୟ ପୁରସ୍କାର ମିଳିଥିଲା।

ବାଣୀ ୧୯୭୬ରେ ଓଡ଼ିଆ ଚଳଚ୍ଚିତ୍ର ଶେଷ ଶ୍ରାବଣ, କୃଷ୍ଣ ସୁଦାମା, ସିନ୍ଦୂର ବିନ୍ଦୁ, ୧୯୭୭ରେ ବନ୍ଧୁ ମହାନ୍ତି, ୧୯୭୮ରେ ସତୀ ଅନସୂୟା ଏବଂ ୧୯୭୯ରେ ବିଲ୍ୱମଙ୍ଗଳ ପାଇଁ କଣ୍ଠଦାନ କରିଥିଲେ। ୧୯୭୧ରେ ହିନ୍ଦୀ ଚଳଚ୍ଚିତ୍ର 'ଗୁଡ୍‌ଡ଼ି' ତାଙ୍କୁ ଜାତୀୟ ସ୍ତରରେ ବେଶ୍ ପରିଚିତ କରାଇଥିଲା। ସେ କମ୍ପୋଜର ବସନ୍ତ ଦେଶାଇଙ୍କ ପାଇଁ ମଧ୍ୟ ଗାଇଥିଲେ। ତାଙ୍କର ସୁମଧୁର ସ୍ୱରରେ 'ହମ୍ କୋ ମନ୍ କୀ ଶକ୍ତି ଦେନା' ଗୀତ ସବୁବେଳ ପାଇଁ ମନେରହିବ। ବାଣୀ ତାଙ୍କ କ୍ୟାରିୟରରେ ଏମ୍.ଏସ୍. ବିଶ୍ୱନାଥନ୍, କେ.ଭି. ମହାଦେବନ, କେ. ଚକ୍ରବର୍ତ୍ତୀ, ଇଲିୟାରାଜା ଏବଂ ସତ୍ୟମ୍‌ଙ୍କ ଭଳି ବହୁ କିମ୍ବଦନ୍ତୀ ସଙ୍ଗୀତକାରଙ୍କ ସହ କାମ କରିଛନ୍ତି।

ବାଣୀଙ୍କ ପରଲୋକରେ ଓଡ଼ିଶା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଶୋକବ୍ୟକ୍ତ କରିଛନ୍ତି। ମୁଖ୍ୟମନ୍ତ୍ରୀ ତାଙ୍କ ଟୁଇଟ୍‌ରେ ଉଲ୍ଲେଖ କରିଛନ୍ତି, ବିଶିଷ୍ଟ ପ୍ରଚ୍ଛଦପଟ ଗାୟିକା ବାଣୀ ଜୟରାମଙ୍କ ଦେହାନ୍ତ ବିଷୟରେ ଜାଣି ମୁଁ ଦୁଃଖିତ। ଅନେକ ଲୋକପ୍ରିୟ ଓଡ଼ିଆ ଚଳଚ୍ଚିତ୍ରରେ କଣ୍ଠଦାନ କରି ସେ ପ୍ରତିଷ୍ଠା କରିଥିବା କୀର୍ତ୍ତିମାନ ସର୍ବଦା ସ୍ମରଣୀୟ ରହିବ। ତାଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରିବା ସହ ଶୋକସନ୍ତପ୍ତ ପରିବାରବର୍ଗଙ୍କ ପ୍ରତି ସମବେଦନା ଜଣାଉଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

## ପୁଣି ୪ଦିନ ରିମାଣ୍ଡରେ ....

ଯୋଗଦେବାକୁ ଯାଇଥିଲେ। ସେ ଗାଡ଼ିରୁ ଓହ୍ଲାଉଥିବାବେଳେ ଅତି ନିକଟରୁ ଏଏସ୍‌ଆଇ ଗୋପାଳ କୃଷ୍ଣ ଦାସ ତାଙ୍କୁ ଗୁଳି କରିଥିଲେ। ଗୁଳିଟି ମନ୍ତ୍ରୀ ଦାସଙ୍କ ଛାତିରେ ବାଜିଥିବାରୁ ତାଙ୍କର ମୃତ୍ୟୁ ଘଟିଥିଲା। ଏହି ଘଟଣାରେ ପୋଲିସ ଏଏସ୍‌ଆଇ ଗୋପାଳଙ୍କୁ ଗିରଫ କରିଥିଲା। ଘଟଣାର ତଦନ୍ତ ଭାର ରାଜ୍ୟ ସରକାର କ୍ରାଇମ୍‌ବ୍ରାଞ୍ଚକୁ ଦେଇଥିଲେ। କ୍ରାଇମବ୍ରାଞ୍ଚ ତରଫରୁ ଅଭିଯୁକ୍ତଙ୍କୁ କୋର୍ଟରେ ହାଜର କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ସବ୍‌ଜେଲ୍‌କୁ ପଠାଇ ଦିଆଯାଇଥିଲା। କୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ ତାଙ୍କୁ କ୍ରାଇମବ୍ରାଞ୍ଚ ଗତ ୧ତାରିଖରେ ସବ୍‌ଜେଲ୍‌ରୁ ୪ଦିନିଆ ରିମାଣ୍ଡରେ ଆଣି ସ୍ଥାନୀୟ ଓଏସ୍‌ଏପି ୨ୟ ବାଟାଲିୟନ ରିଜର୍ଭ କ୍ୟାମ୍ପରେ ରଖି ଜେରା କରିବା ସହ ବିଭିନ୍ନ ସ୍ଥାନକୁ ନେଇ ତଦନ୍ତ କରିଥିଲା। ରିମାଣ୍ଡର ପ୍ରଥମ ଓ ଦ୍ୱିତୀୟ ଦିନରେ ତାଙ୍କୁ କଡ଼ା ସୁରକ୍ଷା ମଧ୍ୟରେ ଝାରସୁଗୁଡ଼ା ବିମାନ ବନ୍ଦର ଥାନାକୁ ଅଣାଯାଇଥିଲା। ସେଠାରେ ଅଭିଯୁକ୍ତ ଗୋପାଳ ଥାନା ପାଇଖାନା ଟାଙ୍କିରେ ପକାଇଥିବା କହିବା ପରେ କାଗଜ ଖଣ୍ଡକୁ ଉଦ୍ଧାର କରାଯାଇଥିଲା। ରିମାଣ୍ଡର ୩ୟ ଦିନରେ କ୍ରାଇମ୍‌ବ୍ରାଞ୍ଚ ତରଫରୁ ଅଭିଯୁକ୍ତ ଗୋପାଳଙ୍କୁ ବ୍ରଜରାଜନଗର ବୁଢ଼ୀଜାମସ୍ଥିତ ତାଙ୍କ ଏମ୍‌ସିଏଲ୍ କ୍ୱାର୍ଟର୍ସକୁ ନିଆଯାଇ ସେଠାରେ ଦୀର୍ଘ ୪ଘଣ୍ଟା ଧରି ବିଭିନ୍ନ କାଗଜପତ୍ର ଯାଞ୍ଚ କରାଯାଇଥିଲା। ପରେ ଅଭିଯୁକ୍ତ ଗୋପାଳ ଚାକିରି କରୁଥିବା ଗାନ୍ଧୀଛକ ଫାଣ୍ଡିକୁ ଅଣାଯାଇଥିଲା। ସେଠାରେ ବିଭିନ୍ନ କାଗଜପତ୍ର ଯାଞ୍ଚ କରିବା ସହ ଫାଣ୍ଡି ପରିସରରେ ଥିବା ଏକ କାର୍ ଯାହାକୁ ଗୋପାଳ ବ୍ୟବହାର କରୁଥିବା କୁହାଯାଉଛି ତାହାକୁ ଯାଞ୍ଚ କରାଯାଇଥିଲା। ଏହି କାର୍ ଭିତରୁ କ୍ରାଇମବ୍ରାଞ୍ଚ ଏକ ଡାଏରି ଓ କେତେକ କାଗଜପତ୍ର ଜବତ କରିଥିଲା। ହେଲେ ହତ୍ୟାର ରହସ୍ୟ ଜାଣିବାରେ କ୍ରାଇମ୍‌ବ୍ରାଞ୍ଚ ବିଫଳ ହୋଇଥିଲା। ତେଣୁ ଅଭିଯୁକ୍ତଙ୍କୁ ଆଉ ଥରେ ରିମାଣ୍ଡରେ ନେବାକୁ ଶନିବାର କୋର୍ଟରେ ଆବେଦନ କରିଥିଲା। ଅଦାଲତ ୪ଦିନ ମଞ୍ଜୁର କରିଥିବାରୁ ଏହି ସମୟ ମଧ୍ୟରେ କ୍ରାଇମ୍‌ବ୍ରାଞ୍ଚ ତଦନ୍ତକୁ କେଉଁ ଦିଗକୁ ନେଉଛି ଏବଂ କ'ଣ ନିଷ୍କର୍ଷ ବାହାରୁଛି ତାହା ଉପରେ ସମସ୍ତଙ୍କ ନଜର ରହିବ।

## ସୁପ୍ରିମକୋର୍ଟରେ ୫ ବିଚାରପତି ...

ହାଇକୋର୍ଟ ମୁଖ୍ୟ ବିଚାରପତି ସଞ୍ଜୟ କାରୋଲ, ମଣିପୁର ହାଇକୋର୍ଟ ମୁଖ୍ୟ ବିଚାରପତି ପି.ଭି. ସଞ୍ଜୟ କୁମାର, ପାଟନା ହାଇକୋର୍ଟ ବିଚାରପତି ଅସାନୁଦ୍ଦିନ ଅମାନୁଲ୍ଲା ଏବଂ ଆଲ୍ଲାହାବାଦ ହାଇକୋର୍ଟ ବିଚାରପତି ମନୋଜ ମିଶ୍ରାଙ୍କୁ ସୁପ୍ରିମକୋର୍ଟ ବିଚାରପତି ଭାବେ ପଦୋନ୍ନତି ମିଳିଛି। ସର୍ବୋଚ୍ଚ ଅଦାଲତରୁ କଡ଼ା ପ୍ରଶ୍ନର ସମ୍ମୁଖୀନ ହେବା ପରେ ବିଚାରପତି ନିଯୁକ୍ତି ଲାଗି କଲେଜିୟମ ସୁପାରିସ କରିଥିବା ନାମକୁ ରବିବାର ସୁଦ୍ଧା ମଞ୍ଜୁରୀ ପ୍ରଦାନ କରାଯିବ ବୋଲି ସରକାର ଦିନକ ପୂର୍ବରୁ ପ୍ରତିଶ୍ରୁତି ଦେଇଥିଲେ। ହାଇକୋର୍ଟ ବିଚାରପତିମାନଙ୍କ ବଦଳି ସୁପାରିସକୁ ସରକାର କାର୍ଯ୍ୟକାରୀ କରିବାରେ ବିଳମ୍ବ କରୁଥିବାରୁ ଜଷ୍ଟିସ୍ ଏସ୍.କେ. କୌଲ ଏବଂ ଏ.ଏସ୍. ଓକାଙ୍କ ଖଣ୍ଡପୀଠ ଅସନ୍ତୋଷ ବ୍ୟକ୍ତ କରିଥିଲେ। ଏହା ଅତ୍ୟନ୍ତ ଗମ୍ଭୀର ପ୍ରସଙ୍ଗ। ବଦଳିରେ ବିଳମ୍ବ ହେଲେ ଉଭୟ ପ୍ରଶାସନିକ ଏବଂ ନ୍ୟାୟିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଖଣ୍ଡପୀଠ ଚେତାବନୀ ଦେଇଥିଲେ।

# A HISTORIC VISIT BY CHIEF MINISTER HEMANT SOREN USHERS A NEW DAWN FOR BUDHA PAHAD

**Launch of Budha Pahad Development Project (BPDP) worth ₹100 crore**



## More than 11 thousand people of Tehri, Khapri Mahua, Hesatu, Baheratoli, Tumera, Turer and other villages of Budha Pahad, deprived of the benefits of public welfare schemes for decades have been rendered their rights

**Benefits of Select Public Welfare Schemes have been extended such as -**

- Sarvajan Pension Yojana
- Aawas Yojana
- Ration card
- Antyodaya Ration Card
- Job Card
- e-Shram Card
- MGNREGA job card
- Didi Bari Yojana
- Chief Minister Pashudhan Yojana
- Birsa Aawas Yojana
- Chief Minister Employment Generation Scheme

## Highlights of the Budha Pahad Development Project (BPDP) :

- Under this project, overall development has been envisaged for 11 villages of Tehri Panchayat of Garhwa district and 11 villages of Aksi panchayat of Latehar district
- Thrust will be given to infrastructure development such as roads, bridges, school buildings, anganwadi centers, health sub-centres, irrigation facilities and playgrounds in these villages
- Construction work has started for 25 KV power supply in Jhaul Dera of the remote Budha Pahad area and 5-5 KV power supply under solar electrification to Hesatu, Baheratoli, Tumera, Khapri Mahua, Turer, Polpol villages




## Stories of Change



I am a happy recipient of the Chief Minister Employment Generation Scheme under which I got a Bolero vehicle. I thank the government for the support provided to me.

**-Vinco Toppo, Tehri**

After the arrival of the Chief Minister, I received benefits of many government schemes. What delighted me the most was the construction of a goat shed that will aid me in goat rearing. My wife, Gudiya Devi has also been extended the benefits of various schemes.

**-Mangan Kisan, Turer**





After the unfortunate demise of my son and daughter-in-law, the responsibility of their four children came on my shoulders. I am grateful to the government for providing the children a monthly financial assistance of ₹6,000 as well as linking me and my husband to Old Age Pension.

**-Dheeran Brijia, Tumera**

I am a widow and was compelled to live a life of misery. Upon the recent visit of the Chief Minister I have been extended the benefit of Pension, Aawas, Ration & job card for which I am very thankful.

**-Mayanti Minj, Tehri**



Information & Public Relations Department, Govt. of Jharkhand

PR-289341(IPRD) 2022-23

“ପ୍ରକୃତ ଗୁଣବାନ ଓ ବୁଦ୍ଧିମାନ ମଣିଷଟିଏ- ଅଥବା ସଭ୍ୟ ଓ ମାର୍ଜିତ ମଣିଷଟିଏ ତା'ନିଜର ମନଟିକୁ ଏପରି ଭାବେ ସଂଗଠିତ କରିଥାଏ ଯେ, ସେ ଯେଉଁ ପରିସ୍ଥିତିରେ ବାସକରେ, ସେହି ପରିସ୍ଥିତିରେ ମହାନ୍ ଆଦର୍ଶ ସଙ୍ଗେ ସେ ନିଜର ସଙ୍ଗତି ରକ୍ଷା କରି ଚଳିପାରିବାର ଦକ୍ଷତା ଅର୍ଜନ କରିଥାଏ। -ଶ୍ରୀମା



# ବିଫଳ ରଣନୀତି



ଆକାର ପଟେଲ

୨୦୧୮ରେ ଭାରତ ସରକାର ନୀତି ଆୟୋଗ ଦ୍ୱାରା ଇଣ୍ଡିଆ @୭୫ ଶୀର୍ଷକ ରିପୋର୍ଟ ପ୍ରକାଶ କରିଥିଲେ। ଏଥିରେ ସରକାର ତାଙ୍କ ନିଜର ଲକ୍ଷ୍ୟ ସ୍ଥିର କରି ୨୦୨୨ ସୁଦ୍ଧା ତାହା ହାସଲ କରିବେ ବୋଲି ଦର୍ଶାଇଥିଲେ। ୨୩୦ ପୃଷ୍ଠାର ଉକ୍ତ ରିପୋର୍ଟରେ ଆରମ୍ଭରୁ ପ୍ରଧାନମନ୍ତ୍ରୀଙ୍କ ଆଲେଖ୍ୟ ରହିଛି। ସେ ଲେଖିଛନ୍ତି, ୨୦୨୨ ସୁଦ୍ଧା ଏକ ନୂଆ ଭାରତ ଗଠନ ପାଇଁ ଲୋକଙ୍କ ପ୍ରୟାସରେ କେନ୍ଦ୍ର ସରକାରଙ୍କ ସକ୍ରିୟ ଭାଗୀଦାରି ଅଛି ; ଆସନ୍ତୁ ଉଲ୍ଲିଖିତ ରଣନୀତିରେ ଥିବା ଲକ୍ଷ୍ୟଗୁଡ଼ିକୁ ହାସଲ କରିବା ଲାଗି ଟିମ୍ ଇଣ୍ଡିଆ ସ୍ପିରିଟ୍‌ରେ ଆମର ସବୁ ଶକ୍ତି ଏକାଠି କରିଦେବା। ତାଙ୍କ ପରେ ନୀତି ଆୟୋଗ ଅଧ୍ୟକ୍ଷ ଲେଖିଲେ, ବିଗତ ୪ ବର୍ଷ ମଧ୍ୟରେ ପରିବର୍ତ୍ତନ କରାଯାଇଆସୁଛି। ବାସ୍ତବରେ ଦେଖିବାକୁ ଗଲେ ବିଗତ ୪ ବର୍ଷ(୨୦୧୪-୨୦୧୮) ମଧ୍ୟରେ ଯେଉଁ ପରିଣାମ ମିଳିଥିଲା ତାହା ଅଧିକ ସମୟ ଧରି ଜାରି ରହିବ। ତେବେ ସରକାର ଯେଉଁ କ୍ଷେତ୍ରରେ ତାଙ୍କ ଲକ୍ଷ୍ୟ ସ୍ଥିର କରିଥିଲେ ଓ ତାହାର ପରିଣାମ ସବୁ କ'ଣ ହେଲା ତାହା ଦେଖିବା। ପ୍ରଥମଟି ଥିଲା ମୋଟ ଘରୋଇ ଉତ୍ପାଦ (ଜିଡିପି)ର ଅଭିବୃଦ୍ଧି ହାରରେ ଉନ୍ନତି। ଉକ୍ତ ରିପୋର୍ଟ ପ୍ରକାଶ କରିଥିଲା ଯେ, ୨୦୧୭-୧୮ରେ ଥିବା ଜିଡିପିର ନିବେଶ ହାର (ଜିଡିପିର ଅଂଶ ଭାବେ ମୋଟ ସ୍ଥାୟୀ ପୁଞ୍ଜି) ପାଖାପାଖି ୨୯%ରୁ ବୃଦ୍ଧି ଘଟାଇ ୨୦୨୨-୨୩ ସୁଦ୍ଧା ପାଖାପାଖି ୩୬% କରାଯିବ ଏବଂ ଏଥିପାଇଁ ଉଭୟ ଘରୋଇ ଓ ସାର୍ବଜନୀନ ନିବେଶକୁ ପ୍ରୋତ୍ସାହିତ କରିବାକୁ ଅନେକ ପଦକ୍ଷେପ ନେବାକୁ ହେବ। ସମ୍ଭବତଃ, ଏହି ପଦକ୍ଷେପଗୁଡ଼ିକ ନିଆଯାଇଥିଲା। ତେବେ ଏଥିରୁ କି ଫଳ ମିଳିଲା ? ୨୦୨୧ରେ ଏହା ୨୯% ବୋଲି ବିଶ୍ୱବ୍ୟାଙ୍କର ସଦ୍ୟତମ ତଥ୍ୟରୁ ଜଣାପଡ଼ିଛି ; ଯେଉଁଥିରୁ ବୁଝାପଡୁଛି କିଛି ପରିବର୍ତ୍ତନ ହୋଇନାହିଁ। କାରଣ ଏହା ୨୦୧୪ରେ ଥିଲା ୩୦%, ଅର୍ଥାତ୍ ତା'ଠାରୁ କମିଛି। ସାମଗ୍ରିକ ଭାବେ ୨୦୧୮ରେ ଜିଡିପି ଅଭିବୃଦ୍ଧି ହ୍ରାସ ପାଇବା ଆରମ୍ଭ ହୋଇଥିଲା ଏବଂ କୋଭିଡ୍ ମହାମାରୀ ପ୍ରକାଶ ପାଇବା ସମୟ ୨୦୨୦ ମାର୍ଚ୍ଚକୁ ମିଶାଇ ଲଗାତର ୯ଟି ତ୍ରୈମାସିକରେ ଅଭିବୃଦ୍ଧି ତଳକୁ ଖସିଥିଲା। ଅବଶ୍ୟ ସେତେବେଳେ ଏହି ରିପୋର୍ଟ ଲେଖାହେଲାବେଳକୁ ଲେଖକମାନେ ଏହା ବୋଧହୁଏ ଜାଣି ନ ଥିଲେ। ଏହା ବ୍ୟତୀତ ସେମାନେ କହିଛନ୍ତି, ଟ୍ୟାକ୍ସ-ଜିଡିପି ଅନୁପାତ ୧୭% ଯାହା ଓଇସିଡି ଦେଶଗୁଡ଼ିକର(୩୫%) ତୁଳନାରେ ଅଧା। ଏପରିକି ଏହା ଅନ୍ୟ ବିକାଶଶୀଳ ଅର୍ଥବ୍ୟବସ୍ଥା ବ୍ରାଜିଲ(୩୪%), ଦକ୍ଷିଣ ଆଫ୍ରିକା(୨୭%) ଏବଂ ଚାଇନା(୨୨%) ତୁଳନାରେ କମ୍। ଏଣୁ ସାର୍ବଜନୀନ ନିବେଶ ବୃଦ୍ଧି କରିବାକୁ ଭାରତ ୨୦୨୨ ସୁଦ୍ଧା ଟ୍ୟାକ୍ସ-ଜିଡିପି ହାର ଅତି କମ୍‌ରେ ୨୨%କୁ ବୃଦ୍ଧି କରିବା ଦରକାର। କିନ୍ତୁ ଗତ ବର୍ଷ ମୋଟ ଟ୍ୟାକ୍ସ - ଜିଡିପି ଅନୁପାତ ଥିଲା ୧୭%। ବୁଝାପଡୁଛି, ଏଥିରେ ବି କିଛି ପରିବର୍ତ୍ତନ ହୋଇନାହିଁ।

ଅଭିବୃଦ୍ଧି ରଣନୀତିରେ ଆଉ ଏକ ଅଧ୍ୟାୟ ଭାବେ ସରକାର ବେରୋଜଗାର ସଙ୍କଟ ସମାଧାନ କରିବାକୁ ଦାବି କରିଥିଲେ। ଏହାର ପରିଣାମ ସମ୍ପର୍କରେ ମୁଁ ପୂର୍ବରୁ ଲେଖିଥିଲେ ବି ପୁନର୍ବାର ସଂକ୍ଷେପରେ ଦୋହରାଉଛି। ଏକ ସରକାରୀ ସର୍ଭେ ଅନୁଯାୟୀ ୨୦୧୮ରେ ବେରୋଜଗାର ହାର ୬% ଥିଲା ଓ ସେବେଠାରୁ ଏହା ଅଧିକ ରହିଆସିଛି। ୨୦୧୭ ପରଠାରୁ ପ୍ରତିବର୍ଷ କୃଷିକୁ ଫେରୁଥିବା ଲୋକଙ୍କ ହାର ବୃଦ୍ଧି ପାଇବାରେ ଲାଗିଛି। ଏହାପରେ ରିପୋର୍ଟ ମାନୁଫାକ୍ଚରିଂକୁ ଫେରିଛି। ୨୦୨୨ ସୁଦ୍ଧା ମୋଦି ସରକାର ମାନୁଫାକ୍ଚରିଂ ସେକ୍ଟରରେ ଅଭିବୃଦ୍ଧି ଦୁଇଗୁଣ କରିବାକୁ ଚାହାନ୍ତି ବୋଲି ଏହା ଦର୍ଶାଇଛି। କିନ୍ତୁ ୨୦୧୮ରେ ମାନୁଫାକ୍ଚରିଂ ଅଭିବୃଦ୍ଧି ହାର ଥିଲା ୧୬% ଓ ଏବେ ଏହା ୧୪%। ଅର୍ଥାତ୍ ବୃଦ୍ଧିପାଇବା ବଦଳରେ ଏହା କମିଛି। ଏହାପରେ ରିପୋର୍ଟରେ କୃଷକଙ୍କ ଦୁଇଗୁଣ ଆୟ ବିଷୟ ବି ରହିଛି। ଏହା ଉପରେ ଅଧିକ ସମୟ ନଷ୍ଟ କରିବା ଉଚିତ ନୁହେଁ, କାରଣ କୃଷକମାନେ ଏକ ଦୀର୍ଘ ସଫଳ ପ୍ରତିବାଦରେ ସେମାନଙ୍କ ମତ ପ୍ରକାଶ କରିସାରିଛନ୍ତି।

ଭାରତକୁ ବିଭିନ୍ନ ଦେଶରୁ ଆସୁଥିବା ପର୍ଯ୍ୟଟକଙ୍କ ଆଗମନ ହାର ୧.୧୮%ରୁ ୩%କୁ ବୃଦ୍ଧି କରାଯିବା ପାଇଁ ଉକ୍ତ ରିପୋର୍ଟରେ ଉଲ୍ଲେଖ କରାଯାଇଥିଲା। ଏହା ମଧ୍ୟ ଉଲ୍ଲେଖ କରାଯାଇଥିଲା ଯେ, ଭାରତକୁ ଆସୁଥିବା ବିଦେଶୀ ପର୍ଯ୍ୟଟକଙ୍କ ସଂଖ୍ୟା ୮୮ ଲକ୍ଷରୁ ବୃଦ୍ଧି କରି ୧.୨ କୋଟି କରାଯିବ। ହେଲେ ଏସବୁ ହୋଇପାରିଲା ନାହିଁ। ଏହି ରିପୋର୍ଟ ଏମିତି ବହୁ ବିଷୟରେ ପ୍ରତିଶ୍ରୁତି ଦେଇଛି,ଯାହା ବାସ୍ତବତାରୁ ବହୁ ଦୂରରେ। ୨୦୨୨ ଆସି ଚାଲିଗଲାଣି ଓ ଆମେ ସବୁ ପରିଣାମ ଦେଖିବାକୁ ପାଇଛୁ। କିନ୍ତୁ ଏବେ ଏହି ରିପୋର୍ଟ ସମ୍ପର୍କରେ କେହି ଆଲୋଚନା କରୁଥିବା କେବେ ଶୁଣିଛନ୍ତି କି? ମନେରଖିବାକୁ ହେବ, ଏହାକୁ ସ୍ୱୟଂ ପ୍ରଧାନମନ୍ତ୍ରୀ ସବୁଜ ସଙ୍କେତ ଦେଇଥିଲେ। କେରଳର ସାହିତ୍ୟ ଉତ୍ସବରେ ୨୦୧୪ ପରଠାରୁ ସମସ୍ତ ତଥ୍ୟ ଉପସ୍ଥାପନ କରିବା ପରେ ଜଣେ ମୋତେ ପଚାରିଲେ, କାହିଁକି ଏସବୁ ବିଷୟରେ ଅଧିକ ଲୋକ ଜାଣିପାରିଲେ ନାହିଁ। କିନ୍ତୁ ବାସ୍ତବରେ ସେମାନେ ଏହା ଜାଣିଛନ୍ତି। ଏ ସମ୍ପର୍କିତ ଅଧିକ ସୂଚନା ଓ ତଥ୍ୟ ସରକାର ପକ୍ଷରୁ ହିଁ ପ୍ରକାଶପାଇଛି। ପିରିୟଡିକ୍ ଲେବର ଫୋର୍ସ ସର୍ଭେ ସ୍ୱୀକାର କରିଛି, ଆଧୁନିକ ଅର୍ଥ ବ୍ୟବସ୍ଥାରେ ସାମିଲ ହେବା ବଦଳରେ ଅଧିକ ଲୋକ କୃଷି ମୁହାଁ ହୋଇଛନ୍ତି। ନିବେଶ ହାର, ପର୍ଯ୍ୟଟକ ଆଗମନ ଓ ଜିଡିପି ଅଭିବୃଦ୍ଧି ହାର ଏବଂ ଟ୍ୟାକ୍ସ-ଜିଡିପି ଅନୁପାତ ସମ୍ପର୍କରେ ତଥ୍ୟ ମଧ୍ୟ ସରକାର ତାଙ୍କ ପକ୍ଷରୁ ପ୍ରକାଶ କରିଛନ୍ତି। ସରକାର ଯାହା ପ୍ରତିଶ୍ରୁତି ଦେଇଥିଲେ କାହିଁକି ତା' ପାଇଁ ଉତ୍ତରଦାୟୀ ହେଉନାହାନ୍ତି କିମ୍ବା ସେ ସମ୍ପର୍କରେ କିଛି କହୁ ନାହାନ୍ତି ତାହା ଭାବିଲେ ଆଶ୍ଚର୍ଯ୍ୟ ହେବାକୁ ପଡ଼େ। ବାସ୍ତବରେ ଭାରତର ଜଟିଳ ସମସ୍ୟାଗୁଡ଼ିକୁ କିଭଳି ସମାଧାନ କରିବାକୁ ହେବ ସେ ସମ୍ପର୍କରେ ସରକାରଙ୍କର କୌଣସି ଧାରଣା ନାହିଁ। ଯଦି ଆମେ ନୀତି ଆୟୋଗର ରଣନୀତି କଥା ବିଚାର କରିବା ଓ ସେଥିରୁ ନିର୍ଯ୍ୟାସ କ'ଣ ଆସିଲା ସେଥିରେ ବି ଯେ କେହି ଆଶ୍ଚର୍ଯ୍ୟ ହେବେ। ପ୍ରକୃତ କଥା ହେଉଛି, ନୀତି ଆୟୋଗର କିଛି ଯୋଜନା ନାହିଁ। ପୁନଶ୍ଚ, ନୀତି ଆୟୋଗ ତା' ବିଫଳତାକୁ ନେଇ ଉତ୍ତରଦାୟୀ ହେବା ପାଇଁ କୌଣସି ଚାପରେ ଥିବାଭଳି ମନେ ହେଉନାହିଁ। ବାସ୍ତବତା ହେଉଛି, ସରକାର ଅତୀତରେ ଯାହା କରିଥିଲେ ତାହାକୁ ଏଡ଼ାଇ ଯାଇ କେବଳ ଆଗ କଥା କହୁଥିବାରୁ ସରକାରଙ୍କୁ ଉତ୍ତରଦାୟୀ କରିବା କଷ୍ଟକର

Email:aakar.patel@gmail.com

## su|do|ku
Puzzles by Srikant Ghosh

## ସୁ-ଡୋ-କୁ

| | | | | | | | | |
|---|---|---|---|---|---|---|---|---|
| | | | | | | 8 | 3 | |
| | 6 | | | | 2 | | | 1 |
| 2 | 1 | | | | | | | |
| 9 | | | 5 | | | 4 | | |
| 1 | | | 6 | | | | 2 | |
| | | | | 4 | | | 1 | 5 |
| 6 | | | | | | | | |
| 8 | 9 | | | 5 | | 6 | | |
| | 4 | | | | 7 | | | 8 |

ଏହାର ଉତ୍ତର ଆସନ୍ତା କାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 1 | 5 | 9 | 2 | 6 | 3 | 7 | 4 | 8 |
| 7 | 2 | 8 | 5 | 4 | 1 | 6 | 9 | 3 |
| 4 | 6 | 3 | 9 | 8 | 7 | 1 | 2 | 5 |
| 5 | 8 | 6 | 4 | 9 | 2 | 3 | 1 | 7 |
| 2 | 1 | 4 | 3 | 7 | 5 | 9 | 8 | 6 |
| 3 | 9 | 7 | 8 | 1 | 6 | 2 | 5 | 4 |
| 6 | 4 | 2 | 1 | 3 | 8 | 5 | 7 | 9 |
| 8 | 7 | 1 | 6 | 5 | 9 | 4 | 3 | 2 |
| 9 | 3 | 5 | 7 | 2 | 4 | 8 | 6 | 1 |

ଗତ କାଲିର ଉତ୍ତର

# କାହା ପାଇଁ ବଜେଟ



ଡ. ସନ୍ତୋଷ କୁମାର ମହାପାତ୍ର

ଫେବୃୟାରୀ ୧ରେ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ୨୦୨୩-୨୪ ବର୍ଷ ପାଇଁ କେନ୍ଦ୍ର ବଜେଟ ଉପସ୍ଥାପନ କରିଛନ୍ତି। ଏହା ତାଙ୍କ ଜୀବନର ୫ମ ତଥା ଆଗାମୀ ଲୋକ ସଭା ନିର୍ବାଚନ ପୂର୍ବର ପୂର୍ଣ୍ଣାଙ୍ଗ ବଜେଟ। ସାଧାରଣତଃ ଯେଉଁ ଦଳ ଶାସନ କରୁ ବା ଯିଏ ପ୍ରଧାନମନ୍ତ୍ରୀ ବା ଅର୍ଥମନ୍ତ୍ରୀ ହୁଅନ୍ତୁନା କାହିଁକି, ପ୍ରତ୍ୟେକ ବର୍ଷ ଅଧିକ ଟିକସ ଆଦାୟ ବୃଦ୍ଧି ଘଟିବ ଏବଂ ବଜେଟର ଆକାର ବୃଦ୍ଧି ପାଇବ। ଏପରିକି ମୁଦ୍ରାସ୍ଫୀତି ଯୋଗୁ ନାମାଙ୍କନ ମୂଲ୍ୟରେ ଆପେ ଆପେ ବୃଦ୍ଧି ହେବ। ୨୦୨୨-୨୩ରେ ମୁଦ୍ରାସ୍ଫୀତି ଯୋଗୁ ନାମାଙ୍କନ ଜିଡିପି ଧାର୍ଯ୍ୟ ୧୧.୧% ବଦଳରେ୧୫.୪% ବୃଦ୍ଧି ପାଇବା ଯୋଗୁ ରାଜସ୍ୱ ବୃଦ୍ଧି ସହିତ ବିଭିନ୍ନ ନିଅଣ୍ଟକୁ ଧାର୍ଯ୍ୟ ଲକ୍ଷ୍ୟ ଅନୁସାରେ ନିୟନ୍ତ୍ରଣ କରିଛନ୍ତି।

ଯେପରି ୧୯୫୦-୫୧ରେ ନାମାଙ୍କନ ଜିଡିପି ୧୦,୦୩୬ କୋଟି ଟଙ୍କା ଥିଲାବେଳେ ବଜେଟର ଆକାର ମାତ୍ର ୩୫୭.୪୯ କୋଟି ଟଙ୍କା ଥିଲା। ୨୦୨୨-୨୩ରେ ନାମାଙ୍କନ ଜିଡିପି ୨୭୩.୦୮ ଲକ୍ଷ କୋଟି ଟଙ୍କା ଏବଂ ୨୦୨୩-୨୪ରେ ୩୦୧. ୭୫ ଲକ୍ଷ କୋଟି ଟଙ୍କା ହେବ ବୋଲି ଆକଳନ କରାଯାଇଛି। ୨୦୨୨-୨୩ରେ ମୋଟ ବ୍ୟୟ ବରାଦ ୩୯.୪୫ ଲକ୍ଷ କୋଟି ଟଙ୍କା ଧାର୍ଯ୍ୟ କରାଯାଇଥିଲା ବେଳେ ସଂଶୋଧିତ ଅଟକଳରେ ଏହା ୪୧.୯ ଲକ୍ଷ କୋଟି ଟଙ୍କାକୁ ବୃଦ୍ଧି ପାଇଥିଲା। ୨୦୨୩-୨୪ ବଜେଟରେ ୪୫ ଲକ୍ଷ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ହେବ ବୋଲି ଆକଳନ କରାଯାଇଛି। ଯେହେତୁ ବଜେଟ ଆକାର ଆପେ ଆପେ ବୃଦ୍ଧି ପାଉଛି, ଯିଏ ଶାସନ କରୁନା କାହିଁକି କିଛି ନୂତନ ଯୋଜନା କରିବ, ପୁରୁଣା ଯୋଜନାକୁ ଅଧିକ ସକ୍ରିୟ କରିବ। ଏଣୁ କିଛି ଯୋଜନାକୁ ଭିତ୍ତିକରି ବଜେଟର ଭଲ ମନ୍ଦ ବିଚାର କରାଯାଏ ନାହିଁ।

ଏକ ବଜେଟରେ ବ୍ୟୟ ବୃଦ୍ଧି ଘଟିଛି ବୋଲି କୁହାଯିବ, ଯଦି ଏହା ନାମାଙ୍କନ ବୃଦ୍ଧି ସହିତ ତାଳ ଦେଇ ବୃଦ୍ଧିପାଏ ବା ମୋଟ ଜିଡିପି ଅନୁସାରେ ବୃଦ୍ଧିପାଏ। ଅର୍ଥମନ୍ତ୍ରୀ ୨୦୨୨-୨୩ ବଜେଟ ଆକଳନ ବେଳେ ନାମାଙ୍କନ ଅଭିବୃଦ୍ଧି ୧୧.୧% ଏବଂ ବାସ୍ତବ ଅଭିବୃଦ୍ଧି ୮ରୁ ୮.୫% ହେବ ବୋଲି ଆକଳନ କରିଥିଲେ। କିନ୍ତୁ ବାସ୍ତବ ଅଭିବୃଦ୍ଧି ମାତ୍ର ୭% ହୋଇଛି। ମୁଦ୍ରାସ୍ଫୀତି ଯୋଗୁ ନାମାଙ୍କନ ଅଭିବୃଦ୍ଧି ୧୯% ହୋଇଛି। ୨୦୨୩-୨୪ ନାମାଙ୍କନ ଅଭିବୃଦ୍ଧି ୧୦.୫% ଧାର୍ଯ୍ୟ କରାଯାଇଥିଲାବେଳେ ବଜେଟ ବ୍ୟୟବରାଦ ଗତବର୍ଷର ସଂଶୋଧିତ ଅଟକଳ ଉପରେ ମାତ୍ର ୭% ବୃଦ୍ଧି କରାଯାଇଛି, ଯାହା ଧାର୍ଯ୍ୟ ନାମାଙ୍କନ ବୃଦ୍ଧିଠାରୁ କେବଳ କମ୍ ନୁହେଁ, ବାସ୍ତବ ବୃଦ୍ଧି (ମୁଦ୍ରାସ୍ଫୀତିକୁ ବିଚାରକୁ ନେଲେ) ମଧ୍ୟ ବିୟୁକ୍ତାତ୍ମକ ହେବ। ଏହା ସୂଚାଉଛି ଏକ ସଙ୍କୁଚିତ ବଜେଟ ଉପସ୍ଥାପନ କରାଯାଇଛି। ଅତ୍ୟନ୍ତ ଚିନ୍ତାଜନକ ୨୦୨୦-୨୧ରେ ମୋଟ ବ୍ୟୟବରାଦ ଜିଡିପିର ୨୦% ଥିଲାବେଳେ ୨୦୨୧-୨୨ରେ ୧୫.୯୩%, ୨୦୨୨-୨୩ରେ ୧୫.୩୪%କୁ ଖସି ଆସିଛି। ୨୦୨୩-୨୪ରେ ଏହା ହ୍ରାସ ପାଇ ୧୪.୯୧% ହେବ ବୋଲି ଆକଳନ କରାଯାଇଛି। ପୁନଶ୍ଚ ଅନ୍ୟ ଦେଶ ତୁଳନାରେ ଭାରତରେ ଏହା ବହୁତ କମ। ଏହା ଫ୍ରାନ୍ସରେ ୫୯.୦୫%, ୟୁରୋ ଅଞ୍ଚଳ (୫୪.୧%), ସିଡେନ (୪୯.୮୬ %), ଆମେରିକାରେ ୪୨.୯୬%, ବ୍ରିଟେନ (୪୪.୮୭%)।

କେନ୍ଦ୍ର ସରକାରଙ୍କ ବ୍ୟୟ ଜିଡିପି ଅନୁସାରେ କେବଳ ସଙ୍କୁଚିତ ହେଉନି ବରଂ ରାଜ୍ୟକୁ ଦେଉଥିବା ତାଙ୍କ ଅଂଶ ହ୍ରାସ ପାଉଛି, ଯାହା ସଙ୍ଘୀୟ ବ୍ୟବସ୍ଥାର ପରିପନ୍ଥୀ। ଅର୍ଥ କମିଶନ ଅନୁସାରେ ବିଭାଜିତ ପାଣ୍ଠିରୁ ରାଜ୍ୟଗୁଡ଼ିକ ୪୨% (ଜମ୍ମୁ ଓ କଶ୍ମୀରକୁ ଦୁଇଭାଗ ଯୋଗୁ ପଞ୍ଚଦଶ ଅର୍ଥ କମିଶନ ଅନୁସାରେ ୪୧%) ପାଇବା କଥା। କିନ୍ତୁ ସରଚାର୍ଜ, ସେସ୍ ଯୋଗୁ ଏହା କମ୍ ମିଳୁଛି। କାରଣ ସରଚାର୍ଜ, ସେସ୍ ଦ୍ୱାରା ସଂଗୃହିତ ସମ୍ବଳରେ ରାଜ୍ୟର କିଛି ଅଂଶ ନଥାଏ। ୨୦୧୬-୧୭ ବେଳେ ରାଜ୍ୟଗୁଡ଼ିକ କେନ୍ଦ୍ରୀୟ ବିଭାଜନ ପାଣ୍ଠିରୁ ୩୫% ପାଉଥିଲା ବେଳେ ୨୦୨୨-୨୩ରେ ୩୧.୧୭% ପାଇଥିଲେ। ୨୦୨୩-୨୪ରେ ଏହା ୩୦.୩% ହ୍ରାସ ପାଇବ। ପୁନଶ୍ଚ ଜିଡିପି ଅନୁସାରେ ରାଜ୍ୟକୁ କେନ୍ଦ୍ରର ମୋଟ ସମ୍ବଳ ହସ୍ତାନ୍ତର ଯାହା ୨୦୨୦-୨୧ରେ ୬.୯୧% ଥିଲା, ତାହା ୨୦୨୨-



୨୩ରେ ୬.୨୬%କୁ ହ୍ରାସ ପାଇଥିଲା। ପୁନଶ୍ଚ ୨୦୨୩-୨୪ରେ ଏହା ୬.୧୭%କୁ ହ୍ରାସ ପାଇବ।

ପ୍ରଧାନମନ୍ତ୍ରୀ କହିଛନ୍ତି , ବଜେଟ ଅମୃତ କାଳର ପ୍ରଥମ ବଜେଟ ଏବଂ ଏହା ସମାଜର ଅବହେଳିତ ଶ୍ରେଣୀଙ୍କ ଆଶା ପୂରଣ କରିବ। କିନ୍ତୁ ଯେଉଁ ମନରେଗା ଯୋଜନା ଅନେକ ଗରିବଙ୍କୁ ନିଯୁକ୍ତି ଯୋଗାଇଥିଲା, ବିଶେଷକରି କରୋନା ସମୟରେ ତାଙ୍କ ଜୀବନ ଓ ଜୀବିକା ବଞ୍ଚାଇଦେଇଛି ସେହି ଯୋଜନାରେ ବ୍ୟୟ ବରାଦ ହ୍ରାସ କରାଯାଇଛି। ୨୦୨୨-୨୩ର ସଂଶୋଧିତ ଅଟକଳରେ ଏହି ଯୋଜନା ବାବଦ ବ୍ୟୟ ବରାଦ ୯୮,୦୦୦ କୋଟି ଟଙ୍କା ହୋଇଥିଲାବେଳେ ୨୦୨୨-୨୩ ସଂଶୋଧିତ ଅଟକଳରେ ଏହା ୮୯,୪୦୦ କୋଟି ଟଙ୍କାକୁ ହ୍ରାସ ପାଇଥିଲା। ଏହି ବଜେଟରେ ମାତ୍ର ୬୦,୦୦୦ କୋଟି ଟଙ୍କା ଧାର୍ଯ୍ୟ କରାଯାଇଛି। ସେହିପରି ଗରିବ, ଚାଷୀଙ୍କ ପାଇଁ ଆବଶ୍ୟକ ପେଟ୍ରୋଲିୟମ, ଖାଦ୍ୟ ଓ ତୈଳ ସବ୍‌ସିଡି ପରିମାଣ ୨୦୨୨-୨୩ ଅନୁସାରେ ୨୮.୩% ହ୍ରାସ କରାଯାଇ ଏହି ବଜେଟରେ ୩.୭୪ ଲକ୍ଷ କୋଟି ଟଙ୍କାରେ ଧାର୍ଯ୍ୟ କରାଯାଇଛି। ଚାଷୀଙ୍କ ମୁଣ୍ଡପିଛା ଆୟ ଦେଶବାସୀଙ୍କ ହାରାହାରି ମୁଣ୍ଡପିଛା ଆୟଠାରୁ କମ ରହିଛି। ମହାମାରୀ ସମୟରେ କୃଷିକ୍ଷେତ୍ରରେ ଯୁକ୍ତାତ୍ମକ ଅଭିବୃଦ୍ଧି ହୋଇଥିଲା। କିନ୍ତୁ କୃଷି ଓ କୃଷକ କଲ୍ୟାଣ ମନ୍ତ୍ରଣାଳୟର ବ୍ୟୟ ବରାଦ ୭% ହ୍ରାସ କରାଯାଇଛି। ପିଏମ୍ କିଶାନ ଯୋଜନାରେ ବ୍ୟୟ ବରାଦ ଆଦୌ ବୃଦ୍ଧି ହୋଇନାହିଁ। ଶିକ୍ଷା ସ୍ୱାସ୍ଥ୍ୟ ପରି ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରରେ ବ୍ୟୟବରାଦ ସାମାନ୍ୟ ବୃଦ୍ଧି ଘଟିଛି। ବଜେଟରେ, ପୁଞ୍ଜି ବ୍ୟୟ କଥା କୁହାଯାଉଛି, କିନ୍ତୁ ଅନେକ ପ୍ରକଳ୍ପ ଠିକ୍ ସମୟରେ ସମ୍ପୂର୍ଣ୍ଣ ନ ହେବା ଯୋଗୁ ଧାର୍ଯ୍ୟ ବ୍ୟୟବରାଦ ବୃଦ୍ଧି ପାଉଛି। ସଞ୍ଚୟ ଓ ନିବେଶ ୨୦୦୭-୦୮ଠାରୁ ଜିଡିପି ଅନୁସାରେ ଦ୍ରୁତ ଗତିରେ ହ୍ରାସ ପାଇ ଚାଲିଛି।

ଏକ ବଜେଟକୁ ଭଲ କୁହାଯିବ, ଯଦି ବିତ୍ତୀୟ ଶୃଙ୍ଖଳା ବଜାୟ ରଖିବା ସହିତ ସରକାର ପୁଞ୍ଜିପତି, ଶିଳ୍ପପତିଙ୍କ ତଥା ଧନିକ ଶ୍ରେଣୀଠାରୁ ଅଧିକ ହାରରେ ଟିକସ ଆଦାୟ କରି ବିଭିନ୍ନ କ୍ଷେତ୍ରରେ ମୁଦ୍ରାସ୍ଫୀତିକୁ ବିଚାରକୁ ନେଲା ପରେ ଆହୁରି ଅଧିକ ବ୍ୟୟ କରନ୍ତି ଏବଂ ବିଭିନ୍ନ ଜନହିତକର କ୍ଷେତ୍ରରେ ଅଧିକ ବ୍ୟୟ କରିବା ସହିତ ନିଯୁକ୍ତି ବୃଦ୍ଧି ଓ ଦାରିଦ୍ର୍ୟ, ବେକାରି, କ୍ଷୁଧା, ବାସହୀନତା ଓ ବୈଷମ୍ୟ ହ୍ରାସ କରିବା ସହିତ ସାମ୍ପ୍ରତିକ ଆର୍ଥିକ ସମସ୍ୟାର ସମାଧାନ ପାଇଁ ଚେଷ୍ଟା କରିଥା'ନ୍ତି ଏବଂ ସର୍ବୋପରି ସାଧାରଣ ଜନତାଙ୍କ ଜୀବନ ଧାରଣର ମାନରେ ଉନ୍ନତି ଆଣିବା ସହିତ ପ୍ରୟାସ କରିଥା'ନ୍ତି। କିନ୍ତୁ ବଜେଟରେ ଏସବୁ ପ୍ରତି ଧ୍ୟାନ ଦିଆଯାଇନାହିଁ। ଅତି ଧନୀଙ୍କ ଉପରୁ ଆଦାୟ ହେଉଥିବା ସରଚାର୍ଜ ହାର ହ୍ରାସ କରିବା ବେଳେ ଗରିବ ଓ ମଧ୍ୟବିତ୍ତକୁ ବାଧୁଥିବା ଓ ମୁଦ୍ରାସ୍ଫୀତି ବୃଦ୍ଧି କରୁଥିବା ପରୋକ୍ଷ କର ମାଧ୍ୟମରେ ଅଧିକ ସମ୍ବଳ ସଂଗ୍ରହ କରୁଛନ୍ତି। ଏହି ବଜେଟ ଗରିବଙ୍କ ପାଇଁ ନୁହେଁ, ଧନୀଙ୍କ ପାଇଁ ଉଦ୍ଦିଷ୍ଟ।

ମୋ: ୯୪୩୭୨୦୮୭୬୨

# ମହିମା ଗୋସେଇଁଙ୍କ ମହିମା ଧର୍ମ



ଡ. ଉଦ୍ଧବ ଚରଣ ନାୟକ

ମହିମା ଧର୍ମ ଓଡ଼ିଶାର ନିଜସ୍ୱ ଧର୍ମ। ବିଶ୍ୱର ଅନ୍ୟତମ ଶ୍ରେଷ୍ଠ ଏକେଶ୍ୱରବାଦ ଧର୍ମ ଭାବରେ ଏହା ସୁପରିଚିତ। ମହିମା ଧର୍ମ ଏକ ସ୍ୱତନ୍ତ୍ର ଧର୍ମ ନୁହେଁ। ଏହା ଏକ ରୁଚିପୂର୍ଣ୍ଣ ବିଚାର। ହିନ୍ଦୁଧର୍ମରେ ସଂସ୍କାର ଆନୟନକାରୀ ମହାନ୍ ମତବାଦ। ହିନ୍ଦୁ ସମାଜରେ ପ୍ରଚଳିତ ଜାତିଭେଦ, ପ୍ରତିମା ପୂଜା ଓ ବ୍ରାହ୍ମଣ୍ୟ ଧର୍ମର ପରାଭବରୁ ସମାଜକୁ ମୁକ୍ତ କରି ସୁସ୍ଥ ରଖିବା ହେଲା ମହିମା ଧର୍ମର ମୂଳଲକ୍ଷ୍ୟ। କୁସଂସ୍କାର ଓ ଅନ୍ଧବିଶ୍ୱାସକୁ ପରିହାର ପୂର୍ବକ ଶୂନ୍ୟ ବ୍ରହ୍ମଙ୍କଠାରେ ଶରଣ ପଶିବା ବା ଆତ୍ମସମର୍ପଣ କରିବା ହେଲା ଏହି ଧର୍ମର ମୂଳତତ୍ତ୍ୱ। ବିଶ୍ୱନିୟତା ଶୂନ୍ୟପୁରୁଷ ବା ଅଲେଖ ପୁରୁଷ ସର୍ବବ୍ୟାପୀ। ତାଙ୍କର ଆକାର ନାହିଁ, ସେ ନିରାକାର, ଅଣାକାର। ତାଙ୍କ ମହିମାରେ ଚନ୍ଦ୍ର ସୂର୍ଯ୍ୟ ଗ୍ରହ ନକ୍ଷତ୍ର ଆଦି ଆତଯାତ। ତାଙ୍କ ମହିମା ଲେଖିବା ସମ୍ଭବ ନୁହେଁ। ତେଣୁ ସେ 'ଅଲେଖ'। ହିନ୍ଦୁ ଜଗତରେ ପ୍ରଚଳିତ ତେତ୍ରିଶ କୋଟି ଦେବଦେବୀଙ୍କ କଳ୍ପନା ଓ ଆରାଧନା, ବ୍ରାହ୍ମଣ୍ୟ ଧର୍ମର ଆଧିପତ୍ୟ ତଥା ବାହ୍ୟ ଆଡ଼ମ୍ବରକୁ ପ୍ରତ୍ୟାଖ୍ୟାନ ପୂର୍ବକ ଶୂନ୍ୟ ବ୍ରହ୍ମଙ୍କ ଉପାସନା ହେଉଛି ଏହି ଧର୍ମର ମୂଳଲକ୍ଷ୍ୟ। ମହିମା ଧର୍ମର ପ୍ରାଣ ପ୍ରତିଷ୍ଠାତା ହେଉଛନ୍ତି 'ମହିମା ସ୍ୱାମୀ' ବା 'ମହିମା ଗୋସେଇଁ'। ତାଙ୍କର ଜନ୍ମସ୍ଥାନ, ପିତାମାତା ଓ ଜନ୍ମ ସମୟ ସମ୍ପର୍କରେ କୌଣସି ସଠିକ୍ ତଥ୍ୟ ମିଳେ ନାହିଁ। ଫଳରେ ମହିମା ଧର୍ମୀମାନେ ତାଙ୍କୁ 'ଅଯୋନି ସମ୍ଭୂତ' ଭାବରେ ଆଖ୍ୟାୟିତ କରନ୍ତି। ଯାହା ଜଣାଯାଏ ୧୮୨୬ ମସିହାରେ ମହିମା ସ୍ୱାମୀଙ୍କର ଆବିର୍ଭାବ ଘଟିଥିଲା ଶ୍ରୀକ୍ଷେତ୍ର ପୁରୀ ବଡ଼ଦାଣ୍ଡରେ 'ଧୂଳିଆ ଗୋସେଇଁ' ଭାବରେ। ଏହାପରେ ସେ ଖଣ୍ଡଗିରି ଚାଲିଆସି ନିଭୃତ ଅରଣ୍ୟରେ ସାଧନାରତ ଥିଲେ। ଏଠାରେ ବରମୁଣ୍ଡା ଗ୍ରାମନିବାସୀ ଭାଗ୍ୟଧର ଦଳେଇ ତାଙ୍କୁ ପ୍ରତ୍ୟହ ନୀର ଯୋଗାଉଥିଲେ। ସେ ତାକୁ ପାନ କରି ୧୨ ବର୍ଷ ବିତାଇଥିବାରୁ ଏହି ସମୟରେ ତାଙ୍କୁ ନିରାହାରୀ ଗୋସେଇଁ ଭାବରେ ଆଖ୍ୟାୟିତ କରାଯାଇଥିଲା। ୧୮୩୮ରେ ସେ ଢେଙ୍କାନାଳର କପିଳାସଠାରେ ୨ଟି ପର୍ଯ୍ୟାୟରେ ଦୀର୍ଘ ୨୪ ବର୍ଷ କାଳ ଆତ୍ମଯୋଗ ସମାଧିରେ ରହିଥିଲେ। ପ୍ରଥମ ୧୨ ବର୍ଷ ସଦାନନ୍ଦ ଶବର ଦ୍ୱାରା ଫଳମୂଳ ପ୍ରାପ୍ତ ହୋଇ ଜୀବନ ଧାରଣ କରିଥିବାରୁ ତାଙ୍କୁ ଫଳାହାରୀ ଗୋସେଇଁ ଭାବରେ ଆଖ୍ୟାୟିତ କରାଯାଇଥିଲା। ସେହିପରି ଦ୍ୱିତୀୟ ୧୨ ବର୍ଷ ତତ୍କାଳୀନ ଢେଙ୍କାନାଳ ରାଜା ଭଗୀରଥ ମହିନ୍ଦ୍ର ବାହାଦୁର ତାଙ୍କୁ ପ୍ରତ୍ୟହ ଗୋ ଦୁଗ୍ଧ ନୂତନ ମୃତ୍ତିକା ଭାଣ୍ଡରେ ଯୋଗାଉଥିଲେ। ରାଜା ଭଗୀରଥ ଓ ତାଙ୍କର ପତ୍ନୀ ହୀରାପ୍ରଭା ଦେବୀ ମହିମା ସ୍ୱାମୀଙ୍କର ଗୃହୀଭକ୍ତ ପାଲଟି ଯାଇଥିଲେ। ୧୮୬୨ରେ ମହିମା ସ୍ୱାମୀ ତାଙ୍କର ଆତ୍ମଯୋଗ ସମାଧି ଶେଷ କରୁଥିବା ସମୟରେ ଗୋବିନ୍ଦ ବାବାଙ୍କୁ ସନ୍ନ୍ୟାସୀ ଧର୍ମରେ ଦୀକ୍ଷିତ କରି



ମିଶନ ଆରମ୍ଭ କରିଥିଲେ। ଏହାପରେ ମହିମା ସ୍ୱାମୀ ଖୋର୍ଦ୍ଧା ଜିଲାର ଦାରୁଠେଙ୍ଗ, ଅନ୍ଧାରୁଆ, ପଟିଆ ଆଦି ଅଞ୍ଚଳରେ ଭ୍ରମଣ କରି ପ୍ରଥମେ ଧୁନି ଘର ପ୍ରତିଷ୍ଠା କରି ବଉଦର ନରସିଂହ ଦାସ, କଟକ ସାଇଁଲୋ ଥାନା ଅନ୍ତର୍ଗତ ବ୍ରାହ୍ମଣବସ୍ତ ଗ୍ରାମର ଭଗବାନ ଦାସ, ଅନ୍ଧାରୁଆର କୃଷ୍ଣ ଦାସ, ଭାଇଗ ଦାସ ଓ ଦାରୁଠେଙ୍ଗର ମାଧବ ଦାସ, କୃପାସିନ୍ଧୁ ଦାସ ଓ ଅଚ୍ୟୁତାନନ୍ଦ ଦାସଙ୍କୁ ଶିଷ୍ୟତ୍ୱ ପ୍ରଦାନ ସହ ଗୋବିନ୍ଦ ବାବାଙ୍କ ଦ୍ୱାରା ବଲ୍କଳ ପ୍ରଦାନ କରି ସନ୍ନ୍ୟାସୀ ଶ୍ରେଣୀ ଅନ୍ତର୍ଭୁକ୍ତ କରିଥିଲେ। ସେହିଠାରେ ମହିମା ଧର୍ମର ନୀତିନିୟମ ଓ ତାଙ୍କ ପରିପ୍ରଚାରିତ ଧର୍ମକୁ ମହିମା ଧର୍ମ ଭାବରେ ଅଭିହିତ କରିଥିଲେ। ସେ ମହିମା ଧର୍ମ ପ୍ରଚାର ଆରମ୍ଭ କରିଥିବାରୁ ଶିଷ୍ୟ ସନ୍ନ୍ୟାସୀମାନେ ତାଙ୍କୁ ମହିମା ଗୋସେଇଁ ଭାବରେ ଆଖ୍ୟାୟିତ କରିଥିଲେ। ୧୮୬୨ରେ ରେଢ଼ାଖୋଲ କାଙ୍କଣପଡ଼ାଠାରେ ଭୀମଭୋଇଙ୍କୁ କୂପରୁ ଉଦ୍ଧାର କରି ମହିମା ଧର୍ମରେ ଦୀକ୍ଷିତ କରିବା ସହ ତାଙ୍କୁ କବିତ୍ୱ ପ୍ରଦାନ କରିଥିଲେ। ଏହାପରେ ମହିମା ସ୍ୱାମୀ ରାଜ୍ୟର ବିଭିନ୍ନ ଅଞ୍ଚଳରେ ମହିମା ଟୁଙ୍ଗି ଓ ଧୁନିଘର ସ୍ଥାପନ କରି ଧର୍ମ ପ୍ରଚାରରେ ବ୍ରତୀ ଥିଲେ। ସେ ଯେଉଁ ସ୍ଥାନରେ ଧୁନିଘର ସ୍ଥାପନ କରିଥିଲେ ସେଗୁଡ଼ିକ ହେଲା ଅନୁଗୋଳର ଅଙ୍ଗାରବନ୍ଧ, ହିନ୍ଦୋଳର ବ୍ରହ୍ମପୁର, ଆଠଗଡ଼ର ଖୁଣ୍ଟୁଣୀ, ଢେଙ୍କାନାଳର ମଡ଼ି(କାମାକ୍ଷାନଗର), ଯୋରନ୍ଦା, ବଉଳପୁର, କାଲୁରିଆ, କାଶିପୁର ଓ ଚୌଦ୍ୱାରର ଆଗ୍ରାହାଟ ଆଦି ପ୍ରଧାନ। ଏହି ସ୍ଥାନଗୁଡ଼ିକ ମହିମା ଧର୍ମ ଶିକ୍ଷାକେନ୍ଦ୍ର ବା ପ୍ରଚାର କେନ୍ଦ୍ର ଭାବରେ ବିବେଚିତ ହୋଇଥିଲା। ଏହାପରେ ବାଙ୍କୀର ମାଳବିହାରପୁର ଠାରେ ଧୁନିଘର ସ୍ଥାପନ କରି ବଲ୍କଳଧାରୀ ଶିଷ୍ୟ ନୃସିଂହ ଦାସ ବାବାଙ୍କ ଦ୍ୱାରା ୯୧ ଜଣଙ୍କୁ ବଲ୍କଳ ପ୍ରଦାନ କରି ସେମାନଙ୍କ ମଧ୍ୟରେ ୬୪ଜଣଙ୍କୁ ସିଦ୍ଧଭାବେ ଆଖ୍ୟାୟିତ କରିଥିଲେ। ନୃସିଂହବାବା ପରେ କୌପିନ ଧାରଣ କରି ବଲ୍କଳ ପ୍ରଦାନ କରୁଥିଲେ। ବଲ୍କଳ ପ୍ରଦାନରେ ନିଷେଧାଜ୍ଞା ଜାରି କରି ସେ ୧୮୭୪ରେ ଢେଙ୍କାନାଳର ଜହ୍ନାଠାରେ ୮୦ଜଣଙ୍କୁ ସିଦ୍ଧ କୌପିନ ବାନା ପ୍ରଦାନ କରି ସେମାନଙ୍କ ମଧ୍ୟରେ ୩୪ ଜଣଙ୍କୁ ସିଦ୍ଧ ଆଖ୍ୟା ପ୍ରଦାନ କରିଥିଲେ।

୧୮୭୬ରେ ମହିମା ସ୍ୱାମୀ ଯୋରନ୍ଦା ଆଶ୍ରମଠାରେ ଇହଲୀଳା ସାଙ୍ଗ କରିଥିଲେ। ସେଠାରେ ତାଙ୍କର ପ୍ରସିଦ୍ଧ ଶିଷ୍ୟ ସିଦ୍ଧ ବଡ଼ କୃପାସିନ୍ଧୁ ବାବା, ନୀଳାଦ୍ରି ବାବା, ସିଦ୍ଧ କୌପିନଧାରୀ ବିଦ୍ୟାଧର ବାବା ଓ ପରମାନନ୍ଦ ବାବାଙ୍କ ସହାୟତାରେ ସମାଧି ମନ୍ଦିର ନିର୍ମାଣ କରିବା ସହ ମଠ ଆଦି ନିର୍ମାଣ କରିଥିଲେ। କାରଣ ତାଙ୍କୁ ଢେଙ୍କାନାଳ ରାଜା ଭଗୀରଥ ମହିନ୍ଦ୍ର ବାହାଦୁର ଯୋରନ୍ଦା, ନାଟିମା ଓ ପଟଣା ଗ୍ରାମରେ ମଠ ନିର୍ମାଣ ପାଇଁ ୭୬ ଏକର ଜମି ନିଷ୍କର ଭାବରେ ପ୍ରଦାନ କରିଥିଲେ। ମହିମା ସ୍ୱାମୀ ଯୋରନ୍ଦା ଆଶ୍ରମ ଠାରେ ମାଘ ଶୁକ୍ଳ ଚତୁର୍ଦ୍ଦଶୀ ତିଥିରେ ମେଳା ମହୋତ୍ସବ ପାଳନ କରୁଥିବାରୁ ତାଙ୍କର ବ୍ରହ୍ମଲୀନ ପରେ ଭକ୍ତ ଓ ସନ୍ନ୍ୟାସୀମାନେ ସ୍ମୃତି ଉଦ୍ଦେଶ୍ୟରେ ପ୍ରତ୍ୟେକ ବର୍ଷ ଏହି ତିଥିରେ ମେଳା ଅନୁଷ୍ଠିତ କରୁଛନ୍ତି।

ମୋ: ୯୪୩୮୨୯୯୧୭୪

## ଏଇ ଭାରତରେ

କଦଳୀ ବର୍ଜ୍ୟରୁ ଆକର୍ଷଣୀୟ ଜିନିଷ ତିଆରିକରି ଅନ୍ୟମାନଙ୍କ ପାଇଁ ଉଦାହରଣ ସାଜିଛନ୍ତି ମଧ୍ୟପ୍ରଦେଶର ମେହୁଲ ଶ୍ରଫ୍। ସେ ପରିବେଶ ଉପଯୋଗୀ ଷ୍ଟାର୍ଟଅପ୍ 'ମେହୁଲ ଇଣ୍ଡଷ୍ଟ୍ରିଜ୍' ପ୍ରତିଷ୍ଠା କରି ତା' ମାଧ୍ୟମରେ ଏହି କାର୍ଯ୍ୟ କରୁଛନ୍ତି। କଦଳୀ ବର୍ଜ୍ୟର ତନ୍ତୁରୁ ସୁନ୍ଦର ଝୁଡି, ବ୍ୟାଗ୍, ଦଉଡ଼ି, ଝାଡୁ, କାନ୍ଥଘଣ୍ଟା ଫ୍ରେମ୍, ମ୍ୟାଟ୍, ଯୋଗ ମ୍ୟାଟ୍ ଆଦି ଜିନିଷ ତିଆରି କରାଯାଉଛି। ପ୍ରତିମାସରେ ୫ ଟନ୍ କଦଳୀ ବର୍ଜ୍ୟର ଉପଯୋଗ ହେଉଛି ଓ ଏହି ବ୍ୟବସାୟରୁ ମେହୁଲ ବର୍ଷକୁ ୩୦ ଲକ୍ଷ ଟଙ୍କାରୁ ଅଧିକ ରୋଜଗାର କରୁଛନ୍ତି। ଏମ୍‌ବିଏ ଶେଷକରି ମେହୁଲ ତାଙ୍କ ପାରିବାରିକ ବିଜ୍‌ନେସରେ ଯୋଗଦେଇଥିଲେ। କିନ୍ତୁ ପରେ ତାଙ୍କ ଅଞ୍ଚଳରେ ବିପୁଳ ପରିମାଣର କଦଳୀ ବର୍ଜ୍ୟକୁ କାମରେ ଲଗାଇବା ପାଇଁ ଯୋଜନା କରିଥିଲେ। ବୁରହାଁପୁରସ୍ଥିତ ନଭସାରି କୃଷି ବିଶ୍ୱବିଦ୍ୟାଳୟର କର୍ମଶାଳାରେ ଯୋଗ ଦେଇ କଦଳୀ ବର୍ଜ୍ୟର ଉପଯୋଗ ବିଷୟରେ ପ୍ରଶିକ୍ଷଣ ହାସଲ କରିବା ପରେ ୨୦୧୮ରେ ମେହୁଲ ଇଣ୍ଡଷ୍ଟ୍ରିଜ୍ ପ୍ରତିଷ୍ଠା କରିଥିଲେ। ବୁରହାଁପୁରରେ ୧୬,୦୦୦ ହେକ୍ଟର ଜମିରେ କଦଳୀ ଚାଷ ହେଉଥିବାରୁ ସେ ସହଜରେ ବର୍ଜ୍ୟ ପାଇପାରୁଛନ୍ତି ଓ କୃଷକମାନେ ବି ଆର୍ଥିକ ଦୃଷ୍ଟିରୁ ଲାଭବାନ୍ ହେଉଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୫ ଫେବୃୟାରୀ ୧୯୯୮

- ବ୍ରାଜିଲର ଜନବହୁଳ ସହର ସାଓପୋଲଠାରେ ନିଶା ଔଷଧର ଚେରା ବେପାରି ଏବଂ ପ୍ରଚୁର ମଦ୍ୟପାନ କାରଣରୁ ୬୭ ଜଣଙ୍କ ମୃତ୍ୟୁ।
- ଭାରତରତ୍ନ ଏ.ପି.ଜେ. ଅବଦୁଲ କାଲାମଙ୍କୁ 'ମ୍ୟାନ୍ ଅଫ୍ ଦି ଇୟର' ପୁରସ୍କାର ପ୍ରଦାନ।

## ଚିରନ୍ତନୀ

ଆସ ଗୋ ମୋର ଚପଳ ତାରା
ସନ୍ଧ୍ୟାରାଣୀ ଗଳାର ହାରା,
ଚାତକ ପ୍ରାଣେ ବରଷା ଧାରା, ସୁନ୍ଦରୀ
ଆସ ଗୋ ପ୍ରିୟେ ପରାଣ-ପଥେ ଗୁଞ୍ଜରି।
(ବର୍ଷା ନାୟିକା)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

# ପାଠକ ଶ୍ରେଷ୍ଠ ବିଚାରକ

## ଦୁର୍ନୀତି ବଢୁଛି କାହିଁକି

ମହାଶୟ,

କେନ୍ଦ୍ର ଓ ରାଜ୍ୟ ସରକାରମାନେ ଦୁର୍ନୀତିମୁକ୍ତ ପ୍ରଶାସନ ଯୋଗାଇ ଦେଉଛନ୍ତି ଓ ଦୁର୍ନୀତି ବିରୋଧରେ ଶୂନ୍ୟ ସହନଶୀଳତା ନୀତି ଅବଲମ୍ବନ କରୁଛନ୍ତି ବୋଲି ଦାବି କରୁଥିବା ବେଳେ ପ୍ରକୃତରେ ଦୁର୍ନୀତି କର୍କଟ ରୋଗ ପରି ମାଡ଼ିଯାଉଛି। ଏଥିପାଇଁ ସମଗ୍ର ଦେଶ ଭାରତକୁ ନିନ୍ଦା ଦୃଷ୍ଟିରେ ଦେଖୁଛନ୍ତି। ଏବେ ଦେଶବାସୀଙ୍କ ମନରେ ସ୍ୱତଃ ପ୍ରଶ୍ନ ହେଉଛି ଯେ, ଦୁର୍ନୀତି କରୁଛି କିଏ ଏବଂ ଏହା ହଟିବ କିପରି ? ଏହାର ଅତି ସହଜ ଉତ୍ତର ଅଛି। ରାଜନେତା ଓ ଅମଲାତନ୍ତ୍ରୀମାନେ ସବୁଠାରୁ ଅଧିକ ଦୁର୍ନୀତିଗ୍ରସ୍ତ। ଲୋକଦେଖାଣିଆ ଭାବରେ କିଛି ଅମଲାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେଉଛି। ଅବଶ୍ୟ ଏହା ସମୁଦ୍ରକୁ ଶଙ୍ଖେ ପରି। ତେବେ ସବୁଠାରୁ ଅଧିକ ସୁରକ୍ଷିତ ଅଛନ୍ତି ଦୁର୍ନୀତିଗ୍ରସ୍ତ ରାଜନେତାମାନେ। ସିବିଆଇ, ଇଡି, ଆୟକର ବିଭାଗ ଓ ଭିଜିଲାନ୍ସ ପରି ତଦନ୍ତକାରୀ ସଂସ୍ଥାଗୁଡ଼ିକ ରାଜନେତାଙ୍କ ପାଖରେ ପହଞ୍ଚି ପାରୁନାହାନ୍ତି। ବାସ୍ତବରେ ଦୁର୍ନୀତିର ମୁଖ୍ୟକାରଣ ହେଉଛି ସରକାରଙ୍କ ଉଦାସୀନତା ଓ ଜନସାଧାରଣଙ୍କର ଦୁର୍ନୀତି ସହିଷ୍ଣୁତା ଏବଂ ପ୍ରତିବାଦ ବିମୁଖତା। ରାଜନୀତିକୁ ସାଧୁ, ସଚ୍ଚୋଟ ଓ ନିଃସ୍ୱାର୍ଥପର ଲୋକ ଆସିଲେ ଓ ରାଜନେତା ତଥା ଅମଲାତନ୍ତ୍ରୀମାନେ ଦେଶବାସୀଙ୍କୁ ନିଜ ପରିବାର ବୋଲି ଭାବି ନିଃସ୍ୱାର୍ଥପର ଭାବେ କାର୍ଯ୍ୟ ସମ୍ପାଦନ କଲେ ହିଁ ଦେଶରୁ ଦୁର୍ନୀତି ହଟିପାରିବ।

- ଅକ୍ଷୟ କୁମାର ମହାନ୍ତି,
ହାଜିପୁର, ବିରିଡ଼ି, ଜଗତ୍‌ସିଂହପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ଗୋପାଳ ପଣ୍ଡା ବିଦ୍ୟାଳୟରେ ଛାତ୍ରଅଶାନ୍ତି

## ଶିକ୍ଷକଙ୍କ ଡେପୁଟେଶନ ନିର୍ଦ୍ଦେଶ ବାତିଲ ଦାବିରେ ଆନ୍ଦୋଳନ

**ରସୁଲପୁର,୪।୨(ଡି.ଏନ.ଏ.):**

ରସୁଲପୁର ବ୍ଲକ ଅଧୀନ ୫-ଟି ରୂପାନ୍ତରିତ ହିଙ୍ଗୁଳା ଗୋପାଳ ପଣ୍ଡା ସରକାରୀ ଉଚ୍ଚ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ମାଧବ ସ୍ୱାଇଁଙ୍କୁ ଅନ୍ୟ ବିଦ୍ୟାଳୟକୁ ୩ଦିନ ଡେପୁଟେଶନରେ ପଠାଇବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ମାତ୍ର ଉକ୍ତ ନିର୍ଦ୍ଦେଶନାମାକୁ ନେଇ ଛାତ୍ର ଅଶାନ୍ତି ଦେଖାଦେଇଛି। ବିଦ୍ୟାର୍ଥୀ, ଅଭିଭାବକ, କମିଟି ସଦସ୍ୟ ପ୍ରତିକ୍ରିୟାଶୀଳ ହୋଇପଡ଼ିଛନ୍ତି, ଯାହାର ପ୍ରତିଫଳନ ବିଦ୍ୟାଳୟର ଫାଟକ ସମ୍ମୁଖରେ ଶନିବାର ଦେଖିବାକୁ ମିଳିଛି। ଡେପୁଟେଶନ ନିର୍ଦ୍ଦେଶନାମା ପ୍ରତ୍ୟାହାର ଦାବିରେ ବିଦ୍ୟାର୍ଥୀ ଶ୍ରେଣୀ ଗୃହ ବର୍ଜନ କରିଛନ୍ତି। ୩୦୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଏହି ଦାବିରେ ବିଦ୍ୟାଳୟ ଆଗରେ ଧାରଣାରେ ବସିଥିଲେ। ଖବର ପାଇ ବ୍ଲକ ସହକାରୀ ଶିକ୍ଷାଧିକାରୀ ଅରୁଣ ସେଠି ପହଞ୍ଚି ପ୍ରଧାନଶିକ୍ଷକ କମଳ ଲୋଚନ ପଣ୍ଡାଙ୍କ ସହ ଆଲୋଚନା କରିଥିଲେ। ଏଥିସହିତ ଧାରଣାରତ ବିଦ୍ୟାର୍ଥୀଙ୍କୁ ବୁଝାଇଥିଲେ। ପିଲାଙ୍କ ସମସ୍ୟା ଉପରିସ୍ଥ ଅଧିକାରୀଙ୍କୁ ଅବଗତ କରାଇବାକୁ ପ୍ରତିଶ୍ରୁତି ଦେବାପରେ ପିଲାମାନେ ଶ୍ରେଣୀ କକ୍ଷକୁ ପ୍ରତ୍ୟାବର୍ତ୍ତନ କରିଥିଲେ। ଏଭଳିସ୍ଥିତି ପ୍ରଥମେ ଦର୍ଶନ ସରକାରୀ ହାଇସ୍କୁଲରେ ଘଟିଥିଲା। ଘଟଣା ସମ୍ପର୍କରେ ଅଭିଭାବକ ଓ ପରିଚାଳନା କମିଟି ସଦସ୍ୟ ଜିଲାପାଳଙ୍କୁ ଲିଖିତ ଅଭିଯୋଗ କରିଛନ୍ତି। ଡେପୁଟେଶନ ନିର୍ଦ୍ଦେଶ ବାତିଲ ପାଇଁ ଅଭିଯୋଗ ଜରିଆରେ ଅନୁରୋଧ କରିବା ସହ ଏହାର ନକଲ ଜିଲା ଶିକ୍ଷାଧିକାରୀ ଓ ବିଦ୍ୟାଳୟ ପ୍ରଧାନଶିକ୍ଷକଙ୍କୁ ପ୍ରଦାନ କରିଛନ୍ତି। ସୋମବାର ଅଭିଭାବକ ଜିଲାପାଳଙ୍କୁ ଭେଟିବେ ବୋଲି ମସୁଧା କରୁଛନ୍ତି। ଅନ୍ୟପକ୍ଷରେ ଅଭିଭାବକ ଓ ବିଦ୍ୟାର୍ଥୀଙ୍କ ଅଭିଯୋଗ ଆଧାରରେ ବିଦ୍ୟାଳୟ ପକ୍ଷରୁ ଜିଲାପାଳଙ୍କୁ ଚିଠି ଜରିଆରେ ଅବଗତ କରାଯିବ ବୋଲି ପ୍ରଧାନଶିକ୍ଷକ ପଣ୍ଡା ପ୍ରକାଶ କରିଛନ୍ତି।

ସୂଚନାଯୋଗ୍ୟ, ଶିକ୍ଷକ ସ୍ୱାଇଁଙ୍କୁ ଡେପୁଟେସନରେ ଯିବା ପାଇଁ ୧ ତାରିଖରେ ବିଦ୍ୟାଳୟକୁ ଚିଠି ଆସିଥିଲା। ପ୍ରଧାନଶିକ୍ଷକ ୬ତାରିଖ ଦିନ ସମ୍ପୃକ୍ତ ଶିକ୍ଷକଙ୍କୁ ଅନ୍ୟ ବିଦ୍ୟାଳୟକୁ ଯିବା ପାଇଁ ଅନୁମତି ପ୍ରଦାନ କରିବେ। ମାତ୍ର ଏଠାରେ ପିଲାଙ୍କ ଧାରଣା ପ୍ରଧାନଶିକ୍ଷକଙ୍କ ନିଷ୍ପତ୍ତି ନେବାରେ ବାଧା ସୃଷ୍ଟି କରୁଛି। ସେହିପରି ଅନୁରୂପସ୍ଥିତି ଦର୍ଶନ ହାଇସ୍କୁଲରେ ଦେଖାଯାଇଛି। ଏଠାରେ ଜଣେ ଶିକ୍ଷକଙ୍କୁ ଅନ୍ୟତ୍ର ଡେପୁଟେଶନରେ ଯିବା ପାଇଁ ଜିଲାପାଳଙ୍କ ପକ୍ଷରୁ ନିର୍ଦ୍ଦେଶକୁ ବିରୋଧ କରାଯାଇଛି। ଏକ ପ୍ରତିନିଧି ଦଳ ଜିଲାପାଳ ଓ ଜିଲା ଶିକ୍ଷାଧିକାରୀଙ୍କ ସହ ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି। ଆଲୋଚନା ବିଫଳ ହେଲେ ବିଦ୍ୟାର୍ଥୀ ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରିବେ ବୋଲି ବୋଲି ବିଶେଷ ସୂତ୍ରରୁ ଜଣାଯାଇଛି।



ବିଦ୍ୟାର୍ଥୀ ବିଦ୍ୟାଳୟ ଆଗରେ ଧାରଣାରେ ବସିଛନ୍ତି।

# ଝୁମାଇବେ ବଲିଉଡ୍, ଓଲିଉଡ୍ କଳାକାର



ଖବରଦାତା ସମ୍ମିଳନୀରେ ଜିଲାପାଳ, ଏସ୍‌ପି ଏବଂ ଅନ୍ୟ ଅଧିକାରୀ।

## ୮ରୁ ଯାଜପୁର ଜିଲା ମହୋତ୍ସବ, ପଲ୍ଲିଶ୍ରୀ ମେଳା

**ଯାଜପୁର ଟାଉନ,୪।୨(ଡି.ଏନ.ଏ.):**

ଯାଜପୁର ଜିଲା ମହୋତ୍ସବ-୨୦୨୩ ଏବଂ ପଲ୍ଲିଶ୍ରୀ ମେଳା 'ସଙ୍ଗମ' ପରିପ୍ରେକ୍ଷୀରେ ଶନିବାର ପୂର୍ବାହ୍ନରେ ଜିଲା ପରିଷଦ ସମ୍ମିଳନୀ କକ୍ଷରେ ଜିଲାପାଳ ଚକ୍ରବର୍ତ୍ତୀ ସିଂହ ରାଠୋରଙ୍କ ଅଧ୍ୟକ୍ଷତାରେ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ୮ରୁ ୧୩ ତାରିଖ ପର୍ଯ୍ୟନ୍ତ ଷଷ୍ଠ ଦିବସ ବ୍ୟାପୀ ଯାଜପୁର ଜିଲା ମହୋତ୍ସବ ଓ ପଲ୍ଲିଶ୍ରୀ ମେଳା ସଦର ମହକୁମା ବାଳାଶ୍ରମ ପଡ଼ିଆରେ ଅନୁଷ୍ଠିତ ହେବ ବୋଲି ଜିଲାପାଳ ରାଠୋର ସୂଚନା ଦେଇଛନ୍ତି। ମହୋତ୍ସବକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ କରକମଳରେ ଆଭାସୀ ମାଧ୍ୟମରେ ଉଦ୍‌ଘାଟନ କରାଯିବ। ମନ୍ତ୍ରୀ ପ୍ରମିଳା ମଲ୍ଲିକ, ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଓ ମନ୍ତ୍ରୀ ପ୍ରିତୀରଞ୍ଜନ ଘଡ଼ାଇଙ୍କ ସମେତ ଯାଜପୁର ଏମ୍‌ପି ଓ ବିଧାୟକମାନେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି ବୋଲି ଜିଲାପାଳ ସୂଚିତ କରିଥିଲେ। ମହୋତ୍ସବରେ ଜିଲାର ଚୟନ ଭିତ୍ତିରେ ଆଞ୍ଚଳିକ ସାଂସ୍କୃତିକ ଅନୁଷ୍ଠାନ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ସହ ବଲିଉଡ୍ ଏବଂ ଓଲିଉଡ୍‌ର ଖ୍ୟାତି ସମ୍ପନ୍ନ କଳାକାର ପ୍ରତ୍ୟେହ ସନ୍ଧ୍ୟାରେ ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରି ଦର୍ଶକଙ୍କୁ ଝୁମାଇବେ। ସେହିପରି ପଲ୍ଲିଶ୍ରୀ ମେଳାରେ ଜିଲାର ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ଦ୍ୱାରା ନିପୂଣ ହସ୍ତକଳା ଓ ହସ୍ତଶିଳ୍ପ ପ୍ରଦର୍ଶନ ସହ କୃଷି ମେଳା ମାଧ୍ୟମରେ ଆଧୁନିକ କୃଷି ଯନ୍ତ୍ରପାତିଗୁଡିକୁ ପ୍ରଦର୍ଶନ ପୂର୍ବକ କୃଷକ ଓ ଚାଷୀଙ୍କୁ ସଚେତନ କରାଯିବ। ୧୧ ତାରିଖରେ ଚୟନ ଭିତ୍ତିକ କବି ସମ୍ମିଳନୀ, ୧୨ରେ ଯାଜପୁର ଐତିହ୍ୟ ଓ ସଂସ୍କୃତି ଉପରେ ଆଲୋଚନାଚକ୍ର ଗୌତମ ବୁଦ୍ଧ ସଂସ୍କୃତି ଭବନଠାରେ ଅନୁଷ୍ଠିତ ହେବ। ମହୋତ୍ସବରେ ସ୍ୱତନ୍ତ୍ର ଫୁଡ୍ ଜୋନ କରାଯାଇ ଦର୍ଶକଙ୍କୁ ବିଭିନ୍ନ ପ୍ରକାର ଖାଦ୍ୟ ଯୋଗାଇବାର ବ୍ୟବସ୍ଥା କରାଯିବ ବୋଲି ଜିଲାପାଳ ସୂଚନା ଦେଇଥିଲେ।

ମହୋତ୍ସକୁ ଆସୁଥିବା ଦର୍ଶକଙ୍କ ୪ ଚକିଆ ଓ ୨ ଚକିଆ ଯାନ ନିମନ୍ତେ ସ୍ୱତନ୍ତ୍ର ରହଣୀ ସ୍ଥଳ (ପାର୍କିଂ ଜୋନ) ବ୍ୟବସ୍ଥା କରାଯାଇଛି। ପାଣିକୋଇଲି ଓ କୁଆଖିଆ ପଟୁ ଏବଂ ଭଦ୍ରକ ପଟୁ ଆସୁଥିବା ଦର୍ଶକଙ୍କ ନିମନ୍ତେ ଭିନ୍ନଭିନ୍ନ ସ୍ଥଳରେ ପାର୍କିଂ ସୁବିଧା ଯୋଗାଇ ଦିଆଯିବ। ମହୋତ୍ସବକୁ ଶାନ୍ତି ଶୃଙ୍ଖଳା ଓ ସର୍ବ ସଫଳତା ତଥା ସ୍ମରଣୀୟ ଓ ରାଜ୍ୟରେ ଦୃଷ୍ଟାନ୍ତ ସୃଷ୍ଟି କରିବା ଦିଗରେ ସମସ୍ତ ଗଣମାଧ୍ୟମ ପ୍ରତିନିଧି ଜିଲା ପ୍ରଶାସନକୁ ସହଯୋଗ କରିବାକୁ ଜିଲାପାଳ ଅନୁରୋଧ କରିଥିଲେ। ଉକ୍ତ ଖବରଦାତା ସମ୍ମିଳନୀରେ ଆରକ୍ଷୀ ଅଧୀକ୍ଷକ ବିନୀତ ଅଗ୍ରୱାଲ, ଅତିରିକ୍ତ ଜିଲାପାଳ ଦୁଃଖବନ୍ଧୁ ନାୟକ, ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଅଶୋକ କୁମାର ବେଉରିଆ, ଯାଜପୁର ବିଡିଓ ସୌରଭ ଚକ୍ରବର୍ତ୍ତୀ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଲକ୍ଷ୍ମଣ ବେହେରା, ଜିଲା ସଂସ୍କୃତି ଅଧିକାରୀ ଦୁର୍ଯ୍ୟୋଧନ ମଲ୍ଲିକ ପ୍ରମୁଖ ଯୋଗ ଦେଇଥିଲେ।

## ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com



@ ଆଶିଷ



@ ନାହାର



@ ସଞ୍ଜୀବ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ପ୍ରମାଣ ପାଇଲେ ନାହିଁ ତଦନ୍ତକାରୀ ଅଧିକାରୀ

## ମହିଳାଙ୍କ ଭତ୍ତା ଟଙ୍କା ହଡ଼ପ ଘଟଣା

**ଚଢ଼େଇଧରା,୪।୨(ଡି.ଏନ.ଏ.):**

ଧର୍ମଶାଳା ବ୍ଲକ ପୁରୁଣା ବଉଳମାଳ ପଞ୍ଚାୟତ ଗୟାସାହିର ଆଦିବାସୀ ବିଧବା ମହିଳା ପ୍ରମିଳା ସିଂଙ୍କ ଭତ୍ତା ଟଙ୍କା ହଡ଼ପ ଘଟଣାର ଶନିବାର ତଦନ୍ତ କରାଯାଇଛି। ଏଥିରେ ଅର୍ଥ ଆତ୍ମସାତର ପ୍ରମାଣ ପାଇନାହାନ୍ତି ତଦନ୍ତକାରୀ ଅଧିକାରୀ। ଜିଲା ସାମାଜିକ ସୁରକ୍ଷା ଅଧିକାରୀଙ୍କ ନେତୃତ୍ୱରେ ଆସିଥିବା ତଦନ୍ତକାରୀ ଦଳ ମହିଳାଙ୍କ ଉପସ୍ଥିତିରେ କାଗଜପତ୍ର ଯାଞ୍ଚ କରିଥିଲେ। ମହିଳା ୨ ବର୍ଷ ଧରି ଭତ୍ତା ଟଙ୍କା ନେଇ ନ ଥିବା ସ୍ପଷ୍ଟ ହୋଇଥିଲା। ମାତ୍ର ତାଙ୍କୁ କେହି ଠକି ନ ଥିବା କିମ୍ବା ତାଙ୍କ ଭତ୍ତା ବାବଦ ଟଙ୍କା କେହି ଆତ୍ମସାତ କରି ନ ଥିବା ଜଣାପଡ଼ିଥିଲା। ୩ ଜଣିଆ ତଦନ୍ତକାରୀ ଦଳ ଜାଣିବାକୁ ପାଇଛନ୍ତି, ମହିଳା ଭତ୍ତା ବଣ୍ଟନ ଦିନ କେବେ ଆସି ଟଙ୍କା ପାଇଁ ଦାବି କରିନାହାନ୍ତି। ତେବେ ସେ ବର୍ଷାଧିକ କାଳ ଭତ୍ତା ଟଙ୍କା ନେଇ ନ ଥିବାରୁ ତାଙ୍କୁ ଆଉ ପୂର୍ବ ଟଙ୍କା ଦିଆଯାବ ନାହିଁ ବୋଲି ତଦନ୍ତକାରୀ ଅଧିକାରୀ କହିଛନ୍ତି। ନିୟମ ଅନୁଯାୟୀ, ଜଣେ ହିତାଧିକାରୀ ଯଦି ଲଗାତାର ୩ ମାସ ଭତ୍ତା ନ ନେଇଥିବେ ତେବେ ସେ ଅଯୋଗ୍ୟ ଘୋଷିତ ହୋଇ ତାଲିକାରୁ ବାଦ ପଡ଼ିବେ। ମହିଳାଙ୍କୁ ଭତ୍ତା ଯୋଜନାରୁ ବାଦ ଦେବାକୁ ରିପୋର୍ଟ କରାଯାଇଛି। ସେ ପୁନର୍ବାର ଆବେଦନ କଲେ ଭତ୍ତା ପାଇବେ ବୋଲି ଅଧିକାରୀମାନେ ପ୍ରକାଶ କରିଛନ୍ତି।


ଭାରତ ସରକାର

**ରାଜକୁମାରୀ ଅମ୍ରିତ କୌର କଲେଜ ଅଫ୍ ନର୍ସିଂ**

ଲଜପତ ନଗର IV, ମୂଲଚାନ୍ଦ ମେଟ୍ରୋ ଷ୍ଟେଶନ ନିକଟ,
ନୂଆଦିଲ୍ଲୀ - ୧୧୦୦୨୪ । ଟେଲି. ନଂ.୦୧୧-୨୬୪୩୬୭୮୮, ୨୬୪୩୫୨୭୦
ଇ-ମେଲ୍: PRINCIPAL@RAKCON.COM

**ନାମଲେଖା ବିଜ୍ଞପ୍ତି**

**ଏମ୍.ଏସ୍‌ସି. ନର୍ସିଂ (ଶିକ୍ଷାବର୍ଷ ୨୦୨୩-୨୦୨୫)**

**ଦିଲ୍ଲୀ ବିଶ୍ୱବିଦ୍ୟାଳୟ ସହିତ ସହବନ୍ଧିତ**

ଶିକ୍ଷାବର୍ଷ ୨୦୨୩-୨୦୨୫ ନିମନ୍ତେ ଏମ୍.ଏସ୍. ନର୍ସିଂ (୨ ବର୍ଷ)ରେ ନାମଲେଖା ପାଇଁ ଦରଖାସ୍ତ ଆହ୍ୱାନ କରାଯାଉଛି । ନିର୍ଦ୍ଧାରିତ ଦରଖାସ୍ତ ଫର୍ମ ସହିତ ସୂଚନା ପୁସ୍ତିକା କଲେଜ ୱେବ୍‌ସାଇଟ୍ **www.rakcon.com**ରୁ ଡାଉନ୍‌ଲୋଡ୍ କରାଯାଇପାରିବ ଏବଂ **ପ୍ରିନ୍ସିପାଲ, ରାଜକୁମାରୀ ଅମ୍ରିତ କୌର କଲେଜ ଅଫ୍ ନର୍ସିଂ**ଙ୍କ ସପକ୍ଷରେ ନୂଆଦିଲ୍ଲୀଠାରେ ପୈଠଯୋଗ୍ୟ ଟ.୭୫୦/-ର ଡିମାଣ୍ଡ ଡ୍ରାଫ୍ଟ ସହିତ **ତା୧୫।୦୨।୨୦୨୩ରିଖରୁ ୧୭।୦୩।୨୦୨୩ରିଖ ଅପରାହ୍ନ ୫ ଘଟିକା** ସୁଦ୍ଧା କଲେଜରେ (ହାତରେ କିମ୍ବା ଡାକ ଯୋଗେ) ଦାଖଲ କରାଯାଇପାରିବ । ଫର୍ମ ଦାଖଲର ସମୟ ନିର୍ଘଣ୍ଟ ହେଉଛି ସମସ୍ତ କାର୍ଯ୍ୟଦିବସ ଅର୍ଥାତ୍ ଗେଜେଟେଡ୍ ଛୁଟିଦିନଗୁଡ଼ିକୁ ଛାଡ଼ି ସୋମବାରରୁ ଶୁକ୍ରବାର ପୂର୍ବାହ୍ନ ୧୦.୦୦ ଘଟିକାରୁ ଅପରାହ୍ନ ୫ ଘଟିକା ।

**ନାମଲେଖା ପାଇଁ ଆବଶ୍ୟକତା**

ପ୍ରାର୍ଥୀ ଦିଲ୍ଲୀ ବିଶ୍ୱବିଦ୍ୟାଳୟର (୧୨+୪) ବର୍ଷିଆ ବି.ଏସ୍‌ସି. (ସମ୍ମାନ) ନର୍ସିଂ ପରୀକ୍ଷା କିମ୍ବା ସମତୁଲ୍ୟ ସ୍ୱୀକୃତିପ୍ରାପ୍ତ ଡିଗ୍ରୀ ପରୀକ୍ଷାରେ ସର୍ବମୋଟ ୫୫% ମାର୍କ ସହିତ ଉତ୍ତୀର୍ଣ୍ଣ ହୋଇଥିବେ ଏବଂ ଏକ ଚିକିତ୍ସାଳୟ/ବିଶେଷଜ୍ଞତା ଅନୁଷ୍ଠାନ/ଶିକ୍ଷାନୁଷ୍ଠାନ କିମ୍ବା ଜନ ସ୍ୱାସ୍ଥ୍ୟ/ଏଜେନ୍ସିରେ ଏକ ବର୍ଷର ଅଭିଜ୍ଞତା ହାସଲ କରିଥିବେ । ଅଭିଜ୍ଞତାକୁ **୧୭ ମାର୍ଚ୍ଚ, ୨୦୨୩** ପର୍ଯ୍ୟନ୍ତ ହିସାବ କରାଯିବ । ଚୟନ ପରୀକ୍ଷା **୩୦ ଏପ୍ରିଲ, ୨୦୨୩ ପୂର୍ବାହ୍ନ ୧୦.୦୦ ଘଟିକାରେ** ଅନୁଷ୍ଠିତ ହେବ ।

CBC 17149/12/0002/2223



**ଜିଲ୍ଲା ପରିଷଦ, ମାଲକାନଗିରି**

Dist.: Malkangiri - 764048, Phone No.: 06861-230409,
Fax No.: 06861-230279, E-Mail: ori-dmalkangiri@nic.in

ପତ୍ର ସଂଖ୍ୟା:......../LIII-04/2023 ତାରିଖ:....../୦୧/୨୦୨୩

**ବିଜ୍ଞାପନ**

ଏତଦ୍ୱାରା ମାଲକାନଗିରି ଜିଲ୍ଲାର ୦୭ ଗୋଟି ପଞ୍ଚାୟତ ସମିତିର ସମସ୍ତ ଅଧିବାସୀ ତଥା ପଞ୍ଚାୟତସ୍ତରୀୟ ଲୋକ ପ୍ରତିନିଧି ଏବଂ ଜବ୍ କାର୍ଡ଼ଧାରୀଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଯେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଏବଂ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା ୨୦୨୨-୨୩ ଆର୍ଥିକ ବର୍ଷରେ ସମ୍ପାଦିତ ହୋଇଥିବା ସମସ୍ତ କାର୍ଯ୍ୟଗୁଡ଼ିକର ପଞ୍ଚାୟତ ସମିତିସ୍ତରୀୟ ଜଣଶୁଣାଣି ନିମ୍ନଲିଖିତ ତାରିଖରେ ଧାର୍ଯ୍ୟ କରାଯାଇଛି। ଅତଏବ ଏଥିନିମନ୍ତେ କୌଣସି ଆପତ୍ତି ଅଭିଯୋଗ ଥିଲେ ତାହା ଏହି ଜନଶୁଣାଣି ଶିବିରରେ ଉପସ୍ଥାପନ କରାଗଲେ ସେଗୁଡ଼ିକ ଉପରେ ବିଚାର ବିମର୍ଶ କରାଯିବ।

| କ୍ରମିକ ସଂଖ୍ୟା | ପଞ୍ଚାୟତ ସମିତିରେ ନାମ | ତାରିଖ ଏବଂ ସମୟ ପୂର୍ବାହ୍ନ ଘ୧୧.୦୦ଟିକା ଠାରୁ | ନୋଡାଲ ଅଧିକାରୀ | ସ୍ଥାନ |
|---|---|---|---|---|
| ୧ | ୨ | ୩ | ୪ | ୫ |
| ୧ | କାଲିମେଳା | ୨୦।୦୨।୨୦୨୩ | ଉପ ଜିଲ୍ଲାପାଳ, ମାଲକାନଗିରି | ପଞ୍ଚାୟତ ସମିତି, କାଲିମେଳା |
| ୨ | ମାଥିଲି | ୨୨।୦୨।୨୦୨୩ | ଅତିରିକ୍ତ ଜିଲ୍ଲାପାଳ, ମାଲକାନଗିରି | ପଞ୍ଚାୟତ ସମିତି, ମାଥିଲି |
| ୩ | ଚିତ୍ରକୋଣ୍ଡା | ୨୪।୦୨।୨୦୨୩ | ମୁଖ୍ୟ ଉନ୍ନୟନ ଅଧିକାରୀ ଏବଂ କାର୍ଯ୍ୟ ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ, ମାଲକାନଗିରି | ପଞ୍ଚାୟତ ସମିତି, ଚିତ୍ରକୋଣ୍ଡା |
| ୪ | ପଡ଼ିଆ | ୨୮।୦୩।୨୦୨୩ | ମୁଖ୍ୟ ଉନ୍ନୟନ ଅଧିକାରୀ ଏବଂ କାର୍ଯ୍ୟ ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ, ମାଲକାନଗିରି | ପଞ୍ଚାୟତ ସମିତି, ପଡ଼ିଆ |
| ୫ | ଖଇରପୁଟ | ୨୯।୦୩।୨୦୨୩ | ଉପ ଜିଲ୍ଲାପାଳ, ମାଲକାନଗିରି | ପଞ୍ଚାୟତ ସମିତି, ଖଇରପୁଟ |
| ୬ | କୋରୁକୋଣ୍ଡା | ୩୦।୦୩।୨୦୨୩ | ଅତିରିକ୍ତ ଜିଲ୍ଲାପାଳ, ମାଲକାନଗିରି | ପଞ୍ଚାୟତ ସମିତି, କୋରୁକୋଣ୍ଡା |
| ୭ | ମାଲକାନଗିରି | ୩୧।୦୩।୨୦୨୩ | ମୁଖ୍ୟ ଉନ୍ନୟନ ଅଧିକାରୀ ଏବଂ କାର୍ଯ୍ୟ ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ, ମାଲକାନଗିରି | ପଞ୍ଚାୟତ ସମିତି, ମାଲକାନଗିରି |

ସ୍ୱା./- ଜିଲ୍ଲାପାଳ ତଥା ଜିଲ୍ଲା କାର୍ଯ୍ୟକ୍ରମ ସଂଯୋଜକ
ମନରେଗା, ମାଲକାନଗିରି



**Government of Odisha "e" Procurement Notice**

**WORKS DEPARTMENT**

No. B-1218

Bid Identification No. C.C.E.K.C., Keonjhar No. 38/2022-23
e-mail: ccekeonjharpwdcircle@gmail.com / sekcpwd_keonjhar@yahoo.com

Letter No. 516 Dt. 31.01.2023

1. No. of the Work : 2 Number Bridge Works
2. Estimated Cost : Rs.529.20 lakhs to Rs.926.14 lakhs
3. Class of Contractor : "A" Class & "Special" Class
4. Period of Completion : 9 (Nine) Calendar Months to 18 (Eighteen) Calendar Months
5. Date and time of availability of Bid document in the portal : From 11.30 hours of 08.02.2023 to 16.00 hours of 23.02.2023
6. Last date/time for receipt of bids in the portal : 16.00 hours of 23.02.2023
7. Date of Opening of Bid from Portal : 11.30 hours on 24.02.2023
8. Name and address of the Officer Inviting Bid : Chief Construction Engineer, Keonjhar (R&B) Circle, Keonjhar - 758001

Further details can be seen from the e-procurement portal "http://tendersodisha.gov.in".

Sd./- Chief Construction Engineer
Keonjhar (R&B) Circle, Keonjhar

OIPR-34033/11/0049/2223


# ପାଲାଗାୟକଙ୍କ ଶ୍ରାଦ୍ଧବାର୍ଷିକୀ

**ଧର୍ମଶାଳା,୪।୨(ଡି.ଏନ.ଏ.):**

ଧର୍ମଶାଳା ବ୍ଲକ ଅଧୀନ ନୀଳକଣ୍ଠପୁରସ୍ଥିତ ପରମାନନ୍ଦ ଶରଣ ସ୍ମୃତି ସଂସଦ ପକ୍ଷରୁ ଶନିବାର ପାଲା ଗାୟକ ସୁଧାକର ଚନ୍ଦ୍ର ପରମାନନ୍ଦ ଶରଣଙ୍କ ୧୪ତମ ଶ୍ରାଦ୍ଧ ବାର୍ଷିକୀ ପାଳିତ ହୋଇଯାଇଛି। ପ୍ରଫେସର ଡ. ବିଜୟ ଶତପଥୀ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଅତିଥି ଭାବେ ନୀଳାଚଳ ନିଖିଳ ଉତ୍କଳ ପାଲା ପରିଷଦ ସଭାପତି ମଦନ ମୋହନ ଜେନା, ସମ୍ପାଦକ ବସନ୍ତ ରାଉତ ଓ ଶିକ୍ଷାବିତ ଯୋଗେନ୍ଦ୍ର ପଣ୍ଡା ପ୍ରମୁଖ ଯୋଗଦେଇ ଶରଣଙ୍କ ସ୍ମୃତିଚାରଣ କରିଥିଲେ। ମୁଖ୍ୟବକ୍ତା ପଣ୍ଡିତ କାମଦେବ ମିଶ୍ର ଶରଣଙ୍କ ଜୀବନୀ ଓ ପାଲା ସଂସ୍କୃତି ସମ୍ପର୍କରେ ଆଲୋକପାତ କରିଥିଲେ। ପରେ ପାଲା ଗାୟକ ବସନ୍ତ ରାଉତ, ମଦନ ମୋହନ ଜେନା, ମଦନ ମୋହନ ପ୍ରଧାନ, କୀର୍ତ୍ତନ ବିହାରୀ ସାହୁ, ସଙ୍ଗୀତଜ୍ଞ ଗଣେଶ୍ୱର ପଣ୍ଡା ଓ ଅଲେଖ ଚନ୍ଦ୍ର ନାୟକଙ୍କୁ ଅତିଥି ସମ୍ବର୍ଦ୍ଧିତ କରିଥିଲେ। ଉତ୍ସବରେ ଅନୁଷ୍ଠାନ ସଭାପତି ଦାସରଥି ମିଶ୍ର ଅଧ୍ୟକ୍ଷତା କରିଥିଲେ। ସମ୍ପାଦିକା ପଦ୍ମଜା ଶରଣ ଅତିଥିଙ୍କୁ ସ୍ୱାଗତ କରିବା ସହ ପରିଚୟ ପ୍ରଦାନ କରିଥିଲେ। ସହସମ୍ପାଦକ ବିରୁପାକ୍ଷ ଶରଣ ଧନ୍ୟବାଦ ଦେଇଥିଲେ।


**SITUATION VACANT**

CTTC, Bhubaneswar intends to hire trainers in the different sectors in following job roles. Those who are having experience in following job roles can apply. Preference will be given to **NSDC, Sector Skill Council Certified Trainer** in respective job roles and the assignment will be purely on Project basis.

| Sl. No. | Sector | Job Role | Qualification Pack No. |
|---|---|---|---|
| 1. | Agriculture | Power Tiller Operator | AGR/Q1103 |
| | | Floriculturist | AGR/Q0701 |
| | | Gardener | AGR/Q0801 |
| | | Mushroom Grower | AGR/Q7803 |
| | | Beekeeper | AGR/Q5301 |
| 2. | Automotive | Electric Vehicle Service Assistant | ASC/Q1435 |
| 3. | Tourism & Hospitality | Housekeeping Attendant (Manual Cleaning) | THC/Q0203 |
| 4. | Construction | Mason General | CON/Q0103 |
| | | Helper Mason | CON/Q0101 |
| 5. | Health Care | Diet Assistant | HSS/Q5201 |
| | | General Duty Assistant | HSS/Q5101 |
| 6. | Painting & Coating | Painting Helper | PCS/Q5005 |
| 7. | Plumbing | Plumber General | PSC/Q0104 |
| | | Plumber General Assistant | PSC/Q0102 |
| 8. | Food Processing | Baking Technician / Operative | FIC/Q5005 |
| 9. | Electronics | LED Light Repair Technician | ELE/Q9302 |
| 10. | Handicrafts and Carpet | Engraving and Stamping Artisan | HSC/Q2802 |
| | | Casting Operator (Metal Handicrafts) | HSC/Q2801 |
| | | Bamboo Work Artisan | HSC/Q8702 |
| | | Candle Making | NARQ30036 |
| | | Agrabatti Maker | HSC/Q7901 |

**Last date for receiving application : 18.02.2023**

**How to apply :** The interested candidates may apply with updated CV/Bio-data along with all their certificates, Mark sheets, experience certificate and recent passport size photograph. Shortlisted candidates will be called for interview. No TA/DA shall be provided for attending the interview.

Scan & Apply

**Link : https://forms.gle/NWwwTVVX8JeHEzcVA**

**For Details Contact : 9861162688 / 9338061473**

**CENTRAL TOOL ROOM & TRAINING CENTRE**

(Ministry of Micro, Small & Medium Enterprises , Govt. of India)
B-36, Chandaka Industrial Area, Bhubaneswar - 751024,
Ph. No.- (0674) 2654742 / 2654743
E-mail : cttc@cttc.gov.in, Website : www.cttc.gov.in

Ministry of MSME Govt. of India
ISO 9001:2015 ISO-14001 OHSAS 18001



**GOVERNMENT OF ODISHA**

**OFFICE OF THE SUPERINTENDING ENGINEER**

**KEONJHAR (R&B) DIVISION, KEONJHAR**

GOVT. OF ODISHA

No. G2/983/Date: 01.02.2023

**RFQ Identification No.SE-PWD-K-01/2022-23**

**Request for Qualification**

No.B-1221:- The Superintending Engineer, Keonjhar (R&B) Division, Keonjhar (the "Authority") on behalf of the Works Department, Government of Odisha (the "Government") invites Request for Qualification (RFQ) from Registered firms for the following works.

| Sl. No. | Name of the work | RFQ invitation for | Period of engagement |
|---|---|---|---|
| 1 | Empanelment of Design/ Consultancy/ Supervision Agencies for Various Works in Keonjhar District | Design/ Consultancy/ Supervision Service | 36 months |

2. In accordance with the provisions under the Guidelines for Engagement of Consultants and Outsourcing of Services issued in the Office Memorandum No. 37323/F Dt. 30. 11.20 18 of the Finance Department, Government of Odisha, the Authority now invites eligible consulting firms / joint ventures to apply for above assignments.

3. Letter of Invitation of the Authority along with all other relevant details of Request for Qualification (RFQ) will be available in the website: www.odisha.gov.in from **10.00 A.M. of 07.02.2023 to 5.00 P.M. of 13.03.2023.**

Further details with any addendum, corrigendum and cancellation can be seen from www.odisha.gov.in.

4. Request for Qualification (RFQ) should be submitted by Speed Post / Registered Post only to the following address latest by **5.00 P.M.** on **13.03.2023** during office hours only. Submission of bid through any other mode and late bid will be rejected.

5. Proposals received shall be opened at **11.00 A.M.** on **14.03.2023** in the Office of the Superintending Engineer, Keonjhar (R&B) Division, Keonjhar- 758001.

6. The Authority reserves all rights to cancel any or all proposals without assigning any reason.

**Address of Authority**

**Superintending Engineer**, Keonjhar (R&B) Division, Keonjhar, Odisha, Pin-758001, Tel: +916766255473, Email: eepwdkeonjhar@yahoo.com / sepwdkeonjhar2022@gmail.com

**Sd./- Superintending Engineer, Keonjhar (R&B) Divison**

OIPR-34004/11/0016/2223



**ବିଜ୍ଞାପନ**

**ସହକାରୀ ନିର୍ଦ୍ଦେଶକ, ରେଶମ ଶିଳ୍ପ, ଭୁବନେଶ୍ୱର - ୭୫୧୦୨୪**

No. L-130: ନିମ୍ନଲିଖିତ ଚତୁର୍ଥ ଶ୍ରେଣୀ କର୍ମଚାରୀ ପଦବୀ ଗୁଡ଼ିକ ପୂରଣ କରିବା ପାଇଁ ଯୋଗ୍ୟ ପ୍ରାର୍ଥୀ/ପ୍ରାର୍ଥିନୀଙ୍କଠାରୁ ପୁନଃ ଦରଖାସ୍ତ ଆହ୍ୱାନ କରାଯାଉଅଛି।

**ପଦବୀ ସଂଖ୍ୟା:** (୧) କନିଷ୍ଠ ସହକାରୀ (Junior Helper) - ୧ (ଅନୁସୂଚିତ ଜନଜାତି), ୧୮ରୁ ୩୮ବର୍ଷ ବୟସ ମଧ୍ୟରେ ହୋଇଥିବା ଆବଶ୍ୟକ। ପ୍ରାର୍ଥୀ/ପ୍ରାର୍ଥିନୀମାନଙ୍କ ପାଇଁ ସର୍ବୋଚ୍ଚ ବୟସ ସୀମା ୫ ବର୍ଷ କୋହଳ କରାଯିବ।

**ଚୟନ ପ୍ରକ୍ରିୟା:** ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗର ପତ୍ର ସଂଖ୍ୟା ୧୧୭୫୨/ସା.ପ୍ର. ତା୧୯।୦୪।୧୯୮୯ ଓ ସଂଖ୍ୟା ୧୯୮୧୫/ସା.ପ୍ର. ତା୨୨।୦୯।୧୯୮୯ ଅନୁସାରେ ମନୋନୟନ କେବଳ ସ୍ଥାନୀୟ ତହସିଲଦାରଙ୍କ ନିକଟରୁ ଆବାସିକ ପ୍ରମାଣପତ୍ର ଏବଂ ସ୍ଥାନୀୟ ନିୟୋଜନ କାର୍ଯ୍ୟାଳୟ ବିଧିମାନ୍ୟ ରେଜିଷ୍ଟ୍ରେସନ ପତ୍ର ଗ୍ରହଣ କରିଥିବା ଖୋର୍ଦ୍ଧା ଜିଲ୍ଲାର ପ୍ରାର୍ଥୀ ଓ ପ୍ରାର୍ଥିନୀମାନଙ୍କ ମଧ୍ୟରେ ହିଁ କରାଯିବ। ପ୍ରକାଶ ଥାଉକି ଭୁବନେଶ୍ୱର ତହସିଲ ବାସିନ୍ଦାଙ୍କୁ ଅଗ୍ରାଧିକାର ଦିଆଯିବ।

**ଶିକ୍ଷାଗତ ଯୋଗ୍ୟତା:** ପ୍ରାର୍ଥୀ ଓ ପ୍ରାର୍ଥିନୀମାନେ ମଧ୍ୟ ଇଂରାଜୀ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବେ ତଥା ଓଡ଼ିଆ ଏବଂ ଇଂରାଜୀ ଭାଷାରେ ଲେଖି ଓ ପଢ଼ି ପାରୁଥିବେ। ପ୍ରାର୍ଥୀ ଓ ପ୍ରାର୍ଥିନୀମାନେ ସାଇକେଲ ଚାଳନା ଜାଣିଥିବା ଆବଶ୍ୟକ।

**ଚାକିରି ସର୍ତ୍ତାବଳୀ:** Odisha Group 'B', Group 'C', Group 'D' (Repeal & Special Provision) Rules - 2022 notified by GA & PG Dept. Notification No. 29076-PT 1-GAD-SC-GCS-0090/2022/Gen. ଅନୁସାରେ ପ୍ରାର୍ଥୀ/ପ୍ରାର୍ଥିନୀମାନଙ୍କୁ ନିଯୁକ୍ତି ପ୍ରଦାନ କରାଯିବ।

**ବେତନ:** ମନୋନୀତ ପ୍ରାର୍ଥୀ କିମ୍ବା ପ୍ରାର୍ଥିନୀଙ୍କୁ Odisha Group 'B', Group 'C', Group 'D' Post (Repeal & Special Provision) Rules - 2022ର ପରିଶିଷ୍ଟରେ ପ୍ରଦତ୍ତ Fitment ସାରଣୀ ଆଧାରରେ ମାସିକ Cell-1, Level - 2, Rs.17200/- ମୂଳ ବେତନ କରାଯିବ।

**କିପରି ଆବେଦନ କରିବେ:** ଇଚ୍ଛୁକ ପ୍ରାର୍ଥୀ ଓ ପ୍ରାର୍ଥିନୀମାନେ ନିଜର ନାମ, ପିତା/ସ୍ୱାମୀଙ୍କ ନାମ, ସ୍ଥାୟୀ ଠିକଣା, ବର୍ତ୍ତମାନ ରହୁଥିବା ସ୍ଥାନର ଠିକଣା, ଜନ୍ମ ତାରିଖ, ଶିକ୍ଷାଗତ ଯୋଗ୍ୟତା, ଜାତୀୟତା, ଲିଙ୍ଗ, ଧର୍ମ, ଜାତି, ବୈବାହିକ ଅବସ୍ଥା, ଲେଖି ପଢ଼ି ପାରୁଥିବା ଭାଷା ଓ ମୋବାଇଲ ନମ୍ବର ଏକ ବାୟୋଡାଟା ଫର୍ମରେ ପୂରଣ କରି ବର୍ତ୍ତମାନର ପାସ୍‌ପୋର୍ଟ ଆକାରର ଦୁଇଗୋଟି ଫଟୋ ସହିତ ଶିକ୍ଷାଗତ ଯୋଗ୍ୟତା ପ୍ରମାଣପତ୍ରର ନକଲ, ଦୁଇଟି ଗେଜେଟେଡ୍ ଅଫିସରଙ୍କଠାରୁ ଦୁଇଟି ଚରିତ୍ର ପ୍ରମାଣପତ୍ର, ନିୟୋଜନ କାର୍ଯ୍ୟାଳୟରୁ ପ୍ରାପ୍ତ ହୋଇଥିବା ବିଧିମାନ୍ୟ ରେଜିଷ୍ଟ୍ରେସନ ପତ୍ରର ନକଲ, ସ୍ଥାୟୀ ବାସିନ୍ଦା ପ୍ରମାଣପତ୍ରର ନକଲ ଓ ନିଜ ଠିକଣା ଲେଖାଥିବା ଏବଂ ଡାକ ଟିକଟ ଲଗାଯାଇଥିବା ଦୁଇଟି ଲଫାପା ସଂଲଗ୍ନ କରି ଉକ୍ତ ବିଜ୍ଞାପନ ପ୍ରକାଶନର ୧୫ଦିନ ମଧ୍ୟରେ ସହକାରୀ ନିର୍ଦ୍ଦେଶକ, ରେଶମ ଶିଳ୍ପ, ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା, ପିନ୍ - ୭୫୧୦୨୪ଙ୍କ ଠିକଣାରେ ଆବେଦନ କରିପାରିବେ। କୌଣସି କାରଣ ନ ଦର୍ଶାଇ ଏହି ନିଯୁକ୍ତି ବିଜ୍ଞାପନକୁ ରଦ୍ଦ କରିବାର କ୍ଷମତା ନିମ୍ନ ସ୍ୱାକ୍ଷରକାରୀ, ସହକାରୀ ରେଶମ ଶିଳ୍ପ, ଭୁବନେଶ୍ୱରଙ୍କ ପରିସରଭୁକ୍ତ ଅଟେ।

**ବି.ଦ୍ର.:** ନିର୍ଦ୍ଧାରିତ ସମୟ ସୀମା ପରେ ଗ୍ରହଣ କରାଯାଇଥିବା ଆବେଦନ ପତ୍ର ଗୁଡ଼ିକୁ ବିଚାରକୁ ନିଆଯିବ ନାହିଁ।

ସ୍ୱା./- ସହକାରୀ ନିର୍ଦ୍ଦେଶକ
ରେଶମ ଶିଳ୍ପ, ଭୁବନେଶ୍ୱର - ୭୫୧୦୨୪

OIPR-01440/11/0005/2223

# ଗାଡ଼ି ପଛରେ ପିଟିହେଲା ବାଇକ୍, ଜଣେ ମୃତ

ଓଡ଼ଗାଁ,୪।୨(ସ୍ୱ.ପ୍ର.): ନୟାଗଡ଼ ଜିଲା ଓଡ଼ଗାଁ ଆଦର୍ଶ ଥାନା ଅଧୀନ ବାହାଡ଼ାଝୋଲା ଫାଣ୍ଡି ଖଙ୍ଗାରପଲ୍ଲୀ ସଂରକ୍ଷିତ ଜଙ୍ଗଲରେ ଶୁକ୍ରବାର ବିଳମ୍ବିତ ରାତିରେ ପିକ୍ଅପ ଭ୍ୟାନ ପଛରେ ବାଇକ୍ ପିଟି ହୋଇ ଜଣେ ଯୁବକଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣେ ଆହତ ହୋଇଛନ୍ତି । ସୂଚନା ଅନୁସାରେ ପଡୋଶୀ ଗଞ୍ଜାମ ଜିଲା ଜଗନାଥପ୍ରସାଦ ଥାନା ଅଧୀନ ଚାଙ୍ଗେରାପଲ୍ଲୀ ଗ୍ରାମର ସରୋଜ କୁମାର ପ୍ରଧାନ (୨୮) ଓ ସହଯୋଗୀ ଉତ୍ତମ ପ୍ରଧାନ (୧୮) ବାହାଡ଼ାଝୋଲାରୁ ଜଙ୍ଗଲିଆ ରାସ୍ତାରେ ବିଳମ୍ବିତ ରାତିରେ ବାଇକ୍ରେ ନିଜ ଗାଁକୁ ଫେରୁଥିଲେ । ଆଗରେ ଯାଉଥିବା ଏକ ପିକ୍ ଅପ୍ ଭ୍ୟାନ ହଠାତ୍ ବ୍ରେକ୍ ଦେବାରୁ ଥିବା ବାଇକ୍ଟି ଭାରସାମ୍ୟ ହରାଇ ଗାଡ଼ି ପଛରେ ପିଟି ହୋଇଯାଇଥିଲା। ଫଳରେ ଉଭୟ ବାଇକ ଆରୋହୀ ରାସ୍ତାରେ ଛିଟିକି ପଡି ଚେତାଶୂନ୍ୟ ହୋଇ ପଡିଯାଇଥିଲେ। ସ୍ଥାନୀୟ ଗ୍ରାମବାସୀ ଏନେଇ ସ୍ଥାନୀୟ ପୋଲିସକୁ ଖବର ଦେବା ପରେ ପୋଲିସ ଉଭୟଙ୍କୁ ସ୍ଥାନୀୟ ଡାକ୍ତରଖାନାରେ ଭର୍ତ୍ତି କରିଥିଲା । ହେଲେ ଡାକ୍ତର ସରୋଜଙ୍କୁ ମୃତ ଘୋଷଣା କରିଥିଲେ । ଉତ୍ତମଙ୍କୁ ଗୁରୁତର ଅବସ୍ଥାରେ ନୟାଗଡ଼ ସ୍ଥାନାନ୍ତର କରାଯାଇଛି। ପୋଲିସ ସରୋଜଙ୍କ ମୃତଦେହ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି । ପୋଲିସ ଦୁର୍ଘଟଣା ଗ୍ରସ୍ତ ବାଇକ୍(ନଂ. ଓଆର୦୨ଏଲ୫୯୯୮) ଜବତ କରିଛି। ଦୁର୍ଘଟଣା ପରେ ପିକଅପ୍ ଭ୍ୟାନକୁ ଚାଳକ ତହଙ୍ଗି ଜଙ୍ଗଲରେ ଲୁଚାଇ ଫେରାର ହୋଇଯାଇଥିଲେ । ପୋଲିସ ରାତିରେ ଖୋଜାଖୋଜି କରି ସେହି ଗାଡ଼ି(ନଂ.ଓଡି୨୫ଜି୨୮୯୬)କୁ ଜବତ କରିଥିବା ଆଇଆଇସି ପୂର୍ଣ୍ଣଚନ୍ଦ୍ର ପଟ୍ଟନାୟକ ସୂଚନା ଦେଇଛନ୍ତି ।

# ଅସ୍ୱାସ୍ଥ୍ୟକର ପରିବେଶରେ ଟ୍ରେନ୍ ଯାତ୍ରା

**ନୟାଗଡ଼ ଅଫିସ,୪।୨**

ଭୁବନେଶ୍ୱରରୁ ନୟାଗଡ଼କୁ ଆସୁଥିବା ମେମୁ ଟ୍ରେନରେ ପାସେଞ୍ଜରଙ୍କ ପାଇଁ ଉଦ୍ଦିଷ୍ଟ ସିଟ୍ଗୁଡ଼ିକରେ ଧୂଳି ଜମି ରହିଥିବାବେଳେ ଅଦରକାରୀ କାଗଜ, ଜରି, ପଲିଥିନ, ପାଣି ବୋତଲ ଇତ୍ୟାଦି ପଡ଼ି ରହୁଛି। ଏହାର ସଫେଇ ହେଉ ନ ଥିବାରୁ ଯାତ୍ରୀ ଅସ୍ୱାସ୍ଥ୍ୟକର ପରିବେଶରେ ଯାତ୍ରା କରୁଛନ୍ତି । ଏ ନେଇ ନୟାଗଡ଼ର ସ୍ୱଦେଶ ରଥ ପୂର୍ବତଟ ରେଳପଥ ଏବଂ ରେଳ ମନ୍ତ୍ରଣାଳୟକୁ ଟୁଇଟ ମାଧ୍ୟମରେ ଅବଗତ କରାଇଥିଲେ । ତେବେ ରେଳ ମନ୍ତ୍ରଣାଳୟ ପକ୍ଷର ତୁରନ୍ତ ପଦକ୍ଷେପ ନିଆଯିବ ବୋଲି ଉତ୍ତର ଆସିଥିବାବେଳେ କୌଣସି ପରିବର୍ତ୍ତନ କରାଯାଉନି । ଏଭଳିସ୍ଥଳେ ପୁରୁଣା ମେମୁକୁ ହଟାଇ ଆଗରୁ ଆସୁଥିବା ନୂଆ ମେମୁ ଟ୍ରେନ ପୁନଃ ଚାଲୁ କରିବାକୁ ନୟାଗଡ଼ ଜିଲାବାସୀ ଅନୁରୋଧ କରିଛନ୍ତି।

## ନୂଆ ମେମୁକୁ ଚଲାଅ, ପୁରୁଣାକୁ ପ୍ରତ୍ୟାହାର ଦାବି

ଅନ୍ୟପକ୍ଷେ ନୟାଗଡ଼ ନାଗରିକ ମଞ୍ଚ ପକ୍ଷରୁ ରେଳ ବିଭାଗର ଅବ୍ୟବସ୍ଥାକୁ ନେଇ ଘୋର ଉଦ୍‌ବେଗ ପ୍ରକାଶ ପାଇଛି । ରେଳ ବିଭାଗ କ୍ରମାଗତ ଭାବେ ନୟାଗଡ଼ ଜିଲାକୁ ଉପେକ୍ଷା କରି ଚାଲିଥିବା ବେଳେ ରେଳ ଷ୍ଟେଶନ ତଥା ଟ୍ରେନଗୁଡ଼ିକ ଏପରି ଅପରିଷ୍କାର ତଥା ଅସ୍ୱାସ୍ଥ୍ୟକର ପରିବେଶ ମଧ୍ୟରେ ନିୟମିତ ଯାତ୍ରୀମାନେ ଯିବା ଆସିବା କରୁଥିବା ନେଇ ନୟାଗଡ଼ ନାଗରିକ ମଞ୍ଚ ଘୋର ଆପତ୍ତି ଉଠାଇଛି । ତୁରନ୍ତ ପୁରୁଣା ମେମୁ ଟ୍ରେନକୁ ପ୍ରତ୍ୟାହାର କରି ପୂର୍ବରୁ ନୟାଗଡ଼ ଭୁବନେଶ୍ୱର ମଧ୍ୟରେ ଚାଲୁଥିବା ନୂତନ ମେମୁ ଟ୍ରେନକୁ ପୁନଃ ପ୍ରଚଳନ ଏବଂ ଟ୍ରେନଗୁଡ଼ିକର ନିୟମିତ ସଫାସୁତୁରା ପାଇଁ ନୟାଗଡ଼ ନାଗରିକ ମଞ୍ଚ ପକ୍ଷରୁ ଦାମୋଦର ସାହୁ, ପ୍ରମୋଦ ପଟ୍ଟନାୟକ, ଲକ୍ଷ୍ମୀଧର ସାହୁ, ପ୍ରଦୀପ କୁମାର ସାହୁ,ପ୍ରଫୁଲ୍ଲ ନାୟକ ପ୍ରମୁଖ ଦାବି କରିଛନ୍ତି।

କେନ୍ଦ୍ରର ମୋଦୀ ସରକାର'ସ୍ୱଚ୍ଛ ଭାରତ ଅଭିଯାନ'କୁ ଗୁରୁତ୍ୱ ଦେଉଥିବାବେଳେ ନୟାଗଡ଼ ରେଳ ସେବାରେ କିଛି ଲକ୍ଷଣ ନାହିଁ । ନୟାଗଡ଼ରୁ ଦୁଇଟି ଟ୍ରେନ ଗୋଟିଏ ଭୁବନେଶ୍ୱର ଏବଂ ଅନ୍ୟଟି ପୁରୀକୁ ନିୟମିତ ଯିବା ଆସିବା କରୁଛି । ସେଥିମଧ୍ୟରୁ ଭୁବନେଶ୍ୱର ଯିବା ଆସିବା କରୁଥିବା ସେବା ଏକ୍ସପ୍ରେସ(ନଂ- ୧୮୪୨୩/୧୮୪୨୪) ଟ୍ରେନଟି ମେମୁ ଟ୍ରେନ ହୋଇଥିବା ବେଳେ ପୁରୀ ଯାଉଥିବା ପାସେଞ୍ଜର (ନଂ-୦୮୪୨୩/୦୮୪୨୪) ଟ୍ରେନଟି ଲୋକାଲ ପାସେଞ୍ଜର ଟ୍ରେନ। ତେବେ କେନ୍ଦ୍ର ସରକାରଙ୍କ ଯୋଜନା ଅନ୍ତର୍ଗତ ସେବା ଏକ୍ସପ୍ରେସ ରାଜ୍ୟ ରାଜଧାନୀ ସହିତ ଜିଲା ସଦର ମହକୁମା ମଧ୍ୟରେ ସଂଯୋଗ ସ୍ଥାପନ କରିଥାଏ । ଏହି ପରିପ୍ରେକ୍ଷୀରେ କେନ୍ଦ୍ର ସରକାର ରାଜଧାନୀ ଭୁବନେଶ୍ୱର ସହିତ ଜିଲା ସଦର ମହକୁମା ନୟାଗଡ଼କୁ ସେବା ଏକ୍ସପ୍ରେସ ନାମରେ ଏକ ନୂତନ ମେମୁ ଟ୍ରେନ ୧୫ ଅକ୍ଟୋବର ୨୦୧୯ ମସିହାରୁ ପ୍ରଚଳନ କରିଛନ୍ତି। ଏହାର ତଦାରଖ ପୂର୍ବତଟ ରେଳପଥ ନିର୍ବାହ କରୁଛି । ତେବେ ଗତ ଦୁଇ ସପ୍ତାହ ପୂର୍ବେ ନୟାଗଡ଼ ଭୁବନେଶ୍ୱର ମଧ୍ୟରେ ଚାଲୁଥିବା ମେମୁ ଟ୍ରେନଟିର ରକ୍ଷଣାବେକ୍ଷଣା ପାଇଁ ତାକୁ ପ୍ରତ୍ୟାହାର କରି ନେଇ ବଦଳରେ ଏକ ପୁରୁଣା ମେମୁ ଟ୍ରେନ ଚଳାଚଳ କରୁଛି। ନୟାଗଡ଼ ଆସୁଥିବା ମେମୁ ଟ୍ରେନଟି ଅପରିଷ୍କାର ଅପରିଚ୍ଛନ୍ନ ରହି ଆସୁଥିବା ଅଭିଯୋଗ ହୋଇଛି।

# ସାପ କାମୁଡ଼ା ରୋକିବା ପାଇଁ ସଚେତନତା

**ରଣପୁର,୪।୨(ସ୍ୱ.ପ୍ର.)**

ନୟାଗଡ଼ ଜିଲା ରଣପୁର ଶିକ୍ଷା ବ୍ଲକର ବଜ୍ରକୋଟ ପ୍ରାଥମିକ ବିଦ୍ୟାଳୟରେ ଶନିବାର ସାପ କାମୁଡ଼ାର ପ୍ରତିକାର ସମ୍ବନ୍ଧୀୟ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ନୟାଗଡ଼ ଜିଲା ପ୍ରାଥମିକ ଶିକ୍ଷକ ସଂଘ ସଭାପତି ଜ୍ୟୋତି ରଞ୍ଜନ ଦାଶ, ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ଶିକ୍ଷକ ତଥା ଶିକ୍ଷାବିତ୍ ଲକ୍ଷ୍ମୀଧର ସାହୁ, ସମ୍ମାନିତ ଅତିଥି ରଣପୁର ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ ସଭାପତି ପ୍ରଫୁଲ୍ଲ କୁମାର ବିଶ୍ୱାଳ, ସମ୍ପାଦକ ଜଗନ୍ନାଥ ଦାଶ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଅବକାଶ ସ୍ୱାଇଁ ପ୍ରମୁଖ ମଞ୍ଚାସୀନ ଥିଲେ । ବିଦ୍ୟାଳୟର ପ୍ରଧାନଶିକ୍ଷକ ସୁଶୀଲ କୁମାର ରଣାଙ୍କ ତତ୍ତ୍ୱାବଧାନରେ ସହକାରୀ ଶିକ୍ଷୟିତ୍ରୀ ପଦ୍ମାବତୀ ବେହେରାଙ୍କ ସହଯୋଗରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ସାପ ଦେଖିଲେ କିପରି ସତର୍କ ରହିବ, ନିଜର ସୁରକ୍ଷା ସହିତ ସାପର ଯେପରି କୌଣସି କ୍ଷେତି ନ ହେବ ସଂକ୍ରାନ୍ତରେ ଛାତ୍ରୀଛାତ୍ରମାନଙ୍କୁ ସଚେତନ କରାଯାଇଥିଲା ।

ଏହି କାର୍ଯ୍ୟକ୍ରମକୁ ଚିତ୍ରକର ତଥା ସାପ ଧରାଳି ଅଜୟ କୁମାର ଦାଶ ଏବଂ ବେହେଲା ବାଦକ ସୁବାସ ଦାଶ ପରିଚାଳନା କରିଥିଲେ । କଳାକାମାନେ ମୁଣ୍ଡ ପୋତା ବେଶରେ ସଜ୍ଜିତ ହୋଇ କନା ଓ କାଗଜରେ ତିଆରି ସାପ, କୁମ୍ଭୀର, କଙ୍କଡା ଦେଖାଇ ସଚେତନତା କାର୍ଯ୍ୟକ୍ରମ ପରିବେଷଣ କରିଥିଲେ । ଏଥିସହିତ କେଉଁ ସାପ ବିଷଧର, ସାପ କାମୁଡ଼ିଲେ କ'ଣ କରିବା ଉଚିତ୍ ସେ ନେଇ ଛାତ୍ରୀଛାତ୍ରୀଙ୍କୁ ବୁଝାଇଥିଲେ।



ଅତିଥିଙ୍କ ଉପସ୍ଥିତିରେ କଳାକାରମାନେ ସଚେତନତା କାର୍ଯ୍ୟକ୍ରମ ପରିବେଷଣ କରୁଛନ୍ତି ।

ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com



@ ଆଶିଷ



@ ନିହାର



@ ସଞ୍ଜୀବ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଦେଶୀ ମଦଭାଟିରେ ଚଢ଼ାଉ



ମଦଭାଟିରୁ ଜବତ ହୋଇଥିବା ସାମଗ୍ରୀ ।

**ଖଣ୍ଡପଡ଼ା,୪।୨(ସ୍ୱ.ପ୍ର.)**

ନୟାଗଡ଼ ଜିଲା ଖଣ୍ଡପଡ଼ା ବ୍ଲକ ଅଧୀନ ଯୋଗିଆପଲ୍ଲୀ ପଞ୍ଚାୟତର ଆଦିବାସୀ ଅଧ୍ୟୁଷିତ ଗ୍ରାମ ବଡ଼ହାମରାଠାରେ ଚାଲିଥିବା ଏକ ଦେଶୀମଦ ଭାଟି ଉପରେ ଅବକାରୀ ବିଭାଗ କର୍ମଚାରୀମାନେ ଶନିବାର ଅଚାନକ ଚଢାଉ କରିଛନ୍ତି । ସେଠାରେ ଗଚ୍ଛିତ ଥିବା ବିପୁଳ ପରିମାଣର ପୋଚ ନଷ୍ଟ କରିବା ସହ ଦେଶୀ ମଦ ରନ୍ଧା ନିମନ୍ତେ ମହଜୁଦ ଥିବା ଉପକରଣଗୁଡିକ ଜବତ କରାଯାଇଛି । ନୟାଗଡ଼ ଅବକାରୀ ଅଧୀକ୍ଷକ କରୁଣା ଶଙ୍କର ତିୱାରୀଙ୍କ ନିର୍ଦ୍ଦେଶକ୍ରମେ ବିଭାଗୀୟ କର୍ମଚାରୀମାନେ ଚଢ଼ାଉରେ ସାମିଲ ହୋଇଥିଲେ। ଚଢାଉ ସମୟରେ ମଦ ବ୍ୟବସାୟୀମାନେ ଫେରାର ହୋଇଯାଇଥିଲେ।

# ତ୍ୱରିତ ସେବା ଯୋଗାଇବା ଉପରେ ନୂଆ ତହସିଲଦାରଙ୍କ ଗୁରୁତ୍ୱ



ନୂତନ ତହସିଲଦାରଙ୍କୁ ସ୍ୱାଗତ କରାଯାଉଛି ।

**ଖଣ୍ଡପଡ଼ା,୪।୨(ସ୍ୱ.ପ୍ର.):** ଖଣ୍ଡପଡ଼ା ତହସିଲ କାର୍ଯ୍ୟାଳୟରେ ନୂତନ ତହସିଲଦାର ଭାବେ ଲିପ୍ସା ରାୟ ଶନିବାର କାର୍ଯ୍ୟରେ ଯୋଗଦେଇ ଦାୟିତ୍ୱ ଗ୍ରହଣ କରିଛନ୍ତି । ଏଥିପୂର୍ବରୁ ରାୟ କଟକ ଟାଙ୍ଗୀ-ଚୌଦ୍ୱାରରେ ଅତିରିକ୍ତ ତହସିଲଦାର ଭାବେ କାର୍ଯ୍ୟ କରୁଥିଲେ । ତହସିଲ କାର୍ଯ୍ୟାଳୟର ସମସ୍ତ କର୍ମଚାରୀଙ୍କ ସମେତ ଅତିରିକ୍ତ ତହସିଲଦାର ଲକ୍ଷ୍ମୀକାନ୍ତ ମଲ୍ଲିକ ପ୍ରମୁଖ ନୂତନ ତହସିଲଦାରଙ୍କୁ ଭେଟି ପୁଷ୍ପଗୁଚ୍ଛ ପ୍ରଦାନ କରି ସ୍ୱାଗତ କରିଥିଲେ। ଗଣମାଧ୍ୟମର ପ୍ରତିନିଧିମାନଙ୍କ ସହ ଆଲୋଚନା ବେଳେ ତହସିଲଦାର ରାୟ ଜନସାଧାରଣଙ୍କୁ ତ୍ୱରିତ ସେବା ଯୋଗାଇ ଦେବାକୁ ପ୍ରାଥମିକତା ଦେବେ ବୋଲି କହିଛନ୍ତି।


## ଭାରତ ସରକାର
### ରାଜକୁମାରୀ ଅମ୍ରିତ କୌର କଲେଜ ଅଫ୍ ନର୍ସିଂ

ଲଜପତ ନଗର IV, ମୂଲଚାନ୍ଦ ମେଟ୍ରୋ ଷ୍ଟେଶନ ନିକଟ,
ନୂଆଦିଲ୍ଲୀ - ୧୧୦୦୨୪ । ଟେଲି. ନଂ.୦୧୧-୨୬୪୩୬୭୮୮, ୨୬୪୩୫୨୭୦
ଇ-ମେଲ୍: PRINCIPAL@RAKCON.COM

**ନାମଲେଖା ବିଜ୍ଞପ୍ତି**
**ଏମ୍.ଏସ୍‌ସି. ନର୍ସିଂ (ଶିକ୍ଷାବର୍ଷ ୨୦୨୩-୨୦୨୫)**
**ଦିଲ୍ଲୀ ବିଶ୍ୱବିଦ୍ୟାଳୟ ସହିତ ସହବନ୍ଧିତ**

ଶିକ୍ଷାବର୍ଷ ୨୦୨୩-୨୦୨୫ ନିମନ୍ତେ ଏମ୍.ଏସ୍. ନର୍ସିଂ (୨ ବର୍ଷ)ରେ ନାମଲେଖା ପାଇଁ ଦରଖାସ୍ତ ଆହ୍ୱାନ କରାଯାଉଛି । ନିର୍ଦ୍ଧାରିତ ଦରଖାସ୍ତ ଫର୍ମ ସହିତ ସୂଚନା ପୁସ୍ତିକା କଲେଜ ୱେବ୍‌ସାଇଟ୍ www.rakcon.comରୁ ଡାଉନ୍‌ଲୋଡ୍ କରାଯାଇପାରିବ ଏବଂ **ପ୍ରିନ୍ସିପାଲ, ରାଜକୁମାରୀ ଅମ୍ରିତ କୌର କଲେଜ ଅଫ୍ ନର୍ସିଂଙ୍କ ସପକ୍ଷରେ ନୂଆଦିଲ୍ଲୀଠାରେ** ପୈଠଯୋଗ୍ୟ ଟ.୭୫୦/-ର ଡିମାଣ୍ଡ ଡ୍ରାଫ୍ଟ ସହିତ **ତା୧୫।୦୨।୨୦୨୩ରିଖରୁ ୧୭।୦୩।୨୦୨୩ରିଖ ଅପରାହ୍ନ ୫ ଘଟିକା** ସୁଦ୍ଧା କଲେଜରେ (ହାତରେ କିମ୍ବା ଡାକ ଯୋଗେ) ଦାଖଲ କରାଯାଇପାରିବ । ଫର୍ମ ଦାଖଲର ସମୟ ନିର୍ଘଣ୍ଟ ହେଉଛି ସମସ୍ତ କାର୍ଯ୍ୟଦିବସ ଅର୍ଥାତ୍ ଗେଜେଟେଡ୍ ଛୁଟିଦିନଗୁଡ଼ିକୁ ଛାଡ଼ି ସୋମବାରରୁ ଶୁକ୍ରବାର ପୂର୍ବାହ୍ନ ୧୦.୦୦ ଘଟିକାରୁ ଅପରାହ୍ନ ୫ ଘଟିକା ।

**ନାମଲେଖା ପାଇଁ ଆବଶ୍ୟକତା**

ପ୍ରାର୍ଥୀ ଦିଲ୍ଲୀ ବିଶ୍ୱବିଦ୍ୟାଳୟର (୧୨+୪) ବର୍ଷିଆ ବି.ଏସ୍‌ସି. (ସମ୍ମାନ) ନର୍ସିଂ ପରୀକ୍ଷା କିମ୍ବା ସମତୁଲ୍ୟ ସ୍ୱୀକୃତିପ୍ରାପ୍ତ ଡିଗ୍ରୀ ପରୀକ୍ଷାରେ ସର୍ବମୋଟ ୫୫% ମାର୍କ ସହିତ ଉତ୍ତୀର୍ଣ୍ଣ ହୋଇଥିବେ ଏବଂ ଏକ ଚିକିତ୍ସାଳୟ/ବିଶେଷଜ୍ଞତା ଅନୁଷ୍ଠାନ/ଶିକ୍ଷାନୁଷ୍ଠାନ କିମ୍ବା ଜନ ସ୍ୱାସ୍ଥ୍ୟ/ଏଜେନ୍ସିରେ ଏକ ବର୍ଷର ଅଭିଜ୍ଞତା ହାସଲ କରିଥିବେ । ଅଭିଜ୍ଞତାକୁ **୧୭ ମାର୍ଚ୍ଚ, ୨୦୨୩** ପର୍ଯ୍ୟନ୍ତ ହିସାବ କରାଯିବ । ଚୟନ ପରୀକ୍ଷା **୩୦ ଏପ୍ରିଲ, ୨୦୨୩ ପୂର୍ବାହ୍ନ ୧୦.୦୦ ଘଟିକାରେ** ଅନୁଷ୍ଠିତ ହେବ ।

CBC 17149/12/0002/2223



## ଜିଲ୍ଲା ପରିଷଦ, ମାଲକାନଗିରି

Dist.: Malkangiri - 764048, Phone No.: 06861-230409,
Fax No.: 06861-230279, E-Mail: ori-dmalkangiri@nic.in

ପତ୍ର ସଂଖ୍ୟା:......../LIII-04/2023 ତାରିଖ:....../୦୧/୨୦୨୩

**ବିଜ୍ଞାପନ**

ଏତଦ୍ୱାରା ମାଲକାନଗିରି ଜିଲ୍ଲାର ୦୭ ଗୋଟି ପଞ୍ଚାୟତ ସମିତିର ସମସ୍ତ ଅଧିବାସୀ ତଥା ପଞ୍ଚାୟତସ୍ତରୀୟ ଲୋକ ପ୍ରତିନିଧି ଏବଂ ଜବ୍ କାର୍ଡ଼ଧାରୀଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଯେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଏବଂ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା ୨୦୨୨-୨୩ ଆର୍ଥିକ ବର୍ଷରେ ସମ୍ପାଦିତ ହୋଇଥିବା ସମସ୍ତ କାର୍ଯ୍ୟଗୁଡ଼ିକର ପଞ୍ଚାୟତ ସମିତିସ୍ତରୀୟ ଜଣଶୁଣାଣି ନିମ୍ନଲିଖିତ ତାରିଖରେ ଧାର୍ଯ୍ୟ କରାଯାଇଛି। ଅତଏବ ଏଥିନିମନ୍ତେ କୌଣସି ଆପତ୍ତି ଅଭିଯୋଗ ଥିଲେ ତାହା ଏହି ଜନଶୁଣାଣି ଶିବିରରେ ଉପସ୍ଥାପନ କରାଗଲେ ସେଗୁଡ଼ିକ ଉପରେ ବିଚାର ବିମର୍ଶ କରାଯିବ।

| କ୍ରମିକ ସଂଖ୍ୟା | ପଞ୍ଚାୟତ ସମିତିରେ ନାମ | ତାରିଖ ଏବଂ ସମୟ ପୂର୍ବାହ୍ନ ଘ୧୧.୦୦ଟିକା ଠାରୁ | ନୋଡାଲ ଅଧିକାରୀ | ସ୍ଥାନ |
|---|---|---|---|---|
| ୧ | ୨ | ୩ | ୪ | ୫ |
| ୧ | କାଲିମେଳା | ୨୦।୦୨।୨୦୨୩ | ଉପ ଜିଲ୍ଲାପାଳ, ମାଲକାନଗିରି | ପଞ୍ଚାୟତ ସମିତି, କାଲିମେଳା |
| ୨ | ମାଥିଲି | ୨୨।୦୨।୨୦୨୩ | ଅତିରିକ୍ତ ଜିଲ୍ଲାପାଳ, ମାଲକାନଗିରି | ପଞ୍ଚାୟତ ସମିତି, ମାଥିଲି |
| ୩ | ଚିତ୍ରକୋଣ୍ଡା | ୨୪।୦୨।୨୦୨୩ | ମୁଖ୍ୟ ଉନ୍ନୟନ ଅଧିକାରୀ ଏବଂ କାର୍ଯ୍ୟ ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ, ମାଲକାନଗିରି | ପଞ୍ଚାୟତ ସମିତି, ଚିତ୍ରକୋଣ୍ଡା |
| ୪ | ପଡ଼ିଆ | ୨୮।୦୩।୨୦୨୩ | ମୁଖ୍ୟ ଉନ୍ନୟନ ଅଧିକାରୀ ଏବଂ କାର୍ଯ୍ୟ ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ, ମାଲକାନଗିରି | ପଞ୍ଚାୟତ ସମିତି, ପଡ଼ିଆ |
| ୫ | ଖଇରପୁଟ | ୨୯।୦୩।୨୦୨୩ | ଉପ ଜିଲ୍ଲାପାଳ, ମାଲକାନଗିରି | ପଞ୍ଚାୟତ ସମିତି, ଖଇରପୁଟ |
| ୬ | କୋରୁକୋଣ୍ଡା | ୩୦।୦୩।୨୦୨୩ | ଅତିରିକ୍ତ ଜିଲ୍ଲାପାଳ, ମାଲକାନଗିରି | ପଞ୍ଚାୟତ ସମିତି, କୋରୁକୋଣ୍ଡା |
| ୭ | ମାଲକାନଗିରି | ୩୧।୦୩।୨୦୨୩ | ମୁଖ୍ୟ ଉନ୍ନୟନ ଅଧିକାରୀ ଏବଂ କାର୍ଯ୍ୟ ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ, ମାଲକାନଗିରି | ପଞ୍ଚାୟତ ସମିତି, ମାଲକାନଗିରି |

ସ୍ୱା./- ଜିଲ୍ଲାପାଳ ତଥା ଜିଲ୍ଲା କାର୍ଯ୍ୟକ୍ରମ ସଂଯୋଜକ
ମନରେଗା, ମାଲକାନଗିରି



## Government of Odisha "e" Procurement Notice
### WORKS DEPARTMENT

No. B-1218

Bid Identification No. C.C.E.K.C., Keonjhar No. 38/2022-23
e-mail: ccekeonjharpwdcircle@gmail.com / sekcpwd_keonjhar@yahoo.com

Letter No. 516 Dt. 31.01.2023

1. No. of the Work : 2 Number Bridge Works
2. Estimated Cost : Rs.529.20 lakhs to Rs.926.14 lakhs
3. Class of Contractor : "A" Class & "Special" Class
4. Period of Completion : 9 (Nine) Calendar Months to 18 (Eighteen) Calendar Months
5. Date and time of availability of Bid document in the portal : From 11.30 hours of 08.02.2023 to 16.00 hours of 23.02.2023
6. Last date/time for receipt of bids in the portal : 16.00 hours of 23.02.2023
7. Date of Opening of Bid from Portal : 11.30 hours on 24.02.2023
8. Name and address of the Officer Inviting Bid : Chief Construction Engineer, Keonjhar (R&B) Circle, Keonjhar - 758001

Further details can be seen from the e-procurement portal "**http://tendersodisha.gov.in**".

**Sd./- Chief Construction Engineer**
**Keonjhar (R&B) Circle, Keonjhar**

OIPR-34033/11/0049/2223



## ବିଜ୍ଞାପନ

**ସହକାରୀ ନିର୍ଦ୍ଦେଶକ, ରେଶମ ଶିଳ୍ପ, ଭୁବନେଶ୍ୱର - ୭୫୧୦୨୪**

No. L-130: ନିମ୍ନଲିଖିତ ଚତୁର୍ଥ ଶ୍ରେଣୀ କର୍ମଚାରୀ ପଦବୀ ଗୁଡ଼ିକ ପୂରଣ କରିବା ପାଇଁ ଯୋଗ୍ୟ ପ୍ରାର୍ଥୀ/ପ୍ରାର୍ଥିନୀଙ୍କଠାରୁ ପୁନଃ ଦରଖାସ୍ତ ଆହ୍ୱାନ କରାଯାଉଅଛି।

**ପଦବୀ ସଂଖ୍ୟା:** (୧) କନିଷ୍ଠ ସହକାରୀ (Junior Helper) - ୧ (ଅନୁସୂଚିତ ଜନଜାତି), ୧୮ରୁ ୩୮ବର୍ଷ ବୟସ ମଧ୍ୟରେ ହୋଇଥିବା ଆବଶ୍ୟକ। ପ୍ରାର୍ଥୀ/ପ୍ରାର୍ଥିନୀମାନଙ୍କ ପାଇଁ ସର୍ବୋଚ୍ଚ ବୟସ ସୀମା ୫ ବର୍ଷ କୋହଳ କରାଯିବ।

**ଚୟନ ପ୍ରକ୍ରିୟା:** ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗର ପତ୍ର ସଂଖ୍ୟା ୧୧୭୫୨/ସା.ପ୍ର. ତା୧୯।୦୪।୧୯୮୯ ଓ ସଂଖ୍ୟା ୧୯୮୧୫/ସା.ପ୍ର. ତା୨୨।୦୯।୧୯୮୯ ଅନୁସାରେ ମନୋନୟନ କେବଳ ସ୍ଥାନୀୟ ତହସିଲଦାରଙ୍କ ନିକଟରୁ ଆବାସିକ ପ୍ରମାଣପତ୍ର ଏବଂ ସ୍ଥାନୀୟ ନିୟୋଜନ କାର୍ଯ୍ୟାଳୟ ବିଧିମାନ୍ୟ ରେଜିଷ୍ଟ୍ରେସନ ପତ୍ର ଗ୍ରହଣ କରିଥିବା ଖୋର୍ଦ୍ଧା ଜିଲ୍ଲାର ପ୍ରାର୍ଥୀ ଓ ପ୍ରାର୍ଥିନୀମାନଙ୍କ ମଧ୍ୟରେ ହିଁ କରାଯିବ। ପ୍ରକାଶ ଥାଉକି ଭୁବନେଶ୍ୱର ତହସିଲ ବାସିନ୍ଦାଙ୍କୁ ଅଗ୍ରାଧିକାର ଦିଆଯିବ।

**ଶିକ୍ଷାଗତ ଯୋଗ୍ୟତା:** ପ୍ରାର୍ଥୀ ଓ ପ୍ରାର୍ଥିନୀମାନେ ମଧ୍ୟ ଇଂରାଜୀ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବେ ତଥା ଓଡ଼ିଆ ଏବଂ ଇଂରାଜୀ ଭାଷାରେ ଲେଖି ଓ ପଢ଼ି ପାରୁଥିବେ। ପ୍ରାର୍ଥୀ ଓ ପ୍ରାର୍ଥିନୀମାନେ ସାଇକେଲ ଚାଳନା ଜାଣିଥିବା ଆବଶ୍ୟକ।

**ଚାକିରି ସର୍ତ୍ତାବଳୀ:** Odisha Group 'B', Group 'C', Group 'D' (Repeal & Special Provision) Rules - 2022 notified by GA & PG Dept. Notification No. 29076-PT 1-GAD-SC-GCS-0090/2022/Gen. ଅନୁସାରେ ପ୍ରାର୍ଥୀ/ପ୍ରାର୍ଥିନୀମାନଙ୍କୁ ନିଯୁକ୍ତି ପ୍ରଦାନ କରାଯିବ।

**ବେତନ:** ମନୋନୀତ ପ୍ରାର୍ଥୀ କିମ୍ବା ପ୍ରାର୍ଥିନୀଙ୍କୁ Odisha Group 'B', Group 'C', Group 'D' Post (Repeal & Special Provision) Rules - 2022ର ପରିଶିଷ୍ଟରେ ପ୍ରଦତ୍ତ Fitment ସାରଣୀ ଆଧାରରେ ମାସିକ Cell-1, Level - 2, Rs.17200/- ମୂଳ ବେତନ କରାଯିବ।

**କିପରି ଆବେଦନ କରିବେ:** ଇଚ୍ଛୁକ ପ୍ରାର୍ଥୀ ଓ ପ୍ରାର୍ଥିନୀମାନେ ନିଜର ନାମ, ପିତା/ସ୍ୱାମୀଙ୍କ ନାମ, ସ୍ଥାୟୀ ଠିକଣା, ବର୍ତ୍ତମାନ ରହୁଥିବା ସ୍ଥାନର ଠିକଣା, ଜନ୍ମ ତାରିଖ, ଶିକ୍ଷାଗତ ଯୋଗ୍ୟତା, ଜାତୀୟତା, ଲିଙ୍ଗ, ଧର୍ମ, ଜାତି, ବୈବାହିକ ଅବସ୍ଥା, ଲେଖି ପଢ଼ି ପାରୁଥିବା ଭାଷା ଓ ମୋବାଇଲ ନମ୍ବର ଏକ ବାୟୋଡାଟା ଫର୍ମରେ ପୂରଣ କରି ବର୍ତ୍ତମାନର ପାସ୍‌ପୋର୍ଟ ଆକାରର ଦୁଇଗୋଟି ଫଟୋ ସହିତ ଶିକ୍ଷାଗତ ଯୋଗ୍ୟତା ପ୍ରମାଣପତ୍ରର ନକଲ, ଦୁଇଟି ଗେଜେଟେଡ୍ ଅଫିସରଙ୍କଠାରୁ ଦୁଇଟି ଚରିତ୍ର ପ୍ରମାଣପତ୍ର, ନିୟୋଜନ କାର୍ଯ୍ୟାଳୟରୁ ପ୍ରାପ୍ତ ହୋଇଥିବା ବିଧିମାନ୍ୟ ରେଜିଷ୍ଟ୍ରେସନ ପତ୍ରର ନକଲ, ସ୍ଥାୟୀ ବାସିନ୍ଦା ପ୍ରମାଣପତ୍ରର ନକଲ ଓ ନିଜ ଠିକଣା ଲେଖାଥିବା ଏବଂ ଡାକ ଟିକଟ ଲଗାଯାଇଥିବା ଦୁଇଟି ଲଫାପା ସଂଲଗ୍ନ କରି ଉକ୍ତ ବିଜ୍ଞାପନ ପ୍ରକାଶନର ୧୫ଦିନ ମଧ୍ୟରେ ସହକାରୀ ନିର୍ଦ୍ଦେଶକ, ରେଶମ ଶିଳ୍ପ, ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା, ପିନ୍ - ୭୫୧୦୨୪ଙ୍କ ଠିକଣାରେ ଆବେଦନ କରିପାରିବେ। କୌଣସି କାରଣ ନ ଦର୍ଶାଇ ଏହି ନିଯୁକ୍ତି ବିଜ୍ଞାପନକୁ ରଦ୍ଦ କରିବାର କ୍ଷମତା ନିମ୍ନ ସ୍ୱାକ୍ଷରକାରୀ, ସହକାରୀ ରେଶମ ଶିଳ୍ପ, ଭୁବନେଶ୍ୱରଙ୍କ ପରିସରଭୁକ୍ତ ଅଟେ।

**ବି.ଦ୍ର.:** ନିର୍ଦ୍ଧାରିତ ସମୟ ସୀମା ପରେ ଗ୍ରହଣ କରାଯାଇଥିବା ଆବେଦନ ପତ୍ର ଗୁଡ଼ିକୁ ବିଚାରକୁ ନିଆଯିବ ନାହିଁ।

ସ୍ୱା./- ସହକାରୀ ନିର୍ଦ୍ଦେଶକ
ରେଶମ ଶିଳ୍ପ, ଭୁବନେଶ୍ୱର - ୭୫୧୦୨୪

OIPR-01440/11/0005/2223



## SITUATION VACANT

CTTC, Bhubaneswar intends to hire trainers in the different sectors in following job roles. Those who are having experience in following job roles can apply. Preference will be given to **NSDC, Sector Skill Council Certified Trainer** in respective job roles and the assignment will be purely on Project basis.

| Sl. No. | Sector | Job Role | Qualification Pack No. |
|---|---|---|---|
| 1. | Agriculture | Power Tiller Operator | AGR/Q1103 |
| | | Floriculturist | AGR/Q0701 |
| | | Gardener | AGR/Q0801 |
| | | Mushroom Grower | AGR/Q7803 |
| | | Beekeeper | AGR/Q5301 |
| 2. | Automotive | Electric Vehicle Service Assistant | ASC/Q1435 |
| 3. | Tourism & Hospitality | Housekeeping Attendant (Manual Cleaning) | THC/Q0203 |
| 4. | Construction | Mason General | CON/Q0103 |
| | | Helper Mason | CON/Q0101 |
| 5. | Health Care | Diet Assistant | HSS/Q5201 |
| | | General Duty Assistant | HSS/Q5101 |
| 6. | Painting & Coating | Painting Helper | PCS/Q5005 |
| 7. | Plumbing | Plumber General | PSC/Q0104 |
| | | Plumber General Assistant | PSC/Q0102 |
| 8. | Food Processing | Baking Technician / Operative | FIC/Q5005 |
| 9. | Electronics | LED Light Repair Technician | ELE/Q9302 |
| 10. | Handicrafts and Carpet | Engraving and Stamping Artisan | HSC/Q2802 |
| | | Casting Operator (Metal Handicrafts) | HSC/Q2801 |
| | | Bamboo Work Artisan | HSC/Q8702 |
| | | Candle Making | NARQ30036 |
| | | Agrabatti Maker | HSC/Q7901 |

**Last date for receiving application : 18.02.2023**

**How to apply :** The interested candidates may apply with updated CV/Bio-data along with all their certificates, Mark sheets, experience certificate and recent passport size photograph. Shortlisted candidates will be called for interview. No TA/DA shall be provided for attending the interview.

Scan & Apply

**Link : https://forms.gle/NWwwTVVX8JeHEzcVA**
**For Details Contact : 9861162688 / 9338061473**

Ministry of MSME Govt. of India

**CENTRAL TOOL ROOM & TRAINING CENTRE**
(Ministry of Micro, Small & Medium Enterprises , Govt. of India)
B-36, Chandaka Industrial Area, Bhubaneswar - 751024,
Ph. No.- (0674) 2654742 / 2654743
E-mail : cttc@cttc.gov.in, Website : www.cttc.gov.in

ISO-9001, 29990 ISO-14001 OHSAS 18001



## GOVERNMENT OF ODISHA
### OFFICE OF THE SUPERINTENDING ENGINEER KEONJHAR (R&B) DIVISION, KEONJHAR

GOVT. OF ODISHA

No. G2/983/Date: 01.02.2023

**RFQ Identification No.SE-PWD-K-01/2022-23**

**Request for Qualification**

No.B-1221:- The Superintending Engineer, Keonjhar (R&B) Division, Keonjhar (the "Authority") on behalf of the Works Department, Government of Odisha (the "Government") invites Request for Qualification (RFQ) from Registered firms for the following works.

| Sl. No. | Name of the work | RFQ invitation for | Period of engagement |
|---|---|---|---|
| 1 | Empanelment of Design/ Consultancy/ Supervision Agencies for Various Works in Keonjhar District | Design/ Consultancy/ Supervision Service | 36 months |

2. In accordance with the provisions under the Guidelines for Engagement of Consultants and Outsourcing of Services issued in the Office Memorandum No. 37323/F Dt. 30. 11.2018 of the Finance Department, Government of Odisha, the Authority now invites eligible consulting firms / joint ventures to apply for above assignments.

3. Letter of Invitation of the Authority along with all other relevant details of Request for Qualification (RFQ) will be available in the website: www.odisha.gov.in from **10.00 A.M. of 07.02.2023 to 5.00 P.M. of 13.03.2023.**
Further details with any addendum, corrigendum and cancellation can be seen from www.odisha.gov.in.

4. Request for Qualification (RFQ) should be submitted by Speed Post / Registered Post only to the following address latest by **5.00 P.M. on 13.03.2023** during office hours only. Submission of bid through any other mode and late bid will be rejected.

5. Proposals received shall be opened at **11.00 A.M. on 14.03.2023** in the Office of the Superintending Engineer, Keonjhar (R&B) Division, Keonjhar- 758001.

6. The Authority reserves all rights to cancel any or all proposals without assigning any reason.

**Address of Authority**
**Superintending Engineer**, Keonjhar (R&B) Division, Keonjhar, Odisha, Pin-758001, Tel: +916766255473, Email: eepwdkeonjhar@yahoo.com / sepwdkeonjhar2022@gmail.com

**Sd./- Superintending Engineer, Keonjhar (R&B) Divison**

OIPR-34004/11/0016/2223

# ଆବାସ ଯୋଜନାରେ ଅନିୟମିତତା: ବ୍ଲକ ଘେରାଉ

ଏରସମା/କୁଜଙ୍ଗ/ବିରିଡି/ବାଲିଆ/ରଘୁନାଥପୁର/ନାଉଗାଁ, ୪।୨(ସ୍ୱ.ପ୍ର./ଡି.ଏନ୍.ଏ.)



ଭାଜପା ପକ୍ଷରୁ ବିରିଡି ବ୍ଲକକୁ ଘେରାଉ କରାଯାଇଛି।

ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଅନୟମିତତା ହୋଇଥିବା ଅଭିଯୋଗ କରି ଶବିବାର ଭାଜପା ପକ୍ଷରୁ ଜଗତ୍‌ସିଂହପୁର ଜିଲାର ବିଭିନ୍ନ ବ୍ଲକରେ ଘେରାଉ କରାଯାଇ ବିଡିଓଙ୍କୁ ଦାବି ପତ୍ର ଦିଆଯାଇଛି। ଏନେଇ ଏରସମାରେ ପ୍ରତିବାଦ ସଭା ଆୟୋଜନ କରାଯାଇଥିଲା। ଏଥିରେ ଭାଜପା ଓବିସି ମୋର୍ଚ୍ଚା ରାଜ୍ୟ ଉପସଭାପତି ନୃସିଂହ ସାହୁ, ଜଟାଧାରୀ ସ୍ୱାଇଁ,ନୃସିଂହ ସେଠୀ,ଲକ୍ଷ୍ମୀଧର ଓଝା ପ୍ରମୁଖ ଉପସ୍ଥିତ ରହି ଅଯୋଗ୍ୟ ହିତାଧିକାରୀଙ୍କୁ ତାଲିକାରୁ ବାଦ ଦେବା ଏବଂ ଯୋଗ୍ୟ ହିତାଧିକାରୀଙ୍କୁ ଗୃହ ଯୋଗାଇ ଦେବାକୁ ଦାବି କରାଯାଇଥିଲା। ଏଥିସହ ବିଡିଓ କୈଳାସ ଚନ୍ଦ୍ର ବେହେରାଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ।

ସେହିପରି କୁଜଙ୍ଗ ବ୍ଲକ ସମ୍ମୁଖରେ ଭାଜପା କର୍ମୀ ପ୍ରତିବାଦ କରିବା ସହ ଧାରଣା ଦେଇଥିଲେ। ଦଳର ରାଜ୍ୟ କାର୍ଯ୍ୟ କାରିଣୀ ସଦସ୍ୟ ସମ୍ପଦ ସ୍ୱାଇଁ ଏଥିରେ ଯୋଗଦେଇ ବ୍ଲକ ପ୍ରଶାସନକୁ ସମାଲୋଚନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ସମ୍ପାଦକ ତପନ ତ୍ରିପାଠି, ଗୋପିଆକୁଦ ସରପଞ୍ଚ ଶ୍ରୀନିବାସ ସ୍ୱାଇଁ, କୁଜଙ୍ଗ ମଣ୍ଡଳ ସଭାପତି ଚୈତନ୍ୟ ଖଟୁଆ ପ୍ରମୁଖ ଯୋଗଦେଇଥିଲେ। ବିରିଡି ବ୍ଲକରେ ପୁରଣ ମଣ୍ଡଳ ସଭାପତି ତରୁଣ କୁମାର ଦାସଙ୍କ ନେତୃତ୍ୱରେ ଭାଜପା କର୍ମୀମାନେ ବ୍ଲକ କାର୍ଯ୍ୟାଳୟ ଘେରାଉ କରିଥିଲେ। ଏଥିରେ ବିଭୁ ପ୍ରସାଦ ଦାଶ, ରାମକୃଷ୍ଣ ପରିଜା, ସରପଞ୍ଚ ରମେଶ ଚନ୍ଦ୍ର ମହାନ୍ତି, ସୁନିଲ ପଶାୟତ, ଟୁଟୁ ମଲିକ ପ୍ରମୁଖ ଯୋଗଦେଇ ରାଜ୍ୟ ସରକାରଙ୍କ ବିରୋଧରେ ବିଭିନ୍ନ ସ୍ଲୋଗାନ ଦେଇଥିଲେ। ଶେଷରେ ବିରିଡି ବିଡିଓଙ୍କ ଉଦ୍ଦେଶ୍ୟରେ ମୁଖ୍ୟ କିରାଣିଙ୍କୁ ଦାବି ପତ୍ର ଦିଆଯାଇଥିଲା। ରଘୁନାଥପୁରରେ ତିର୍ତ୍ତୋଲ ନିର୍ବାଚନମଣ୍ଡଳୀ ନେତା ରାଜକିଶୋର ବେହେରାଙ୍କ ନେତୃତ୍ୱରେ କର୍ମୀମାନେ ସ୍ଥାନୀୟ ମଦନମୋହନ ମଠରୁ ଏକ ରାଲିରେ ଆସି ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲେ। ସେଠାରେ ଜିଲା କର୍ମକର୍ତ୍ତା ନିମଳ ମହାପାତ୍ରଙ୍କ ପୌରୋହିତ୍ୟରେ ଏକ ପ୍ରତିବାଦ ସଭା ଆୟୋଜନ କରାଯାଇଥିଲା। ଏଥିରେ ଜିଲା ଓବିସି ମୋର୍ଚ୍ଚା ସଭାପତି ସୁବୋଧ ବାରିକ ଜିଲା ସମ୍ପାଦକ ଗଗନ ଦାଶ, ସୁବାସ ଜେନା, ପୂର୍ବତନ ଜିଲାପରିଷଦ ସଭ୍ୟ ଅଶୋକ ମହାରଣା, ଶିବପ୍ରସାଦ ଦାସ, ସୋମାଂଶୁ ଜେନା ପ୍ରମୁଖ ସାମିଲ ହୋଇଥିଲେ। ନାଉଗାଁରେ ଭାଜପା ନେତା ଓ କର୍ମୀମାନେ କୋକିଡିଅସ୍ଥିତ ଇଚ୍ଛା'ମା ମଣ୍ଡପରୁ ଏକ ଶୋଭାଯାତ୍ରାରେ ବାହାରି ରାଜ୍ୟ ସରକାରଙ୍କ ବିରୋଧରେ ବିଭିନ୍ନ ନାରା ଦେବାସହ ବ୍ଲକ କାର୍ଯ୍ୟାଳୟରେ ପହଞ୍ଚି ଘେରାଉ କରିଥିଲେ। ସେଠାରେ ନାଉଗାଁ ମଣ୍ଡଳ ସଭାପତି ନିଲୁରାମ ଜେନାଙ୍କ ସଭାପତିତ୍ୱରେ ଆୟୋଜିତ ପ୍ରତିବାଦ ସଭାରେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପ୍ରତାପ କୁମାର ମିଶ୍ର, ଅଲଣା ମଣ୍ଡଳ ସଭାପତି ଦୁର୍ଗାପ୍ରସାଦ ଆଚାର୍ଯ୍ୟ, ଜାମୁଗାଁ ପୂର୍ବତନ ସରପଞ୍ଚ ଲଲାଟେନ୍ଦୁ ପରିଡା ପ୍ରମୁଖ ଯୋଗ ରାଜ୍ୟ ସରକାରଙ୍କୁ ସମାଲୋଚନା କରିଥିଲେ।

## ଟ୍ରକ୍ ଧକ୍କାରେ ପ୍ରଧାନ ଶିକ୍ଷୟିତ୍ରୀ ମୃତ

ରଘୁନାଥପୁର,୪।୨(ଡି.ଏନ୍.ଏ.)

ରଘୁନାଥପୁର ଥାନା ଅନ୍ତର୍ଗତ କଟକ-ପାରାଦୀପ ରାସ୍ତାର ବ୍ଲକ ଛକ ନିକଟରେ ଶନିବାର ମଧ୍ୟାହ୍ନରେ ଟ୍ରକ ଧକ୍କାରେ ସ୍ଥାନୀୟ ମଧୁସୂଦନପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ମଞ୍ଜୁଲତା ଦେଇ(୫୫)ଙ୍କ ମୃତ୍ୟୁ ଘଟିଛି। ତାଙ୍କ ଘର ଏହି ଥାନା ଅନ୍ତର୍ଗତ ଓଡ଼ପଡ଼ା ଦକ୍ଷିଣେଶ୍ୱରୀ ମନ୍ଦିର ନିକଟରେ। ପ୍ରଧାନ ଶିକ୍ଷୟିତ୍ରୀ ମଞ୍ଜୁଲତା ଶନିବାର ସ୍କୁଲ ଛୁଟି ହେବା ପରେ ସ୍ଥାନୀୟ ବଜାରରୁ ସ୍ୱାମୀଙ୍କ ସହ ସ୍କୁଟିରେ ନିକଟସ୍ଥ ବ୍ୟାଙ୍କକୁ ଯାଉଥିବାବେଳେ କଟକ ଅଭିମୁଖେ ଯାଉଥିବା ଏକ ଟ୍ରକ ସହ ଧକ୍କା ହୋଇଥିଲା। ଫଳରେ ଉଭୟ ସ୍ୱାମୀ ସ୍ତ୍ରୀ ତଳେ ପଡ଼ି ଯାଇଥିଲେ। ଏହି ସମୟରେ ଟ୍ରକ ଚକ ମଞ୍ଜୁଲତାଙ୍କ ହାତ ଉପରେ ଚଢ଼ି ଯାଇଥିଲା। ଗୁରୁତର ଅବସ୍ଥାରେ ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ପ୍ରଥମେ ନିକଟସ୍ଥ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରେ କଟକ ବଡ଼ ଡାକ୍ତରଖାନା ସ୍ଥାନାନ୍ତର କରିଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ମଞ୍ଜୁଲତାଙ୍କ ମୃତ୍ୟୁ ଘଟିଛି। ମୃତଦେହକୁ ଆଇସ ବକ୍ସରେ ରଖାଯାଇଛି। ରବିବାର ଶେଷକୃତ୍ୟ ସମ୍ପନ୍ନ କରାଯିବ ବୋଲି ପରିବାର ଲୋକେ କହିଛନ୍ତି। ପ୍ରଧାନଶିକ୍ଷୟିତ୍ରୀଙ୍କ ଅକାଳ ମୃତ୍ୟୁରେ ବ୍ଲକ ଶିକ୍ଷାଧିକାରୀ ବିଜୟ କୁମାର ସ୍ୱାଇଁ, ସହକାରୀ ଶିକ୍ଷାଧିକାରୀ ମେନକା ମହାପାତ୍ର ଓ ସବିତା ଦାସ ପ୍ରମୁଖ ଶୋକବ୍ୟକ୍ତ କରିଛନ୍ତି।

## ଗହୀରମଥାରୁ ୩ ଟ୍ରଲର ଜବତ: ୧୯ ମତ୍ସ୍ୟଜୀବୀ ଗିରଫ

ରାଜନଗର, ୪।୨(ଡି.ଏନ.ଏ.)

ଗହୀରମଥା ସାମୁଦ୍ରିକ ନିଷିଦ୍ଧାଞ୍ଚଳରେ ବେଆଇନ ଭାବେ ମାଛ ମାରୁଥିବାବେଳେ ବନ ବିଭାଗର ପାଟ୍ରୋଲିଂ ଟିମ୍ ୩ଟି ଟ୍ରଲର ଜବତ କରିବା ସହ ଏଥିରେ ଥିବା ୧୯ଜଣ ମତ୍ସ୍ୟଜୀବୀଙ୍କୁ ଗିରଫ କରିଛି। ଗହୀରମଥା ରେଞ୍ଜ ଅଫିସର ମାନସ କୁମାର ଦାସଙ୍କ ନିର୍ଦ୍ଦେଶକ୍ରମେ ଫରେଷ୍ଟର ସୁରେଶ ଚନ୍ଦ୍ର ପୃଷ୍ଟି, ନବୀନ କୁମାର ମଲ୍ଲିକଙ୍କ ନେତୃତ୍ୱରେ ବନ ବିଭାଗର ପାଟ୍ରୋଲିଂ ଟିମ୍ ଏକକୁଳା ନିକଟରେ ପାର୍ବତୀପତି, କୋରଲା ଦେବର, ବାବା ବାଣେଶ୍ୱର ନାମକ ୩ଟି ଟ୍ରଲରକୁ ଜବତ କରିଥିଲେ। ୩ ଟି ଟ୍ରଲରରୁ ୧୬ କୁଇଣ୍ଟାଲ ୫୦କେଜି ମାଛ, ୩ଟି ଜିପିଏସ୍, ୩ଟି ଭିଏଚ୍ଏଫ୍, ୨ଟି ଫିସ୍ ଫାଇଣ୍ଡର ଓ ୨୨ଟି ଜାଲ ଜବତ କରାଯାଇଛି। ଗିରଫ ମତ୍ସ୍ୟଜୀବୀମାନେ ହେଲେ ଗଣେଶ ବେହେରା, ଗଣେଶ ଦାସ, ମୁରଲି ମାଝି, ବାବୁ ସିଂ, ବାସୁଦେବ ସେଠୀ, ଗୌରାଙ୍ଗ ମଳିକ, ଗୋପୀନାଥ ମଳିକ, ବାବୁଲି ମଳିକ ପ୍ରମୁଖ। ୧୯ ମତ୍ସ୍ୟଜୀବୀଙ୍କୁ କୋର୍ଟ ଚାଲାଣ କରାଯାଇଛି।

# ଶିବିରାର୍ଥୀଙ୍କ ବିଭିନ୍ନ କଳା କୌଶଳ ପ୍ରଦର୍ଶନ

### କେନ୍ଦ୍ରାପଡ଼ା ଜିଲାସ୍ତରୀୟ ସ୍କାଉଟ୍ ଗାଇଡ୍ ଶିବିର


କ୍ୟାମ୍ପୋରିରେ ପିଲାମାନେ କଳା କୌଶଳ ପ୍ରଦର୍ଶନ କରୁଛନ୍ତି।

ଡେରାବିଶ, ୪।୨(ସ୍ୱ.ପ୍ର.)

ଡେରାବିଶ ବ୍ଲକ ଅଧୀନ ଲକ୍ଷ୍ମୀନାରାୟଣପୁର ପଞ୍ଚାୟତ ବଳଭଦ୍ରପୁରସ୍ଥିତ ବାଲୁଙ୍କେଶ୍ୱର ନୋଡ଼ାଲ ଉଚ୍ଚ ବିଦ୍ୟାଳୟ ପରିସରରେ କେନ୍ଦ୍ରାପଡ଼ା ଜିଲାସ୍ତରୀୟ ସ୍କାଉଟ୍ ଗାଇଡ୍ ଶିବିର ଶନିବାର ୩ୟ ଦିନରେ ପହଞ୍ଚିଛି। ତେବେ ଦେଶ ଗଠନରେ ସହାୟକ ହେବାକୁ ପ୍ରଶିକ୍ଷଣ ନେଉଥିବା ଶିବିରାର୍ଥୀ ପ୍ରତ୍ୟେକ ଦିନ ନିଜର କଳା କୌଶଳ ପ୍ରଦର୍ଶନ କରିବା ସହ ବିଭିନ୍ନ ବିଷୟରେ ପ୍ରତିଯୋଗିତା ଅନୁଷ୍ଠିତ ହେଉଛି। ଶନିବାର ଶିବିରାର୍ଥୀମାନେ ଫୁଡ୍ ଭିଲ୍ଲା କାର୍ଯ୍ୟକ୍ରମ ମାଧ୍ୟମରେ ବିଭିନ୍ନ ପ୍ରକାର ରୁଚିକର ଖାଦ୍ୟ ପ୍ରସ୍ତୁତ କରି ଏହାକୁ ପ୍ରଦର୍ଶନ କରିଥିଲେ। ପ୍ରତ୍ୟେହ ସନ୍ଧ୍ୟାରେ ଜିଲା ଅନ୍ତର୍ଗତ ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ଛାତ୍ରୀଛାତ୍ରମାନେ ଓଡ଼ିଶାର ଲୋକକଳାକୁ କରିଥିବା ପ୍ରଦର୍ଶନ ଉପସ୍ଥିତ ଶିବିରାର୍ଥୀଙ୍କୁ ବିଭୋର କରିଥଲା। ଶନିବାର ଅନୁଷ୍ଠିତ ସଭାରେ ବାଲୁଙ୍କେଶ୍ୱର ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ କାନନବାଳା ନାୟକ ଅଧ୍ୟକ୍ଷତା କରିଥିବା ବେଳେ ମୁଖ୍ୟ ଅତିଥି ଭାବେ କେନ୍ଦ୍ରାପଡ଼ା ବ୍ଲକ ଶିକ୍ଷାଧିକାରୀ ପାବନୀ କୁମାର ରାଉତ ଓ ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ୍ ଗୁରୁଚରଣ ନାୟକ, ବିଧାନ ଚନ୍ଦ୍ର ସାମଲ, ଲକ୍ଷ୍ମୀନାରାୟଣପୁର ସରପଞ୍ଚ ଅରକ୍ଷିତ କାଣ୍ଡି, ସମିତିସଭ୍ୟ ଫନୀନ୍ଦ୍ର କୁମାର ବେହେରା, ବିଦ୍ୟାଳୟର ମୋ ସ୍କୁଲ ଅଭିଯାନ ସଭାପତି ଦୀପକ କୁମାର ସାହୁ ଯୋଗଦେଇ ସ୍କାଉଟ୍ ଗାଇଡ୍ ମାଧ୍ୟମରେ ଛାତ୍ରୀଛାତ୍ରଙ୍କୁ ଦୁଃସାହସିକ କରିବା ଓ ସାମାଜିକ ବ୍ୟବସ୍ଥାକୁ ସୁଦୃଢ଼ କରିବାକୁ ଏକ ମାଧ୍ୟମ ବୋଲି ଆଲୋକପାତ କରିଥିଲେ। ଜିଲା ସ୍କାଉଟ୍ ଗାଇଡ୍ କମିଶନର ପୀତବାସ ପଣ୍ଡା ଅତିଥି ପରିଚୟ ଓ ସହକାରୀ କମିଶନର ସରୋଜ କୁମାର ବିଶ୍ୱାଳ ଧନ୍ୟବାଦ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ସିଆରସିସି ଅଶୋକ କୁମାର ମହାପାତ୍ର, ଲଲାଟ କିଶୋର ଭୂୟାଁ, ସୁରଥ କୁମାର ସାହୁ, ରମେଶ ଚନ୍ଦ୍ର ପତି ପ୍ରମୁଖ ପରିଚାଳନା କରିଥିଲେ। ଏଥିରେ ଜିଲା ୫୦ ବିଦ୍ୟାଳୟରୁ ୫ଶହ ଛାତ୍ରୀଛାତ୍ର ଯୋଗଦେଇଛନ୍ତି।

## ଗରେଇ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ

କୁଜଙ୍ଗ,୪।୨(ଡି.ଏନ୍.ଏ.): କୁଜଙ୍ଗ ବ୍ଲକ୍ ଅନ୍ତର୍ଗତ ଗରେଇ ପଞ୍ଚାୟତ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ପ୍ରଧାନ ଶିକ୍ଷୟିତ୍ରୀ ନିରୂପମା ପାଣିଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ସ୍ତମ୍ଭକାର ତଥା ଓଡିଶା ସାହିତ୍ୟ ଏକାଡେମୀର ପୂର୍ବତନ ସଦସ୍ୟ ଅକ୍ଷୟ କୁମାର ରାଉତ ଯୋଗଦେଇ ମାନବବାଦକୁ ଗ୍ରହଣ କରି ମାଟି ମା' ଓ ଦେଶର ଗୌରବମୟ ଅଧ୍ୟାୟକୁ ଉଜ୍ଜ୍ୱଳ କରି ପ୍ରଗତୀକୁ ଆଗେଇ ନେବାକୁ ସେ ଛାତ୍ରୀଛାତ୍ରଙ୍କୁ ଆହ୍ୱାନ ଦେଇଥିଲେ। ମୁଖ୍ୟ ବକ୍ତାଭାବେ ଜିଲା ପରିଷଦ ସଭ୍ୟ ରବିନାରାୟଣ ସାହୁ, ଅନ୍ୟତମ ଅତିଥିଭାବେ ଦୀପ୍ତିରେଖା ଲେଙ୍କା, ବୈଷ୍ଣବ ଚରଣ ସ୍ୱାଇଁ, ସିରୋଳ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରି ସସ୍ମିତା ବାଳା ଦାସ ପ୍ରମୁଖ ଯୋଗଦେଇଥିଲେ। ଶିକ୍ଷୟିତ୍ରୀ ପ୍ରଜ୍ଞାପରମିତା ସାହୁ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲେ। ଏହି ଅବସରରେ ବାଳକ ବିଭାଗରେ ରାହୁଳ ରାଉତ ଓ ବାଳିକା ବିଭାଗରେ ସ୍ୱୟଂଶ୍ରୀ ଦାସଙ୍କୁ ପୁରସ୍କୃତ କରାଯାଇଥିଲା।


## ସେଲ୍ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com


@ ଆଶିଷ


@ ନିହାର


@ ସଞ୍ଜୀବ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।



### ଭାରତ ସରକାର

**ରାଜକୁମାରୀ ଅମ୍ରିତ କୌର କଲେଜ ଅଫ୍ ନର୍ସିଂ**

ଲଜପତ ନଗର IV, ମୂଳଚାନ୍ଦ ମେଟ୍ରୋ ଷ୍ଟେଶନ ନିକଟ, ନୂଆଦିଲ୍ଲୀ - ୧୧୦୦୨୪ । ଟେଲି. ନଂ.୦୧୧-୨୬୪୩୬୭୮୮, ୨୬୪୩୫୨୭୦

ଇ-ମେଲ: PRINCIPAL@RAKCON.COM

**ନାମଲେଖା ବିଜ୍ଞପ୍ତି**

**ଏମ୍.ଏସ୍‌ସି. ନର୍ସିଂ (ଶିକ୍ଷାବର୍ଷ ୨୦୨୩-୨୦୨୫)**

**ଦିଲ୍ଲୀ ବିଶ୍ୱବିଦ୍ୟାଳୟ ସହିତ ସହବନ୍ଧିତ**

ଶିକ୍ଷାବର୍ଷ ୨୦୨୩-୨୦୨୫ ନିମନ୍ତେ ଏମ୍.ଏସ୍. ନର୍ସିଂ (୨ ବର୍ଷ)ରେ ନାମଲେଖା ପାଇଁ ଦରଖାସ୍ତ ଆହ୍ୱାନ କରାଯାଉଛି । ନିର୍ଦ୍ଧାରିତ ଦରଖାସ୍ତ ଫର୍ମ ସହିତ ସୂଚନା ପୁସ୍ତିକା କଲେଜ ୱେବ୍‌ସାଇଟ୍ **www.rakcon.com**ରୁ ଡାଉନ୍‌ଲୋଡ୍ କରାଯାଇପାରିବ ଏବଂ **ପ୍ରିନ୍ସିପାଲ, ରାଜକୁମାରୀ ଅମ୍ରିତ କୌର କଲେଜ ଅଫ୍ ନର୍ସିଂଙ୍କ** ସପକ୍ଷରେ **ନୂଆଦିଲ୍ଲୀ**ଠାରେ ପୈଠଯୋଗ୍ୟ ଟ.୭୫୦/-ର ଡିମାଣ୍ଡ ଡ୍ରାଫ୍ଟ ସହିତ **ତା୧୫।୦୨।୨୦୨୩ରିଖରୁ ୧୭।୦୩।୨୦୨୩ରିଖ ଅପରାହ୍ନ ୫ ଘଟିକା** ସୁଦ୍ଧା କଲେଜରେ (ହାତରେ କିମ୍ବା ଡାକ ଯୋଗେ) ଦାଖଲ କରାଯାଇପାରିବ । ଫର୍ମ ଦାଖଲର ସମୟ ନିର୍ଦ୍ଧିଷ୍ଟ ହେଉଛି ସମସ୍ତ କାର୍ଯ୍ୟଦିବସ ଅର୍ଥାତ୍ ଗେଜେଟେଡ୍ ଛୁଟିଦିନଗୁଡ଼ିକୁ ଛାଡ଼ି ସୋମବାରରୁ ଶୁକ୍ରବାର ପୂର୍ବାହ୍ନ ୧୦.୦୦ ଘଟିକାରୁ ଅପରାହ୍ନ ୫ ଘଟିକା ।

**ନାମଲେଖା ପାଇଁ ଆବଶ୍ୟକତା**

ପ୍ରାର୍ଥୀ ଦିଲ୍ଲୀ ବିଶ୍ୱବିଦ୍ୟାଳୟର (୧୨+୪) ବର୍ଷିଆ ବି.ଏସ୍‌ସି. (ସମ୍ମାନ) ନର୍ସିଂ ପରୀକ୍ଷା କିମ୍ବା ସମତୁଲ୍ୟ ସ୍ୱୀକୃତିପ୍ରାପ୍ତ ଡିଗ୍ରୀ ପରୀକ୍ଷାରେ ସର୍ବମୋଟ ୫୫% ମାର୍କ ସହିତ ଉତ୍ତୀର୍ଣ୍ଣ ହୋଇଥିବେ ଏବଂ ଏକ ଚିକିତ୍ସାଳୟ/ବିଶେଷଜ୍ଞତା ଅନୁଷ୍ଠାନ/ଶିକ୍ଷାନୁଷ୍ଠାନ କିମ୍ବା ଜନ ସ୍ୱାସ୍ଥ୍ୟ/ଏଜେନ୍ସିରେ ଏକ ବର୍ଷର ଅଭିଜ୍ଞତା ହାସଲ କରିଥିବେ । ଅଭିଜ୍ଞତାକୁ **୧୭ ମାର୍ଚ୍ଚ, ୨୦୨୩** ପର୍ଯ୍ୟନ୍ତ ହିସାବ କରାଯିବ । ଚୟନ ପରୀକ୍ଷା **୩୦ ଏପ୍ରିଲ, ୨୦୨୩ ପୂର୍ବାହ୍ନ ୧୦.୦୦ ଘଟିକାରେ** ଅନୁଷ୍ଠିତ ହେବ ।

CBC 17149/12/0002/2223



### ଜିଲ୍ଲା ପରିଷଦ, ମାଲକାନଗିରି

Dist.: Malkangiri - 764048, Phone No.: 06861-230409, Fax No.: 06861-230279, E-Mail: ori-dmalkangiri@nic.in

ପତ୍ର ସଂଖ୍ୟା:......../LIII-04/2023 ତାରିଖ:....../୦୧/୨୦୨୩

**ବିଜ୍ଞାପନ**

ଏତଦ୍ୱାରା ମାଲକାନଗିରି ଜିଲ୍ଲାର ୦୭ ଗୋଟି ପଞ୍ଚାୟତ ସମିତିର ସମସ୍ତ ଅଧିବାସୀ ତଥା ପଞ୍ଚାୟତସ୍ତରୀୟ ଲୋକ ପ୍ରତିନିଧି ଏବଂ ଜବ୍ କାର୍ଡ଼ଧାରୀଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଯେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଏବଂ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା ୨୦୨୨-୨୩ ଆର୍ଥିକ ବର୍ଷରେ ସମ୍ପାଦିତ ହୋଇଥିବା ସମସ୍ତ କାର୍ଯ୍ୟଗୁଡ଼ିକର ପଞ୍ଚାୟତ ସମିତିସ୍ତରୀୟ ଜଣଶୁଣାଣି ନିମ୍ନଲିଖିତ ତାରିଖରେ ଧାର୍ଯ୍ୟ କରାଯାଇଛି। ଅତଏବ ଏଥିନିମନ୍ତେ କୌଣସି ଆପତ୍ତି ଅଭିଯୋଗ ଥିଲେ ତାହା ଏହି ଜନଶୁଣାଣି ଶିବିରରେ ଉପସ୍ଥାପନ କରାଗଲେ ସେଗୁଡ଼ିକ ଉପରେ ବିଚାର ବିମର୍ଶ କରାଯିବ।

| କ୍ରମିକ ସଂଖ୍ୟା | ପଞ୍ଚାୟତ ସମିତିରେ ନାମ | ତାରିଖ ଏବଂ ସମୟ ପୂର୍ବାହ୍ନ ଘ୧୧.୦୦ଟିକା ଠାରୁ | ନୋଡାଲ ଅଧିକାରୀ | ସ୍ଥାନ |
|---|---|---|---|---|
| ୧ | ୨ | ୩ | ୪ | ୫ |
| ୧ | କାଲିମେଳା | ୨୦।୦୨।୨୦୨୩ | ଉପ ଜିଲ୍ଲାପାଳ, ମାଲକାନଗିରି | ପଞ୍ଚାୟତ ସମିତି, କାଲିମେଳା |
| ୨ | ମାଥିଲି | ୨୨।୦୨।୨୦୨୩ | ଅତିରିକ୍ତ ଜିଲ୍ଲାପାଳ, ମାଲକାନଗିରି | ପଞ୍ଚାୟତ ସମିତି, ମାଥିଲି |
| ୩ | ଚିତ୍ରକୋଣ୍ଡା | ୨୪।୦୨।୨୦୨୩ | ମୁଖ୍ୟ ଉନ୍ନୟନ ଅଧିକାରୀ ଏବଂ କାର୍ଯ୍ୟ ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ, ମାଲକାନଗିରି | ପଞ୍ଚାୟତ ସମିତି, ଚିତ୍ରକୋଣ୍ଡା |
| ୪ | ପଡ଼ିଆ | ୨୮।୦୩।୨୦୨୩ | ମୁଖ୍ୟ ଉନ୍ନୟନ ଅଧିକାରୀ ଏବଂ କାର୍ଯ୍ୟ ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ, ମାଲକାନଗିରି | ପଞ୍ଚାୟତ ସମିତି, ପଡ଼ିଆ |
| ୫ | ଖଇରପୁଟ | ୨୯।୦୩।୨୦୨୩ | ଉପ ଜିଲ୍ଲାପାଳ, ମାଲକାନଗିରି | ପଞ୍ଚାୟତ ସମିତି, ଖଇରପୁଟ |
| ୬ | କୋରୁକୋଣ୍ଡା | ୩୦।୦୩।୨୦୨୩ | ଅତିରିକ୍ତ ଜିଲ୍ଲାପାଳ, ମାଲକାନଗିରି | ପଞ୍ଚାୟତ ସମିତି, କୋରୁକୋଣ୍ଡା |
| ୭ | ମାଲକାନଗିରି | ୩୧।୦୩।୨୦୨୩ | ମୁଖ୍ୟ ଉନ୍ନୟନ ଅଧିକାରୀ ଏବଂ କାର୍ଯ୍ୟ ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ, ମାଲକାନଗିରି | ପଞ୍ଚାୟତ ସମିତି, ମାଲକାନଗିରି |

ସ୍ୱା./- ଜିଲ୍ଲାପାଳ ତଥା ଜିଲ୍ଲା କାର୍ଯ୍ୟକ୍ରମ ସଂଯୋଜକ
ମନରେଗା, ମାଲକାନଗିରି



### Government of Odisha "e" Procurement Notice
## WORKS DEPARTMENT

No. B-1218

Bid Identification No. C.C.E.K.C., Keonjhar No. 38/2022-23
e-mail: ccekeonjharpwdcircle@gmail.com / sekcpwd_keonjhar@yahoo.com

Letter No. 516 Dt. 31.01.2023

| | | |
|---|---|---|
| 1. No. of the Work | : | 2 Number Bridge Works |
| 2. Estimated Cost | : | Rs.529.20 lakhs to Rs.926.14 lakhs |
| 3. Class of Contractor | : | "A" Class & "Special" Class |
| 4. Period of Completion | : | 9 (Nine) Calendar Months to 18 (Eighteen) Calendar Months |
| 5. Date and time of availability of Bid document in the portal | : | From 11.30 hours of 08.02.2023 to 16.00 hours of 23.02.2023 |
| 6. Last date/time for receipt of bids in the portal | : | 16.00 hours of 23.02.2023 |
| 7. Date of Opening of Bid from Portal | : | 11.30 hours on 24.02.2023 |
| 8. Name and address of the Officer Inviting Bid | : | Chief Construction Engineer, Keonjhar (R&B) Circle, Keonjhar - 758001 |

Further details can be seen from the e-procurement portal "**http://tendersodisha.gov.in**".

**Sd./- Chief Construction Engineer**
**Keonjhar (R&B) Circle, Keonjhar**

OIPR-34033/11/0049/2223



## ବିଜ୍ଞାପନ

**ସହକାରୀ ନିର୍ଦ୍ଦେଶକ, ରେଶମ ଶିଳ୍ପ, ଭୁବନେଶ୍ୱର - ୭୫୧୦୨୪**

No. L-130: ନିମ୍ନଲିଖିତ ଚତୁର୍ଥ ଶ୍ରେଣୀ କର୍ମଚାରୀ ପଦବୀ ଗୁଡ଼ିକ ପୂରଣ କରିବା ପାଇଁ ଯୋଗ୍ୟ ପ୍ରାର୍ଥୀ/ପ୍ରାର୍ଥିନୀଙ୍କଠାରୁ ପୁନଃ ଦରଖାସ୍ତ ଆହ୍ୱାନ କରାଯାଉଅଛି।

**ପଦବୀ ସଂଖ୍ୟା:** (୧) କନିଷ୍ଠ ସହକାରୀ (Junior Helper) - ୧ (ଅନୁସୂଚିତ ଜନଜାତି), ୧୮ରୁ ୩୮ ବର୍ଷ ବୟସ ମଧ୍ୟରେ ହୋଇଥିବା ଆବଶ୍ୟକ। ପ୍ରାର୍ଥୀ/ପ୍ରାର୍ଥିନୀମାନଙ୍କ ପାଇଁ ସର୍ବୋଚ୍ଚ ବୟସ ସୀମା ୫ ବର୍ଷ କୋହଳ କରାଯିବ।

**ଚୟନ ପ୍ରକ୍ରିୟା:** ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗର ପତ୍ର ସଂଖ୍ୟା ୧୧୭୫୨/ସା.ପ୍ର. ତା୧୯।୦୪।୧୯୮୯ ଓ ସଂଖ୍ୟା ୧୯୮୧୫/ସା.ପ୍ର. ତା୨୨।୦୯।୧୯୮୯ ଅନୁସାରେ ମନୋନୟନ କେବଳ ସ୍ଥାନୀୟ ତହସିଲଦାରଙ୍କ ନିକଟରୁ ଆବାସିକ ପ୍ରମାଣପତ୍ର ଏବଂ ସ୍ଥାନୀୟ ନିୟୋଜନ କାର୍ଯ୍ୟାଳୟ ବିଧିମାନ୍ୟ ରେଜିଷ୍ଟ୍ରେସନ ପତ୍ର ଗ୍ରହଣ କରିଥିବା ଖୋର୍ଦ୍ଧା ଜିଲ୍ଲାର ପ୍ରାର୍ଥୀ ଓ ପ୍ରାର୍ଥିନୀମାନଙ୍କ ମଧ୍ୟରେ ହିଁ କରାଯିବ। ପ୍ରକାଶ ଥାଉକି ଭୁବନେଶ୍ୱର ତହସିଲ ବାସିନ୍ଦାଙ୍କୁ ଅଗ୍ରାଧିକାର ଦିଆଯିବ।

**ଶିକ୍ଷାଗତ ଯୋଗ୍ୟତା:** ପ୍ରାର୍ଥୀ ଓ ପ୍ରାର୍ଥିନୀମାନେ ମଧ୍ୟ ଇଂରାଜୀ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବେ ତଥା ଓଡ଼ିଆ ଏବଂ ଇଂରାଜୀ ଭାଷାରେ ଲେଖି ଓ ପଢ଼ି ପାରୁଥିବେ। ପ୍ରାର୍ଥୀ ଓ ପ୍ରାର୍ଥିନୀମାନେ ସାଇକେଲ ଚାଳନା ଜାଣିଥିବା ଆବଶ୍ୟକ।

**ଚାକିରି ସର୍ତ୍ତାବଳୀ:** Odisha Group 'B', Group 'C', Group 'D' (Repeal & Special Provision) Rules - 2022 notified by GA & PG Dept. Notification No. 29076-PT 1-GAD-SC-GCS-0090/2022/Gen. ଅନୁସାରେ ପ୍ରାର୍ଥୀ/ପ୍ରାର୍ଥିନୀମାନଙ୍କୁ ନିଯୁକ୍ତି ପ୍ରଦାନ କରାଯିବ।

**ବେତନ:** ମନୋନୀତ ପ୍ରାର୍ଥୀ କିମ୍ବା ପ୍ରାର୍ଥିନୀଙ୍କୁ Odisha Group 'B', Group 'C', Group 'D' Post (Repeal & Special Provision) Rules - 2022ର ପରିଶିଷ୍ଟରେ ପ୍ରଦତ୍ତ Fitment ସାରଣୀ ଆଧାରରେ ମାସିକ Cell-1, Level - 2, Rs.17200/- ମୂଳ ବେତନ କରାଯିବ।

**କିପରି ଆବେଦନ କରିବେ:** ଇଚ୍ଛୁକ ପ୍ରାର୍ଥୀ ଓ ପ୍ରାର୍ଥିନୀମାନେ ନିଜର ନାମ, ପିତା/ସ୍ୱାମୀଙ୍କ ନାମ, ସ୍ଥାୟୀ ଠିକଣା, ବର୍ତ୍ତମାନ ରହୁଥିବା ସ୍ଥାନର ଠିକଣା, ଜନ୍ମ ତାରିଖ, ଶିକ୍ଷାଗତ ଯୋଗ୍ୟତା, ଜାତୀୟତା, ଲିଙ୍ଗ, ଧର୍ମ, ଜାତି, ବୈବାହିକ ଅବସ୍ଥା, ଲେଖି ପଢ଼ି ପାରୁଥିବା ଭାଷା ଓ ମୋବାଇଲ ନମ୍ବର ଏକ ବାୟୋଡାଟା ଫର୍ମରେ ପୂରଣ କରି ବର୍ତ୍ତମାନର ପାସ୍‌ପୋର୍ଟ ଆକାରର ଦୁଇଗୋଟି ଫଟୋ ସହିତ ଶିକ୍ଷାଗତ ଯୋଗ୍ୟତା ପ୍ରମାଣପତ୍ରର ନକଲ, ଦୁଇଟି ଗେଜେଟେଡ୍ ଅଫିସରଙ୍କଠାରୁ ଦୁଇଟି ଚରିତ୍ର ପ୍ରମାଣପତ୍ର, ନିୟୋଜନ କାର୍ଯ୍ୟାଳୟରୁ ପ୍ରାପ୍ତ ହୋଇଥିବା ବିଧିମାନ୍ୟ ରେଜିଷ୍ଟ୍ରେସନ ପତ୍ରର ନକଲ, ସ୍ଥାୟୀ ବାସିନ୍ଦା ପ୍ରମାଣପତ୍ରର ନକଲ ଓ ନିଜ ଠିକଣା ଲେଖାଥିବା ଏବଂ ଡାକ ଟିକଟ ଲଗାଯାଇଥିବା ଦୁଇଟି ଲଫାପା ସଂଲଗ୍ନ କରି ଉକ୍ତ ବିଜ୍ଞାପନ ପ୍ରକାଶନର ୧୫ଦିନ ମଧ୍ୟରେ ସହକାରୀ ନିର୍ଦ୍ଦେଶକ, ରେଶମ ଶିଳ୍ପ, ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା, ପିନ୍ - ୭୫୧୦୨୪ଙ୍କ ଠିକଣାରେ ଆବେଦନ କରିପାରିବେ। କୌଣସି କାରଣ ନ ଦର୍ଶାଇ ଏହି ନିଯୁକ୍ତି ବିଜ୍ଞାପନକୁ ରଦ୍ଦ କରିବାର କ୍ଷମତା ନିମ୍ନ ସ୍ୱାକ୍ଷରକାରୀ, ସହକାରୀ ରେଶମ ଶିଳ୍ପ, ଭୁବନେଶ୍ୱରଙ୍କ ପରିସରଭୁକ୍ତ ଅଟେ।

**ବି.ଦ୍ର.:** ନିର୍ଦ୍ଧାରିତ ସମୟ ସୀମା ପରେ ଗ୍ରହଣ କରାଯାଇଥିବା ଆବେଦନ ପତ୍ର ଗୁଡ଼ିକୁ ବିଚାରକୁ ନିଆଯିବ ନାହିଁ।

ସ୍ୱା./- ସହକାରୀ ନିର୍ଦ୍ଦେଶକ
ରେଶମ ଶିଳ୍ପ, ଭୁବନେଶ୍ୱର - ୭୫୧୦୨୪

OIPR-01440/11/0005/2223



## SITUATION VACANT

CTTC, Bhubaneswar intends to hire trainers in the different sectors in following job roles. Those who are having experience in following job roles can apply. Preference will be given to **NSDC, Sector Skill Council Certified Trainer** in respective job roles and the assignment will be purely on Project basis.

| Sl. No. | Sector | Job Role | Qualification Pack No. |
|---|---|---|---|
| 1. | Agriculture | Power Tiller Operator | AGR/Q1103 |
| | | Floriculturist | AGR/Q0701 |
| | | Gardener | AGR/Q0801 |
| | | Mushroom Grower | AGR/Q7803 |
| | | Beekeeper | AGR/Q5301 |
| 2. | Automotive | Electric Vehicle Service Assistant | ASC/Q1435 |
| 3. | Tourism & Hospitality | Housekeeping Attendant (Manual Cleaning) | THC/Q0203 |
| 4. | Construction | Mason General | CON/Q0103 |
| | | Helper Mason | CON/Q0101 |
| 5. | Health Care | Diet Assistant | HSS/Q5201 |
| | | General Duty Assistant | HSS/Q5101 |
| 6. | Painting & Coating | Painting Helper | PCS/Q5005 |
| 7. | Plumbing | Plumber General | PSC/Q0104 |
| | | Plumber General Assistant | PSC/Q0102 |
| 8. | Food Processing | Baking Technician / Operative | FIC/Q5005 |
| 9. | Electronics | LED Light Repair Technician | ELE/Q9302 |
| 10. | Handicrafts and Carpet | Engraving and Stamping Artisan | HSC/Q2802 |
| | | Casting Operator (Metal Handicrafts) | HSC/Q2801 |
| | | Bamboo Work Artisan | HSC/Q8702 |
| | | Candle Making | NARQ30036 |
| | | Agrabatti Maker | HSC/Q7901 |

**Last date for receiving application : 18.02.2023**

**How to apply :** The interested candidates may apply with updated CV/Bio-data along with all their certificates, Mark sheets, experience certificate and recent passport size photograph. Shortlisted candidates will be called for interview. No TA/DA shall be provided for attending the interview.

Scan & Apply

**Link : https://forms.gle/NWwwTVVX8JeHEzcVA**

**For Details Contact : 9861162688 / 9338061473**

Ministry of MSME Govt. of India

**CENTRAL TOOL ROOM & TRAINING CENTRE**

(Ministry of Micro, Small & Medium Enterprises , Govt. of India)
B-36, Chandaka Industrial Area, Bhubaneswar - 751024,
Ph. No.- (0674) 2654742 / 2654743
E-mail : cttc@cttc.gov.in, Website : www.cttc.gov.in

ISO-9001, 29990 ISO-14001 OHSAS 18001



### GOVERNMENT OF ODISHA
### OFFICE OF THE SUPERINTENDING ENGINEER
### KEONJHAR (R&B) DIVISION, KEONJHAR

GOVT. OF ODISHA

No. G2/983/Date: 01.02.2023

**RFQ Identification No.SE-PWD-K-01/2022-23**

**Request for Qualification**

No.B-1221:- The Superintending Engineer, Keonjhar (R&B) Division, Keonjhar (the "Authority") on behalf of the Works Department, Government of Odisha (the "Government") invites Request for Qualification (RFQ) from Registered firms for the following works.

| Sl. No. | Name of the work | RFQ invitation for | Period of engagement |
|---|---|---|---|
| 1 | Empanelment of Design/ Consultancy/ Supervision Agencies for Various Works in Keonjhar District | Design/ Consultancy/ Supervision Service | 36 months |

2. In accordance with the provisions under the Guidelines for Engagement of Consultants and Outsourcing of Services issued in the Office Memorandum No. 37323/F Dt. 30. 11.2018 of the Finance Department, Government of Odisha, the Authority now invites eligible consulting firms / joint ventures to apply for above assignments.

3. Letter of Invitation of the Authority along with all other relevant details of Request for Qualification (RFQ) will be available in the website: www.odisha.gov.in from **10.00 A.M. of 07.02.2023 to 5.00 P.M. of 13.03.2023.**
Further details with any addendum, corrigendum and cancellation can be seen from www.odisha.gov.in.

4. Request for Qualification (RFQ) should be submitted by Speed Post / Registered Post only to the following address latest by **5.00 P.M. on 13.03.2023** during office hours only. Submission of bid through any other mode and late bid will be rejected.

5. Proposals received shall be opened at **11.00 A.M. on 14.03.2023** in the Office of the Superintending Engineer, Keonjhar (R&B) Division, Keonjhar- 758001.

6. The Authority reserves all rights to cancel any or all proposals without assigning any reason.

**Address of Authority**

**Superintending Engineer**, Keonjhar (R&B) Division, Keonjhar, Odisha, Pin-758001, Tel: +916766255473, Email: eepwdkeonjhar@yahoo.com / sepwdkeonjhar2022@gmail.com

**Sd./- Superintending Engineer, Keonjhar (R&B) Divison**

OIPR-34004/11/0016/2223

# ଅସନ୍ତୋଷ ବଢ଼ାଇଛି ମହୋତ୍ସବ ପ୍ରତିଯୋଗିତା

**ଯାଜପୁର ଅଫିସ,୪।୨**

ଐତିହ୍ୟ, ସଂସ୍କୃତି ଓ ଇତିହାସକୁ ନେଇ ଗର୍ବ କରେ ମଣିଷ। ଏହିକ୍ରମରେ ଯାଜପୁର ଜିଲାର ଅବିସ୍ମରଣୀୟ ସଂସ୍କୃତି, ଐତିହ୍ୟମଣ୍ଡିତ କୀର୍ତ୍ତିରାଜି ଓ ପର୍ଯ୍ୟଟନସ୍ଥଳୀଗୁଡ଼ିକ କେବଳ ଜିଲାବାସୀଙ୍କ ପରିଚୟ ଓ ଗୌରବ ବହନ କରୁଥିବାବେଳେ ଅନ୍ୟ ଅଞ୍ଚଳର ଲୋକଙ୍କୁ ଆକର୍ଷିତ କରିଆସିଛି। ସେଥିମଧ୍ୟରେ ବ୍ୟାସ ସରୋବର ଅନ୍ୟତମ। ଏହି ଐତିହ୍ୟ ଓ ଧାର୍ମିକ ପର୍ଯ୍ୟଟନସ୍ଥଳୀକୁ କେଉଁ ଆବହମାନ କାଳରୁ ବର୍ଷର ସବୁ ସମୟରେ ପର୍ଯ୍ୟଟକ ଛୁଟି ଆସନ୍ତି। ତଦନୁଯାୟୀ ବ୍ୟାସ ସରୋବରକୁ ନେଇ ଯାତ୍ରା, ମେଳା, ମହୋତ୍ସବ ପାଳନ ହୋଇଆସୁଛି। କିମ୍ବଦନ୍ତୀ ଅନୁଯାୟୀ ତାହା ୮୦୦ ବର୍ଷ ପୁରୁଣା ବୋଲି କୁହାଯାଉଛି। କରୋନା ମହାମାରୀ ପାଇଁ ୨ ବର୍ଷ ପରେ ଚଳିତବର୍ଷ ବ୍ୟାସସରୋବର ମହୋତ୍ସବ ଓ ମେଳା ଆୟୋଜନ ହେଉଛି। କିନ୍ତୁ ଯେଉଁ ଢଙ୍ଗରେ ଚାଲିଛି ସେଥିରୁ ମହୋତ୍ସବକୁ ଗୌଣ କରାଯିବା ପାଇଁ ସୁଚିନ୍ତିତ ଷଡ଼ଯନ୍ତ୍ର କରାଯାଇଥିବା ଚର୍ଚ୍ଚା ହେଉଛି। ଅନ୍ୟପକ୍ଷରେ ୫ କି.ମି. ଦୂରରେ ଚାଲିଛି କଳିଙ୍ଗନଗର ମହୋତ୍ସବ, ଯାହାକି ୨୦୧୯ରୁ ଆରମ୍ଭ ହୋଇଥିଲା। ସମାନ ସମୟରେ ଦୁଇ ମହୋତ୍ସବ ଯୋଗୁ ଏକ ପ୍ରକାର ପ୍ରତିଯୋଗିତା ଚାଲିଥିବା ମନେ ହେଉଥିବାବେଳେ ଦର୍ଶକଙ୍କ ମରୁଡ଼ି ପଡୁଥିବା ଚର୍ଚ୍ଚା ହେଉଛି। ନିଜ ନିଜ ନିର୍ବାଚନ ମଣ୍ଡଳୀର ମହୋତ୍ସବକୁ ସରସ ସୁନ୍ଦର କରିବାକୁ ନେତାମାନେ ଲାଗିପଡ଼ିଥିବାବେଳେ ଶିଳ୍ପ କାରଖାନା କର୍ତ୍ତୃପକ୍ଷଙ୍କଠାରୁ ମୋଟା ଅଙ୍କର ଚାନ୍ଦା ଆଦାୟ ହେଉଥିବା ଅଭିଯୋଗ ଉଠିଛି।

ଲୁକ୍କାୟିତ ଓ ଲୁପ୍ତପ୍ରାୟ ଲୋକକଳାକୁ ପୁନର୍ଜୀବିତ କରିବା ତଥା ସଂସ୍କୃତି ଓ ସାମାଜିକ ଚଳଣିକୁ ଋଦ୍ଧିମନ୍ତ କରିବା ମହୋତ୍ସବର ଲକ୍ଷ୍ୟ। କିନ୍ତୁ ଜିଲା ଭିତରେ ତାହା ପ୍ରତିଯୋଗିତା ମଧ୍ୟକୁ ଚାଲିଯାଇଥିବାରୁ ଲକ୍ଷ୍ୟ ଉଦ୍ଦେଶ୍ୟ ଦିଗହରା ହୋଇପଡ଼ିଛି। ବ୍ୟାସ ସରୋବର ମହୋତ୍ସବ କେଉଁ କାଳରୁ ପାଳନ କରାଯାଉଛି ତାହା ଏଯାଏ ସ୍ପଷ୍ଟ ହୋଇ ପାରିନାହିଁ। ତେବେ ଭାରତ ସ୍ୱାଧୀନତା ପରେ ଏହି ମେଳାକୁ ସରକାରୀ ଭାବେ ପାଳନ କରାଯାଉଛି। ୨୦୦୭ରୁ ମେଳାକୁ ବ୍ୟାସନଗର ପୌର ପରିଷଦ ନିଜ ହାତକୁ ନେଇଛି। ପ୍ରତ୍ୟେକ ବର୍ଷ କ୍ରୀଡ଼ାପ୍ରେମୀମାନଙ୍କ ନିମନ୍ତେ ବ୍ୟାସ ମାରାଥନ ପ୍ରତିଯୋଗିତା ହୋଇଆସୁଛି। ଜ୍ଞାନୀ ଗୁଣୀମାନଙ୍କୁ ବ୍ୟାସରତ୍ନ, ବ୍ୟାସ ଗୌରବରେ ସମ୍ମାନିତ କରାଯାଉଛି। ହେଲେ ଚଳିତବର୍ଷ ଏନ୍‌ଜିଟି ମାମଲା ପାଇଁ ସ୍ଥାନ ବଦଳିଥିବାବେଳେ ସମ୍ମାନ ପ୍ରଦାନ କାର୍ଯ୍ୟକ୍ରମକୁ ବାତିଲ କରାଯାଇଛି। ଫଳରେ ମେଳା ପୂର୍ବପରି ସାଧାରଣ ଜନଜୀବନକୁ ସ୍ପର୍ଶକରି ପାରୁନାହିଁ। ସାରା ଭାରତର ସାଧୁସନ୍ଥଙ୍କର ଏଠାରେ ଆଉ ସମାଗମ ହେବା ଦେଖାଯାଉ ନାହିଁ। ମନେ ହେଉଛି ଏହା ଅଧିକ ଆଳଙ୍କାରିକ ହୋଇପଡୁଥିବା ବେଳେ ବ୍ୟବହାରିକତା କମି ଯାଉଛି। ମହୋତ୍ସବରେ ଗ୍ରାମୀଣ ହସ୍ତଶିଳ୍ପ, କ୍ଷୁଦ୍ରଶିଳ୍ପର କୌଳିକବୃତ୍ତି ହଜିଯାଇ ତା'ର ସ୍ଥାନରେ ରଙ୍ଗବେରଙ୍ଗ ଚାଇନା ଖେଳନା, ଅଳ୍ପମୂଲ୍ୟର ଘରୋଇ ଉପକରଣ, ସହରୀ ଫାଷ୍ଟଫୁଡ୍, ଆଇସ୍‌କ୍ରିମ ମେଳାବଜାରକୁ ଦଖଲ କରି ଚାଲିଛି। ଏହି ମହୋତ୍ସବ ଏ ଅଞ୍ଚଳର ଲୋକମାନଙ୍କ ସାମାଜିକ, ଅର୍ଥନୈତିକ, ଆଧ୍ୟାତ୍ମିକ ଓ ସାଂସ୍କୃତିକ ବିଶ୍ୱାସ ହୋଇଥିବା ହେତୁ ପୂର୍ବପରି ଏବେ କ୍ରେତା ବିକ୍ରେତାଙ୍କର ସମାଗମ ଦେଖିବାକୁ ମିଳିନି।



ବ୍ୟାସ ସରୋବର ମହୋତ୍ସବ ସ୍ଥଳ।

କଳିଙ୍ଗନଗର ବିସ୍ଥାପିତ ପରିବାର ଓ ଜିଲାବାସୀଙ୍କ ପାଇଁ କଳିଙ୍ଗନଗର ମହୋତ୍ସବ ସ୍ୱାଗତଯୋଗ୍ୟ ପଦକ୍ଷେପ। କିନ୍ତୁ ପୌରାଣିକ କମ୍ବଦନ୍ତୀ ବହନ କରୁଥିବା ବ୍ୟାସ ସରୋବର ମେଳା ଚାଲିଥିବାବେଳେ କଳିଙ୍ଗନଗର ମହୋତ୍ସବର ଆୟୋଜନକୁ ସାଧାରଣରେ ନିନ୍ଦା କରାଯାଇଛି। ସରୋବର ମେଳା ସରିବାର କିଛି ଦିନ ପରେ ଏହାର ଆୟୋଜନ ହୋଇ ପାରିଥାନ୍ତା ବୋଲି ମତପ୍ରକାଶ ପାଇଛି। ବ୍ୟାସ ସରୋବର ଅଞ୍ଚଳରେ ଗୁପ୍ତଗଙ୍ଗା ଏବଂ ମା' ଲକ୍ଷ୍ମୀଙ୍କ ବାସସ୍ଥାନ ବୋଲି ବିଶ୍ୱାସ ରହିଛି। ତେବେ ଆୟୋଜକମଣ୍ଡଳୀ ଏହି ସବୁକୁ ବଞ୍ଚାଇବା ପାଇଁ ଆଗ୍ରହ ଦେଖାଇବା ଆବଶ୍ୟକ ବୋଲି ମତପ୍ରକାଶ ପାଇଛି।

ଯାଜପୁରକୁ ମେଳା ମହୋତ୍ସବର ଜିଲା ଭାବେ ପରିଗଣିତ କରାଯାଏ। ଏଠାରେ ଜିଲା ମହୋତ୍ସବ ସମେତ ବରୁଣେଶ୍ୱର ମେଳା, କୁଆଖିଆ ମହୋତ୍ସବ, ଧର୍ମଶାଳା ମହୋତ୍ସବ, ଓଲାଶୁଣୀ ମେଳା, ସୌରିକ ମହୋତ୍ସବ, ବାଣିଜ୍ୟ ମେଳା, ସିଂହପୁର ଯାତ୍ରା ଆଦି ହୋଇଆସୁଛି। ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବରେ ସରକାରଙ୍କ ବିଭିନ୍ନ ବିଭାଗର ଅନୁଦାନରେ ଏହି ମହୋତ୍ସବ ସବୁ ଆୟୋଜିତ ହେଉଥିଲେ ହେଁ ଏହାର ଆୟୋଜନରେ ବେସରକାରୀ ଲୋକେ ମୁଖ୍ୟ ଭୂମିକା ଗ୍ରହଣ କରୁଛନ୍ତି। ମେଳା ପାଇଁ ବିଭିନ୍ନ ସମିତି ଓ ଉପସମିତିରେ ଉଭୟ ସରକାରୀ ଓ ବେସରକାରୀ ବ୍ୟକ୍ତି ସଭ୍ୟ ରହୁଥିଲେ। ପ୍ରାୟ ୩/୪ ମାସ ଆଗରୁ ମହୋତ୍ସବ ପାଇଁ ପ୍ରସ୍ତୁତି ଆରମ୍ଭ ହେଉଥିଲା। ସରକାରୀ ଅଧିକାରୀମାନେ ସହଯୋଗୀ ଭାବରେ କାର୍ଯ୍ୟ କରୁଥିଲେ। ହେଲେ ଏଥର ବ୍ୟାସ ସରୋବର ମେଳାକୁ ଏକଚାଟିଆ କରାଯାଇଛି। ଏ ସଂକ୍ରାନ୍ତରେ ବ୍ୟାସନଗର ପୌରାଧକ୍ଷା ସଙ୍ଗୀତା ପିଙ୍ଗୁଆଙ୍କୁ ପଚାରିବାରେ ସେ କହିଛନ୍ତି, ଖୁବ କମ୍ ସମୟ ଭିତରେ ମେଳାର ପ୍ରସ୍ତୁତି ହୋଇଛି। ଏନଜିଟି ମାମଲା ପାଇଁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି। ତଥାପି ପୌର ପରିଷଦ ପକ୍ଷରୁ ମେଳାକୁ ସଫଳ କରିବାକୁ ଯଥାସାଧ୍ୟ ଉଦ୍ୟମ କରାଯାଇଛି।

### ବ୍ୟାସ ସରୋବର ମହୋତ୍ସବକୁ ଗୌଣ କରିବାକୁ ଷଡ଼ଯନ୍ତ୍ର ଅଭିଯୋଗ

## ଗ୍ରାମୀଣ ଏକତା ମଞ୍ଚର ଶିଶୁମେଳା

**ରସୁଲପୁର,୪।୨(ଡି.ଏନ.ଏ.):**

ଯାଜପୁର ଜିଲାର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଗ୍ରାମୀଣ ଏକତା ମଞ୍ଚ ଆନୁକୂଲ୍ୟରେ ଶିଶୁମେଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ୧ରୁ୬ବର୍ଷ ବୟସର ୨୫୦ ଶିଶୁଙ୍କୁ ଉପହାର ବଣ୍ଟନ କରାଯାଇଛି। ରସୁଲପୁର ବ୍ଲକ୍ ଅଧୀନ ଭୋଟକା ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଆୟୋଜିତ ମେଳାରେ ସରପଞ୍ଚ ସ୍ମୃତିରେଖା ରାଉତ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ଗ୍ରାମୀଣ ଏକତାମଞ୍ଚ ସଭାପତି ଅଭିମନ୍ୟୁ ସାହୁ ଯୋଗଦେଇ ଶିଶୁଙ୍କ ପ୍ରତି ବନ୍ଧୁତ୍ୱପୂର୍ଣ୍ଣ ବ୍ୟବହାର ପ୍ରଦର୍ଶନ କଲେ ସେମାନଙ୍କ ଭବିଷ୍ୟତ ଶୃଙ୍ଖଳିତ ହୋଇପାରିବ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ସମିତିସଭ୍ୟ ରଞ୍ଜିତ ସାହୁ, ଏମ୍‌ବିକେ ସସ୍ମିତା ଆଏଚ, ଫାଉଣ୍ଡେଶନର ସହକାରୀ ସମ୍ପାଦକ ପ୍ରଶାନ୍ତ ମଲିକ, ଅଧ୍ୟାପକ ବୃନ୍ଦାବନ ଶତପଥୀ, ଶିକ୍ଷାବିତ୍ ନଗେନ୍ଦ୍ର ପତି, ରଞ୍ଜନ ଦେଓ, ସୁରେନ୍ଦ୍ର ଆଏଚ, ଜିତେନ୍ଦ୍ରିୟ ଆଏଚ ପ୍ରମୁଖ ଯୋଗ ଦେଇଥିଲେ। ଅଙ୍ଗନୱାଡି କର୍ମୀ ସୁମିତ୍ରା ବିହାରୀ, ରଶ୍ମିତା ସାହୁ, ଶାନ୍ତିଲତା ପଣ୍ଡା, ସବିତା ସାହୁ, ନିରୁପମା କର, ଆଶା ମମତା ମହାନ୍ତି, ସୁଲୋଚନା ଦାସ, ସିଆରପି ସସ୍ମିତା ଆଏଚ, ସୁଚିସ୍ମିତା ମଲିକ, ସୁବାସିନୀ ମଲିକ, ଦିଲୀପ ରାଉତ ଓ ଚିତ୍ତରଞ୍ଜନ ରାଉତ ପମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ମେଳାରେ ୫୦୦ରୁ ଉର୍ଦ୍ଧ୍ୱ ଶିଶୁ ଓ ତାଙ୍କ ମା'ମାନେ ଯୋଗ ଦେଇଥିଲେ।

## ସଂକ୍ଷେପରେ

### ରାମେଶ୍ୱର ମହାଦେବଙ୍କ ବାର୍ଷିକ ମହୋତ୍ସବ ଉଦ୍‌ଯାପିତ

ଜେନାପୁର,୪।୨(ଡି.ଏନ.ଏ.):ଧର୍ମଶାଳା ବ୍ଲକ୍ ଅଞ୍ଜିରା ପଞ୍ଚାୟତ ଗୋଡ଼ିପାଟିଆ ଗ୍ରାମଠାରେ ସନ୍ଥ ଶିରୋମଣୀ ମୌନାନନ୍ଦ ସରସ୍ୱତୀ ମହାରାଜଙ୍କ ଦ୍ୱାରା ପ୍ରତିଷ୍ଠିତ ପୀଠ ଶ୍ରୀଗୁରୁକୃପା ଆଶ୍ରମ ଓ ଅଧିଷ୍ଠାତା ପ୍ରଭୁ ରାମେଶ୍ୱର ମହାଦେବଙ୍କ ୧୦ମ ବାର୍ଷିକ ପ୍ରତିଷ୍ଠା ମହୋତ୍ସବ ଉଦ୍‌ଯାପିତ ହୋଇଯାଇଛି। ୭ ଦିନ ଧରି ଚାଲିଥିବା ଉତ୍ସବରେ ପୀଠାଧିଶ ଜ୍ଞାନାନନ୍ଦ ସରସ୍ୱତୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଶ୍ରୀମଦ୍ ଭାଗବତ ପାରାୟଣ ଓ ପଠନ କରାଯାଇଥିଲା। ଆଶ୍ରମ ଅଧିଷ୍ଠାତା ରାମେଶ୍ୱର ମହାଦେବଙ୍କ ଦ୍ୱାରା ରୁଦ୍ରାଭିଷେକ, ମହାସ୍ନାନ, ଚଣ୍ଡିପାଠ, ମହାଭିଷେକ, ସୂର୍ଯ୍ୟପୂଜା, ଗୋପୂଜା ଓ ଗୁରୁ ପୂଜନ ସମ୍ପନ୍ନ ହୋଇଥିଲା। ୭ମ ଦିବସରେ ଅଙ୍କୁରା ରୋପଣ ସହିତ ମହାଯଜ୍ଞ ହୋଇଥିଲା। ଗୀତା ମହାଯଜ୍ଞର ପୂର୍ଣ୍ଣାହୁତି ପରେ ଉଦ୍‌ଯାପନୀ ସମାରୋହ ଅନୁଷ୍ଠିତ ହୋଇଥିଲା। ବାବା ଜ୍ଞାନାନନ୍ଦ ସରସ୍ୱତୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସମାରୋହକୁ ଆଶ୍ରମର ପୃଷ୍ଠପୋଷକ ବେଣୁଧର ପଣ୍ଡା ସଞ୍ଚାଳନ କରିଥିଲେ। ଏଥିରେ ଅନ୍ତର୍ଜାତୀୟ ଆଥଲେଟର ଦ୍ୟୁତୀ ଚାନ୍ଦ, ଧର୍ମଶାଳା ବ୍ଲକ୍ ଅଧକ୍ଷ ପ୍ରଭାତ ବଳବନ୍ତରାୟ, ଜେନାପୁର ଥାନା ଅଧିକାରୀ ଉମାକାନ୍ତ ନାୟକ, ଜିଲା ପରିଷଦ ସଭ୍ୟ ତପନ ସାହୁ ଓ ବାବାଜୀ ପର୍ଶୁରାମ ଦାସ ପ୍ରମୁଖ ଅତିଥିଭାବେ ଯୋଗ ଦେଇଥିଲେ।
୩ଦିନଧରି ଯାତ୍ରା ପରିବେଷଣ କରାଯାଇଥିଲା। ଅଭିନେତା ରାଜୀବ ମହାନ୍ତି, ଅଭିନେତ୍ରୀ ସୁଲଗ୍ନା ଓ ଦୀସାଙ୍କ ବିଭିନ୍ନ ଓ ନୃତ୍ୟ ଦର୍ଶକଙ୍କ ମନ ମୋହିଥିଲା। ଆଶ୍ରମର ରାମ ସେବକ ମଣ୍ଡଳୀ ପକ୍ଷରୁ ଗଣେଶ୍ୱର ପଣ୍ଡା, ପୀତବାସ ସାହୁ, ଶିବଶଙ୍କର ପଣ୍ଡା, କୃଷ୍ଣଚନ୍ଦ୍ର ଦାସ, ସହଦେବ ସାହୁ, ରାମଚନ୍ଦ୍ର ବାରିକ, ପ୍ରଫୁଲ୍ଲ ସାହୁ, ଆନନ୍ଦଚନ୍ଦ୍ର ବେହେରା ପ୍ରମୁଖ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ। ଶିକ୍ଷକ ପ୍ରତାପଚନ୍ଦ୍ର ବେହେରା ଧନ୍ୟବାଦ ଦେଇଥିଲେ।

### ପୂର୍ଣ୍ଣାନନ୍ଦ ମିଶ୍ର ସ୍ମୃତିପାଠାଗାର ବାର୍ଷିକ ଉତ୍ସବ

ଯାଜପୁର ଟାଉନ,୪।୨(ଡି.ଏନ.ଏ.): ପୂର୍ଣ୍ଣାନନ୍ଦ ମିଶ୍ର ସ୍ମୃତିପାଠାଗାର ଓ ପଠନ କକ୍ଷର ବାର୍ଷିକ ଉତ୍ସବ ବିରଜା ଉଚ୍ଚ ବିଦ୍ୟାଳୟ ସଭାଗୃହରେ ସଭାପତି କହ୍ନାଇ ଚରଣ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥିଭାବେ ଜିତେନ୍ଦ୍ର ନାରାୟଣ ଦାସ ଯୋଗ ଦେଇଥିବାବେଳେ ବରିଷ୍ଠ ସଦସ୍ୟ ବିଷ୍ଣୁଚରଣ ବିହାରୀ ସ୍ତୋତ୍ରପାଠ କରିଥିଲେ। ସଦସ୍ୟ ପୁଷ୍ପକାନ୍ତ ମଲ୍ଲିକ ଅତିଥି ପରିଚୟ ପ୍ରଦାନ କରିଥିଲେ। ସମ୍ପାଦକ ନୃସିଂହ ଚରଣ ମହାପାତ୍ର ବାର୍ଷିକ ବିବରଣୀ ପାଠ କରିଥିଲେ। ମୁଖ୍ୟବକ୍ତା ଭାବେ ଆଇନଜୀବୀ ନଟବର ମହାନ୍ତି, ସମ୍ମାନିତ ଅତିଥିଭାବେ ପୂର୍ବତନ ପୌରାଧକ୍ଷ ଭବପ୍ରସାଦ ଦାସ, ବିରଜା ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ କିଶୋର ଚନ୍ଦ୍ର ମଲ୍ଲିକ ଓ ବ୍ଲକ ଶିକ୍ଷାଧିକାରୀ ସ୍ମୃତିରେଖା ନାୟକ ଯୋଗଦେଇ ସେମାନଙ୍କ ବକ୍ତବ୍ୟରେ ପାଠାଗାର ଛାତ୍ରୀଛାତ୍ରଙ୍କ ଉନ୍ନତି ସାଧନା କରିବା ସହିତ ଶିକ୍ଷା କ୍ଷେତ୍ରରେ ଉନ୍ନତି ଆଣିବ ବୋଲି କହିଥିଲେ। ଏହି ଅବସରରେ ବିରଜା ଉଚ୍ଚ ବିଦ୍ୟାଳୟର ପୁରାତନ ଛାତ୍ର ତଥା ପ୍ରାକ୍ତନ ବରିଷ୍ଠ ପ୍ରଶାସନିକ ଅଧିକାରୀ ବନବିହାରୀ ମହାପାତ୍ରଙ୍କୁ ପାଠାଗାର ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ଶିକ୍ଷୟିତ୍ରୀଙ୍କୁ ଅପହରଣ ଉଦ୍ୟମ, ଭାଇଙ୍କୁ ଆକ୍ରମଣ

### ଥାନାରେ ଅଭିଯୋଗ ପରେ ତଦନ୍ତ ଆରମ୍ଭ

**ବ୍ରହ୍ମବରଦା,୪।୨(ଡି.ଏନ.ଏ.):**

ଯାଜପୁର ଜିଲା ବ୍ରହ୍ମବରଦା ଥାନା ମଙ୍ଗରାଜପୁର ପଞ୍ଚାୟତସ୍ଥିତ ଖଣ୍ଡାସ ଛକ ନିକଟରେ ଶନିବାର ଜଣେ ଶିକ୍ଷୟିତ୍ରୀଙ୍କୁ ଅପହରଣ ଉଦ୍ୟମ ହୋଇଛି। ଏଥିସହିତ ତାଙ୍କ ଭାଇଙ୍କୁ ଆକ୍ରମଣ କରାଯାଇଛି। ଦୁର୍ବୃତ୍ତ ଶିକ୍ଷୟିତ୍ରୀଙ୍କୁ ଅପହରଣ କରିବାରେ ବିଫଳ ହେବାରୁ ତାଙ୍କୁ ମାଡ଼ ମାରିବା ସହିତ ତାଙ୍କ ଭାଇଙ୍କୁ ମାଡ଼ ମାରିଛନ୍ତି। ପରେ ଶିକ୍ଷୟିତ୍ରୀଙ୍କ ସୁନା ଚେନ୍ ଛଡ଼ାଇ ଫେରାର ହୋଇଯାଇଛନ୍ତି। ଏନେଇ ଶିକ୍ଷୟିତ୍ରୀ ବ୍ରହ୍ମବରଦା ଥାନାରେ ଲିଖିତ ଅଭିଯୋଗ କରିବାପରେ ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି।

ଅଭିଯୋଗ ମୁତାବକ, ଖଣ୍ଡାସ ଗ୍ରାମର ଗିରିଜା ଶଙ୍କର ମହାନ୍ତି ଓ ତାଙ୍କର କେତେଜଣ ସହଯୋଗୀ ସକାଳେ ଖଣ୍ଡାସ ଛକ ନିକଟସ୍ଥ ଦହିଖିଆମଠ ଗଡ଼ାଣୀ ମୁଖ୍ୟ ରାସ୍ତାରେ ଛକି ରହିଥିଲେ। ଏହି ସମୟରେ ସେହି ରାସ୍ତା ଦେଇ ଅର୍ଥଙ୍ଗା ଗ୍ରାମର ଶିକ୍ଷୟିତ୍ରୀ ମାଗୁଣି ସାହୁଙ୍କ ଝିଅ କଳ୍ପନା ଚାନ୍ଦପୁରସ୍ଥିତ ପ୍ରାଇମେରି ସ୍କୁଲ୍‌କୁ ବାଇକ ଯୋଗେ ତାଙ୍କ ଭାଇ ବିଦ୍ୟାଧର ସାହୁଙ୍କ ସହ ଯାଉଥିଲେ। ଏହାଦେଖି ତାଙ୍କୁ ଗିରିଜା ଶଙ୍କର ଓ ତାଙ୍କ ସହଯୋଗୀ ସେମାନଙ୍କୁ ଅଟକାଇଥିଲେ। ଅଭିଯୁକ୍ତମାନେ ମୁହଁରେ କଳା କପଡ଼ା ବାନ୍ଧିଥିଲେ। ଗିରିଜାଶଙ୍କର ପ୍ରଥମେ ଶିକ୍ଷୟିତ୍ରୀଙ୍କୁ ଟାଣିନେଇ ଗାଡ଼ିରେ ଜୋର ଜବରଦସ୍ତ ବସାଉଥିଲେ। ଅନ୍ୟ ସହଯୋଗୀମାନେ ତାଙ୍କ ଭାଇଙ୍କୁ ମାଡ଼ ମାରିବା ସହ ବନ୍ଧୁକ ଦେଖାଇ ଭୟଭିତ କରାଇଥିଲେ। କୌଶଳକ୍ରମେ ଅଭିଯୁକ୍ତଙ୍କ ନିକଟରୁ ଶିକ୍ଷୟିତ୍ରୀ ଖସିବାକୁ ଉଦ୍ୟମ କରିଥିଲେ। ଏହି ସମୟରେ କିଛି ଲୋକ ଆସିଯିବାରୁ ଅଭିଯୁକ୍ତମାନେ ଶିକ୍ଷୟିତ୍ରୀଙ୍କୁ ଅପହରଣ ନ କରି ତାଙ୍କ ସୁନା ଚେନ ଛଡ଼ାଇ ନେଇ ଫେରାର ହୋଇଯାଥିଲେ। ପରେ ଶିକ୍ଷୟିତ୍ରୀ ଜଣକ ଥାନାକୁ ଯାଇ ଘଟଣା ସମ୍ପର୍କରେ ଅଭିଯୋଗ କରିଥିଲେ। ତେବେ ଅଭିଯୁକ୍ତମାନେ କାହିଁକି ତାଙ୍କୁ ଅପହରଣ କରୁଥିଲେ ତାହା ଜଣାପଡ଼ିନାହିଁ। ଏହିଘଟଣା ଅଞ୍ଚଳରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି।



ଥାନାକୁ ଅଭିଯୋଗ କରିବାକୁ ଆସିଥିବା ଶିକ୍ଷୟିତ୍ରୀ।

## ଚଣ୍ଡିଖୋଲରୁ ୨ଜଣଙ୍କୁ ଉଠାଇ ନେଲା ପୋଲିସ, ବନ୍ଧୁକ ଜବତ

**ଚଣ୍ଡିଖୋଲ/ଛତିଆ,୪।୨(ଡି.ଏନ.ଏ.):**

ଯାଜପୁର ଜିଲା ପୋଲିସ ଶୁକ୍ରବାର ଚଣ୍ଡିଖୋଲ ଛକର ପୁରୁଣା ବଜାର ନିକଟରେ ଚଢ଼ାଉ କରି ୨ଜଣଙ୍କୁ ଉଠାଇ ନେଇଛି। ସେମାନଙ୍କଠାରୁ ଏକ ବନ୍ଧୁକ ଓ ୪ ମୋବାଇଲ ଫୋନ୍ ଜବତ କରାଯାଇଥିବା ପ୍ରତ୍ୟେକ୍ଷଦର୍ଶୀଙ୍କଠାରୁ ଶୁଣିବାକୁ ମିଳିଛି। ଏ ସମ୍ପର୍କରେ ପୋଲିସ କୌଣସି ସୂଚନା ଦେଇନାହିଁ। ବିଶସ୍ତ ସୂତ୍ରରୁ ମିଳିଥିବା ଖବର ଅନୁଯାୟୀ ଛତିଆ ଅଞ୍ଚଳର ଜଣେ ବ୍ୟକ୍ତିଙ୍କୁ ଧରିବା ପରେ ତାଙ୍କଠାରୁ ଖବର ପାଇ ପୋଲିସ ଚଣ୍ଡିଖୋଲ ଛକ ଅଞ୍ଚଳରେ ଚଢ଼ାଉ କରିଥିଲା। ଚଢ଼ାଉ ସମୟରେ ଦୁଇ ବ୍ୟକ୍ତିଙ୍କୁ ଧରିବା ସହ ସେମାନଙ୍କଠାରୁ ପୋଲିସ ବନ୍ଧୁକ ଜବତ କରିଥିଲା। ପରେ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ଆଉ ୨ଜଣଙ୍କୁ ପୋଲିସ କାବୁ କରିଛି। ସମସ୍ତଙ୍କୁ ଯାଜପୁର ଜିଲା ବୈରୀ ଥାନାରେ ଅଟକ ରଖି ପଚରାଉଚରା ଚାଲିଛି। ଏ ସମ୍ପର୍କରେ ବୈରୀ ଥାନା ଅଧିକାରୀ ପ୍ରଦୀପ୍ତ କୁମାର କାନୁନଗୋଙ୍କୁ ପଚାରିବାରୁ ସେ କୁହନ୍ତି, ତଥ୍ୟ ସଂଗ୍ରହ ଚାଲିଛି। ରବିବାର ଗିରଫ ସମ୍ପର୍କରେ ସୂଚନା ଦିଆଯିବ।

## ନେସନ ପକ୍ଷରୁ ରକ୍ତଦାନ ଶିବିର

**ଧର୍ମଶାଳା,୪।୨(ଡି.ଏନ.ଏ.):**

ଧର୍ମଶାଳା ବ୍ଲକ୍ ଅଧୀନ ଦେଉଳି ସ୍କୁଲ୍ ପରିସରରେ ଶୁକ୍ରବାର ନେସନ ପକ୍ଷରୁ ୨୦ତମ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ସମ୍ପାଦକ ଅଖିଳ ସ୍ୱାଇଁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଶିବିରକୁ ଅବସରପ୍ରାପ୍ତ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ବିଜୟ କୁମାର ଶତପଥୀ ଉଦ୍‌ଘାଟନ କରିଥିଲେ। ଇନର ହୁଇଲ କ୍ଲବର ପୂର୍ବତନ ସଭାପତି ମାଧୁରୀ ଶତପଥୀ, ମିନତି ସାହୁ, ବ୍ଲକ ପ୍ରାକ୍ତନ ଅଧକ୍ଷ କିଷାନ ପଣ୍ଡା, ସାମାଜିକ କର୍ମୀ କାହ୍ନୁଚରଣ ଦାଶ, ପରିବେଶବିତ ଶ୍ରୀନିବାସ ଜେନା ଓ କବି ଗୌତମ ଜେନା ପ୍ରମୁଖ ଅତିଥି ଭାବେ ଯୋଗଦେଇ ରକ୍ତଦାନର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। କଟକ ସେଣ୍ଟ୍ରାଲ ବ୍ଲଡ୍ ବ୍ୟାଙ୍କ ପକ୍ଷରୁ ରକ୍ତ ସଂଗ୍ରହ କରାଯାଇଥିଲା। ଶିବିରରେ ୫୦ ୟୁନିଟ୍ ରକ୍ତ ସଂଗୃହୀତ କରାଯାଇଥିଲା। ଯାଜପୁର ଜିଲା ଜୀବନ ବିନ୍ଦୁ, ମୋ ପରିବାରର ସଂଯୋଜକ ବିମଳ ଚନ୍ଦ୍ର ଦାସ ଓ ବ୍ଲଡ ବ୍ୟାଙ୍କ ସଂଯୋଜକ ଅଭିନାଶ ଦାସ ରକ୍ତ ସଂଗ୍ରହରେ ସହାୟତା କରିଥିଲେ। ସ୍କୁଲ୍ ପ୍ରଧାନଶିକ୍ଷକ ପ୍ରମୋଦ ସାହୁ, କବି ସଂଗ୍ରାମ ଜେନା, ଆଇନଜୀବୀ ସନ୍ତୋଷ ତରାଇ, କୃଷକ ନେତା ବସନ୍ତ ପରିଡ଼ା, ଧର୍ମଶାଳା ବିକାଶ ପରିଷଦ ସଭାପତି ଶ୍ରୀକାନ୍ତ ସାହୁ, ଅଧ୍ୟାପକ ପ୍ରଶାନ୍ତ ସାହୁ, ଶଶିକାନ୍ତ ସାମଲ, ପ୍ରେସକ୍ଲବ ସଭାପତି ରମାକାନ୍ତ ଜେନା ପ୍ରମୁଖ ଉପସ୍ଥିତ ରହି ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ।

## ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଯାପିତ



ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ବାର୍ଷିକ କ୍ରୀଡ଼ା ଉତ୍ସବରେ ମଞ୍ଚାସୀନ ଅତିଥି।

**ବରୀ,୪।୨(ଡି.ଏନ.ଏ.):**

ବରୀ ବ୍ଲକ୍ ଅଞ୍ଚଳର ଅଗ୍ରଣୀ ଶିକ୍ଷାନୁଷ୍ଠାନ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ରାମପୁରର ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଯାପିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ବରୀ ବିଧାୟିକା ସୁନନ୍ଦା ଦାସ ଯୋଗଦେଇ ଉକ୍ତ ଅନୁଷ୍ଠାନର ବହୁ ମେଧାବୀ ଛାତ୍ରୀଛାତ୍ର ଓଡ଼ିଶାର ବିଭିନ୍ନ କୋଣ ଅନୁକୋଣରେ ଉଚ୍ଚ ପଦବୀରେ ଅବସ୍ଥାପିତ ହୋଇପାରିଛନ୍ତି। ଏଭଳି ଶିକ୍ଷାଦାନ ଶିକ୍ଷୟିତ୍ରୀଶିକ୍ଷକ ଜାରି ରଖିଲେ ଆଗାମୀ ଦିନରେ କେବଳ ବରୀ ଅଞ୍ଚଳରେ ନୁହେଁ ସାରା ଓଡ଼ିଶାରେ ଏହି ଅନୁଷ୍ଠାନ ଅଗ୍ରଣୀ ଶିକ୍ଷାନୁଷ୍ଠାନ ଭାବେ ପରିଚୟ ସୃଷ୍ଟି କରିପାରିବ ବୋଲି ମତ ରଖିଥିଲେ। ଉତ୍ସବରେ ପ୍ରଧାନଶିକ୍ଷକ ନିର୍ମଳ କୁମାର ଜେନା ସଭାପତିତ୍ୱ କରିଥିବା ବେଳେ ମୁଖ୍ୟବକ୍ତା ଭାବେ ଯାଜପୁର ଜିଲା ଶିକ୍ଷା ଅଧିକାରୀ ରଞ୍ଜନ କୁମାର ଗିରି, ସମ୍ମାନିତ ଅତିଥି ବ୍ଲକ୍ ଶିକ୍ଷାଧିକାରୀ ଗୁରୁଚରଣ ଷଡ଼ଙ୍ଗୀ, ପ୍ରଧାନଶିକ୍ଷକ ଗିରିଶ ବିହାରୀ ମିଶ୍ର, ବରିଷ୍ଠ ନାଗରିକ ବିଷ୍ଣୁଚରଣ ମହାନ୍ତି, ମକରଧ୍ୱଜ ଘଡ଼ାଇ, ଅନୁଷ୍ଠାନର ବରିଷ୍ଠ କର୍ମକର୍ତ୍ତା କେଦାର ଚନ୍ଦ୍ର ସାମଲ, ନକୁଳ ଚରଣ ଦାସ, ଷ୍ଟାଲିନ ଜେନା ପ୍ରମୁଖ ଯୋଗଦେଇ ଏହି ଅନୁଷ୍ଠାନ ଶିକ୍ଷାକ୍ଷେତ୍ରରେ କିଭଳି ଆଗକୁ ଯାଇ ପାରିବ ସେ କ୍ଷେତ୍ରରେ ଶିକ୍ଷୟିତ୍ରୀଶିକ୍ଷକ, ଅଭିଭାବକ ଓ ଶିକ୍ଷାବିତଙ୍କ ପରାମର୍ଶ ଆବଶ୍ୟକ ରହିଛି ବୋଲି ମତ ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଦିଲୀପ ଦାସ, ସାମାଜିକ କର୍ମୀ ରାଜକୁମାର ଜେନା, ଶିକ୍ଷକ ଅଶୋକ ଦାସ ଓ ପ୍ରମୋଦ ଦାସ ପ୍ରମୁଖ ଯୋଗଦେଇ ସହଯୋଗ କରିଥିଲେ। ଅନୁଷ୍ଠାନର ଛାତ୍ରୀଛାତ୍ର ଅତିଥିଙ୍କୁ ସାଂସ୍କୃତିକ କାର୍ଯ୍ୟକ୍ରମ ମାଧ୍ୟମରେ ସ୍ୱାଗତ କରିଥିଲେ। ଶିକ୍ଷକ ସୁବାସ ଚନ୍ଦ୍ର ସାହୁ ଅତିଥି ପରିଚୟ ଓ ବାର୍ଷିକ ବିବରଣୀ ପାଠ କରିଥିଲା ବେଳେ ଶିକ୍ଷକ ଦୁଃଶାସନ ବେହେରା ଧନ୍ୟବାଦ ଦେଇଥିଲେ। ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ ଓ କର୍ମଚାରୀଙ୍କ ସମେତ ପୁରାତନ ଛାତ୍ରୀଛାତ୍ର ଯୋଗଦେଇ ଆଗାମୀ ଦିନରେ ଏହି ବାର୍ଷିକ ଉତ୍ସବକୁ ନିଆରା ଢଙ୍ଗରେ ପାଳନ କରାଯିବ ବୋଲି ସୂଚନା ଦେଇଥିଲେ।

## ପ୍ରେସ୍ କ୍ଲବକୁ ହରାଇ ବିଦ୍ୟୁତ୍ ବିଭାଗ ଚାମ୍ପିୟନ

### ତୃତୀୟ ସୁକିନ୍ଦା ମିଡିଆ କପ୍

**କାଳିଆପାଣି,୪।୨(ଡି.ଏନ.ଏ.):**

ଦିନିକିଆ ୩ୟ ସୁକିନ୍ଦା ମିଡିଆ କପ୍ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଫାଇନାଲ ମ୍ୟାଚରେ ବିଦ୍ୟୁତ୍ ବିଭାଗ ଡୁବୁରୀ ଉପଖଣ୍ଡ ଟିମ୍ ସୁକିନ୍ଦା ପ୍ରେସ୍ କ୍ଲବକୁ ୨୩ ରନରେ ହରାଇ ଚାମ୍ପିୟନ ହୋଇଛି। ଟସ୍ ଜିତି ବିଦ୍ୟୁତ୍ ବିଭାଗ ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇଥିଲା। ନିର୍ଦ୍ଧାରିତ ୧୦ ଓଭରରେ ୫ ଉଇକେଟ ହରାଇ ଦଳ ୧୨୭ ରନ୍ କରିଥିଲା। ଦଳ ପକ୍ଷରୁ ଶକ୍ତିକାନ୍ତ ନାୟକ ୪ ଛକା, ୪ ଚୌକା ମାରି ସର୍ବାଧିକ ୪୨ ରନ ସଂଗ୍ରହ କରିଥିଲେ। ପ୍ରେସ୍ କ୍ଲବ ପକ୍ଷରୁ ସୌମ୍ୟରଞ୍ଜନ ବାରିକ ୨ ଓଭର ବୋଲିଂ କରି ୧୮ ରନ ଦେଇ ୨ ଉଇକେଟ ନେଇଥିଲେ। ଜବାବରେ ସୁକିନ୍ଦା ପ୍ରେସ୍ କ୍ଲବ ନିର୍ଦ୍ଧାରିତ ୧୦ ଓଭରରେ ୬ ଉଇକେଟ ହରାଇ ୧୦୪ ରନ କରି ରନର୍ସ ଅପ୍ ହୋଇଥିଲା। କ୍ଲବ ପକ୍ଷରୁ ସୌମ୍ୟରଞ୍ଜନ ୩ ଛକା ଓ ୩ ଚୌକା ସହାୟତାରେ ସର୍ବାଧିକ ୩୪ ରନ ସଂଗ୍ରହ କରିବାକୁ ସକ୍ଷମ ହୋଇଥିଲେ। ପ୍ରଥମାର୍ଦ୍ଧରେ ଖେଳା ଯାଇଥିବା ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍‌ରେ ବିଦ୍ୟୁତ୍ ବିଭାଗ, ସୁକିନ୍ଦା ପୋଲିସ୍ ଟିମ୍‌କୁ ହରାଇ ଓ ସୁକିନ୍ଦା ପ୍ରେସ୍ କ୍ଲବ, ସୁକିନ୍ଦା ବ୍ଲକ ପଞ୍ଚାୟତ ପ୍ରତିନିଧିଙ୍କୁ ହରାଇ ଫାଇନାଲରେ ପ୍ରବେଶ କରିଥିଲା।

କଳିଙ୍ଗନଗର ଅତିରିକ୍ତ ଆରକ୍ଷୀ ଅଧୀକ୍ଷକସିଲଭରିଅସ୍‌ଟାପୋ ମୁଖ୍ୟଅତିଥି, ରେଞ୍ଜର ବିପିନ୍ ରାଉତରାୟ ସମ୍ମାନିତ ଅତିଥି ଭାବେ ଯୋଗଦେଇ ମ୍ୟାଚ୍‌କୁ ଉଦ୍‌ଘାଟନ କରିଥିଲେ।ଅପରାହ୍ନରେ କ୍ଲବ ସଭାପତି ବିଶ୍ୱଜିତ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ମନ୍ତ୍ରୀ ପ୍ରୀତିରଞ୍ଜନ ଘଡ଼ାଇ ମୁଖ୍ୟ ଅତିଥି, ସୁକିନ୍ଦା ପଞ୍ଚାୟତ ସମିତି ଅଧ୍ୟକ୍ଷ ଦିବ୍ୟରଞ୍ଜନ ବରାଳ ଓ ତୃତୀୟ ବାଟାଲିୟନର ଦୁର୍ଗପତି ଲୋଚନ ପଶାୟତ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଚାମ୍ପିୟନ ଓ ରନର୍ସ ଅପ୍ ଟିମ୍‌କୁ ସୁକିନ୍ଦା ମିଡିଆ କପ୍ ଟ୍ରଫି ପ୍ରଦାନ କରିଥିଲେ। ମ୍ୟାନ୍ ଅଫ୍ ଦି ସିରିଜ ଭାବେ ସୌମ୍ୟରଞ୍ଜନ, ବେଷ୍ଟ ବ୍ୟାଟସ୍ ମ୍ୟାନ ଦିବ୍ୟରଞ୍ଜନ, ବେଷ୍ଟ ବୋଲର ଜୟନ୍ତ ରାଉତ, ବେଷ୍ଟ ଫିଲଡର ସିବୁ ମଲ୍ଲିକ ପୁରସ୍କୃତ ହୋଇଥିଲେ। ଟୁର୍ନାମେଣ୍ଟରେ ଅଜୟ ସେଠୀ, ମିର୍ଜା ବେଗ୍ ଅମ୍ପାୟାର ଦାୟିତ୍ୱ ତୁଲାଇଥିଲେ। ସ୍କୋରର ଭାବେ ଶ୍ୟାମଳେନ୍ଦୁ ବେହୁରା, ଭାଷ୍ୟକାର ଭାବେ ଶେଖ କାସିମ୍ ଖେଳ ପରିଚାଳନା କରିଥିଲେ। ପ୍ରେସ କ୍ଲବ ପକ୍ଷରୁ କାର୍ଯ୍ୟକାରୀ ସଭାପତି ରବୀନ୍ଦ୍ର ସାମଲ, ସମ୍ପାଦକ ନୀଳମାଧବ ନାୟକ, ଉପସଭାପତି ବିମଳେନ୍ଦୁ ବେହୁରା, ସତ୍ୟଜିତ ଦାଶ, ମନୋଜ ନାୟକ, ସେକ୍ ଜହୁରୁ, ସୌମ୍ୟରଂଜନ ବାରିକ, ପରମାନନ୍ଦ ସାହୁ, ସରୋଜ ନାୟକ, କପିଳେନ୍ଦ୍ର ମହାନ୍ତ, ଅସିତ ମହାନ୍ତ, କୈଳାସ ନାୟକ, କୃପାସିନ୍ଧୁ କେଶରୀ ଓ ରୋହିତ ଖୁଣ୍ଟିଆ ପ୍ରମୁଖ ଉପସ୍ଥିତ ଥିଲେ।


ଅତିଥିଙ୍କ ଗହଣରେ ଚାମ୍ପିୟନ ଓ ରନର୍ସ ଅପ୍ ଟିମ୍‌ର ଖେଳାଳିମାନେ।

# ମନମୋହିଲା ଆଦିବାସୀ ନୃତ୍ୟଗୀତ


କଳାକାର ସମାଗମରେ ନୃତ୍ୟ ପରିବେଷଣ କରାଯାଉଛି।


କାର୍ଯ୍ୟକ୍ରମରେ ମନ୍ତ୍ରୀ ପ୍ରୀତିରଞ୍ଜନ ଘଡ଼େଇ ନୃତ୍ୟ କରୁଛନ୍ତି।

**ଯାଜପୁର ଅଫିସ,୪।୨:**

### ଟାଟା ଷ୍ଟିଲ ମାଇନିଂ ପକ୍ଷରୁ କଳାକାର ସମାଗମ

ଟାଟା ଷ୍ଟିଲ ମାଇନିଂ ପକ୍ଷରୁ ଟାଟା ଷ୍ଟିଲ ଫାଉଣ୍ଡେଶନର ସହଭାଗିତାରେ ସୌରିକ ଦୁର୍ଗା ପୂଜା ପଡ଼ିଆଠାରେ ଶୁକ୍ରବାର ଆଦିବାସୀ ସଙ୍ଗୀତ ମହୋତ୍ସବ ଆୟୋଜିତ ହୋଇଯାଇଛି । ଉତ୍ସବରେ ଦେଶର ବିଭିନ୍ନ ସ୍ଥାନରୁ ୧୫୦ରୁ ଉର୍ଦ୍ଧ୍ୱ ଆଦିବାସୀ କଳାକାର ଯୋଗଦେବା ସହ ପାରମ୍ପରିକ ଆଦିବାସୀ ବାଦ୍ୟଯନ୍ତ୍ର ମାଧ୍ୟମରେ ସଙ୍ଗୀତ ପ୍ରଦର୍ଶନ କରି ଉପସ୍ଥିତ ଦର୍ଶକଙ୍କ ମନ ମୋହିଥିଲେ। ଏଭଳି ପ୍ରଥମ ନିଆରା ମହୋତ୍ସବ ସର୍ଜୋମ ବା ହୋ ଭାଷାରେ ଯାହାର ଅର୍ଥ ଶାଳଗଛର ଫୁଲ ପାରମ୍ପରିକ ଆଦିବାସୀ ବାଦ୍ୟଯନ୍ତ୍ରର ଫ୍ୟୁଜନ ମାଧ୍ୟମରେ ଏକ ସ୍ୱତନ୍ତ୍ର ପାରମ୍ପରିକ ଆଦିବାସୀ ସଙ୍ଗୀତମୟ ପରିବେଶ ସମସ୍ତଙ୍କୁ ମନ୍ତ୍ରମୁଗ୍ଧ କରିଥିଲା। ଆଦିବାସୀ ସଙ୍ଗୀତ ଓ ଲୋକକଳାକୁ ବଜାୟ ରଖିବା ସହ ଓ ପାରମ୍ପରିକ ଆଦିବାସୀ ବାଦ୍ୟଯନ୍ତ୍ରର ସଂରକ୍ଷଣ ପାଇଁ ଏହି ଅଭିନବ ପ୍ରୟାସରେ ଝାଡ଼ଖଣ୍ଡ,ଓଡ଼ିଶାର ସଙ୍ଗୀତକାର ଓ କଳାକାରମାନେ ଭାଗ ନେଇଥିଲେ। ବିଶେଷ ଭାବେ ମାଙ୍କିଡ଼ିଆ ଓ ଜୁଆଙ୍ଗଙ୍କ ସହ ହୋ, ସାନ୍ତାଳି, ମୁଣ୍ଡା ଏବଂ ଭୂମିଜ ଜନଜାତି ସମ୍ପ୍ରଦାୟ ଭାଗନେଇ କାର୍ଯ୍ୟକୁ ମନୋରମ କରିଥିଲେ । ପାରମ୍ପରିକ ଆଦିବାସୀ ବାଦ୍ୟଯନ୍ତ୍ର ସେନ୍ଦ୍ରାତାମକ, ନଗଡା, ଦୁମଙ୍ଗ, ଜଦୁର, ବାନମ, ସାକା, ଟାଙ୍ଗୁ ଓ ଘୁମୁରାର ବାଦ୍ୟ ଉପସ୍ଥିତ ଦର୍ଶକଙ୍କ ମଧ୍ୟରେ ଉନ୍ମାଦନା ଭରି ଦେଇଥିଲା।

ଏହି ନିଆରା ସଙ୍ଗୀତ ମହୋତ୍ସବରେ ଯାଜପୁର, କେନ୍ଦୁଝର ଓ ମୟୂରଭଞ୍ଜ ଜିଲାର ଆଦିବାସୀଙ୍କ ସହ ଝାଡ଼ଖଣ୍ଡର ପୂର୍ବ ସିଂହଭୂମି ଓ ପଶ୍ଚିମ ସିଂହଭୂମି ଜିଲାର ଆଦିବାସୀମାନେ ଭାଗନେଇ ନିଜର ସ୍ୱତନ୍ତ୍ର ଶୈଳୀ ମାଧ୍ୟମରେ ସଙ୍ଗୀତ ପରିବେଷଣ କରିଥିଲେ। ଗ୍ରାମ୍ୟ ଉନ୍ନୟନ ବିଭାଗ, ଦକ୍ଷତା ବିକାଶ ଏବଂ ବୈଷୟିକ ଶିକ୍ଷା ବିଭାଗ ମନ୍ତ୍ରୀ ପ୍ରୀତିରଞ୍ଜନ ଘଡେଇ ମୁଖ୍ୟଅତିଥି ଓ ଟାଟା ଷ୍ଟିଲ ମାଇନିଂ ପରିଚାଳନା ନିର୍ଦ୍ଦେଶକ ପଙ୍କଜ ସତିଜା ସମ୍ମାନୀତି ଅତିଥି ଭାବେ ଯୋଗଦେଇ କହିଲେ, ସଙ୍ଗୀତର କୌଣସି ସୀମା ନ ଥାଏ । ଏହା ଜାତି, ଧର୍ମ, ବର୍ଣ୍ଣ ଓ ନିର୍ବିଶେଷରେ ସମସ୍ତଙ୍କୁ ଏକାଠି କରିବାରେ ମହତ୍ତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥାଏ।

## ସଂକ୍ଷେପରେ

### ମହିମା ଆଶ୍ରମରେ ଚତୁର୍ଦ୍ଦଶୀ ମେଳା, ଭକ୍ତଙ୍କ ଭିଡ଼

**ନାଉଗାଁ,୪।୨(ସ୍ୱ.ପ୍ର.):** ଜଗତ୍‌ସିଂହପୁର ଜିଲା ନାଉଗାଁ ବ୍ଲକ ଅନ୍ତର୍ଗତ ଶାଳିଜଙ୍ଗା ମହିମା ଆଶ୍ରମରେ ଶନିବାର ମାଘ ଚତୁର୍ଦ୍ଦଶୀ ମେଳା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମହିମା ଆଶ୍ରମର ବାବା ଗଦାଧର ଦାସ ଅଖଣ୍ଡ ଝାଡ଼ ଦୀପ ଲଗାଇଛନ୍ତି। ଘଣ୍ଟଘଣ୍ଟା, ଶଙ୍ଖ, ହୁଳହୁଳି ସମେତ ମହିମା ଅଲେଖ ଡାକରେ ଆଶ୍ରମ ପରିସର ପ୍ରକମ୍ପିତ ହୋଇ ଉଠିଥିଲା। ରାଜ୍ୟର ବିଭିନ୍ନ ସ୍ଥାନରୁ ବହୁ ଶ୍ରଦ୍ଧାଳୁ ପ୍ରାତଃ ସମୟରୁ ଉକ୍ତ ପୀଠକୁ ଆସିଥିଲେ। ମେଳା ପାଇଁ ଆଶ୍ରମ ପରିସରରେ ଥିବା ଶୂନ୍ୟ ମନ୍ଦିର ଓ ଅନ୍ୟାନ୍ୟ ମନ୍ଦିରଗୁଡିକୁ ରଙ୍ଗବେରଙ୍ଗର ଫୁଲରେ ସଜ୍ଜା ଯାଇଥିଲା। ସନ୍ଧ୍ୟା ସମୟରେ ବହୁ ଶ୍ରଦ୍ଧାଳୁଙ୍କର ସମାଗାମ ହୋଇଥିଲା। ଭିଡକୁ ଦୃଷ୍ଟିରେ ରଖି ନାଉଗାଁ ଥାନା ଆଇଆଇସି ଅନିରୁଦ୍ଧ ନାୟକଙ୍କ ତତ୍ତ୍ୱାବଧାନରେ ବ୍ୟାପକ ସୁରକ୍ଷା ବନ୍ଦୋବସ୍ତ କରାଯାଇଥିଲା। ଦିନ ତମାମ ମହିମା ଧର୍ମାବଲମ୍ବୀମାନଙ୍କ ଦ୍ୱାରା ନାମ ସଂକୀର୍ତ୍ତନ କରାଯାଇଥିଲା।

### କପିଳେଶ୍ୱର ସମବାୟ ସମିତିର ନୂଆ ଗୃହ ଉଦ୍‌ଘାଟିତ

**ଡେରାବିଶ,୪।୨(ସ୍ୱ.ପ୍ର.):** ଡେରାବିଶ ବ୍ଲକ ଅଧୀନ ହରିଅଙ୍କସ୍ଥିତ କପିଳେଶ୍ୱର ପ୍ରାଥମିକ କୃଷି ସମବାୟ ସମିତିର ନୂତନ ଗୃହକୁ ଶୁକ୍ରବାର ପାଟକୁରା ବିଧାୟିକା ସାବିତ୍ରୀ ଅଗ୍ରୱାଲ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଆୟୋଜିତ ସମାବେଶରେ ବିଧାୟିକା ଅଗ୍ରୱାଲ ଯୋଗଦେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ କୃଷି ଓ କୃଷକଙ୍କ ଉନ୍ନତି ପାଇଁ କରିଥିବା ବହୁବିଧ ଯୋଜନା ଉପରେ ବକ୍ତବ୍ୟ ରଖିଥିଲେ। ତେବେ ବ୍ଲକ ଅଧୀନ ଲୁଣା-ଚିତ୍ରୋତ୍ପଳା ନଦୀର ଦ୍ୱିପାଞ୍ଚଳରେ ଥିବା ହରିଅଙ୍କ, ଯଅଁରାବାରିମୂଳ ଓ ଇନ୍ଦାଲୋ ପଞ୍ଚାୟତର ଚାଷୀ ଭାଇଙ୍କ ପାଇଁ କପିଳେଶ୍ୱର ସମବାୟ ସମିତି ଏକ ବଳିଷ୍ଠ ମାଧମ ହୋଇଥିବା ସେ କହିଥିଲେ। ସମବାୟ ସମିତିର ସଭାପତି ସୁଧାଂଶୁ ଭୂଷଣ ସାମନ୍ତରାୟଙ୍କ ଅଧକ୍ଷତାରେ ଅନୁଷ୍ଠିତ ସମାବେଶରେ ବ୍ଲକ ଉପାଧକ୍ଷ ଦେବାଶିଷ ଆଚାର୍ଯ୍ୟ, ପୂର୍ବତନ ସରପଞ୍ଚ ସୁଖଦାନନ୍ଦ ପ୍ରଧାନ ଓ ଯୋଗାନନ୍ଦ ମହାନ୍ତି, ଯଅଁରାବାରିମୂଳ ସରପଞ୍ଚ ଶଙ୍କର୍ଷଣ ପରିଡ଼ା, ଇନ୍ଦାଲୋ ସରପଞ୍ଚ ଜ୍ୟୋସ୍ନାମୟୀ ବେହେରା, ମନିନ୍ଦ୍ର ରଥ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ କୈଳାସ ଚନ୍ଦ୍ର ପରିଡ଼ା, ରଜତ କୁମାର ବଳ, ଅଶ୍ୱିନୀ ମହାନ୍ତି, ସମିତିସଭ୍ୟା ସଂଯୁକ୍ତା ଜେନା ପ୍ରମୁଖ ଉପସ୍ଥିତ ଥିଲେ। ସମବାୟ ସମିତିର ସମ୍ପାଦକ ମୃତ୍ୟୁଞ୍ଜୟ ଦାଶ ଏହି ନୂତନ ଗୃହଟି ୧୦ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ହୋଇଥିବା କହିଥିଲେ। ଚଳିତ ଧାନ ଚାଷ ପାଇଁ ସମବାୟ ସମିତି ପକ୍ଷରୁ ଚାଷୀଙ୍କ ପାଇଁ ନିଆଯାଇଥିବା ପଦକ୍ଷେପ ଉପରେ ସୂଚନା ପ୍ରଦାନ କରିଥିଲେ। ଏଥିସହ ସମିତିରେ ଖୋଲା ଯାଇଥିବା ଧାନ ମଣ୍ଡିରେ କରାଯାଉଥିବା ଏଫ୍‌ଏକ୍ୟୁ ମାନର ଧାନ ସମ୍ପର୍କରେ ମଧ ସୂଚନା ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ସମିତିର ସହ ସମ୍ପାଦକ କୈଳାସ ସାମଲ, ଡିଇଓ ଗିରିଜା ଶଙ୍କର ବେହେରା, ସୁରେନ୍ଦ୍ରନାଥ ନାୟକ ପ୍ରମୁଖ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ ସମବାୟ ସମିତିର ସମସ୍ତ ପରିଚାଳନା ନିର୍ଦ୍ଦେଶକଙ୍କ ସମେତ ଚାଷୀମାନେ ଉପସ୍ଥିତ ଥିଲେ।

### ସୁମନ୍ତ ରାଉତ ହେଲେ ଶକ୍ତିମନ୍ତ୍ରୀ ପ୍ରତାପ ଦେବଙ୍କ ପ୍ରତିନିଧି

**ଆଳି,୪।୨(ଡି.ଏନ.ଏ.):** ଆଳି ବିଧାୟକ ତଥା ରାଜ୍ୟ ଶକ୍ତି, ଶିଳ୍ପ ଓ ଲଘୁ ଉଦ୍ୟୋଗ ମନ୍ତ୍ରୀ ପ୍ରତାପ କେଶରୀ ଦେବ ତାଙ୍କ ପ୍ରତିନିଧି ଭାବେ ଆଳି ନିର୍ବାଚନ ମଣ୍ଡଳୀର ବିଜେଡିର ବରିଷ୍ଠ ସଙ୍ଗଠକ ସୁମନ୍ତ ରାଉତଙ୍କୁ ଚୟନ କରିଛନ୍ତି। ସୁମନ୍ତ ଛାତ୍ର ଜୀବନରୁ ରାଜନୀତି ଆରମ୍ଭ କରି ୨୦୦୧ରେ ପଟ୍ଟାମୁଣ୍ଡାଇ କଲେଜ ଛାତ୍ର ସଂସଦ ସଭାପତି ରୂପେ ନିର୍ବାଚିତ ହୋଇଥିଲେ। ଏହାପରେ ଏକଦା କଂଗ୍ରେସର ଗଡ଼ ଭାବେ ଥିବା ୩ ନଂ. ଜୋନରେ ୨୦୧୭ରେ ସେ ବିଜେଡି ଟିକେଟ ପାଇ ଜିଲାପରିଷଦ ଭାବେ ବିଜୟୀ ହୋଇଥିଲେ। ପରେ କେନ୍ଦ୍ରାପଡ଼ା ଜିଲାର ଯୁବ ଉପସଭାପତି ଦାୟିତ୍ୱ ନେଇ ଯୁବକ ମାନଙ୍କୁ ଦଳକୁ ଆଣିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ସେ ମନ୍ତ୍ରୀଙ୍କ ପ୍ରତିନିଧି ହେବାର ଖବର ପାଇବା ତାଙ୍କ ଅନୁଗତମାନେ ମନ୍ତ୍ରୀ ଦେବଙ୍କୁ କୃତଜ୍ଞତା ଜଣାଇଛନ୍ତି।

# ଇକୋ ଟଏଲେଟ ନିର୍ମାଣ ପରେ ତାଲା ଖୋଲୁନି

**ପଟ୍ଟାମୁଣ୍ଡାଇ,୪।୨(ସ୍ୱ.ପ୍ର.)**



ଇକୋ ଟଏଲେଟରେ ତାଲା ପଡିଛି।


ନିର୍ମାଣ ହୋଇଥିବା ଟାଙ୍କି।

କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ପୌରାଞ୍ଚଳରେ ସ୍ୱଚ୍ଛ ଭାରତ ମିଶନରେ ସାମିଲ କରିବା ଲକ୍ଷ୍ୟରେ ସହରାଞ୍ଚଳରେ ୨୦ଟି ଇକୋ ଟଏଲେଟ ନିର୍ମାଣ କରାଯାଇଛି। ଏଥିଲାଗି ୧ କୋଟି ୫୧ ଲକ୍ଷ ୨୦ ହଜାର ଟଙ୍କା ମଞ୍ଜୁର କରାଯାଇଥିଲା। ସହରର ବିଭିନ୍ନ ସ୍ଥାନରେ ଏହି ଟଏଲେଟ ନିର୍ମାଣ ହୋଇଛି। ମାତ୍ର ଉଦ୍‌ଘାଟନ କରିବା ଆଳରେ ଏ ପର୍ଯ୍ୟନ୍ତ ତାହା ତାଲା ପଡ଼ି ରହିଛି। ଏ ନେଇ ଜନସାଧାରଣଙ୍କ ପକ୍ଷରୁ ବାରମ୍ବାର ଅଭିଯୋଗ କରାଯାଉଥିଲେ ମଧ କୌଣସି ପଦକ୍ଷେପ ଗ୍ରହଣ କରାଯାଉନାହିଁ। ଏ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି।

କେନ୍ଦ୍ରାପଡ଼ା ଜିଲାର ଦ୍ୱିତୀୟ ବୃହତ୍ତମ ସହର ହେଉଛି ପଟ୍ଟାମୁଣ୍ଡାଇ। ପ୍ରତିଦିନ ଏହି ସହରକୁ ବେପାର ବଣିଜ ପାଇଁ ଆଖପାଖ ୫ଟି ବ୍ଲକର ଲୋକେ ନିର୍ଭର କରିଥାନ୍ତି। ଏଠାରେ ଉପଖଣ୍ଡ ସ୍ତରୀୟ ଚିକିତ୍ସାଳୟ ସହ ମା' ଓ ଶିଶୁ ଶୌଧ ଥିବାରୁ ଚିକିତ୍ସା ପାଇଁ ଲୋକଙ୍କ ଗହଳି ଲାଗି ରହୁଛି। ଜନସାଧାରଣଙ୍କ ସୁବିଧା ଓ ସହରର ସ୍ୱଚ୍ଛତା ନିମନ୍ତେ ୨୦୨୦ରେ ପଟ୍ଟାମୁଣ୍ଡାଇ ପୌର ପରିଷଦ ପକ୍ଷରୁ ବିଭିନ୍ନ ସ୍ଥାନରେ ୨୦ଟି ଇକୋ-ଟଏଲେଟ ନିର୍ମାଣ କରାଯାଇଥିଲା। ଏହି ଇକୋ ଟଏଲେଟ୍ କାର୍ଯ୍ୟକୁ ମହାରାଷ୍ଟ୍ରର ଏକ ଠିକା ସଂସ୍ଥା ନିର୍ମାଣ କରିଥିଲା। ପ୍ରତ୍ୟେକ ଇକୋ-ଟଏଲେଟ ୭ ଲକ୍ଷ ୫୬ ହଜାର ଟଙ୍କା ବ୍ୟୟ ଅଟକଳରେ ନିର୍ମାଣ ହୋଇଛି। ନିର୍ମାଣ ବେଳେ ପ୍ରତ୍ୟେକ ଟଏଲେଟରେ ୧୦୦୦ ଲିଟରର ୩ଟି ଟାଙ୍କି ବସିଥିବା ବେଳେ ସେଥି ମଧ୍ୟରେ ମଇଳାକୁ ନଷ୍ଟ କରିବା ପାଇଁ ଏକ ତରଳ (ରାସାୟନିକ) ପଦାର୍ଥ ପକାଯାଇଥିଲା। ମାତ୍ର ଏବେ ସମସ୍ତ ଟଏଲେଟରେ ସିମେଣ୍ଟ ନନ୍ଦ ବସାଇ ସିନଟେକ୍ସ ଟାଙ୍କି ଉଠାଇ ବିକ୍ରି କରାଯାଇଥିବା ଅଭିଯୋଗ ହେଉଛି। ଏହି ଟଏଲେଟ ନିର୍ମାଣର

**ପଟ୍ଟାମୁଣ୍ଡାଇ ପୌରାଞ୍ଚଳ**

୩ ବର୍ଷ ବିତି ଯାଇଥିଲେ ମଧ ତାହା ଏ ପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇନାହିଁ। ରାଜ୍ୟ ଓ କେନ୍ଦ୍ର ସରକାର ସ୍ୱଚ୍ଛ ଭାରତ ମିଶନ ଆଳରେ ପଟ୍ଟାମୁଣ୍ଡାଇ ପୌର ପରିଷଦ ପକ୍ଷରୁ ସହରର ବିଭିନ୍ନ ସ୍ଥାନରେ ଇକୋ-ଟଏଲେଟ ନିର୍ମାଣ କରି ଅର୍ଥ ବ୍ୟୟ କରିଛନ୍ତି। ପଟ୍ଟାମୁଣ୍ଡାଇ ସହରରେ ଏତେ ଟଙ୍କା ବ୍ୟୟରେ ଇକୋ-ଟଏଲେଟ ନିର୍ମାଣ କରିବା ଏକ ପ୍ରହସନ ହୋଇଛି। ୨୦୧୮ ପୌର ପରିଷଦ ଭାଙ୍ଗିବା ପରେ ପୌର ଅଧିକାରୀ ଏପରି ପଦକ୍ଷେପକୁ ସାଧାରଣରେ ଦୃଢ ନିନ୍ଦା କରିଛନ୍ତି। ଆଇନଜୀବୀ ପ୍ରମୋଦ ସାହୁ, ଭବାନୀ ଶଙ୍କର ପଣ୍ଡା, ପ୍ରମୋଦ ପଣ୍ଡା, ସାମାଜିକ କର୍ମୀ ପ୍ରବୀର ନାୟକ, ବଣିକ ସଂଘ ସଭାପତି ଗୋପୀନାଥ କର ପ୍ରମୁଖ ଏହାକୁ ଖୋଲିବା ସହ ଅର୍ଥ ହେରଫେରର ତଦନ୍ତ କରିବାକୁ ଦାବି କରିଛନ୍ତି। ଏ ସମ୍ପର୍କରେ ପିଡି ରାଜେନ୍ଦ୍ର କୁମାର ପଣ୍ଡାଙ୍କୁ ପଚାରିବାରେ ସମସ୍ତ ଇକୋ-ଟଏଲେଟ କାର୍ଯ୍ୟକ୍ଷମ ହୋଇ ରହିଛି। ମାତ୍ର ପାଣି ପ୍ରେସର କମ୍ ହେଉଥିବାରୁ ତାହା ବନ୍ଦ ଅଛି ବୋଲି ସେ କହିଛନ୍ତି।

# ବ୍ଲକ ଘେରାଉରେ ଭାଜପା କନ୍ଦଳ ପଦାରେ ପଡ଼ିଲା

**୩ ମଣ୍ଡଳ ସଭାପତି ଅନୁପସ୍ଥିତ, କର୍ମୀ ସଂଖ୍ୟା ନଗଣ୍ୟ**

**ବାଲିକୁଦା,୪।୨(ସ୍ୱ.ପ୍ର.)**

ପ୍ରଧାନମନ୍ତ୍ରୀ ଆବାସ ତାଲିକାରେ ଅନିୟମିତତା ଅଭିଯୋଗ କରି ଭାଜପା ପକ୍ଷରୁ ବିଭିନ୍ନ ବ୍ଲକ କାର୍ଯ୍ୟାଳୟକୁ ଶନିବାର ଘେରାଉ କରାଯାଇଛି। ବାଲିକୁଦା ବ୍ଲକରେ ଏହି ଘେରାଉ ସମୟରେ ଦଳୀୟ କନ୍ଦଳ ପଦାରେ ପଡ଼ିଛି। ଏହି ସମୟରେ ଦଳର ୩ ମଣ୍ଡଳ ସଭାପତି ଯୋଗଦେଇ ନ ଥିବା ବେଳେ କର୍ମୀଙ୍କ ସଂଖ୍ୟା ନଗଣ୍ୟ ଥିଲା।

ଏହି ବ୍ଲକରେ ୩୦ ପଞ୍ଚାୟତ ଥିବାବେଳେ ୪ ଜିଲା ପରିଷଦ ଜୋନ ରହିଛି। ପ୍ରତ୍ୟେକ ଜୋନରେ ଭାଜପାର ସଭାପତିଙ୍କ ସହ ୬୧ ଜଣ କର୍ମକର୍ତ୍ତାଙ୍କୁ ନେଇ ମଣ୍ଡଳ ଗଠନ କରାଯାଇଛି। ସେମାନଙ୍କ ମଧ୍ୟରେ ସମ୍ପାଦକ, ଉପସଭାପତି, ସହ ସମ୍ପାଦକ, ବୁଥ ପ୍ରମୁଖ, ସହ ବୁଥ ପ୍ରମୁଖ ଓ ପଞ୍ଚାୟତସ୍ତରୀୟ କର୍ମକର୍ତ୍ତାଙ୍କ ସମେତ ବିଭିନ୍ନ ସେଲ ଯଥା ଓବିସି, କୃଷକ, ସଂଖ୍ୟାଲଘୁ, ମହିଳା, ଯୁବ ଓ ଦଳିତ ମୋର୍ଚ୍ଚାର ଶତାଧିକ କର୍ମକର୍ତ୍ତା ରହିଛନ୍ତି। ଗତ ବିଧାନ ସଭା ନିର୍ବାଚନରେ ଭାଜପାକୁ ୨୫ ହଜାରରୁ ଊର୍ଦ୍ଧ୍ୱ ଭୋଟ ମିଳିଥିଲା। ଏହାସତ୍ତ୍ୱେ ଶନିବାର ଭାଜପା ପକ୍ଷରୁ ବ୍ଲକ ଘେରାଉ କାର୍ଯ୍ୟକ୍ରମରେ ମାତ୍ର ୫୦ରୁ ୬୦ ଜଣ କର୍ମୀ ଯୋଗଦେଇଥିଲେ। ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ, ସଞ୍ଜୟ ମହାନ୍ତିଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବାଲିକୁଦ-ଏରସମା ନିର୍ବାଚନ ମଣ୍ଡଳି ନେତା ଶିବବ୍ରତ ଦାସ, ୪ନଂ ଜୋନ ଜିଲା ପରିଷଦ ପ୍ରାର୍ଥୀ ଡ. ଶଶାଙ୍କ ସାହାଣୀ, ଜିଲା ଉପସଭାପତି ମୋହିତ ମହାନ୍ତି, ବାଲିକୁଦା ମଣ୍ଡଳ ସଭାପତି ଦିଲୀପ ରାଉଳ, ମହିଳା ନେତ୍ରୀ ଅମିତା ଦାସ, ଟୁକୁନା ରାଉତ, ନୃସିଂହ ସାହୁ ପ୍ରମୁଖ ଯୋଗଦେଇ ରାଜ୍ୟ ସରକାରଙ୍କ ଉପରେ ବର୍ଷିଥିଲେ। ମାତ୍ର ଏହି କାର୍ଯ୍ୟକ୍ରମରେ ବ୍ଲକର ୪ଟି ମଣ୍ଡଳ ମଧ୍ୟରୁ ବୋରିକିନା, ନହରଣା, ଓ ଇଚ୍ଛାପୁରର ମଙ୍ଗଳ ସଭାପତି ଯୋଗ ଦେଇ ନ ଥିଲେ। ଏନେଇ ଦଳ ଭିତରେ ଚାପା ଗୁଞ୍ଜରଣ ସୃଷ୍ଟି ହୋଇଛି। ଏସମ୍ପର୍କରେ ବାଲିକୁଦ-ଏରସମା ନିର୍ବାଚନ ମଣ୍ଡଳି ନେତା ଶିବ ବ୍ରତ ଦାସ କହିଛନ୍ତି, ପ୍ରତିବାଦ ଶୋଭାଯାତ୍ରା ବେଳେ ପ୍ରାୟ ୧୫୦ ଲୋକ ସାମିଲ ହୋଇଥିଲେ। ବ୍ଲକ ଘେରାଉବେଳେ ଏହି ସଂଖ୍ୟା କମିଥିଲେ ମଧ ଦଳ ଭିତରେ କୌଣସି କନ୍ଦଳ ନାହିଁ। କୌଣସି ବ୍ୟକ୍ତିଗତ କାମ ପାଇଁ ସେମାନେ କାର୍ଯ୍ୟକ୍ରମରେ ଯୋଗଦେଇ ପାରି ନଥିବା ଦାସ ପ୍ରକାଶ କରିଛନ୍ତି।

# ରାଜ୍ୟ ବିଦ୍ୟାଳୟ ସମୂହ କ୍ରୀଡ଼ା ଆରମ୍ଭ


ଉଦ୍‌ଘାଟନୀ ଉତ୍ସବରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମ।

**ପାରାଦୀପ,୪।୨(ସ୍ୱ.ପ୍ର.)**

- ୩୦ ଜିଲାର ହଜାରରୁ ଅଧିକ ଛାତ୍ରୀଛାତ୍ର ସାମିଲ
- ବିଳମ୍ବରେ ଆସିଥିବା ପିଲା ହଇରାଣ ହେଲେ

ଜଗତ୍‌ସିଂହପୁର ଜିଲା ପାରାଦୀପ ନୂଆବଜାରସ୍ଥ ଗୋପବନ୍ଧୁ ଷ୍ଟାଡିୟମରେ ଶନିବାର ସନ୍ଧ୍ୟାରେ ରାଜ୍ୟ ବିଦ୍ୟାଳୟ ସମୂହ କ୍ରୀଡା କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଛି। ଏହା ଆସନ୍ତା ୮ ତାରିଖ ପର୍ଯ୍ୟନ୍ତ ଚାଲିବ। ଏଥିରେ ୩୦ ଜିଲାର ହଜାରରୁ ଅଧିକ ଛାତ୍ରୀଛାତ୍ର ସାମିଲ ହୋଇଛନ୍ତି। ଏହି କ୍ରୀଡ଼ାରେ ଜିଲାର ୧୭ ଓ ୧୪ ବର୍ଷରୁ କମ୍ ପିଲାମାନେ ବିଚ ଭଲିବଲ, ଟେନିସ ଭଲିବଲ, ଦୌଡକୁଦ ଆଦି ଖେଳ ଖେଳିବେ। ରାଜ୍ୟ ବିଦ୍ୟାଳୟ ସମୂହ କ୍ରୀଡ଼ା ସଙ୍ଗଠନ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପାରାଦୀପ ବିଧାୟକ ସମ୍ବିତ ରାଉତରାୟ ଯୋଗଦେଇ ଖେଳକୁଦ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପାରାଦୀପ ପୌରାଧକ୍ଷ ବସନ୍ତ ବିଶ୍ୱାଳ, ପାରାଦୀପ ବନ୍ଦର ଉପାଧକ୍ଷ ଆଶିଷ କୁମାର ବୋଷ, ଜିଲା ଶିକ୍ଷାଧିକାରୀ(ଡିଇଓ) ନିରଞ୍ଜନ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଉଦ୍‌ଘାଟନ ସମୟ ଅପରାହ୍ନ ୩ଟା ଧାର୍ଯ୍ୟ ଥିବା ବେଳେ ସନ୍ଧ୍ୟା ୬ଟାରେ ଆରମ୍ଭ ହୋଇଥିଲା। ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ ଷ୍ଟାଡିୟମ୍‌ରେ ସୁବର୍ଣ୍ଣପୁର ଓ ଅନୁଗୋଳ ଜିଲାର ପିଲା ପହଞ୍ଚି ପାରି ନ ଥିଲେ। ସେମାନେ ରାସ୍ତାରେ ଥିବା ସୂଚନା ମିଳିଛି। ଏତେବଡ କ୍ରୀଡା ଆୟୋଜନ ମୁଖ୍ୟ ଜଗତ୍‌ସିଂହପୁର ଜିଲାପାଳ ଥିବାବେଳେ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ କିନ୍ତୁ ସେ ଅନୁପସ୍ଥିତ ଥିଲେ। ଅନ୍ୟପକ୍ଷରେ କିଛି ପିଲା ବିଳମ୍ବରେ ପହଞ୍ଚିଥିବାରୁ ହଇରାଣ ହୋଇଥିବା ଜଣାପଡ଼ିଛି। ସେମାନେ ଖାଇବା ଓ ରହିବା ପାଇଁ ପାଇ ନ ଥିବା ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ପଚାରାଯିବାରୁ ଜିଲା ଶିକ୍ଷା ଅଧିକାରୀ ବେହେରା କହିଛନ୍ତି, ଧାର୍ଯ୍ୟ ସମୟରେ ପହଞ୍ଚିବା ପାଇଁ ସବୁ ଜିଲାର ଡିଇଓମାନଙ୍କୁ କୁହାଯାଇଥିଲା। କିନ୍ତୁ କେତେକ ଜିଲାର ପିଲାମାନେ ବିଳମ୍ବରେ ପହଞ୍ଚିବାରୁ ଅବ୍ୟବସ୍ଥା ହୋଇଥିଲା। ଏହି ତ୍ରୁଟିକୁ ରବିବାର ସଜଡ଼ାଯିବ ବୋଲି ସେ କହିଛନ୍ତି।

## ଦ୍ୱୈତ ଶାସନରୁ ମୁକୁଳିବା ପାଇଁ ଏକତା କାର୍ଯ୍ୟକ୍ରମ

**ପାରାଦୀପ,୪।୨(ସ୍ୱ.ପ୍ର.)**

ପାରାଦୀପ ଉପକଣ୍ଠ ଅଠରବାଙ୍କିର ବିଜୟଚନ୍ଦ୍ରପୁର ଗ୍ରାମବାସୀ ୩ ଦିନିଆ ଏକତା କାର୍ଯ୍ୟକ୍ରମ ପାଳନ କରିଛନ୍ତି। ଏହି ଅବସରରେ ସେମାନେ ନାମ ସଙ୍କୀର୍ତ୍ତନ, ସମ୍ବର୍ଦ୍ଧନା ସଭା, ସାଂସ୍କୃତିକ କାର୍ଯ୍ୟକ୍ରମ ଓ ଭୋଜି ଆଦି ଆୟୋଜନ କରିଥିଲେ। ଦ୍ୱୈତ ଶାସନରୁ ମୁକୁଳି ଗ୍ରାମକୁ ଏକାଠି କରିବା ପାଇଁ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଉକ୍ତ ଗାଁର ରାଜସ୍ୱ ନାମ ବିଜୟଚନ୍ଦ୍ରପୁର ହୋଇଥିବାବେଳେ ଭୋଟ ତାଲିକାରେ ହୋଇଥିବା ୱାର୍ଡରେ ବିଜୟଚାନ୍ଦପୁର ବୋଲି ଉଲ୍ଲେଖ ରହିଛି। ଭୌଗୋଳିକ ଭାବେ ଏହା ପାରାଦୀପ ପୌରାଞ୍ଚଳ ସୀମାରେ ଥିବା ବେଳେ ଉକ୍ତ ଗ୍ରାମ ନୂଆଗଡ଼ ପଞ୍ଚାୟତର ୨୫ ନଂ. ୱାର୍ଡଭାବେ ମାନ୍ୟତା ପାଇଛି। ଏ ନେଇ ଗ୍ରାମବାସୀ ବହୁ ସମୟରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହାକୁ ଦୃଷ୍ଟିରେ ରଖି ଗ୍ରାମକୁ ପୌରପାଳିକାରେ ସାମିଲ କରିବା ପାଇଁ ଏହି ଏକତା କାର୍ଯ୍ୟକ୍ରମ କରାଯାଇଛି ବୋଲି ଗ୍ରାମର ଜଗନ୍ନାଥ ହାଲଦାର କୁହନ୍ତି। ଉଦ୍‌ଯାପନୀ ସଭାରେ ଅତିଥି ଭାବେ ପାରାଦୀପ ପୌରାଧକ୍ଷ ବସନ୍ତ ବିଶ୍ୱାଳ, ନୂଆଗଡ ସରପଞ୍ଚ ଦେବେନ୍ଦ୍ର ରାଉତଙ୍କ ସମେତ ଅନ୍ୟ ଜନପ୍ରତିନିଧି ଉପସ୍ଥିତ ଥିଲେ। ଏହାକୁ ଗ୍ରାମର ବିବେକାନନ୍ଦ କ୍ଲବ ଯୁବତୀ ଯୁବକମାନେ ପରିଚାଳନା କରିଥିଲେ।

## ରାଜନଗରରେ ଶକ୍ତି ଡାଏରୀ ପ୍ଲାଣ୍ଟ ଉଦ୍‌ଘାଟିତ


ବିଧାୟକ ଧ୍ରୁବ ସାହୁ ଡାଏରୀ ପ୍ଲାଣ୍ଟ ଉଦ୍‌ଘାଟନ ଅବସରରେ ଫିତା କାଟୁଛନ୍ତି।

**ରାଜନାଗର, ୪।୨(ଡି.ଏନ.ଏ.)**

ରାଜନାଗର ବ୍ଲକ ବାଲିସାହିପାଟଣା ଧାନଦିଆଠାରେ କସ୍ତୁରିବା ସ୍ୱୟଂ ସହାୟକ ସଂଘ ପକ୍ଷରୁ ଶନିବାର କେନ୍ଦ୍ରାପଡ଼ା ଜିଲାର ପ୍ରଥମ ଡାଏରୀ ପ୍ଲାଣ୍ଟ ଉଦ୍‌ଘାଟନ ହୋଇଯାଇଛି। ଏହି ଡେରୀ ପ୍ଲାଣ୍ଟକୁ ରାଜନାଗର ବିଧାୟକ ଧ୍ରୁବ ସାହୁ, ଜିଲାପାଳ ଅମୃତ ଋତୁରାଜ, ଡିଏଫ୍‌ଓ ସୁଦର୍ଶନ ଗୋପୀନାଥ ଯାଦବ ଅତିଥି ରୂପେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଏହି ଡାଏରୀ ପ୍ଲାଣ୍ଟ ହେବା ଦ୍ୱାରା କସ୍ତୁରିବା ସ୍ୱୟଂ ସହାୟିକା ସଂଘର ମହିଳାମାନେ ନିଜେ ସ୍ୱାବଲମ୍ବୀ ହେବ ସହ ଅନ୍ୟମାନେ ମଧ ରୋଜଗାର ପାଇ ପାରିବେ ବୋଲି କହିଥିଲେ। ପରେ ଅତିଥିମାନେ ଡାଏରୀ ପ୍ଲାଣ୍ଟ ବୁଲି କେମିତି କ୍ଷୀର ପ୍ୟାକେଟ ସବୁ ହେଉଛି ବୁଲି ଦେଖିଥିଲେ। କସ୍ତୁରିବା ମହାସଂଘର ମହିଳାମାନେ କେରଡ଼ାଗଡ଼ସ୍ଥିତ ବ୍ୟାଙ୍କ ଅଫ ବରୋଦାରୁ ବିନା ସୁଧରେ ୨୫ ଲକ୍ଷ ଟଙ୍କାର ଋଣ ଆଣି ଏହି ପ୍ଲାଣ୍ଟ ଆରମ୍ଭ କରିଛନ୍ତି। ଏହି ଡାଏରୀ ପ୍ଲାଣ୍ଟରେ କ୍ଷୀର, ଦହି, ଘିଅ, ପନିର, ଛେନା ପ୍ରଭୃତି ପ୍ରସ୍ତୁତ କରାଯାଇ ଖୋଲା ବଜାରରେ ବିକ୍ରି ପାଇଁ ପଠାଯିବ ବୋଲି ମହାସଂଘର ସଭାପତି ସତ୍ୟଭାମା ସାହୁ କହିଛନ୍ତି। ଏହି ଉଦ୍‌ଘାଟନ ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ କେନ୍ଦ୍ରାପଡ଼ା ଜିଲା ପରିଷଦ ଉପାଧକ୍ଷ ଅଶୋକ କୁମାର ପ୍ରତିହାରୀ, ତହସିଲଦାର ଅଶ୍ୱନୀ କୁମାର ଭୂୟାଁ, ବିଡିଓ ସମୀର କୁମାର ବେହେରା, ବାଲିସାହିପାଟଣା ସରପଞ୍ଚ କୈଳାସ କୁମାର ପରିଡା, ସମିତିସଭ୍ୟ ପ୍ରଶାନ୍ତ କୁମାର ରାଉତ ପ୍ରମୁଖ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମକୁ ମହାସଂଘର ସସ୍ମିତା ଜେନା, ସବିତା ସାହୁ, ଶାନ୍ତିଲତା ପ୍ରଧାନ, କମଳୀ ଭୂୟାଁ ପ୍ରମୁଖ ପରିଚାଳନା କରିଥିଲେ।

# ଚଣ୍ଡିଆଗଡ଼ିକୁ ହରାଇ କଳମଡ଼ା ଚାମ୍ପିୟନ

**ଆଳି,୪।୨(ଡି.ଏନ.ଏ.)**

ଆଳି ବ୍ଲକ ଚଣ୍ଡିଆଗଡ଼ି ଇଲେଭେନ ଷ୍ଟାର କ୍ରିକେଟ କ୍ଲବ ଆନୁକୂଲ୍ୟରେ ସ୍ଥାନୀୟ ମିନି ଷ୍ଟାଡିୟମରେ ପ୍ରଥମ ପ୍ରଫୁଲ୍ଲ ରାଉତ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟ ଶନିବାର ଫାଇନାଲ ଖେଳ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଚଣ୍ଡିଆଗଡି କ୍ରିକେଟ ଟିମ୍ ଓ ଏମ୍‌ଡିସିସି କଳମଡ଼ା ମଧ୍ୟରେ ଖେଳ ହୋଇଥିଲା। ଏହାକୁ ବ୍ଲକ ବିଜେଡି ସଭାପତି ସନାତନ ମିଶ୍ର ଉଦ୍‌ଘାଟନ କରିଥିବା ବେଳେ ଶକ୍ତିମନ୍ତ୍ରୀଙ୍କ ପ୍ରତିନିଧି ସୁମନ୍ତ ରାଉତ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଚଣ୍ଡିଆଗଡି କ୍ରିକେଟ କ୍ଲବ ୧୨ ଓଭର ଖେଳି ୭ ଉଇକେଟ ହରାଇ ୧୩୯ ରନ ସଂଗ୍ରହ କରିଥିଲା। ଜବାବରେ କଳମଡ଼ା ଟିମ୍ ୧୨ ଓଭରରେ ୫ ଉଇକେଟ ହରାଇ ୧୪୦ରନ ସଂଗ୍ରହ କରି ଚାମ୍ପିୟନ ହୋଇଛି। ଏହି ଅବସରରେ ଆୟୋଜିତ ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ପଞ୍ଚାୟତ ସମିତି ଅଧକ୍ଷ ମନୋରଞ୍ଜନ ସାମଲ,ସମ୍ମାନିତ ଅତିଥି ଭାବେ ଜିଲା ଯୋଜନା ବୋର୍ଡ ସଦସ୍ୟ ଭୀଷ୍ମ ମହାନ୍ତି, ଅତିରିକ୍ତ ତହସିଲଦାର ମାନସ ବେହେରା, ଚଣ୍ଡିଆଗଡି ସରପଞ୍ଚ ସନାତନ ସାହୁ, ସମିତିସଭ୍ୟ ରାମଚନ୍ଦ୍ର ଦାସ ଅତିଥି ଭାବେ ଯୋଗଦେଇ ଚାମ୍ପିୟନ ଟିମ କଳମଡ଼ାକୁ ଟ୍ରଫି ସହ ୧୨ ହଜାର , ଚଣ୍ଡିଆଗଡି ଟିମ୍‌କୁ ରନର୍ସ ଅପ ଟ୍ରଫି ସହ ୬ ହଜାର ଟଙ୍କା ପ୍ରଦାନ କରାଯାଇଛି।

## ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ବାର୍ଷିକୋତ୍ସବ

**ମାର୍ଶାଘାଇ,୪।୨(ଡି.ଏନ.ଏ.)**

ମାର୍ଶାଘାଇସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ବାର୍ଷିକୋତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି। ଅତିଥି ଭାବେ ମାର୍ଶାଘାଇ ବ୍ଲକ ଅଧକ୍ଷା ମଧୁସ୍ମିତା ସାମଲ, ଜିଲା ପରିଷଦ ସଭ୍ୟା ଦୁର୍ଗାବତୀ ପ୍ରଧାନ, ବିଇଓ ତନ୍ମୟ କୁମାର ବେହେରା ଓ ଶିକ୍ଷା ବିକାଶ ସମିତିର କେନ୍ଦ୍ରାପଡ଼ା ଜିଲା ପ୍ରମୁଖ କପିଳ ଚରଣ ମିଶ୍ର ଯୋଗ ଦେଇଥିଲେ। ସେମାନେ ପିଲାମାନଙ୍କୁ ମାତାପିତାଙ୍କୁ ଅଣଦେଖା ନ କରି ସଂସ୍କୃତି ସୁରକ୍ଷାରେ ବ୍ରତୀ ରହିବା ପାଇଁ ଉପଦେଶ ଦେଇଥିଲେ। ବିଦ୍ୟା ମନ୍ଦିର କମିଟି ସଭାପତି ମଧୁସୂଧନ ବେହେରାଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଉତ୍ସବରେ ସମ୍ପାଦକ ଚନ୍ଦ୍ରମଣି ସାହୁ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ପ୍ରଧାନ ଆଚାର୍ଯ୍ୟ ରମାକାନ୍ତ ବେଉରା ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। କୃତୀ ପିଲାମାନଙ୍କୁ ପୁରସ୍କୃତ କରାଯାଇଥିଲା।

# ପିପିଏଲକୁ ସେଫ୍ଟି ଆୱାର୍ଡ

**ପାରାଦୀପ,୪।୨(ସ୍ୱ.ପ୍ର.)**

ପାରାଦୀପ ଫସଫେଟସ୍ ଲିମିଟେଡ଼ (ପିପିଏଲ୍) କମ୍ପାନୀକୁ ଶନିବାର ଗୋଆଠାରେ ଗ୍ରୀନଟେକ ଫାଉଣ୍ଡେଶନ ଆନ୍ତର୍ଜାତିକ ସେଫ୍ଟି ଆୱାର୍ଡ ୨୦୨୩ ମିଳିଛି। ସୁରକ୍ଷା ନିରାପତ୍ତା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଏହି ଆୱାର୍ଡ ଲଗାତାର ଭାବେ ମିଳୁଛି ବୋଲି କମ୍ପାନୀ ପକ୍ଷରୁ ସୂଚନା ମିଳିଛି। ଗୋଆରେ ଆୟୋଜିତ କାର୍ଯ୍ୟକ୍ରମରେ ଡିଜି ଯଶପାଲ ସିଂହଙ୍କଠାରୁ ପିପିଏଲ ସେଫ୍ଟି ଅଧିକାରୀ ନିହାରକାନ୍ତି ରାଉତ ଆୱାର୍ଡ ଗ୍ରହଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଗ୍ରୀନ୍‌ଟେକ୍ ଫାଉଣ୍ଡେଶନ ଅଧକ୍ଷ କମଳେଶ୍ୱର ଶରଣ, ବେଦପ୍ରକାଶ ମହେଶ୍ୱର ପ୍ରମୁଖ ଉପସ୍ଥିତ ଥିଲେ।



ପିପିଏଲ ସେଫ୍ଟି ଅଧିକାରୀ ନିହାରକାନ୍ତି ରାଉତ ଆୱାର୍ଡ ଗ୍ରହଣ କରୁଛନ୍ତି।

# ପ୍ରଶାସନ ପରେ ମନ୍ତ୍ରୀଙ୍କ ବୁଝାମଣା ଫେଲ ମାରିଲା

**ସିଟି ହସ୍ପିଟାଲ ସ୍ଥାପନ ଆନ୍ଦୋଳନ ପ୍ରସଙ୍ଗ**

**କେନ୍ଦ୍ରାପଡ଼ା ଅଫିସ, ୪।୨**


ଆନ୍ଦୋଳନରେ ସାମିଲ ହୋଇଥିବା ମହିଳା ଓ ପିଲାମାନେ।

ସହରର ଖଡିଅଙ୍ଗସ୍ଥିତ ପୁରୁଣା ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ସିଟି ହସ୍ପିଟାଲ ପାଇଁ ଜନ ଆନ୍ଦୋଳନ ତୀବ୍ର ହୋଇଛି। ଆନ୍ଦୋଳନ ପ୍ରତ୍ୟାହାର ପାଇଁ ଶୁକ୍ରବାର ପ୍ରଶାସନିକ ଉଦ୍ୟମ ପରେ ଶନିବାର ଶିଳ୍ପମନ୍ତ୍ରୀ ପ୍ରତାପ କେଶରୀ ଦେବ ଆନ୍ଦୋଳନକାରୀଙ୍କୁ ବୁଝାଇ ପାରିନାହାନ୍ତି। ପୁରୁଣା ଭିତ୍ତିଭୂମି ଉପରେ ସିଟି ହସ୍ପିଟାଲ ନ ହେବା ପର୍ଯ୍ୟନ୍ତ ଏହି ଆନ୍ଦୋଳନ ଚାଲୁ ରହିବ ବୋଲି ଆନ୍ଦୋଳନକାରୀ ରୋକ୍‌ଠୋକ୍ ଶୁଣାଇ ଦେଇଛନ୍ତି। ଯାହା ଏବେ ଶାସକ ଦଳ ଓ ପ୍ରଶାସକଙ୍କ ପାଇଁ ମୁଣ୍ଡବ୍ୟଥାର କାରଣ ସାଜିଛି। ଜାନୁୟାରୀ ୯ଠାରୁ ଖଡିଅଙ୍ଗସ୍ଥ କେନ୍ଦ୍ରାପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟରେ ସ୍ୱାସ୍ଥ୍ୟସେବା କାର୍ଯ୍ୟ ବନ୍ଦ କରାଯାଇ ଏହାକୁ ସହରର ଗୋଟିଏ ମୁଣ୍ଡରେ ଥିବା ଶାମଗୁଡିଆର ନୂତନ ଗୃହକୁ ସ୍ଥାନାନ୍ତର କରାଯାଇଛି। ପୁରୁଣା ସ୍ଥାନରେ ପ୍ରାଥମିକ ସ୍ୱାସ୍ଥ୍ୟ ଆରୋଗ୍ୟ କେନ୍ଦ୍ର ଖୋଲା ଯାଇଥିବା ବେଳେ ଦୁହୁରିଆ ନିକଟରେ ଦ୍ୱିତୀୟ ସ୍ୱାସ୍ଥ୍ୟ ଆରୋଗ୍ୟ କେନ୍ଦ୍ର ଖୋଲାଯାଇଛି। ତେବେ ଖଡିଅଙ୍ଗସ୍ଥ ପୁରୁଣା ଚିକିତ୍ସାଳୟରେ ପ୍ରାଥମିକ ସ୍ୱାସ୍ଥ୍ୟ ଆରୋଗ୍ୟ କେନ୍ଦ୍ର ବଦଳରେ ସିଟି ହସ୍ପିଟାଲ ପାଇଁ ଜିଲା ପ୍ରଶାସନ ଓ ରାଜ୍ୟ ସରକାରଙ୍କୁ ସ୍ମାରକପତ୍ର ଦେଇଥିଲେ। ଏଥିରେ ସୁଫଳ ନ ମିଳିବାରୁ ଜାନୁୟାରୀ ୧୭ରେ କେନ୍ଦ୍ରାପଡ଼ା ବନ୍ଦ ଓ ଜାନୁୟାରୀ ୨୪ ଠାରୁ ଜିଲାପାଳଙ୍କ କାର୍ଯ୍ୟାଳୟରେ ପ୍ରତ୍ୟେହ ଗଣ ଆନ୍ଦୋଳନ ଚାଲିଛି। ଏହାକୁ ଦୃଷ୍ଟିରେ ରଖି ଜିଲାପାଳ ଅମୃତ ଋତୁରାଜ ଶୁକ୍ରବାର ରାଜ୍ୟ ସରକାରଙ୍କୁ ଦାବି ସମ୍ପର୍କରେ ଚିଠି ଲେଖି ଜଣାଇଛନ୍ତି। ଏହାସତ୍ତ୍ୱେ ଆନ୍ଦୋଳନ ଜାରି ରହିଥିବାରୁ ଶିଳ୍ପମନ୍ତ୍ରୀ ଦେବ ପୂର୍ବାହ୍ନରେ ଆନ୍ଦୋଳନକାରୀଙ୍କୁ ସିଟି ହସ୍ପିଟାଲ ସ୍ଥାପନ ସମ୍ପର୍କରେ ଆଲୋଚନା ପାଇଁ ଗରାପୁରସ୍ଥ ଡାକବଙ୍ଗଳାକୁ ଡକାଇ ଥିଲେ। ରାଜ୍ୟ ସରକାରଙ୍କୁ ଏ ସମ୍ପର୍କରେ ଜଣାଇବେ ବୋଲି ପ୍ରତିଶ୍ରୁତି ଦେଇ ଆନ୍ଦୋଳନ ବନ୍ଦ କରିବାକୁ କହିଥିଲେ। ତେବେ ଏହାକୁ ମେଡିକାଲ ବଞ୍ଚାଅ କ୍ରୀୟାନୁଷ୍ଠାନ କମିଟି ପକ୍ଷରୁ ଅଗ୍ରାହ୍ୟ କରାଯାଇଥିଲା। ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ କର୍ମକର୍ତ୍ତା ସୌମେନ୍ଦ୍ର ପୃଷ୍ଟିଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ସିଟି ହସ୍ପିଟାଲ ସ୍ଥାପନ ନ ହେବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ଘୋଷଣା କରାଯାଇଥିଲା। ଏଥିରେ ଶତାଧିକ ସଂଖ୍ୟାରେ ମହିଳା ଯୋଗ ଦେଇଥିଲେ।

## ସଂକ୍ଷେପରେ

### ଯୁବକଙ୍କ ମୃତଦେହ ଠାବ

**ଗୋପାଳପୁର,୪।୨(ଡି.ଏନ.ଏ.):** ଗୋପାଳପୁର ଥାନା ପୋଲିସ ଶନିବାର ଜୈନିକ ଯୁବକଙ୍କ ମୃତଦେହକୁ ପୁକୁଡ଼ିବନ୍ଧ ଓ ଆମ୍ବପୁଆ ରାସ୍ତା ମଝିରେ ଠାବ କରିଛି। ମୃତ ଯୁବକ ଜଣକ ହେଲେ କବିସୂର୍ଯ୍ୟନଗର ଥାନା ଅଧୀନ ହିନ୍ଦୋଳା ଗ୍ରାମର କୁମୁଦ ଚନ୍ଦ୍ର ବାରିକ। କବିସୂର୍ଯ୍ୟନଗର ଥାନା ଅଧୀନ ହିନ୍ଦୋଳ ଗ୍ରାମର କୁମୁଦ ଚନ୍ଦ୍ର ବାରିକ କୌଣସି କାମ ନେଇ ବ୍ରହ୍ମପୁର ଆସିଥିଲେ। ସନ୍ଧ୍ୟାରେ ପୁକୁଡ଼ିବନ୍ଧ ଓ ଆମ୍ବପୁଆ ରାସ୍ତା ମଝିରେ ମୁମୂର୍ଷୁ ଅବସ୍ଥାରେ ପଡ଼ିରହିଥିଲେ। ଏନେଇ ଗୋପାଳପୁର ପୋଲିସ ପହଞ୍ଚି କୁମୁଦଙ୍କୁ ଉଦ୍ଧାର କରି ବ୍ରହ୍ମପୁର ବଡ଼ମେଡ଼ିକାଲରେ ସେଠାରେ ଚିକିତ୍ସା କରିବା ସମୟରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା। ଏ ନେଇ ଥାନା କେସ ନଂ.୧/୨୩ରେ ଅପମୃତ୍ୟୁ ମାମଲା ରୁଜୁ କରି ପୋଲିସ ତଦନ୍ତ ଆରମ୍ଭ କରିଥିବା ବେଳେ ରବିବାର କୁମୁଦଙ୍କ ମୃତଦେହ ବ୍ୟବଚ୍ଛେଦ କରିବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ ବୋଲି ଏସ୍‌ଆଇ ସୋଫିଆ ମିଶ୍ର ସୂଚନା ଦେଇଛନ୍ତି।

### ନାବାଳିକା ଅପହରଣକାରୀ କୋର୍ଟ ଚାଲାଣ

**ବ୍ରହ୍ମପୁର ଅଫିସ,୪।୨:** ଜନୈକା ନାବାଳିକାଙ୍କୁ ବିବାହ ପ୍ରତିଶ୍ରୁତି ଦେଇ ଅପହରଣ କରିଥିବା ଅଭିଯୋଗରେ ବ୍ରହ୍ମପୁର ସଦର ଥାନା ପୋଲିସ ଜଣେ ଯୁବକଙ୍କୁ ଗିରଫ କରିଛି। ସେ ହେଲେ ଲୋଚାପଡ଼ା ଅଞ୍ଚଳର କୃଷ୍ଣଚନ୍ଦ୍ର ମହାରଣା ଓରଫ ବାବୁ (୨୩)। ତାଙ୍କୁ ପୋଲିସ ମାମଲା ନଂ.୪୨/୨୩ରେ କୋର୍ଟ ଚାଲାଣ କରିଛି। ପୀଡ଼ିତାଙ୍କ ବୟାନ କୋର୍ଟରେ ରେକର୍ଡ କରାଯାଇଛି। ସୂଚନାଯୋଗ୍ୟ, ନିମଖଣ୍ଡି ଥାନା ଅଞ୍ଚଳର ଜନୈକା ନାବାଳିକା ତଥା ନବମ ଶ୍ରେଣୀ ଛାତ୍ରୀ ସହ ଅଭିଯୁକ୍ତଙ୍କ ସମ୍ପର୍କ ରହିଥିଲା। ଗତ ମାସ ୩୧ ତାରିଖରେ ନାବାଳିକା ଜଣଙ୍କ କେଉଁଆଡ଼େ ଫେରାର ହୋଇଯାଇଥିଲେ। ରାତିରେ ମଧ ସେ ଘରକୁ ଫେରି ନ ଥିଲେ। ଶେଷରେ ପରିବାର ଲୋକେ ତାଙ୍କର କେତେକ ସମ୍ପର୍କୀୟଙ୍କ ନିକଟକୁ ଫୋନ୍ କରିଥିଲେ ମଧ କୌଣସି ପତ୍ତା ପାଇ ନ ଥିଲେ। ପରେ ଗ୍ରାମର ଜଣେ ଯୁବକ ତାଙ୍କୁ ଅପହରଣ କରି ନେଇଥିବା ନାବାଳିକାଙ୍କ ବାପା ଥାନାରେ ଅଭିଯୋଗ କରିଥିଲେ। ଏ ନେଇ ପୋଲିସ ଏକ ଅପହରଣ ମାମଲା ରୁଜୁକରି ଘଟଣାର ତଦନ୍ତ ଆରମ୍ଭ କରିଥିଲା। କନ୍ଧମାଳ ଜିଲା ଦାରିଙ୍ଗବାଡ଼ି ଥାନା ସହାୟତାରେ ସ୍ଥାନୀୟ ପୋଲିସ ଅଭିଯୁକ୍ତଙ୍କୁ କାବୁ କରିବା ସହ ନାବାଳିକାଙ୍କୁ ଉଦ୍ଧାର କରିଥିଲା। ଅଭିଯୁକ୍ତ ବାବୁ ନାବାଳିକାଙ୍କୁ ବିବାହର ପ୍ରତିଶ୍ରୁତି ଦେଇ ଅପହରଣ କରି ନେଇ ଭବାନୀପାଟଣାରେ ଥିବା ତାଙ୍କ ଭଉଣୀ ଘରକୁ ନେଇଥିଲେ। ସେ ଉଭୟଙ୍କୁ ଘରେ ଆଶ୍ରୟ ନ ଦେବାରୁ ବାବୁ ନାବାଳିକାଙ୍କୁ ନେଇ ପୁଣି ବ୍ରହ୍ମପୁର ଫେରୁଥିଲେ।

# ବଦଳୁନି ଗାଁର ସ୍ୱାସ୍ଥ୍ୟ, ପରିମଳ ବ୍ୟବସ୍ଥା

- ଖୋଲାପାଣ୍ଠି ଅନୁଦାନର ଖର୍ଚ୍ଚ ନେଇ ଉଠିଛି ପ୍ରଶ୍ନ
- ଉଦ୍ଦେଶ୍ୟ ପୂରଣ କରିପାରୁନି ଗାଁ କଲ୍ୟାଣ ସମିତି

**ନୟାଗଡ଼ ଅଫିସ,୪।୨**

ଗାଁରେ ସ୍ୱାସ୍ଥ୍ୟ ଓ ପରିମଳ ବ୍ୟବସ୍ଥାରେ ସୁଧାର ଆଣିବା ଲାଗି ଜାତୀୟ ଗ୍ରାମୀଣ ସ୍ୱାସ୍ଥ୍ୟ ମିଶନ ପକ୍ଷରୁ ପ୍ରତି ରାଜସ୍ୱ ଗ୍ରାମରେ ଗାଁ କଲ୍ୟାଣ ସମିତି ଗଠନ କରାଯାଇଛି। ହେଲେ ନୟାଗଡ଼ ଜିଲାର ଅଧିକାଂଶ ରାଜସ୍ୱ ଗାଁରେ ସ୍ୱାସ୍ଥ୍ୟ ଓ ପରିମଳ ବ୍ୟବସ୍ଥା କାହିଁକି ବିପର୍ଯ୍ୟସ୍ତ ହୋଇ ରହୁଛି ବୋଲି ପ୍ରଶ୍ନ ଉଠିଛି । ଗାଁର ସ୍ୱାସ୍ଥ୍ୟ ଓ ପରିମଳ ବ୍ୟବସ୍ଥାର ପରିବର୍ତ୍ତନ ପାଇଁ ସରକାର ଖୋଲାପାଣ୍ଠି ବ୍ୟବସ୍ଥା କରି ୧୦ ହଜାର ଟଙ୍କା ଅନୁଦାନ ଯୋଗାଉଛନ୍ତି। ହେଲେ ଏହି ଅନୁଦାନ କେଉଁଥିପାଇଁ ଖର୍ଚ୍ଚ ହେଉଛ ଗାଁ ଲୋକ ଜାଣି ପାରୁ ନାହାନ୍ତି । ଫଳ ସ୍ୱରୂପ ଗାଁ କଲ୍ୟାଣ ସମିତି ଗଠନ ପ୍ରହସନରେ ପରିଣତ ହୋଇଛି।

ପ୍ରାପ୍ତ ସୂଚନା ଅନୁଯାୟୀ, ଜାତୀୟ ଗ୍ରାମୀଣ ସ୍ୱାସ୍ଥ୍ୟ ମିଶନର ଏକ ଅଂଶବିଶେଷ ଭାବେ ପ୍ରତ୍ୟେକ ରାଜସ୍ୱ ଗ୍ରାମସ୍ତରରେ ଗ୍ରାମ୍ୟ ସ୍ୱାସ୍ଥ୍ୟ ଓ ପରିମଳ ସମିତି ଗଠନ କରାଯାଇଛି । ଯାହାକି ଗାଁ କଲ୍ୟାଣ ସମିତି ରୂପେ ପରିଚିତ। ଜିଲାରେ ୧୩୬୬ ଗାଁ କଲ୍ୟାଣ ସମିତି ରହିଛି । ଏଥିମଧ୍ୟରୁ ଭାପୁର ବ୍ଲକରେ ୧୧୪, ଗଣିଆ ବ୍ଲକରେ ୮୭, ଦଶପଲ୍ଲା ବ୍ଲକରେ ୨୪୬, ଖଣ୍ଡପଡା ବ୍ଲକରେ ୧୬୦, ନୂଆଗାଁ ବ୍ଲକରେ ୨୧୩, ନୟାଗଡ ବ୍ଲକରେ ୧୪୦, ରଣପୁର ବ୍ଲକରେ ୨୧୩ ଓ ଓଡଗାଁ ବ୍ଲକରେ ୧୯୩ ଗାଁ କଲ୍ୟାଣ ସମିତି ଗଠନ କରାଯାଇଛି। ଗାଁ କଲ୍ୟାଣ ସିମତି ଏକ ସରଳ ଓ ପ୍ରଭାବଶାଳୀ ପରିଚାଳନା ପ୍ରକ୍ରିୟା,ଯାହାକି ନିମ୍ନସ୍ତରର ଗ୍ରାମ ପ୍ରତିନିଧିମାନଙ୍କୁ ନେଇ ଗଠିତ ହୋଇଥାଏ। ଏହି ସମିତି ଗ୍ରାମର ପ୍ରତ୍ୟେକ ଉନ୍ନତିମୂଳକ କାର୍ଯ୍ୟ ତଥା ଗ୍ରାମାଞ୍ଚଳରେ ଥିବା ବିଭିନ୍ନ ଗୋଷ୍ଠୀମାନଙ୍କ ଉନ୍ନତ ଅଭିଳାଷକୁ ସଫଳ ରୂପାୟନରେ ସହାୟକ ହୋଇପାରିବ। ଏହି କମିଟି ଦ୍ୱାରା ଗ୍ରାମାଞ୍ଚଳରେ ବିଭିନ୍ନ ସ୍ୱାସ୍ଥ୍ୟ ସମ୍ବଳ ଏବଂ ସମସ୍ୟାଗୁଡିକୁ ଚିହ୍ନଟ କରାଯାଇପାରିବ। ପରେ ଚିହ୍ନଟ ସମସ୍ୟାଗୁଡିକର ସମାଧାନ କରାଇବା ପାଇଁ ସମିତି ମାଧ୍ୟମରେ ଯୋଜନା ପ୍ରସ୍ତୁତ କରାଯିବାର ରହିଛି। ପରିଶେଷରେ ଜାତୀୟ ଗ୍ରାମୀଣ ସ୍ୱାସ୍ଥ୍ୟ ମିଶନ ଦ୍ୱାରା ଉପଲବ୍ଧ ଖୋଲାପାଣ୍ଠି ମାଧ୍ୟମରେ ଯୋଜନାର ରୂପାୟନ କରାଯିବାର ରହିଛି। ଅନ୍ୟପକ୍ଷେ ମାତୃ ଓ ଶିଶୁ ମୃତ୍ୟୁହାର ହ୍ରାସ, ପରିବାର ନିୟୋଜନ, ପ୍ରସବକାଳୀନ ସେବା, କୈଶୋର ଏବଂ ପ୍ରଜନନ ସ୍ୱାସ୍ଥ୍ୟ, ପରିବେଶ, ପରିମଳ ଆଦି ପ୍ରମୁଖ ସ୍ୱାସ୍ଥ୍ୟଭିତ୍ତିକ କାର୍ଯ୍ୟକ୍ରମ ଏବଂ ଜରୁରୀକାଳୀନ ସ୍ୱାସ୍ଥ୍ୟସେବା ନିମନ୍ତେ ପଦକ୍ଷେପ ଗ୍ରହଣ କରିବାର ରହିଛି। ସେହିପରି ଗ୍ରାମ୍ୟ ଜୀବନକୁ ବିଭିନ୍ନ ସଂକ୍ରମିତ ରୋଗଠାରୁ ମୁକ୍ତ ରଖିବାର ବ୍ୟବସ୍ଥା ରହିଛି। ପୁଣି ପ୍ରତିବର୍ଷ ବ୍ଲକସ୍ତରୀୟ ଶେଷ୍ଠ ବିବେଚିତ ଗାଁ କଲ୍ୟାଣ ସମିତି ୧୦ ହଜାର ଟଙ୍କା ପୁରସ୍କାର ପାଉଛି । ତେବେ ଗାଁଗୁଡିକର ଚିତ୍ର କାହିଁକି ବଦଳୁନି ବୋଲି ପ୍ରଶ୍ନ ଉଠୁଛି।

ଏ ନେଇ ନୟାଗଡ଼ର ସୀତାରାମ ସାହୁ କୁହନ୍ତି, ଗାଁ ମୁଣ୍ଡରେ ଗାଁ କଲ୍ୟାଣ ସମିତି ବୋର୍ଡ ଝୁଲୁଛି । କେତେ ଅନୁଦାନ ଆସୁଛି କେତେ ଖର୍ଚ୍ଚ ହେଉଛି, କ'ଣ କାମ ହେଉଛି କେହି ଜାଣୁ ନାହାନ୍ତି । ଫଳକରେ ସିମିତ ରହିଛି ଗାଁ କଲ୍ୟାଣ ସିମତିର କାର୍ଯ୍ୟ। ନୂଆଗାଁର ବିମଳ ପ୍ରଧାନ କୁହନ୍ତି, ଗାଁ କଲ୍ୟାଣ ସମିତି କ'ଣ କାମ କରୁଛି ତାର ସମୀକ୍ଷା କରାଯିବା ଦରକାର। ଯେତେବେଳେ ପଚାରିବ ଅନୁଦାନ ଆସିନି ବୋଲି କୁହାଯାଉଛି । ଅନୁଦାନ ଆସୁନି କୁହାଯାଉଥିବାବେଳେ ଖୋଲା ପାଣ୍ଠି କ'ଣ ହେଉଛି କିଛି ଜଣା ପଡୁନି । ତେବେ କାଗଜପତ୍ରରେ ଅନୁଦାନ ଖର୍ଚ୍ଚ ଚାଲିଛି । ନିଜକୁ ସୁହାଇବା ଭଳି କାମ ହେଉଛି । ଲୋକେ କ'ଣ କାମ ହେଉଛି ଜାଣି ପାରୁ ନାହାନ୍ତି । ଏନେଇ ସିଡିଏମ୍‌ଓ ମକରନ୍ଦ ବେଉରା କୁହନ୍ତି, ଗାଁ କଲ୍ୟାଣ ସମିତି ଅନୁଦାନ ଖର୍ଚ୍ଚରେ ସେପରି କିଛି ଅନିୟମିତତା ଅଭିଯୋଗ ଆସିନି । କମିଟିର ନିଷ୍ପତ୍ତି ଅନୁସାରେ ଖୋଲାପାଣ୍ଠି ଖର୍ଚ୍ଚ ହେଉଛି ବୋଲି କହିଛନ୍ତି।

# ଆବାସ ଯୋଜନାରେ ହିତାଧିକାରୀଙ୍କ ତାଲିକାକୁ ଭାଜପାର ବିରୋଧ


ଭାଜପା କର୍ମୀମାନେ ଜିଲାପାଳଙ୍କ ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି ।

**ନୟାଗଡ଼ ଅଫିସ,୪।୨**

ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ହିତାଧିକାରୀ ତାଲିକାରେ ଅନିୟମିତତା କରାଯାଇଥିବା ଅଭିଯୋଗ କରି ଭାଜପା ପକ୍ଷରୁ ନୟାଗଡ ସହରରେ ବିକ୍ଷୋଭ ସମାବେଶ ଶନିବାର ଅନୁଷ୍ଠିତ ହୋଇ ଯାଇଛି । ଭାଜପାର ନାରୀନେତ୍ରୀ ଇରାନୀ ରାୟଙ୍କ ନେତୃତ୍ୱରେ ବିକ୍ଷୋଭ ହୋଇଥିଲା। ଭାଜପା କର୍ମୀମାନେ ଶୋଭାଯାତ୍ରାରେ ଆସି ନୟାଗଡ଼ ସହର ପରିକ୍ରମା କରିବା ସହ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ଆବାସ ତାଲିକାରେ ଗରୀବ ଲୋକଙ୍କ ବଦଳରେ ପେନସନଭୋଗୀ, ସରକାରୀ କର୍ମଚାରୀ, ସ୍ୱଚ୍ଛଳବର୍ଗର ଲୋକେ ରହିଥିବା ଅଭିଯୋଗ ହୋଇଛି । ଏନେଇ ଜିଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି।

# ୧୫ରୁ ନୟାଗଡ଼ ପୁସ୍ତକ ମହୋତ୍ସବ,କ୍ୟାରିୟର ମେଳା


ବୈଠକରେ ଯୋଗଦେଇଥିବା ବୁଦ୍ଧିଜୀବୀ, ସାହିତ୍ୟିକ ଓ ଖବରଦାତା ।

**ନୟାଗଡ଼ ଅଫିସ,୪।୨**

ନୟାଗଡ଼ ଜିଲାରେ ଦୀର୍ଘବର୍ଷ ଧରି ବନ୍ଦ ରହିଥିବା ପୁସ୍ତକ ମହୋତ୍ସବକୁ ରୂପାନ୍ତରିତ କରାଯାଇ ଚଳିତ ବର୍ଷ ନୟାଗଡ଼ ପୁସ୍ତକ ମହୋତ୍ସବ ଓ କ୍ୟାରିୟର ମେଳା ଆୟୋଜନ କରାଯାଇଛି । ପୁସ୍ତକ ମହୋତ୍ସବ ଓ କ୍ୟାରିୟର ମେଳା ସଂଯୋଜକ ସଞ୍ଜୟ କୁମାର ସ୍ୱାଇଁଙ୍କ ଆବାହକତ୍ୱରେ ନୟାଗଡ଼ ବ୍ଲକ ସଭାଗୃହରେ ଆୟୋଜିତ ପ୍ରସ୍ତୁତି ବୈଠକରେ ଜିଲାର ବହୁ ବୁଦ୍ଧିଜୀବୀ, ସାହିତ୍ୟିକ ଓ ଗଣମାଧ୍ୟମ ପ୍ରତିନିଧି ଯୋଗଦେଇଥିଲେ । କବି ଓ ଅନୁବାଦକ ଶରତ ଚନ୍ଦ୍ର ଆଚାର୍ଯ୍ୟ ବୈଠକର ଆଭିମୁଖ୍ୟ ଉପସ୍ଥାପନ କରିଥିବା ବେଳେ ଖବରଦାତା ଅନୀଲ କୁମାର ପଣ୍ଡା ସାହିତ୍ୟସଭା ପାଇଁ ନିମନ୍ତ୍ରିତ ଅତିଥିଙ୍କ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଅନ୍ୟତମ ସଂଯୋଜକ ଧିରେନ୍ଦ୍ର ପଟ୍ଟନାୟକଙ୍କ ପରିଚାଳନାରେ ଅନୁଷ୍ଠିତ ବୈଠକରେ ଚଳିତ ମାସ ୧୫ରୁ ୧୯ ତାରିଖ ପର୍ଯ୍ୟନ୍ତ ପୁସ୍ତକ ମହୋତ୍ସବ କରାଯିବା ପାଇଁ ନିଷ୍ପତ୍ତି ହୋଇଛି। ନୟାଗଡ଼ ପଠାଣି ସାମନ୍ତ ପ୍ରେକ୍ଷାଳୟ ପଡ଼ିଆରେ ପୁସ୍ତକ ମହୋତ୍ସବ ଓ କ୍ୟାରିୟର ମେଳା ଅନୁଷ୍ଠିତ ହେବ । ବହି ପ୍ରତି ଦିନକୁ ଦିନ ଆଗ୍ରହ କମୁଥିବାରୁ ଛାତ୍ରୀଛାତ୍ରଙ୍କୁ ସଚେତନ କରିବା ଉପରେ ବୈଠକରେ ଆଲୋଚନା ହୋଇଥିଲା । ଜିଲାର ସମସ୍ତ ସ୍କୁଲ ଓ କଲେଜକୁ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ପ୍ରଦାନ କରାଯିବ । ପ୍ରତିଦିନ ସନ୍ଧ୍ୟାରେ ଆୟୋଜିତ ସାହିତ୍ୟ ସଭା ପୂର୍ବରୁ ଏକ କୁଇଜ୍ କାର୍ଯ୍ୟକ୍ରମ ହେବ। ଏଥି ସହିତ ନୟାଗଡ଼ ଲେଖକଙ୍କ ପାଇଁ ଏକ ଷ୍ଟଲ ଖୋଲାଯିବା ପାଇଁ ନିଷ୍ପତ୍ତି ହୋଇଛି । ପୁସ୍ତକ ମହୋତ୍ସବ ସହ କ୍ୟାରିୟର ମେଳାକୁ ଚଳିତ ବର୍ଷ ସଂଯୋଗ କରାଯାଇଥିବାରୁ ପ୍ରତିଦିନ ପୂର୍ବାହ୍ନ ୧୧ଟାରୁ ଷ୍ଟଲ ଖୋଲିବ। ନୟାଗଡ଼ ବ୍ଲକ ଅଧକ୍ଷ କିଶୋର ଚନ୍ଦ୍ର ସାହୁ ଏବଂ ଖବରଦାତା ଶ୍ରୀକାନ୍ତ ଖଟେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ।

## ଘୂରିବୁଲୁଛି ଅସୁସ୍ଥ ହାତୀ

**ଭଞ୍ଜନଗର,୪।୨(ଡି.ଏନ୍.ଏ)**

ଗଞ୍ଜାମ ଜିଲା ଭଞ୍ଜନଗର ଉତ୍ତର ଘୁମୁସର ବନଖଣ୍ଡ ଗାଲେରୀ ରେଞ୍ଜରେ ଏକ ହାତୀ ଆଜକୁ କିଛି ଦିନ ହେବ ଅସୁସ୍ଥ ହୋଇ ଘୁରି ବୁଲୁଥିବା ଦେଖିବାକୁ ମିଳିଛି। ଶନିବାର ସନ୍ଧ୍ୟାରେ ବନ ବିଭାଗର ବରିଷ୍ଠ ଅଧିକାରୀ ଘଟଣାସ୍ଥଳକୁ ଯାଇ ତଦନ୍ତ କରୁଛନ୍ତି। ଏଥିସହ ବେଲଗୁଣ୍ଠା ପ୍ରାଣୀ ଚିକିତ୍ସା ଅଧିକାରୀ ଡା. ରାକେଶ ପତିଙ୍କ ସହିତ ବନ ବିଭାଗ ଅଧିକାରୀମାନେ ଘଟଣା ସ୍ଥଳକୁ ଯାଇ ହାତୀର ଚିକିତ୍ସା ପାଇଁ ପଦକ୍ଷେପ ନେଇଛନ୍ତି। ହାତୀଟି ଲୋକଙ୍କୁ ଦେଖିଲେ ଗୋଡ଼ାଉ ଥିବା ଯୋଗୁ ଚିକିତ୍ସାରେ ବାଧା ଉପୁଜିଛି। ତେବେ ହାତୀ ସମସ୍ୟା ଉତ୍ତର ଘୁମୁସର ବନଖଣ୍ଡକୁ ଛାଡୁନାହିଁ। ଏହାପୂର୍ବରୁ ବିଗତ ୬ ମାସ ମଧ୍ୟରେ ୪ଟି ଦନ୍ତାହାତୀଙ୍କ ମୃତ୍ୟୁ ହେଲାଣି। ସେଥିମଧ୍ୟରୁ ଦୁଇଟି ଦନ୍ତାହାତୀକୁ ଶିକାରୀମାନେ ହତ୍ୟା କରି ତାର ଦାନ୍ତ କାଟି ନେଇଥିଲେ। ପରବର୍ତ୍ତୀ ପର୍ଯ୍ୟାୟରେ ବନ ବିଭାଗ ଲୁଟ ଦାନ୍ତକୁ ଜବତ କରିବାରେ ସକ୍ଷମ ହୋଇଥିଲା। ଅନ୍ୟ ଦୁଇଟି ହାତୀ କିଭଳି ମୃତ୍ୟୁବରଣ କରିଛି ସେ ନେଇ ସଠିକ ଜଣାପଡିନାହିଁ।

# ଆଜି ମହାନଦୀ ଆରତୀ ମହୋତ୍ସବ

**ଖଣ୍ଡପଡ଼ା, ୪।୨ (ସ୍ୱ.ପ୍ର.)**



ଜଗନ୍ନାଥ ସଂସ୍କୃତିର ଆଦିପୀଠାବରେ ପରିଚିତ କଣ୍ଟିଲୋସ୍ଥିତ ଶ୍ରୀ ନୀଳମାଧବ ପୀଠରେ ଦୀର୍ଘ ୧୫ ବର୍ଷ ଧରି ଅନୁଷ୍ଠିତ ହୋଇ ଆସୁଥିବା ମହାନଦୀ ଆରତୀ ମହୋତ୍ସବ ରବିବାର ମାଘ ପୂର୍ଣ୍ଣମୀ ତିଥିରେ ଅନୁଷ୍ଠିତ ହେବ। ଏଥିପାଇଁ ଏକ ପ୍ରସ୍ତୁତି ବୈଠକ ଶନିବାର ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ବୈଠକରେ ସମାଜରୁ ଆଧ୍ୟାତ୍ମିକ ଚେତନା, ପୂଜ୍ୟପୂଜା ସହିତ ସଂସ୍କୃତି ଓ ପରମ୍ପରା କ୍ରମଶଃ ଦୂରେଇ ଯାଉଛି । ଆଧୁନିକ ସମାଜର ଯୁବପିଢୀ ଆମ ଚଳଣୀରେ ସଂସ୍କୃତି ଓ ପରମ୍ପରାକୁ ଭୁଲି ବିଦେଶୀ ସଭ୍ୟତା ପଛରେ ପଡିଯାଇଛି । ଫଳରେ ଲୋକମାନଙ୍କ ଭାବ ଧାରାରେ ସମ୍ପ୍ରତି ପରିବର୍ତ୍ତନ ଆସିଛି। ଏଥିପାଇଁ ବର୍ତ୍ତମାନର ଯୁବ ପିଢୀଙ୍କୁ ଆଧ୍ୟାତ୍ମିକ ମାର୍ଗକୁ ଆଣିବାକୁ ହେଲେ ସମାଜରେ ବାସ କରୁଥିବା ବୟୋଜ୍ୟେଷ୍ଠ ବ୍ୟକ୍ତି ବିଶେଷମାନେ ପୁରାତନ ସଂସ୍କୃତି ଓ ପରମ୍ପରା ସମ୍ପର୍କରେ ଯୁବପିଢୀଙ୍କୁ ମାର୍ଗ ଦର୍ଶନ ଦେବା ଆବଶ୍ୟକତା ରହିଛି। ହଜି ଯାଉଥିବା ସଂସ୍କୃତି ଓ ପରମ୍ପରାକୁ ଉଜ୍ଜିବିତ କରିବାକୁ ହେଲେ ଗ୍ରାମଠାରୁ ସହର ପର୍ଯ୍ୟନ୍ତ ବିଭିନ୍ନ ଅଞ୍ଚଳରେ ରହୁଥିବା ଯୁବପିଢୀଙ୍କୁ ବିଭିନ୍ନ ଧାର୍ମିକ ଅନୁଷ୍ଠାନ ତଥା ଭକ୍ତି ଭାବ ସୃଷ୍ଟି କରିବା ଲକ୍ଷ୍ୟରେ ପୁରାତନ ସଂସ୍କୃତି ସମ୍ପର୍କରେ ସଚେତନ କରାଇବାକୁ ପଡିବ। ଏହି ପରିପ୍ରେକ୍ଷୀରେ କଣ୍ଟିଲୋ ସ୍ଥିତ ଗଙ୍ଗାମନ୍ଦିର ତଟଦେଶରେ ଅବସ୍ଥିତ ମହାନଦୀରେ ଆରତୀ ଉତ୍ସବ ପାଳନ କରିବାକୁ ମତ ପ୍ରକାଶ ପାଇଥିଲା। ସମସ୍ତ ଗ୍ରାମବାସୀଙ୍କୁ ଏହି ଉତ୍ସବରେ ସାମିଲ କରାଯିବ । ରବିବାର ସନ୍ଧ୍ୟାରେ ନୀଳମାଧବଙ୍କ ଆଜ୍ଞାମାଳ ସହ ପ୍ରଜ୍ୱଳିତ ଦୀପ ସିଂହଦ୍ୱାରଠାରୁ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରି ମହାନଦୀ କୂଳ ଗଙ୍ଗାଦେବୀ ମନ୍ଦିରରେ ପହଞ୍ଚିବ।

# ଧନ୍ଦାମୂଳକ ଛାତ୍ରୀଛାତ୍ରଙ୍କ ପରିଭ୍ରମଣ ଶିକ୍ଷା

**ଶରଣକୁଳ, ୪।୨ (ଡି.ଏନ.ଏ.)**



ଭ୍ରମଣ ଶିକ୍ଷାରେ ସାମିଲ ହୋଇଥିବା ଛାତ୍ରୀଛାତ୍ର ।

ଶରଣକୁଳ ନାରାୟଣ ସରକାରୀ ଉଚ୍ଚ ବିଦ୍ୟାଳୟ ଧନ୍ଦାମୂଳକ ଶିକ୍ଷା ଛାତ୍ରୀଛାତ୍ରଙ୍କ ଦ୍ୱାରା ଶିଳ୍ପାନୁଷ୍ଠାନ ଏବଂ ବିଭିନ୍ନ ହସ୍ତତନ୍ତ ତନ୍ତୁବାୟ ସମିତିରେ ପରିଭ୍ରମଣ ଶିକ୍ଷା ଅନୁଷ୍ଠିତ ହୋଇଛି। ବିଦ୍ୟାଳୟର ପୋଷାକ ପରିକଳ୍ପନା ଏବଂ ଇଲେକଟ୍ରୋନିକ୍ସ ଓ ହାର୍ଡୱେର ବିଭାଗର ଛାତ୍ରୀଛାତ୍ରମାନେ ଶିଳ୍ପାନୁଷ୍ଠାନ ପରିଭ୍ରମଣ କରି ବିଭିନ୍ନ ଜ୍ଞାନ କୌଶଳ ଉପରେ ଶିକ୍ଷା ଲାଭ କରିଛନ୍ତି । ବିଦ୍ୟାଳୟର ପ୍ରଧାନଶିକ୍ଷକ ରଶ୍ମିରଞ୍ଜନ ମିଶ୍ରଙ୍କ ତତ୍ତ୍ୱାବଧାନରେ ଛାତ୍ରୀଛାତ୍ରମାନେ ବାଲୁଙ୍କେଶ୍ୱର ତନ୍ତୁବାୟ ସହଯୋଗ ସମିତି ଏବଂ ଏମ୍. ଏସ. ଜୟ ବଜରଙ୍ଗୀ ରାଇସ୍ ମିଲ ପରିଭ୍ରମଣ କରିଥିଲେ । ଏଥିରେ ପୋଷକ ପରିଧାନ ବିଭାଗର ପ୍ରଶିକ୍ଷିକା ରୋଜାଲିନ ମିଶ୍ରଙ୍କ ସହ ଆସିଷ୍ଟାଣ୍ଟ ଡ଼ାଇରେକ୍ଟର ଅଫ୍ ଟେକ୍ସଟାଇଲ କରୁଣାକର ବେହେରା, ଟେକନିକାଲ ଆସିଷ୍ଟାଣ୍ଟ ରବିନାରାୟଣ ବେହେରା ଓ ପ୍ରମୋଦ ବିହାରୀ ସର ଓ ଡିଏଲସି ସମ୍ପାଦକ ସନ୍ତୋଷ କୁମାର ନାୟକଙ୍କ ସହ ତାଙ୍କ ଟିମ ସହଯୋଗ କରିଥିଲେ । ଛାତ୍ରୀଛାତ୍ର ହସ୍ତତନ୍ତର ବିଭିନ୍ନ ଯନ୍ତ୍ରପାତିରେ ସୂତାର ପ୍ରୟୋଗ ସହ କିପରି ତନ୍ତରେ କପଡା ବୁଣାଯାଏ ଏବିଷୟରେ ଶିକ୍ଷାଲାଭ କରିଥିଲେ । ସେହିପରି ଇଲେକଟ୍ରୋନିକ୍ସ ଓ ହାର୍ଡୱେର ଛାତ୍ରମାନେ ଜୟ ବଜରଙ୍ଗୀ ରାଇସ୍ ମିଲ ଯାଇଥିଲେ । ସେଠାରେ ପ୍ରଶିକ୍ଷକ ଗୋରାଙ୍ଗ ସାହୁଙ୍କ ସହ ମ୍ୟାନେଜର ପ୍ରଭାତ ଦାସ ଏବଂ ମାଲିକ ପି. ବାଲେଶ୍ୱର ପାତ୍ରଙ୍କ ସହଯୋଗରେ ବିଭିନ୍ନ ପ୍ରକାର ମୋଟର ଓ ଏହାର ରକ୍ଷଣାବେକ୍ଷଣ, ଆଧୁନିକ ବୈଦ୍ୟୁତିକ ଯନ୍ତ୍ରପାତିରେ କିପରି ସୁରକ୍ଷିତ କାର୍ଯ୍ୟ କରାଯାଇ ପାରିବ ସେ ବିଷୟରେ ଜ୍ଞାନ ଲାଭ କରିଥିଲେ । ବିଦ୍ୟାଳୟର ୮୦ ଛାତ୍ରୀଛାତ୍ର ଏହି ଶିକ୍ଷା କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।

# ନିଆଁ ଲାଗି ଧାନ ନଷ୍ଟ

**ହିଞ୍ଜିଳିକାଟୁ,୪।୨(ଡି.ଏନ.ଏ)**

ହିଞ୍ଜିଳିକାଟୁ ବ୍ଲକ ଖରିଡ଼ା ଗ୍ରାମରେ ଏକକଷଖଳାରେ ଶନିବାର ନିଆଁ ଲାଗି ଲକ୍ଷାଧିକ ଟଙ୍କାର ଧାନ ପୋଡ଼ି ଯାଇଛି। ନିଆଁ କିପରି ଲାଗିଲା, ତାହା ସ୍ପଷ୍ଟ ଜଣାପଡିନାହିଁ। ହିଞ୍ଜିଳିକାଟୁ ଅଗ୍ନିଶମ ଓ ସେବା ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ହିଞ୍ଜିଳିକାଟୁ ବ୍ଲକ ଖରିଡ଼ା ଗ୍ରାମର କାହ୍ନୁଚରଣ ପାଣିଗ୍ରାହୀ ୧୦ ଭରଣ ଜମିରେ ଅମଳ ହୋଇଥିବା ଧାନ ବିଡ଼ା ଖଳାରେ ରଖିଥିଲେ। ନିକଟରେ ଥିବା ଖଳାରେ ଚାଷୀମାନେ ଅମଳ ଧାନ ସଂଗ୍ରହ କରି ପାଳ ଗଛିତ ରଖିଥିଲେ। ଶନିବାର ଅପରାହ୍ନରେ କାହ୍ନୁଚରଣଙ୍କ ଧାନ ଗଦାରେ ନିଆଁ ଲାଗିଥିଲା।

# ରବି ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ

**ପ୍ରଥମ ମ୍ୟାଚ୍‌ରେ ବିଜିପୁର ବିଜୟୀ**

**ଭାପୁର, ୪।୨ (ଡି.ଏନ୍.ଏ.)**

ଭାପୁର ବ୍ଲକ୍ ଭାପୁର ମହୋତ୍ସବ ପଡ଼ିଆରେ ଶନିବାର ତୃତୀୟ ରବି ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ଏହି ଟୁର୍ନାମେଣ୍ଟରେ ୮ ଟିମ୍ ଭାଗ ନେଇଛନ୍ତି। ଉଦ୍‌ଘାଟନୀ ମ୍ୟାଚ୍‌ରେ ବିଜିପୁର କ୍ରିକେଟ ଟିମ୍ ସହିତ ବାଦଭୂଇଁ କ୍ରିକେଟ ଟିମ୍‌ର ମୁକାବିଲା ହୋଇଥିଲା । ପ୍ରଥମେ ବିଜିପୁର ଟିମ୍ ଟସ୍ ଜିତି ବ୍ୟାଟିଂ ନିଷ୍ପତ୍ତି ନେଇ ନିର୍ଦ୍ଧାରିତ ୨୦ଓଭରରେ ୬ ଇଉକେଟ ହରାଇ ୧୬୭ ରନ କରିଥିଲା। ଜବାବ୍‌ରେ ବାଦଭୂଇଁ କ୍ରିକେଟ ଟିମ୍ ୧୯.୨ଓଭର ଖେଳି ସମସ୍ତ ଇଉକେଟ ହରାଇ ୧୨୩ ରନ୍ କରି ପରାଜିତ ହୋଇଥିଲା । ବିଜୟୀ ଦଳର ବିପିନ କୁମାର ସେଠୀ ୧୩ବଲରେ ୩୯ରନ କରି ମ୍ୟାନ୍ ଅଫ୍ ଦ ମ୍ୟାଚ ବିବେଚିତ ହୋଇ ପୁରସ୍କୃତ ହୋଇଥିଲେ । ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ସାମାଜିକ କର୍ମୀ ରମେଶ ଚନ୍ଦ୍ର ବରାଡ଼, ସମ୍ମାନିତ ଅତିଥି ଭାବେ ଚରଣ ସାହୁ, ଗଙ୍ଗାଧର ପଣ୍ଡା ଓ ଲୋକନାଥ ବଳିୟାରସିଂ ଉପସ୍ଥିତ ରହି ଆୟୋଜକ ଓ ସମସ୍ତ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଖେଳକୁ ପରିଚାଳନା କରିଥିଲେ ପ୍ରୀତିବଲ୍ଲଭ ସାହୁ ଓ ବିକାଶ ନାୟକ। ସ୍କୋର ସହାୟତା କରିଥିଲେ ରଶ୍ମି ରଞ୍ଜନ ସାହୁ । ଧାରାବିବରଣୀ ପ୍ରଦାନ କରିଥିଲେ ଶେଖର ନାୟକ । ରବିବାର ରାକମା କ୍ରିକେଟ ଟିମ୍ ସହିତ ବାଲିପାହଡ କ୍ରିକେଟ ଟିମ୍ ମଧ୍ୟରେ ମୁକାବିଲା ହେବ ବୋଲି ଆସୋସିଏଶନର ସଦସ୍ୟ ମିଥୁନ ଚକ୍ରବର୍ତ୍ତୀ ଜଣାଇଛନ୍ତି।


ଅତିଥିଙ୍କ ଗହଣରେ ୨ ଟିମ୍‌ର ଖେଳାଳି।

# ଭୂମିହୀନ ପରିବାରଙ୍କୁ ପଟ୍ଟା ପ୍ରଦାନ ଦାବି ଜୋର ଧରିଲା

**ଖଣ୍ଡପଡ଼ା,୪।୨(ସ୍ୱ.ପ୍ର.)**



ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି ।

ଖଣ୍ଡପଡ଼ା ତହସିଲ ଅଧୀନ ରୟତ ଢୋଲମରା ଗ୍ରାମ ହରିଜନ ସାହି, ମୁଣ୍ଡିଆ ସାହି ଓ ସିଧାମୂଳା ପଞ୍ଚାୟତ ଅଧୀନ ବଳରାମପ୍ରସାଦ ଗ୍ରାମର ଭୂମିହୀନ ପରିବାର ଦୀର୍ଘ ୭୦ ବର୍ଷରୁ ହେବ ସରକାରୀ ଜାଗାରେ ଅସ୍ଥାୟୀ ଭାବେ ବାସଗୃହ ନିର୍ମାଣ କରି ରହୁଥିଲେ। ତହସିଲ ପ୍ରଶାସନର ଉଦାସୀନତା ଯୋଗୁ ସେମାନେ ସେହି ଜାଗାର ପଟ୍ଟା ଓ ଆନୁସଙ୍ଗିକ ସରକାରୀ ସୁବିଧା, ସୁଯୋଗ ପାଇବାରୁ ବଞ୍ଚିତ ହୋଇ ଆସୁଛନ୍ତି। ଏପରିକି ବାରମ୍ବାର ପ୍ରଶାସନିକ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରାଯିବା ପରେ ବି କୌଣସି ସୁଫଳ ମିଳୁ ନ ଥିବା ଅଭିଯୋଗ ହେଉଛି । ଫଳରେ ପଟ୍ଟା ପାଇବାରୁ ବଞ୍ଚିତ ଭୂମିହୀନ ପରିବାର ବିଭିନ୍ନ ସମସ୍ୟା ମଧ୍ୟରେ ଗତି କରୁଛନ୍ତି। ସମସ୍ତ ଭୂମିହୀନ ପରିବାରବର୍ଗଙ୍କୁ ତୁରନ୍ତ ଚିହ୍ନଟ କରି ଜାଗାର ପଟ୍ଟା ଯୋଗାଇଦେବା ପାଇଁ ଭାରତୀୟ ବିକାଶ ପରିଷଦ ନେତୃତ୍ୱରେ ୫୦ରୁ ଊର୍ଦ୍ଧ୍ୱ ମହିଳା ଓ ପୁରୁଷ ଶନିବାର ଖଣ୍ଡପଡ଼ା ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ହରତାଳ କରିବା ସହ ଏକ ଦାବିପତ୍ର ତହସିଲଦାରଙ୍କୁ ପ୍ରଦାନ କରିଛନ୍ତି। ଭାରତୀୟ ବିକାଶ ପରିଷଦର ରାଜ୍ୟ ସଭାପତି ସୁରେନ୍ଦ୍ର ପାଣିଗ୍ରାହୀ, ନୟାଗଡ଼ ଜିଲା ସମ୍ପାଦକ ନିରଞ୍ଜନ ଦାସଙ୍କ ସମେତ ସଦସ୍ୟମାନେ ଏ ସମ୍ପର୍କରେ ଅତିରିକ୍ତ ତହସିଲଦାରଙ୍କ ସହ ଆଲୋଚନା କରିଛନ୍ତି। ଏ ଅବସରରେ ଖଣ୍ଡପଡ଼ାଠାରେ ଏକ ଖବରଦାତା ସମ୍ମିଳନୀର ଆୟୋଜନ କରାଯାଇଥିଲା। ଭୂମିହୀନ ପରିବାରବର୍ଗଙ୍କୁ ଆସନ୍ତା ୧ ମାସ ମଧ୍ୟରେ ତହସିଲ ପ୍ରଶାସନ ପକ୍ଷରୁ ଜାଗାର ପଟ୍ଟା ପ୍ରଦାନ କରା ନ ଗଲେ ଆଗାମୀ ଦିନରେ ଖଣ୍ଡପଡା ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଓ ବିକ୍ଷୋଭ ପ୍ରଦର୍ଶନ କରାଯିବ। ଆବଶ୍ୟକତା ପଡିଲେ ପରିଷଦ ପକ୍ଷରୁ ଉଚ୍ଚ ନ୍ୟାୟାଳୟରେ ମାମଲା ରୁଜୁ କରାଯିବ ବୋଲି ଭାରତୀୟ ବିକାଶ ପରିଷଦର ସଭାପତି ପାଣିଗ୍ରାହୀ ପ୍ରକାଶ କରିଥିଲେ । ଏ ସମ୍ପର୍କରେ ନୟାଗଡ଼ ଜିଲାପାଳଙ୍କଠାରୁ ଆରମ୍ଭ କରି ରାଜସ୍ୱ ବିଭାଗ ସଚିବ ଓ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିବା ପାଣିଗ୍ରାହୀ ସୂଚନା ଦେଇଛନ୍ତି।

**ଫେବୃୟାରୀ ୧୫ରେ ଗହମ ଇ- ନିଲାମ**

**ନୂଆଦିଲ୍ଲୀ:** କେନ୍ଦ୍ର ସରକାର ସାରା ଦେଶରେ ଖୋଲା ବଜାର ବିକ୍ରୟ ଯୋଜନା (ଓଏମଏସଏସ) ଅଧୀନରେ ଗହମ ବିକ୍ରି ପାଇଁ ଇ-ନିଲାମ ଫେବୃୟାରୀ ୧୫ରେ ଅନୁଷ୍ଠିତ ହେବ ବୋଲି ଖାଦ୍ୟ ଏବଂ ଜନସାଧାରଣ ବଣ୍ଟନ ମନ୍ତ୍ରଣାଳୟ ପକ୍ଷରୁ ଘୋଷଣା କରାଯାଇଛି। ତେବେ ରାଷ୍ଟ୍ରାୟତ୍ତ ଫୁଡ କର୍ପୋରେସନ ଅଫ ଇଣ୍ଡିଆ (ଏଫସିଆଇ) ଦେଶରେ ଗହମ ଏବଂ ଗହମ ଉତ୍ପାଦର ମୂଲ୍ୟ ବୃଦ୍ଧି ପାଇଁ ଖୋଲା ବଜାର ବିକ୍ରୟ ଯୋଜନା (ଓଏମ୍ଏସ୍ଏସ୍) ଅଧୀନରେ ଥିବା ବଫର ଷ୍ଟକରୁ ୨୫ ଲକ୍ଷ ଟନ ଗହମ ବିକ୍ରୟ କରିବାକୁ ବାଧ୍ୟତାମୂଳକ କରାଯାଇଛି।

# 'ଆଦାନୀ ମାମଲାରେ ଦେଶର ଛବି ପ୍ରଭାବିତ ହୋଇନାହିଁ'

**ନୂଆଦିଲ୍ଲୀ,୪।୨**

ଗତ କିଛି ଦିନ ହେବ ସାରା ଦେଶ ଏପରିକି ବିଶ୍ୱରେ ମଧ୍ୟ ହିଣ୍ଡେନବର୍ଗ ରିପୋର୍ଟକୁ ନେଇ ଚର୍ଚ୍ଚା ଜୋର ଧରିଛି। ଏପରିକି ଦୀର୍ଘ ଦିନ ଧରି ଚୁପ ରହିଥିବା କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ଶନିବାର ଆଦାନୀ ଗ୍ରୁପ ପ୍ରସଙ୍ଗରେ ମୁହଁ ଖୋଲିଛନ୍ତି। ବିଶେଷକରି ହିଣ୍ଡେନବର୍ଗ ରିପୋର୍ଟ ଓ ଆଦାନୀ ମାମଲାରେ ଭାରତର ଛବି ଅଥବା ଆର୍ଥିକସ୍ଥିତିରେ କୌଣସି ପରିବର୍ତ୍ତନ ହୋଇ ନ ଥିବା ନିର୍ମଳା ମତପ୍ରକାଶ କରିଛନ୍ତି। ସେହିଭଳି ଗତ ୨ ଦିନ (ଶୁକ୍ରବାର ଓ ଶନିବାର) ଧରି ସଂସଦରେ ବିରୋଧୀ ଦଳମାନେ ଆଦାନୀ ଗ୍ରୁପର ଶେୟାର ମୂଲ୍ୟ ହ୍ରାସ ସହ ହିଣ୍ଡେନବର୍ଗ ରିପୋର୍ଟକୁ ନେଇ ବିରୋଧୀ ହଙ୍ଗାମା କରିବା ସହ ଓ ଅର୍ଥମନ୍ତ୍ରୀଙ୍କ ଜବାବ ମାଗିଥିଲେ। ଫଳରେ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ଶନିବାର ଉକ୍ତ ଘଟଣା ସମ୍ପର୍କରେ ସଫେଇ ଦେଇ କହିଛନ୍ତି ଏଥିଯୋଗୁ ଭାରତରେ କୌଣସି ପ୍ରକାର ପରିବର୍ତ୍ତନ ପ୍ରଭାବିତ ହେବାର ଆଶଙ୍କା ନାହିଁ। ଏପରିକି ଗତ ୨ ଦିନ ମଧ୍ୟରେ ଆମର ବୈଦେଶିକ ମୁଦ୍ରାଭଣ୍ଡାରରେ ୮ମିଲିୟନ ଡଲାର ବୃଦ୍ଧି ହୋଇଛି। ବିଶେଷକରି ଭାରତୀୟ ଇକ୍ୟୁଟି ବଜାରରେ ଆଇପିଓ, ଏଫପିଓରେ ଯିବା ଆସିବା ଲାଗି ରହିଛି। ସେହିଭଳି ଅର୍ଥମନ୍ତ୍ରୀ


ନିର୍ମଳା ସୀତାରମନ

ଦେଶବାସୀ ଓ ନିବେଶକଙ୍କୁ ଆଶ୍ୱାସନା ଦେଇ କହିଛନ୍ତି ଯେ, ନିୟାମକ ତାଙ୍କ କାମ କରିବେ। ଏପରିକି ଭାରତୀୟ ରଜର୍ଭ ବ୍ୟାଙ୍କ (ଆରବିଆଇ) ଉକ୍ତ ମାମଲାରେ ମଧ୍ୟ ବୟାନ ଜାରି କରିସାରିଛନ୍ତି। ଏହା ପୂର୍ବରୁ ମଧ୍ୟ ଏଫପିଓ ପ୍ରତ୍ୟାହାର ହୋଇଛି, ତେବେ ବିରୋଧୀ ଦଳ ସଂସଦରେ ଉକ୍ତ ପ୍ରସଙ୍ଗର ମିଳିତ ସଂସଦୀୟ ସମିତି (ଜେପିସି) ଯାଞ୍ଚ ଲାଗି ଦାବି କରୁଥିଲେ। ତେବେ ଏହା ପୂର୍ବରୁ ଆରବିଆଇ ନିବେଶକଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଦେଶର ବ୍ୟାଙ୍କିଙ୍ଗ ବ୍ୟବସ୍ଥା ସ୍ଥିର ଥିବା କହିଥିଲେ। ସେହିପରି ଆରବିଆଇ ନିଜେ ସତର୍କ ଥିବା ଓ ଦେଶର ବ୍ୟାଙ୍କିଙ୍ଗ କ୍ଷେତ୍ରର ସ୍ଥିରତା ଉପରେ ନଜର ରଖିଥିବା କହିଥିଲେ। ତେବେ ଆଦାନୀ ଗ୍ରୁପ ତାଙ୍କ ଫ୍ଲାଗଶିପ୍ କମ୍ପାନୀ ଆଦାନୀ ଏଣ୍ଟରପ୍ରାଇଜେସ୍ଙ୍କ ୨୦,୦୦୦ କୋଟି ଟଙ୍କାର ଫଲୋ ଅନ ପବ୍ଲିକ୍ ଅଫର (ଏଫପିଓ) ବୁଧବାର ପ୍ରତ୍ୟାହାର କରି ନେଇଛନ୍ତି। ଫଳରେ ୨୦ ହଜାର କୋଟି ଟଙ୍କା ଲାଗି ସବସ୍କ୍ରିପସନ ନିମନ୍ତେ ୨୭ ଜାନୁୟାରୀରେ ଏଫପିଓ ଖୋଲିଥିଲା ଓ ୩୧ ଜାନୁୟାରୀରେ ଫୁଲ ସବସ୍କ୍ରାଇବ୍ ହେବା ପରେ କ୍ଲୋଜ ହୋଇଥିଲା। ସେହିପରି ଫଲୋଅନ ପବ୍ଲିକ୍ ଅଫରକୁ ସେକେଣ୍ଡାରୀ ଅଫରିଂ ଭାବେ ମଧ୍ୟ ଜଣାଯାଏ। ଏହା ଏକ ଏପରି ପ୍ରୋସେସ୍ ଯେଉଁଥିରେ ଷ୍ଟକ୍ ଏକ୍ସଚେଞ୍ଜରେ ଲିଷ୍ଟେଡ କମ୍ପାନୀ ତାଙ୍କ ଶେୟାରଧାରୀଙ୍କ ସମେତ ନୂଆ ନିବେଶକଙ୍କୁ ମଧ୍ୟ ଶେୟାର ଜାରି କରିଥାନ୍ତି। ତେବେ ଏହା ପୂର୍ବରୁ ୨୪ ଜାନୁୟାରୀରେ ହିଣ୍ଡେନବର୍ଗ ରିପୋର୍ଟ ସାମ୍ନାକୁ ଆସିଥିଲା। ଏହା ପରଠାରୁ ଆଦାନୀ ଗ୍ରୁପ କମ୍ପାନୀଙ୍କ ଶେୟାର ମୂଲ୍ୟ ହ୍ରାସ ହେବାରେ ଲାଗିଛି। ଏପରିକି ହିଣ୍ଡେନବର୍ଗ ତାଙ୍କ ରିପୋର୍ଟରେ ଆଦାନୀ ଗ୍ରୁପଙ୍କ ଲିଷ୍ଟେଡ ୭କମ୍ପାନୀର ୮୫% ଓଭର ଭାଲ୍ୟୁଡ ସମ୍ପର୍କରେ ରିପୋର୍ଟରେ ମଧ୍ୟ ଉଲ୍ଲେଖ କରିଥିଲା ଯେ ଆଦାନୀ ସମୂହ ଦୀର୍ଘ ଦଶନ୍ଧିରୁ ଷ୍ଟକ୍ ହେରଫେର ଓ ମନିଲଣ୍ଡରିଂରେ ଲାଗି ରହିଛନ୍ତି।

## ଜାନୁୟାରୀରେ ୧.୨୬ ଲକ୍ଷ ଟନ୍ ମାଙ୍ଗାନିଜ୍ ଉତ୍ପାଦନ

**ନୂଆଦିଲ୍ଲୀ, ୪।୨**

ଚଳିତ ଆର୍ଥିକ ବର୍ଷ ଜାନୁୟାରୀ ମାସରେ ୧.୨୬ ଲକ୍ଷ ଟନ୍ ମାଙ୍ଗାନିଜ୍ ଖଣି ଉତ୍ପାଦନ ହୋଇଛି ବୋଲି ଇସ୍ପାତ ମନ୍ତ୍ରଣାଳୟ ପକ୍ଷରୁ ଘୋଷଣା କରାଯାଇଛି। ଏଥିରେ କୁହାଯାଇଛି, 'ମାଙ୍ଗାନିଜ ଓର ଭାରତ ଲିମିଟେଡ' (ଏମ୍ଓଆଇଏଲ୍) କମ୍ପାନୀ ଜାନୁୟାରୀରେ ଖଣି ଉତ୍ପାଦନ କରିବାରେ ଭଲ ପ୍ରଦର୍ଶନ କରିଛି। ଯାହାକି ଗତବର୍ଷ ସମାନ ଅବଧି ସମୟ ତୁଳନାରେ ୭.୭ ପ୍ରତିଶତ ଅଧିକ ମାଙ୍ଗାନିଜ୍ ଉତ୍ପାଦନ ହୋଇଛି। ଉଲ୍ଲେଖଯୋଗ୍ୟ, ୨୦୨୩ ଜାନୁୟାରୀରେ ୧.୩୨ ଲକ୍ଷ ଟନ୍ ମାଙ୍ଗାନିଜ୍ ଖଣି ଉତ୍ପାଦନ ବିକ୍ରିରେ ୨୦୨୨ ଜାନୁୟାରୀରେ ୩୧ ପ୍ରତିଶତ ଅଧିକ ରହିଥିଲା। ତେବେ ଏ ସମ୍ପର୍କରେ 'ମାଙ୍ଗାନିଜ ଓର ଭାରତ ଲିମିଟେଡ୍ (ଏମ୍ଓଆଇଏଲ୍) ସିଏମ୍ଡ଼ି ଅଜିତ କୁମାର ସାକ୍ସେନା କହିଛନ୍ତି, ଗତ କିଛି ମାସ ମଧ୍ୟରେ କମ୍ପାନୀ ଭଲ ପ୍ରଦର୍ଶନ କରୁଛି ଏବଂ ଆଗାମୀ ବର୍ଷ ଗୁଡ଼ିକରେ ଭଲ ପ୍ରଦର୍ଶନ କରିବ ବୋଲି କମ୍ପାନୀ ସମ୍ପୂର୍ଣ୍ଣ ରୂପେ ପ୍ରସ୍ତୁତ ଅଛି ବୋଲି ସେ ମତପ୍ରକାଶ କରିଛନ୍ତି।

## ନୂଆପଡ଼ାରେ ଟ୍ରେଣ୍ଡ୍ସର ଏକ୍ସକ୍ଲୁସିଭ ଷ୍ଟୋର




**ନୂଆଦିଲ୍ଲୀ,୪।୨**

ରିଲାଏନ୍ସ ରିଟେଲର ଆପାରେଲ ଏବଂ ଆସେସୋରି ସ୍ପେଶାଲିଟି ଚେନ୍ 'ଟ୍ରେଣ୍ଡ୍ସ'ର ଆଉ ଏକ ଏକ୍ସକ୍ଲୁସିଭ ଷ୍ଟୋର ଓଡ଼ିଶା ବଜାରରେ ଉଦ୍‌ଘାଟିତ ହୋଇଯାଇଛି। ଏପରିକି ନୂଆପଡା ଜିଲାର ପ୍ରମୁଖ ବଜାର ନୂଆପଡା ଟାଉନଠାରେ ଉକ୍ତ ଷ୍ଟୋରର ଶୁଭାରମ୍ଭ କରାଯାଇଛି। ସେହିଭଳି ୭୧୯୨ ବର୍ଗଫୁଟ ଅଞ୍ଚଳରେ ପରିବ୍ୟାପ୍ତ ଏହି ଷ୍ଟୋର୍‌ରେ ଗ୍ରାହକମାନଙ୍କ ପାଇଁ ସ୍ୱତନ୍ତ୍ର ଉଦଘାଟନୀ ଅଫର ସହ ଆକର୍ଷଣୀୟ ଫ୍ୟାଶନ ଓ ଲୋଭନୀୟ ମୂଲ୍ୟର ବ୍ୟାପକ ସମ୍ଭାର ଉପଲବ୍ଧ। ଯେପରିକି ୩୯୯୯ ଟଙ୍କାର କିଣାକିଣି କରନ୍ତୁ ଏବଂ ମାତ୍ର ୨୪୯ଟଙ୍କାରେ ଏକ ଆକର୍ଷଣୀୟ ଉପହାର ପାଆନ୍ତୁ। କେବଳ ସେତିକି ନୁହେଁ, ୩୯୯୯ ଟଙ୍କାର କିଣାକିଣି ଉପରେ ଗ୍ରାହକମାନେ ୨୦୦୦ ଟଙ୍କା ମୂଲ୍ୟର କୁପନ୍ ସମ୍ପୂର୍ଣ୍ଣ ମାଗଣାରେ ପାଇପାରିବେ। ସେହିପରି ଉକ୍ତ ଷ୍ଟୋରର ମଡର୍ନ ଲୁକ୍ ଏବଂ ପରିବେଶ ନୂଆପଡା ସହରବାସୀଙ୍କ ସମେତ ନିକଟବର୍ତ୍ତୀ ଅଞ୍ଚଳର ଗ୍ରାହକମାନଙ୍କ ଲାଗି ଉଚ୍ଚମାନର ଉତ୍ପାଦ ଓ ଆକର୍ଷଣୀୟ ଫ୍ୟାଶନ ମର୍ଚ୍ଚାଣ୍ଡାଇଜର ସମ୍ଭାର ସୁଲଭ ମୂଲ୍ୟରେ ଯୋଗାଇ ଦେଉଛି। ଏପରିକି ଏହାର ଗ୍ରାହକମାନେ ବର୍ତ୍ତମାନ ଟ୍ରେଣ୍ଡି ୱିମେନ ୱିୟର, ମେନ୍ସ ୱିୟର, କିଡ୍ସ ୱିୟର ଏବଂ ଫ୍ୟାଶନ ଆସେସୋରିଜ ଅତି ସ୍ୱତନ୍ତ୍ର ମୂଲ୍ୟରେ ପାଇପାରିବେ ବୋଲି ଷ୍ଟୋର ପକ୍ଷରୁ କୁହାଯାଇଛି।

## 'ଏକ ବିଲିୟନ ଡଲାର ଉଦ୍ୟୋଗରେ ପରିଣତ ହେବ ତତ୍ତ୍ୱ'

**ଭୁବନେଶ୍ୱର,୪।୨**

ରାଜ୍ୟର ପ୍ରମୁଖ ଆଇଟି କମ୍ପାନୀ 'ତତ୍ତ୍ୱ ଟେକ୍ନୋଲୋଜିସ୍'ର ୨୧ତମ ପ୍ରତିଷ୍ଠା ଦିବସ ଶନିବାର ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ କମ୍ପାନୀ ତା'ର ଆଗାମୀ ଦଶନ୍ଧି ପାଇଁ ଯୋଜନା ଓ ଲକ୍ଷ୍ୟ 'ତତ୍ତ୍ୱ ୨.୦'ର ଉନ୍ମୋଚନ ସହ ଏକ ବିଲିୟନ ଡଲାର ଉଦ୍ୟୋଗରେ ପରିଣତ ହେବାକୁ କମ୍ପାନୀ ଲକ୍ଷ୍ୟ ରଖିଛି। ଏପରିକି ତତ୍ତ୍ୱ ଇମ୍ପାକ୍ଟ ଷ୍ଟେଟ୍‌ମେଣ୍ଟ-୨୦୨୨ର ଉନ୍ମୋଚନ ମଧ୍ୟ କରାଯାଇଥିଲା। ଏହି ଅବସରରେ ମୁଖ୍ୟ ଅତିଥି ଭାବେ ଆଇଟି ମନ୍ତ୍ରୀ ଅଶୋକ ପଣ୍ଡା ଯୋଗ ଦେଇଥିବା ବେଳେ ଆଇଟି ସଚିବ ମନୋଜ ମିଶ୍ର, ଷ୍ଟାର୍ଟଅପ ଓଡ଼ିଶାର କାର୍ଯ୍ୟନିର୍ବାହୀ ଅଧ୍ୟକ୍ଷ ଡା. ଓମକାର ରାଏ, ଇସ୍ରାଏଲର ଜିଆଜଦ ଫର୍ଜଲି, ଆମେରିକାର ନଚିକେତା ଏବଂ ଆମେରିକାର ସୁନୀଲ ସାବତ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏ ସମ୍ପର୍କରେ ତତ୍ତ୍ୱ ଟେକ୍ନୋଲୋଜିସ୍ ଲିଃ.ର ଏମ୍‌ଡି ଅୟସକାନ୍ତ ମହାନ୍ତି କହିଛନ୍ତି, 'ଟେକ୍ନୋଲୋଜି ଦ୍ରୁତ ବେଗରେ ବିକଶିତ ହେଉଥିବା ସମୟରେ ଆମେ ଗ୍ରାହକଙ୍କ ବ୍ୟବସାୟିକ ଆବଶ୍ୟକତାକୁ ପୂରଣ କରିବା ପାଇଁ ଡିଜିଟାଲ ରୂପାନ୍ତରଣର ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିଛୁ। ଏପରିକି ଆମେ ଆଗାମୀ ବର୍ଷଗୁଡିକରେ ଏକ ବିଲିୟନ ଡଲାର କମ୍ପାନୀରେ ପରିଣତ ହେବାକୁ ଉଦ୍ୟମ କରୁଛୁ। ସେହିଭଳି କମ୍ପାନୀର ସହପ୍ରତିଷ୍ଠାତା ତଥା ସିଇଓ ତପେନ୍ଦ୍ର ସେନାପତି କହିଛନ୍ତି, ଆମ ସଂସ୍କୃତିରେ ଉଦ୍ଭାବନ ରହିବା ସହ ତତ୍ତ୍ୱର ଉଜ୍ଜ୍ୱଳ ପ୍ରତିଭାମାନେ ନିରନ୍ତର ଉଦ୍ଭାବନ ମାଧ୍ୟମରେ ସବୁ ବର୍ଗର ଲୋକଙ୍କ ଜୀବନକୁ ପରିବର୍ତ୍ତନ କରୁଛନ୍ତି। ଅପରପକ୍ଷରେ ତତ୍ତ୍ୱର ଟେକ୍ନୋଲୋଜି ବିଭାଗର ନିର୍ଦ୍ଦେଶକ ସ୍ମୃତି ନାୟକ, ଗ୍ଲୋବାଲାଇଜେଶନ କାରଣରୁ ବର୍ତ୍ତମାନ ବ୍ୟବସାୟ ବିଷୟରେ ବିସ୍ତୃତ ଆଲୋଚନା କରିଥିଲେ।



ଅନ୍ତଃରାଷ୍ଟ୍ରୀୟ ଅଟୋମୋବାଇଲ କମ୍ପାନୀ ବିଏମ୍‌ଡବ୍ଲ୍ୟୁ ଇଣ୍ଡିଆ ପକ୍ଷରୁ ୨ଦିନିଆ ଗାଡ଼ିଚାଳନା କୌଶଳ (ଟ୍ରେନିଂ ପ୍ରୋଗ୍ରାମ) କାର୍ଯ୍ୟକ୍ରମ 'ଜିଏସ୍ ଏକ୍ସପେରିଏନ୍ସ ୨୦୨୩ ଇନ୍ ଇଣ୍ଡିଆ' ଅନୁଷ୍ଠିତ ହୋଯାଇଛି। ଏହି ପରିପ୍ରେକ୍ଷିରେ ବିଏମ୍‌ଡବ୍ଲ୍ୟୁ ମୋଟରରାଡ ଦ୍ୱାରା କୌଶଳ ପ୍ରଦର୍ଶନ କରାଯାଉଛି।

## 'ଆଇଡିଆନେଷ୍ଟ ୩ୟ ଚାପ୍ଟରର ଗ୍ରାଜୁଏଶନ ଡେ'

**ନୂଆଦିଲ୍ଲୀ,୪।୨**

ନିତି ଆୟୋଗର ଅଟଳ ଇନୋଭେଶନ ମିଶନ (ଏଆଇଏମ୍) ଦ୍ୱାରା ସମର୍ଥିତ ଅଟଳ ଇନ୍‌କ୍ୟୁବେଶନ ସେଣ୍ଟର୍-ନାଳନ୍ଦା (ଏଆଇସି-ନାଳନ୍ଦା) ପକ୍ଷରୁ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ତଥା ପ୍ରି-ଇନ୍‌କ୍ୟୁବେଶନ ପ୍ରୋଗ୍ରାମ 'ଆଇଡିଆନେଷ୍ଟ୍‌୩.୦ ଦ ଷ୍ଟୁଡେଣ୍ଟ ଏଡିଶନର ୩ୟ ଚାପ୍ଟର୍‌ର ଗ୍ରାଜୁଏଶନ ଡେ' ନିକଟରେ ଆୟୋଜିତ ହୋଇଯାଇଛି। ଏପରିକି ଏଆଇସି-ନାଳନ୍ଦା ଏଭଳି ଏକ କାର୍ଯ୍ୟକ୍ରମକୁ ଦୀର୍ଘ ମାସ ପର୍ଯ୍ୟନ୍ତ ଛାତ୍ର ଉଦ୍ଭାବକଙ୍କ ପାଇଁ ପରିଚାଳନା କରିଥିଲା। ସେହିଭଳି 'ଆଇଡିଆନେଷ୍ଟ' ଛାତ୍ର ଉଦ୍ଭାବକମାନଙ୍କୁ ଏକ ପ୍ଲାଟ୍‌ଫର୍ମ ପ୍ରଦାନ କରିଥିଲା ଯେଉଁଠାରେ ସେମାନେ ନିଜର ବିଚାରକୁ ପ୍ରୋଟୋଟାଇପ୍‌ରେ ପରିଣତ କରିବା ଏବଂ ନିଜର ପ୍ରାରମ୍ଭିକ ଉଦ୍ୟୋଗୀ ଯାତ୍ରାରେ ଶିଳ୍ପ ଓ ଉପଭୋକ୍ତା-କୈନ୍ଦ୍ରିକ ଏକ୍ସପୋଜର ପାଇବା ପାଇଁ ଆବଶ୍ୟକ ଠିକ୍ ମାର୍ଗଦର୍ଶନ ପାଇପାରିବେ ଓ ଏକ ଷ୍ଟାର୍ଟଅପ୍ ନିର୍ମାଣ କରିବାକୁ ସକ୍ଷମ ହେବେ। ଏହି ଅବସରରେ ୪ ଜଣ ଜୁରୀ ସଦସ୍ୟଙ୍କ ଏକ ପ୍ୟାନେଲ ନିକଟରେ ବିଭିନ୍ନ କ୍ଷେତ୍ରର ୧୨ଟି ଷ୍ଟାର୍ଟଅପ୍ ନିଜର ଉପସ୍ଥାପନା ଦେଇଥିଲେ। ଏହା ପରେ ନେଟ୍‌ୱର୍କିଂ ଲଞ୍ଚ ଓ ଫାଇନାଲ ଗ୍ରାଜୁଏଶନ ସେରିମୋନି ହୋଇଥିଲା। ଏ ସମ୍ପର୍କରେ ଏଆଇସି-ନାଳନ୍ଦାର ସିଇଓ ଦେବ୍‌ଜ୍ୟୋତି ମହାନ୍ତି ପ୍ରି-ଇନ୍‌କ୍ୟୁବେଶନ ପ୍ରୋଗ୍ରାମର ଅତିଥି ତଥା ଛାତ୍ରୀଛାତ୍ରମାନଙ୍କୁ ସ୍ୱାଗତ ଜଣାଇବା ସହ କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ବିସ୍ତୃତ ମତପ୍ରକାଶ କରିଥିଲେ। ସେହିଭଳି ଆଇଆଇଏମ୍-ରାଞ୍ଚିର ପ୍ରଫେସର ଡା. ଅସିତ ମହାପାତ୍ର, ହାଇଟେକ୍ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲର ପୂର୍ବତନ ଡିନ୍ ଓ ପ୍ରଫେସର୍ ଡା.ପୟୋଧର ପାଢ଼ୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ନିଜ ନିଜର ମତ ଉପସ୍ଥାପନ କରିଥିଲେ। ପରିଶେଷରେ ସମସ୍ତ ୧୨ଟି ଟିମ୍‌କୁ ସମ୍ବର୍ଦ୍ଧିତ କରାଯାଇଥିଲା।

**ଫୁର୍‌ସତ୍**

# ଜାତି ପ୍ରମାଣପତ୍ର ପାଇଁ କୁକୁରର ଆବେଦନ

**ପାଟନା**

ବିହାରର ଗୟାରୁ ଏକ ଅଜବ ଘଟଣା ସାମ୍ନାକୁ ଆସିଛି। ଜାତି ପ୍ରମାଣପତ୍ର ପାଇଁ ଟମି ନାମକ ଏକ କୁକୁର ଅବେଦନ କରିଥିବା ସରକାରୀ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି। ଗତ ଜାନୁୟାରୀ ୭ରୁ ୨୧ ତାରିଖ ପର୍ଯ୍ୟନ୍ତ ରାଜ୍ୟ ସରକାରଙ୍କ ତରଫରୁ ଜାତି ଭିତ୍ତିକ ଜନଗଣାନା ଆରମ୍ଭ କରାଯାଇଥିଲା। ବିହାରର ଅନେକ ଲୋକ ଜାତି ପ୍ରମାଣପତ୍ର ପାଇଁ ଆବଦେନ କରିଥିବାବେଳେ ଟମି ଏଥିରୁ ଜଣେ। ଏନେଇ ଆଧାର କାର୍ଡର ଆବଶ୍ୟକତା ରହିଥିବାବେଳେ ଟମିର ଆଧାର କାର୍ଡର ଫଟୋ ମଧ୍ୟ ଅବେଦନ ସାଇଟ୍‌ରେ ଅପ୍‌ଲୋଡ୍ କରାଯାଇଛି।




ଆଧାରକାର୍ଡରେ ଥିବା ତଥ୍ୟ ଅନୁସାରେ ଟମିର ଫଟୋ ଥିବାବେଳେ ବାପାଙ୍କ ନାଁ ଜାଗାରେ ଶେରୁ ଏବଂ ମା'ଙ୍କ ସ୍ଥାନରେ ଗିନ୍ନି ଲେଖା ରହିଛି। ସେହିପରି ପେସା ସ୍ଥାନରେ ଛାତ୍ର ଲେଖାଯାଇଛି। ଏହି ଘଟଣା ସାମ୍ନାକୁ ଆସିବା ପରେ ଟମିର ଆଧାରକାର୍ଡ ଫଟୋ ଏବେ ସୋସିଆଲ ମିଡିଆରେ ଭାଇରାଲ୍ ହେବାରେ ଲାଗିଛି। ତେବେ ସରକାରୀ ଅଫିସରଙ୍କ ଅଭିଯୋଗକ୍ରମେ ସ୍ଥାନୀୟ ପୋଲିସ ଘଟଣାରେ ସମ୍ପୃକ୍ତ ଥିବା ବ୍ୟକ୍ତିଙ୍କୁ ଖୋଜିବା ଆରମ୍ଭ କରିଛି।

# ନୱାଜୁଦ୍ଦିନଙ୍କୁ କୋର୍ଟ ନୋଟିସ

**ମୁମ୍ବାଇ:** ହିନ୍ଦୀ ଫିଲ୍ମ ଇଣ୍ଡଷ୍ଟ୍ରିର ସେଲ୍ଫମେଡ୍ କଳାକାର ଭାବେ ପରିଚିତ ନୱାଜୁଦ୍ଦିନ ସିଦ୍ଦିକିଙ୍କ ବିରୋଧରେ ତାଙ୍କ ସ୍ତ୍ରୀ ଆଲିୟା ନିର୍ଯାତନା ଅଭିଯୋଗ ଆଣିବାପରେ ମୁମ୍ବାଇର ଏକ କୋର୍ଟ ତାଙ୍କୁ କୋର୍ଟ ଜାରି କରିଛନ୍ତି। ନୱାଜୁଦ୍ଦିନ ଓ ତାଙ୍କ ପରିବାର ଲୋକେ ସେମାନଙ୍କ ପାଖରେ ଆଲିୟାଙ୍କୁ ରଖିବାକୁ ଚାହୁଁ ନ ଥିବା ସେ କହିଛନ୍ତି। ଆଲିୟାଙ୍କୁ ଖାଦ୍ୟ ଦିଆଯାଉ ନ ଥିବାବେଳେ ଶୋଇବା ପାଇଁ ଉପଯୁକ୍ତ ଶଯ୍ୟା ଏବଂ ଟଏଲେଟ ମଧ୍ୟ ଯିବାକୁ ଦିଆଯାଉ ନାହିଁ। ସେମାନେ ଆଲିୟାଙ୍କୁ ଘରୁ ବାହାର କରିବା ଲାଗି ବହୁ ଅସୁବିଧାରେ ପକାଉ ଥିବା ସେ ନିଜ ଅଭିଯୋଗରେ ଉଲ୍ଲେଖ କରିଛନ୍ତି।

ଆଲିୟାଙ୍କ ଓକିଲ ରିଜୱାନ ସିଦ୍ଦିକି କହିଛନ୍ତି, ଆଲିୟାଙ୍କୁ ଘରୁ ବାହାର କରିବା ଲାଗି କିଛିଦିନ ପୂର୍ବେ ନୱାଜୁଦ୍ଦିନଙ୍କ ମା' ତାଙ୍କ ବିରୋଧରେ ଥାନାରେ ମିଛ ଅଭିଯୋଗ କରିଥିଲେ। ଆଲିୟାଙ୍କ ପାଇଁ ନୱାଜୁଦ୍ଦିନ ପୁରୁଷ ଦେହରକ୍ଷୀ ନିୟୋଜିତ ଘରର ଚାରିଆଡ଼େ କ୍ୟାମେରା ଖଞ୍ଜିଛନ୍ତି। ଆଲିୟା ଥାନାରେ ଅଭିଯୋଗ କରିଥିଲେ ସୁଦ୍ଧା ପୋଲିସ ଏହା ଉପରେ ଦୃଷ୍ଟି ନିକ୍ଷେପ କରୁ ନ ଥିବା ରିଜୱାନ କହିଛନ୍ତି। ଆଲିୟା ତାଙ୍କ ପିଲା ୟନି ଓ ଶୋରାଙ୍କ ସହ ନୱାଜୁଦ୍ଦିନଙ୍କ ଅନ୍ଧେରିସ୍ଥିତ ଘରେ ରହୁଛନ୍ତି। ୨୦୨୧ରେ ନୱାଜୁଦ୍ଦିନ ହ୍ୱାଟ୍ସଆପ୍ ଜରିଆରେ ଡିଭୋର୍ସ ନୋଟିସ୍ ପଠାଇଥିବା ଆଲିୟା କହିଛନ୍ତି।




ଚାଇନା ବୈଜ୍ଞାନିକମାନଙ୍କ ଦ୍ୱାରା କ୍ଲୋନିଂ ଜରିଆରେ ଜନ୍ମିତ 'ସୁପର କାଓ' ପାଖରେ ନିଜ ଜୀବନ କାଳ ମଧ୍ୟରେ ୧,୦୦,୦୦୦ ଲିଟର କ୍ଷୀର ଉତ୍ପାଦନ କରିବାର କ୍ଷମତା ରହିଛି।

# ବହୁତ ଭଲ ନୟନତାରା

**ମୁମ୍ବାଇ:** ଶାହରୁଖ ଖାନ୍ ନିଜ ଫିଲ୍ମ 'ପଠାନ୍' ପାଇଁ ଅନେକ ପ୍ରଶଂସା ସାଉଁଟିବାରେ ଲାଗିଛନ୍ତି। ଏହାବ୍ୟତୀତ ସେ ଏବେ ନିଜ ଆଗାମୀ ଫିଲ୍ମ 'ଯବାନ' ଲାଗି ପ୍ରସ୍ତୁତ ହେଉଛନ୍ତି। ଦକ୍ଷିଣ ଭାରତୀୟ ଫିଲ୍ମ ନିର୍ଦ୍ଦେଶକ ଆଥିଲିଙ୍କ ଦ୍ୱାରା ନିର୍ମିତ ଫିଲ୍ମ ଯବାନରେ ଶାହରୁଖ ସାଉଥ୍ ବ୍ୟୁଟି ନୟନତାରାଙ୍କ ସହ କାମ କରିଛନ୍ତି। ଦୁହେଁ ପ୍ରଥମଥର ପାଇଁ ବିଗ୍‌ସ୍କ୍ରିନ୍ ଶେୟାର କରିଥିବାବେଳେ ବଲିଉଡ୍‌ର ଏହି ଲୋକପ୍ରିୟ ଅଭିନେତା ନୟନତାରାଙ୍କର ଖୁବ୍ ପ୍ରଶଂସା କରିଛନ୍ତି। ନିଜର ଏକ ସାକ୍ଷାତ୍‌କାରରେ ସେ କହିଛନ୍ତି ଯେ, ନୟନତାରା ଜଣେ ଅଭିଜ୍ଞ କଳାକାର। ସେ ବହୁତ୍ ଭଲ ଏବଂ କାମକୁ ନେଇ ଖୁବ୍ ସିରିୟସ୍। ଖାଲି ସେତିକି ନୁହେଁ, ନୟନତାରା ଏକାଧିକ ଭାଷା ଏବଂ ସେଗୁଡ଼ିକର ଉଚ୍ଚାରଣ ବେଶ୍ ସୁନ୍ଦର ଭାବେ କରିପାରୁଥିବା ଶାହରୁଖ୍ କହିଛନ୍ତି। ରେଡ୍ ଚିଲିଜ୍ ପ୍ରଯୋଜିତ ଫିଲ୍ମ ଯବାନରେ ଶାହରୁଖ୍ ଏବଂ ନୟନତାରାଙ୍କ ସହ ବିଜୟ ସେତୁପତି ଏବଂ ସାନିଆ ମାଲହୋତ୍ରା ଅଭିନୟ କରିଛନ୍ତି। ଅସନ୍ତା ଜୁନ୍ ୨ରେ ଏହି ମଲ୍ଟିଷ୍ଟାରର୍ ଫିଲ୍ମ ପ୍ରେକ୍ଷାଳୟକୁ ଓହ୍ଲାଇବ।



## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................


ରାନୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ୫୦ ହଜାର ସ୍କୁଲକୁ ଯିବ 'ଶିଶୁଲେଖା'

## ପ୍ରଥମ ପର୍ଯ୍ୟାୟରେ ୪୧ ବ୍ଲକ୍‌କୁ ପଠାଗଲା

**ଭୁବନେଶ୍ୱର, ୪।୨(ବ୍ୟୁରୋ):** ଓଡ଼ିଆ ଭାଷା ପ୍ରତିଷ୍ଠାନ ଏବଂ ଓଡ଼ିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ (ଓସେପା)ର ମିଳିତ ଆନୁକୂଲ୍ୟରେ ଶନିବାର ଓଡ଼ିଶାର ସମସ୍ତ ବିଦ୍ୟାଳୟକୁ 'ଶିଶୁଲେଖା' ପତ୍ରିକା ବଣ୍ଟନ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଛି। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ନିର୍ଦ୍ଦେଶକ ରଞ୍ଜନ କୁମାର ଦାସ ଏବଂ ଓସେପା ନିର୍ଦ୍ଦେଶକ ଅନୁପମ ଶାହା ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଛନ୍ତି। ଲୋକପ୍ରିୟ ଶିଶୁପତ୍ରିକା 'ଶିଶୁଲେଖା'କୁ ଓଡ଼ିଶାର ୫୦ହଜାର ବିଦ୍ୟାଳୟକୁ ପଠାଯିବାର କାର୍ଯ୍ୟକ୍ରମ ରହିଛି। ଓଡ଼ିଶାର ୩୧୪ ବ୍ଲକ୍ ଶିକ୍ଷାଧିକାରୀଙ୍କ ନିକଟକୁ ତାଙ୍କ ଅଧୀନରେ ଥିବା ବିଦ୍ୟାଳୟ ସମୂହ ପାଇଁ 'ଶିଶୁଲେଖା' ପଠାଯିବା ବ୍ୟବସ୍ଥା କରାଯାଇଛି। ପ୍ରଥମ ପର୍ଯ୍ୟାୟରେ କୋରାପୁଟ, କଳାହାଣ୍ଡି ଓ ବଲାଙ୍ଗୀର ଜିଲାର ୪୧ ବ୍ଲକ୍‌କୁ 'ଶିଶୁଲେଖା' ପ୍ରେରଣ କରାଯାଇଛି। ପ୍ରତ୍ୟେକ ବିଦ୍ୟାଳୟରେ 'ଶିଶୁଲେଖା'ର ବିଷୟଗୁଡ଼ିକ ଛାତ୍ରୀଛାତ୍ରଙ୍କ ଉପସ୍ଥିତିରେ ପଠନ କରାଯାଇ ଆଲୋଚନା କରାଯିବ। ଏ ସଂକ୍ରାନ୍ତରେ ଉଚିତ ପଦକ୍ଷେପ ନେବା ପାଇଁ ଜିଲା ଶିକ୍ଷାଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। 'ଶିଶୁଲେଖା' ପଠନ ଦ୍ୱାରା ଛାତ୍ରୀଛାତ୍ରଙ୍କ ବୌଦ୍ଧିକ ବିକାଶ, ସୃଜନଶୀଳତା ଏବଂ ଭାଷା ପ୍ରୀତି ପ୍ରକାଶ ପାଇବ ବୋଲି ଉକ୍ତ କାର୍ଯ୍ୟକ୍ରମରେ ଅତିଥିମାନେ ମତବ୍ୟକ୍ତ କରିଥିଲେ। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ 'ଶିଶୁଲେଖା'ର ପ୍ରକାଶନ ଏବଂ ବଣ୍ଟନ କାର୍ଯ୍ୟ କରାଯାଉଛି। ଶୁଭାରମ୍ଭ କାର୍ଯ୍ୟକ୍ରମରେ ଓସେପା ଉପନିର୍ଦ୍ଦେଶିକା ଆରତି ରାଉତ, ଓଡ଼ିଆ ଭାଷା ପ୍ରତିଷ୍ଠାନର କାର୍ଯ୍ୟକ୍ରମ ସଂଯୋଜକ ପ୍ରଫେସର ପ୍ରେମାନନ୍ଦ ମହାପାତ୍ର, ଡ. ଫଣୀନ୍ଦ୍ର ଭୂଷଣ ନନ୍ଦଙ୍କ ସମେତ ଓଡ଼ିଆ ଭାଷା ପ୍ରତିଷ୍ଠାନ ଏବଂ ଓସେପାର ଅଧିକାରୀମାନେ ଉପସ୍ଥିତ ଥିଲେ।


# ମନେ ପଡ଼ନ୍ତି

### In Loving Memory of



1954-2015
Our Beloved Mother
Mrs. Meera Tripathy
Peacefully Left for her Heavenly Abode on Tuesday 3rd February, 2015 Eight Annual Sradha: Sunday 5th February, 2023.
Fondly Remembered By: Haribandhu Tripathy and Family Members.
ଧ-୨୬୬୬

### ପ୍ରଥମ ଶ୍ରାଦ୍ଧବାର୍ଷିକ ଶ୍ରଦ୍ଧାଞ୍ଜଳି



ଏମହାଦେବ ପଟ୍ଟଯୋଷୀ
ରାମଚନ୍ଦ୍ରପୁର ବଜାର, କଟଣୀ
ଆବିର୍ଭାବ: ୧୩।୦୮।୧୯୨୬
ତିରୋଧାନ: ୧୬।୦୨।୨୦୨୨
(ମାଘ ପୂର୍ଣ୍ଣିମା)
ଆପଣଙ୍କ ଅମରାତ୍ମା ଶାନ୍ତି ଓ ସଦ୍‌ଗତି ଲାଭକରୁ ଏତିକି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା ।
ଶ୍ରଦ୍ଧାଞ୍ଜଳି ସହ: ପଟ୍ଟଯୋଷୀ ପରିବାରବର୍ଗ ।
ଧ-୨୬୬୧

### ଚତୁର୍ଥ ଶ୍ରାଦ୍ଧବାର୍ଷିକୀ



ଏ ଡ଼ଃଦୁର୍ଗାଚରଣ ମହାନ୍ତି
ଆବିର୍ଭାବ : ୨୬.୧୨.୧୯୪୦
ତିରୋଧାନ : ୧୯.୦୨.୨୦୧୯
ଆପଣଙ୍କ ସ୍ନେହ, ଶ୍ରଦ୍ଧା, ନିଷ୍ଠା, ଆଦର୍ଶ, କର୍ତ୍ତବ୍ୟପରାୟଣତା, ସେବା ଆମ୍ଭମାନଙ୍କ ଜୀବନର ପ୍ରେରଣାର ଉତ୍ସ ହେଉ। ଆପଣଙ୍କ ପବିତ୍ର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥ ଓ ଶ୍ରୀ ଲିଙ୍ଗରାଜଙ୍କ ଚରଣରେ ପ୍ରାର୍ଥନା କରୁଛୁ।
-: ଶୋକସନ୍ତପ୍ତ :-
ଧର୍ମପତ୍ନୀ, ପୁତ୍ର, ପରିବାରବର୍ଗ ଓ ବନ୍ଧୁବାନ୍ଧବ
ଧ-୭୩୨୩୨

### ୩୬ତମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ଏ ପ୍ରଭା ରାଉତରାୟ
ସ୍ୱାମୀ ଏ ସୁଧାଂଶୁ ମୋହନ ରାଉତରାୟ
ପ୍ଲଟ. ନଂ.: ୧୫୭, ସହିଦନଗର, ଭୁବନେଶ୍ୱର
ଆବିର୍ଭାବ: ତା ୧୭.୧୨.୧୯୩୭
ତିରୋଧାନ : ତା ୧୩.୦୨.୧୯୮୭
'ତୁମ ପରି କିଏ ମାଆ ହେବ ଚାରି ସନ୍ତାନ ଜଞ୍ଜାଳ ବୋହି ନୀତିକୁ କେବଳ ଆଦର୍ଶକରି ଦୁନିଆ ଆଗରେ ଠିଆ ହେବ'
ତୁମରି ଆତ୍ମାର ଶାନ୍ତି ଓ ସଦ୍‌ଗତି କାମନା କରୁଛୁ ।
ତୁମର ବନ୍ଧୁ ଓ ପରିବାରବର୍ଗ
ଧ-୭୧୬୭୦

CLASSIFIED DISPLAY
ALL EDITION - B/W (Everyday)
MORE SPACE • SAME PRICE
for Booking Contact 0674-2580385

## ମୁଦ୍ରା ଫାଇନାନ୍ସ

**PM ମୁଦ୍ରା ଯୋଜନା**
ଅଧୀନରେ 1ରୁ 90 ଲକ୍ଷ ପର୍ଯ୍ୟନ୍ତ ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ ସମସ୍ତ ଋଣ ।
2% ସୁଧ, 40% ରିହାତି ।
ମହିଳାଙ୍କ ପାଇଁ ବିଶେଷ ରିହାତି ।
ଅନ୍‌ଲାଇନ୍ ସୁବିଧା ।
ମୁଦ୍ରା ଫାଇନାନ୍ସ
Mob. 8985384630


**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ଭାଲୁ ଆକ୍ରମଣରେ ବାଳକ ଗୁରୁତର

**ଢେଙ୍କାନାଳ ଅଫିସ,୪।୨:** ଢେଙ୍କାନାଳ ଜିଲା ସଦର ଥାନା କପିଳାସ ରେଞ୍ଜ୍ ବିରାଡିଆ ଗ୍ରାମରେ କିଛିଦିନ ଧରି ଏକ ଭାଲୁ ଉପଦ୍ରବ କରୁଥିବାରୁ ଗ୍ରାମବାସୀ ଆତଙ୍କିତ ହୋଇପଡିଛନ୍ତି। କପିଳାସ ଅଭୟାରଣ୍ୟରୁ ଚାଲି ଆସିଥିବା ଉକ୍ତ ଭାଲୁ ଆକ୍ରମଣରେ ଶନିବାର ଗ୍ରାମର ଜଣେ ବାଳକ ଗୁରୁତର ହୋଇଛନ୍ତି। ଏଥିସହ ୨ଟି ଗାଈ ମଧ୍ୟ ମୃତ୍ୟୁ ମୁଖରେ ପଡ଼ିଛନ୍ତି। ବାରମ୍ବାର ଅଭିଯୋଗ ସତ୍ତ୍ୱେ ବନବିଭାଗ ଗୁରୁତ୍ୱ ଦେଉ ନ ଥିବାରୁ ଅସନ୍ତୁଷ୍ଟ ଗ୍ରାମବାସୀ ଶନିବାର ବିରାଡିଆଠାରେ ଢେଙ୍କାନାଳ-କପିଳାସ ରାସ୍ତାକୁ ଅବରୋଧ କରିଥିଲେ। ଫଳରେ ଉତ୍ତେଜନା ପ୍ରକାଶ ପାଇବା ସହ ଯାନବାହନ ଚଳାଚଳ ବ୍ୟାହତ ହୋଇଥିଲା। କପିଳାସ ରେଞ୍ଜର ତରୁଣ କୁମାର ମହାନ୍ତି ଜଣେ ପ୍ରାଣୀ ଚିକିତ୍ସକଙ୍କୁ ସାଙ୍ଗରେ ନେଇ ଘଟଣାସ୍ଥଳରେ ପହଞ୍ଚି ମୃତ ଗାଈ ୨ଟିକୁ ବ୍ୟବଚ୍ଛେଦ କରିଥିଲେ। କ୍ଷତିପୂରଣ ପାଇଁ ଅନ୍‌ଲାଇନରେ ଆବେଦନ କରିବାକୁ ଗୋରୁ ମାଲିକଙ୍କୁ ରେଞ୍ଜର କହିଥିଲେ। ଏହାପରେ ରାସ୍ତାରୋକୋ ହଟିଥିଲା। କପିଳାସ ରେଞ୍ଜର ମହାନ୍ତି କହିଛନ୍ତି, ସନ୍ଧ୍ୟାରୁ ଏହି ଅଞ୍ଚଳରେ ବନ କର୍ମଚାରୀଙ୍କ ଦ୍ୱାରା ପାଟ୍ରୋଲିଂ କଡ଼ାକଡ଼ି କରାଯିବ। ଭାଲୁକୁ ଟ୍ରାଙ୍କୁଲାଇଜ କରିବାକୁ ଉଦ୍ୟମ ଜାରି ରହିଛି।






# ଛାତ୍ରୀ ନିବାସର ୨୩ ଅନ୍ତେବାସୀ ଅସୁସ୍ଥ

**ବଇଣ୍ଡା, ୪।୨ (ଡି.ଏନ.ଏ.):** ଅନୁଗୋଳ ଜିଲା କିଶୋରନଗର ବ୍ଲକ ଅଙ୍ଗପଡା ହାଇସ୍କୁଲ ଛାତ୍ରୀ ନିବାସରେ ରହୁଥିବା ୩୬ ଛାତ୍ରୀଙ୍କ ମଧ୍ୟରୁ ୨୩ ଜଣ ଶନିବାର ଅସୁସ୍ଥ ହୋଇପଡିଛନ୍ତି। ସେମାନଙ୍କୁ କିଶୋରନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ଚିକିତ୍ସା ପରେ ସମସ୍ତେ ସୁସ୍ଥ ହେଉଥିବା ମେଡିକାଲ ସୂତ୍ରରୁ ସୂଚନା ମିଳିଛି। ପ୍ରକାଶ ଯେ, ଅଙ୍ଗପଡା ହାଇସ୍କୁଲ ଛାତ୍ରୀ ନିବାସରେ ରହୁଥିବା ଛାତ୍ରୀମାନେ ନିକଟସ୍ଥ ଡୁରୁଡ଼ା ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପଢୁଛନ୍ତି। ସବୁଦିନ ଭଳି ସେମାନେ ଛାତ୍ରୀ ନିବାସରେ ଟିଫିନ କରି ସ୍କୁଲକୁ ଯାଇଥିଲେ। ସେଠାରେ ମଧ୍ୟାହ୍ନ ଭୋଜନ ଖାଇ ଛାତ୍ରୀ ନିବାସକୁ ଆସିବା ପରେ ହଠାତ ୨୩ ଛାତ୍ରୀ ଅସୁସ୍ଥ ଅନୁଭବ କରିଥିଲେ। ଅଙ୍ଗପଡା ଡୁରୁଡ଼ା ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ୨ ଜଣ ଶିକ୍ଷକ ତୁରନ୍ତ ଅସୁସ୍ଥ ଛାତ୍ରୀମାନଙ୍କୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଘଟଣା ସମ୍ପର୍କରେ ଅଙ୍ଗପଡା ଡୁରୁଡ଼ା ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଜବାହରଲାଲ ପ୍ରଧାନ କହିଛନ୍ତି, ସ୍କୁଲରେ ୨୬୨ ଛାତ୍ରୀଛାତ୍ର ମଧ୍ୟାହ୍ନ ଭୋଜନ ଖାଇଥିଲେ। ହେଲେ ଉକ୍ତ ଛାତ୍ରୀ ନିବାସର ୨୩ ଛାତ୍ରୀ ଅସୁସ୍ଥ ହୋଇପଡ଼ିଥିଲେ। ସେମାନେ ବିଦ୍ୟାଳୟକୁ ଆସିବା ପୂର୍ବରୁ ଅସୁସ୍ଥ ଥିବା ବିଦ୍ୟାଳୟରେ କହିଥିଲେ। ସମସ୍ତଙ୍କୁ ଚିକିତ୍ସା କରାଯାଉଛି ଓ ସେମାନେ ସୁସ୍ଥ ଅଛନ୍ତି। ସେହିପରି ଅଙ୍ଗପଡା ହାଇସ୍କୁଲ ପ୍ରଧାନ ଶିକ୍ଷକ ତୈଲୋକ୍ୟ ପ୍ରଧାନ କହିଛନ୍ତି, ମଧ୍ୟାହ୍ନ ଭୋଜନ ଖାଇବା ପରେ ସମ୍ପୃକ୍ତ ଛାତ୍ରୀମାନେ ଅସୁସ୍ଥ ହୋଇ ପଡ଼ିଥିଲେ।

# ଆଜି ମହାପ୍ରଭୁଙ୍କ ଗଜ ଉଦ୍ଧାରଣ ବେଶ

**ପୁରୀ ଅଫିସ, ୪।୨:** ପବିତ୍ର ମାଘ ପୂର୍ଣ୍ଣିମା ଅବସରରେ ରବିବାର ଶ୍ରୀମନ୍ଦିରରେ ମଧ୍ୟାହ୍ନ ଧୂପ ପରେ ମହାପ୍ରଭୁଙ୍କ ଗଜ ଉଦ୍ଧାରଣ ବେଶ ଅନୁଷ୍ଠିତ ହେବ। ଏହି ବେଶରେ ଶ୍ରୀଜଗନ୍ନାଥ ଓ ଶ୍ରୀବଳଭଦ୍ର ଚତୁଃହସ୍ତ ଏବଂ ସୁଭଦ୍ରା ଦ୍ୱିଭୂଜ ବିଶିଷ୍ଟ ହୁଅନ୍ତି। ଚତୁଃହସ୍ତଧାରୀ ଶ୍ରୀଜଗନ୍ନାଥ ଉଡୟନରତ ଭଙ୍ଗୀରେ ଥିବା ଦୁଇଟି ପକ୍ଷ ବିଶିଷ୍ଟ ଗରୁଡ଼ ଉପରେ ପଦ୍ମାସନ ମୁଦ୍ରାରେ ବସିଥାନ୍ତି। ସେ ମହାଲକ୍ଷ୍ମୀଙ୍କୁ କୋଳରେ ଧାରଣ କରିଥାନ୍ତି। ତାଙ୍କ ଚାରିହସ୍ତରେ ଶଙ୍ଖ, ଚକ୍ର, ଗଦା ଓ ପଦ୍ମ ଶୋଭାପାଇଥାଏ। ସେହିପରି ବଳଭଦ୍ର ଉର୍ଦ୍ଧ୍ୱ ଦୁଇ ହସ୍ତରେ ଶଙ୍ଖ ଓ ଚକ୍ର ତଥା ନିମ୍ନ ଦୁଇ ହସ୍ତରେ ହଳ ଓ ମୂଷଳ ଧାରଣ କରିଥାନ୍ତି। କୃଷ୍ଣଙ୍କ ଭଳି ଛନ୍ଦାୟିତ ଭଙ୍ଗୀରେ ସୁଭଦ୍ରା ଛିଡ଼ା ହୋଇଥାନ୍ତି। ତାଙ୍କ ହସ୍ତଦ୍ୱୟ ମୁଷ୍ଟିବଦ୍ଧ ତଥା ତଳଉପର ହୋଇ ରହିଥାଏ ଏବଂ ସେ ପଦ୍ମକଳିକା ହସ୍ତରେ ଧରିଥାନ୍ତି। ତିନି ଠାକୁର ମଥାରେ ଚୂଳ ଓ କିରୀଟ ସହ ସୁବର୍ଣ୍ଣ ନିର୍ମିତ ପଦ୍ମମାଳି, କଦମ୍ବମାଳି ପ୍ରଭୃତି ଭୂଷିତ ହୋଇଥାନ୍ତି।


# Classified Everyday
0674-2580101, 2549949




### BRIDE WANTED

Kshetriya boy, 1993/5'9", B.Tech. Dhanu, Bangalore IT Sector, Dhenkanal. 9668599723, 9040851751. D-71049

**Tall, Fair Educated bride wanted for 1985, 5'10", B.Tech, 14/6, Batsasya, Brahmin boy working in SBI General at Cuttack. Contact: 8763358609.** D-2677

Ashirbada Weeding:- ଓଡ଼ିଆ, ବଙ୍ଗାଳୀ, ମୁସଲିମ, ବୟସ- 45, 38, 52, 61 ପୁରୁଷଙ୍କ ପାଇଁ ଉପଯୁକ୍ତ ମହିଳା ଆବଶ୍ୟକ। ଯୋଗାଯୋଗ- 9178392294. D-2668

### GROOM WANTED

Suitable match invited from tall candidates for Bhubaneswar based Khandayat girl, 92 born, Software Engineer, Bengaluru. Contact: 9438677381. D-71669

Ashirbada Weeding:- ଓଡ଼ିଆ, ବଙ୍ଗାଳୀ, ମୁସଲିମ୍, ବୟସ- 32, 28, 36, 39 ମହିଳାଙ୍କ ପାଇଁ ଉପଯୁକ୍ତ ପୁରୁଷ ଆବଶ୍ୟକ। ଯୋଗାଯୋଗ- 9178392294. D-2669

32 age divorce ଖଣ୍ଡାୟତ ଜାତି, Govt. ଚାକିରିଆ ଝିଅଙ୍କୁ anycaste unmarried/ divorce/ widow ପୁଅ ଦରକାର। ଘରଜ୍ୱାଇଁ ପ୍ରାଥମିକତା। 7749076723. D-2673




### SALE

Bhubaneswar Carz (Preowned Car) for sale. Vehicle price- Honda Jazz V (2017) 5,30,000/-, Tata Tiagoxz (2021) 7, 15, 000/-, Alto 800 Lxi (2015) 2, 30, 000/- , Alto Lxi (2010) 1, 30, 000/-. Contact person- 7764076680, 9776080658. D-2652

Tata Hywa (Model-3118) 2018- 5nos, Tata Hywa (Model-2518) 2016- 4nos. Contact. 9827516256, 7504690838. D-74200

### HIRE

41 Seated White Tata Bus within 5years for monthly hire purpose, wanted immediately. Contact: 7077714312. D-2635




### SALE

ତୁରନ୍ତ ବିକ୍ରି 30' ଘରବାରି ସଙ୍ଗେସଙ୍ଗେ ଘର କରିବା ପାଇଁ ରବି ଟକିଜ୍ 2K.M. @ 3,600/- (ବ୍ରୋକର ଏକ୍ସକ୍ଲ୍ୟୁଜ୍), ଯୋଗାଯୋଗ- 9776729177. D-48728

Plot ଭୁବନେଶ୍ୱର- ପଟିଆ ରେଲୱେଷ୍ଟେସନରୁ 1.5K.M. ଦୂରତାରେ ରାସ୍ତା, ଇଲେକ୍ଟ୍ରି ସୁବିଧା ଥାଇ ବାସୋପଯୋଗୀ ଘରବାରି ପ୍ଲଟ୍ ସୁଲଭ ମୂଲ୍ୟରେ ମିଳୁଛି। 7978159231. D-74803

**Highly developed gated society gharabari plot sale near Toshali Square, Puri opposite Medical College. 9937373013.** D-74802

All modular 3BHK, 3BAL, 2WC flat behind Kalinga Stadium, Nayapalli for sale. Genuine buyer may contact : 7722848487. D-65932

ଭୁବନେଶ୍ୱରରେ ଆଜି ପ୍ଲଟ୍ କିଣି ଆଜି ଘର କରନ୍ତୁ। Sqft. 950/-. 9439493164. D-74806

150' ରୋଡ୍ କଡ଼ରେ Hanspal, Balianta Bazar ପାଖରେ 30' ପିଚୁରୋଡ୍, electrification ଥାଇ gharabari plot ମିଳୁଛି। 9861032349. D-73367

**Private Resale plot sale measuring 2500sqft., near SBI Colony, KESARA, Bhubaneswar, cost @62,50,000/-. (Only buyer contact)- 9938867397.** D-2657

ଭୁବନେଶ୍ୱର ଟଙ୍କପାଣି ସାଇମନ୍ଦିର ଛକରୁ 5 K.M. ବେଣ୍ଟପୁର ମୌଜା- ଆଦର୍ଶ ବିଦ୍ୟାଳୟ ପାଖରେ ଘରବାରି ପ୍ଲଟ୍ ବିକ୍ରିହେବ। 9090809945, 9437114429. D-74805

Duplex project at Retang Medical Station near CV Raman University, Tamando, Bhubaneswar. 7008459987. D-74185

ନଖରା ତ୍ରିନାଥବଜାର ପାଖରେ ନଗଦ ଘର କରିବା ପାଇଁ ପାଖରେ ଇଲେକ୍ଟ୍ରି ସୁବିଧା ଥାଇ ଘରବାରି ପାଚେରି ପ୍ଲଟ୍ ବିକ୍ରିହେବ। 9439889903. D-74810

ଜଟଣୀ NISER ସାମ୍ନାରେ ଘରବାରି yellowzone ଥାଇ possession plot କିଣି immediate ଘର କରନ୍ତୁ। 9938066403, 9438315973. D-74809

**30'road, boundary ଥାଇ yellowzone proposed 100ft. ପିଚୁ ରାସ୍ତାକୁ ଲାଗି ତୁରନ୍ତ ଘର କଲା ଭଳି ପ୍ଲଟ୍ ପ୍ରତାପନଗରୀ ଧାଙ୍କୁଲେଇ ମନ୍ଦିର ନିକଟ ବେଲଗଛିଆରେ 12,00,000/-ରେ ମିଳୁଛି। 9937391249, 6371915941.** D-74195

**Commercial Gharabadi plot 10500sqft. sale at Samantrapur, Bhubaneswar. Suitable for Clinic/ School/ College/ Godown. Genuine Buyer contact. No Broker.: 9438220432/ 8249155265.** D-2645

BDA plot Tata Motor frontରେ Pitapalli Chhakaରେ ମିଳୁଅଛି। Contact: 9800700664, 9437285016. D-2572

**ଭୁବନେଶ୍ୱର ପଟିଆ ଷ୍ଟେସନ 2 K.M., New Rly Station 400mtr. ଦୂରତାରେ yellowzone plot ମିଳୁଛି sqft.- 650/-. 8249081980.** D-74187

Cuttack, Nuapatana ring road side near Mahanadi Madhusudan Bridge (CDA sector10), Gharabadi plot for sale, 9338202233. D-2675

**ଭୁବନେଶ୍ୱର ହଂସପାଳଠାରୁ 9 K.M. ଭିଙ୍ଗାରପୁରଠାରେ Demarcated 30ft. road, ଘରବାରି, ଇଲେକ୍ଟ୍ରି ସୁବିଧା ଥାଇ sqft.-700/- ପ୍ଲଟ୍ ବିକ୍ରି ହେଉଛି। 9437114429, 9090809945.** D-74808

Bhubaneswar- plot near AIIMS (Ranasinghpur Mouza) BDA layout approved- boundary wall, Bank Loan Electricity facilities, 1600sqft. No Brokers please. 7978667518. D-71554

ଭୁବନେଶ୍ୱର ହଂସପାଳ ଛକଠାରୁ ବାଲିଅନ୍ତା ଥାନା ନିକଟବର୍ତ୍ତୀ **100** ଫୁଟ୍ ରାସ୍ତା ନିକଟରେ ୩୦ଫୁଟ୍ ରାସ୍ତା, ଇଲେକ୍ଟ୍ରିକ୍, ଡ୍ରେନେଜ, ପ୍ଲାଣ୍ଟେସନ୍, ସିକ୍ୟୁରିଟି ସୁବିଧା ଥାଇ ବାସୋପଯୋଗୀ ବାଉଣ୍ଡାରୀ ପ୍ଲଟ୍ ମିଳୁଅଛି। **9692848825.** D-74804

ଭୁବନେଶ୍ୱର ନଖରା ଘରବାରି SC plot sqft.-150/- , general-350/-. 9439660381. D-74801

Khurdha Collector Office ରୁ 2K.M. distanceରେ ଘରବାରି boundary ଥାଇ plot Rs.-9,00,000/-ରେ ମିଳୁଅଛି। (Owner). 7750068828, 9439101373. D-2571

ଭୁବନେଶ୍ୱର ବାଲିଅନ୍ତା ଭିଙ୍ଗାରପୁରରେ 30ft ରେଭିନ୍ୟୁ ରୋଡ୍‌କୁ ଲାଗି boundary ସହ ଘରବାରି ପ୍ଲଟ୍ ବିକ୍ରିହେବ। 9984716649, 8249451709, 9437246321. D-2550

Duplex for sale Sundarpada Subhadra Villa Pradhan Sahi Area 1200sqft. builtup 1850sqft. 3BR 3Bathroom 76 lakhs. 7381299922. D-71553

ଭୁବନେଶ୍ୱର ନଖରା **2nd Sum Hospital** ନିକଟବର୍ତ୍ତୀ ଘରବାରି ପ୍ଲଟ୍ ଓ ହଂସପାଳ ପାଖରେ **3BHK Duplex** ମିଳୁଛି। **8327785834, 9658122456.** D-74197




**Construct your home @850/-, 1340/- includes architecture structure with 3year FMC, provide BDA plan approval boring/ interiorwork. SNV Construction. 9439295469.** D-74186

**Construct your Dream home @460/-, 850/-, 1325/- with Branded material along with 3Years AMC & 50 years structural guarantee. We provide plan approval, Boring, Bank Estimate. Contact The Engineering Pvt. Ltd. 9439856856.** D-2583




For commercial purpose Minarva Complex, Sector-09, CDA, Cuttack. Contact: 9078814328, 9078814319, 9078814313. D-2615

3BHK Duplex beautiful corner Villa in gated community, Patia for Family. 9439920321. D-2595

1 BR, kitchen, toilet at 2nd floor, small family, Siba Nagar, Bhubaneswar. Mob: 9090938181. D-73743




Asribada Panchakarma herbal SPA, Kesarimall, Bhubaneswar. Contact: 8926173473. D-74633

**Relax, Refresh your body, Mind at Saikrupa Spa with best therapies. 8984068077.** D-2586

Newly open health benefits SPA special Offer@999, Nayapalli. 7846814019. D-73679

Newly open SPA positively health benefits with expert therapist. 7849011931. D-73680


### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ଏ ସପ୍ତାହର ପ୍ରଶ୍ନ

୧– ଡିଭାଇନ୍ କମେଡ଼ି ପୁସ୍ତକର ଲେଖକ......... ?
୨– ବିଶ୍ୱ ବିବାହ ଦିବସ ............... ତାରିଖରେ ପାଳନ କରାଯାଏ ?
୩– ତାସ୍‌କେଣ୍ଟ ............... ଦେଶର ରାଜଧାନୀ ?
୪– ୧୫ତମ ବ୍ରିକ୍ସ ସମ୍ମିଳନୀ–୨୦୨୩ .........ସହରରେ ଆୟୋଜନ କରାଯିବ ?
୫– 'ଏଫ୍‌ଏସ୍‌ଏସ୍‌ଏଆଇ'ର ଫୁଲ୍‌ଫର୍ମ ............. ?

## ଗତ ଥରର ଉତ୍ତର

୧ ନାଗାଲାଣ୍ଡ
୨ ଭରଭି
୩ ବିହାର
୪ ପୋଲୋ
୫ ୱିଲିୟମ୍ ସାୱ୍ୱାୟା

## ଉତ୍ତରଦାତା


ଶେଖ୍ ୟାକୁବ୍, ଗୋପ


ମାନସ ରଞ୍ଜନ ପଟ୍ଟନାୟକ, ଭୁବନେଶ୍ୱର

## ଟପ୍ ୧୦

### ଲୋକପ୍ରିୟ ଚଳଚ୍ଚିତ୍ର– ୨୦୨୩




୧.......... ଅବତାର: ଦି ୱେ ଅଫ୍ ୱାଟର
୨.......... ଏମ୍‌୩ଗାନ୍
୩.......... ପୁସ୍ ଇନ୍ ବୁଟ୍ସ: ଦି ଲାଷ୍ଟ ୱିଶ୍
୪.......... ଏ ମ୍ୟାନ୍ କଲ୍ଡ ଓଟୋ
୫.......... ପ୍ଲେନ୍
୬.......... ମିସିଂ
୭.......... ବ୍ଲାକ୍ ପାନ୍ଥର:ୱାକାଣ୍ଡା ଫର୍‌ଏଭର୍
୮.......... ପଠାନ୍
୯.......... ଦି ହ୍ୱେଲ୍
୧୦.......... ହ୍ୱାଇଟ୍ନୀ ହଷ୍ଟନ୍

**ସୂଚନା:** ଆଗାମୀ ଆଶା ପୃଷ୍ଠା ପାଇଁ ଲେଖା ଓ ଫଟୋ ପଠାଇବା ଲାଗି
ଇ–ମେଲ୍ ଠିକଣା: dharitriagamiasha @gmail.com

**ୟୁଥ୍ ଆଲର୍ଟ**

# ଆଇଲ୍ୟାସେସ୍ ବ୍ୟବହାର କରୁଥିଲେ...

ଆଖିକୁ ସୁନ୍ଦର କରିବା ପାଇଁ କେହି କାଜଲ ତ କିଏ ଆଇଲାଇନର, ମସ୍‌କରା ଆଉ ଆଇଶ୍ୟାଡୋ ଭଳି ବ୍ୟୁଟି ପ୍ରଡକ୍ଟ ବ୍ୟବହାର କରନ୍ତି । ଏମିତିକି କେହି କେହି ଆଖିକୁ ଆଟ୍ରାକ୍ଟିଭ୍ କରିବା ଲାଗି ଆର୍ଟିଫିସିଆଲ୍ ଆଇଲ୍ୟାସ୍ ଲଗାଇବାକୁ ବି ପଛାଉ ନାହାନ୍ତି। ହେଲେ ଏହି ୟୁଜ୍ ଆଣ୍ଡ ଥ୍ରୋ ଆଇଲ୍ୟାସେସ୍ ଆଖିକୁ ସୁନ୍ଦର ତ କରୁଛି, ହେଲେ ଏହାର ଅଧିକ ବ୍ୟବହାର ଆଖି ପାଇଁ କ୍ଷତିକାରକ ସାଜୁଛି...



➤ଆଇଲ୍ୟାସେସ୍ ଆଖିକୁ ସୁନ୍ଦର ଏବଂ ଆକର୍ଷଣୀୟ କରିଥାଏ। ହେଲେ ଆପଣଙ୍କ ଆଖିପତା ବହୁତ ସୂକ୍ଷ୍ମ ଏବଂ କୋମଳ ହୋଇଥାଏ। ତେଣୁ ବାରମ୍ବାର ଏଭଳି ଆଇଲ୍ୟାସେସ୍ ଲଗାଇବା କ୍ଷତିକାରକ ହୋଇପାରେ। ଏହି ଆର୍ଟିଫିସିଆଲ୍ ପ୍ରଡକ୍ଟ କାହା କାହାଠାରେ ସଂକ୍ରମଣ ଭଳି ସମସ୍ୟା ଉପୁଜାଇଥାଏ, ଏମିତିକି ଏଥିପାଇଁ ଆଖିପତାର ବାଳ ମଧ୍ୟ ଝଡ଼ିଥାଏ।

➤ବଡ଼ ଆଇଲ୍ୟାସେସ୍ ବ୍ୟବହାର କରିବା ଯୋଗୁ ଆଖି ଚାରିପାଖେ ଇରିଟେଶନ୍ ଏବଂ ଇଚିଂ ପରି ସମସ୍ୟା ହୋଇଥାଏ। ଏଥିସହ ଆଇଲ୍ୟାସେସ୍ ଲଗେଇବା ସମୟରେ ବ୍ୟବହୃତ ହେଉଥିବା ଅଠାରେ କେତେକଙ୍କର ଆଲର୍ଜି ହୋଇ ଆଖିପତା କୁଣ୍ଡେଇ ହୋଇ ଲାଲ୍ ପଡ଼ିଯାଏ।

➤କେହି କେହି ଖର୍ଚ୍ଚ କମିବା ଉଦ୍ଦେଶ୍ୟରେ ଅନ୍ୟର ବ୍ୟବହୃତ ଆଇଲ୍ୟାସେସ୍‌କୁ ପୁଣି ବ୍ୟବହାର କରିଥା'ନ୍ତି। ହେଲେ ଏହାଦ୍ୱାରା ଇନ୍‌ଫେକ୍ସନ୍‌ର ଆଶଙ୍କା ବୃଦ୍ଧି ପାଇଥାଏ। ତେଣୁ କାହାର ଆଇଲ୍ୟାସେସ୍ ବ୍ୟବହାର କରନ୍ତୁ ନାହିଁ କିମ୍ବା ନିଜର ଆଉ କାହାକୁ ଦିଅନ୍ତୁ ନାହିଁ।

➤ଏହାକୁ ଲଗାଇବା ପାଇଁ ଗ୍ଲୁ ଆବଶ୍ୟକ ହୋଇଥାଏ। ହେଲେ ବାରମ୍ବାର ଏହି ଗ୍ଲୁ ଲାଗି ଆପଣଙ୍କ ପ୍ରାକୃତିକ ଆଖିବାଳ ବଢ଼ିବା ବନ୍ଦ ହୋଇଯାଏ ଏବଂ କୃତ୍ରିମ ଆଇଲ୍ୟାସ୍‌ସେର ଭାରରେ ସେଗୁଡ଼ିକ ଛିଡ଼ିଥାଏ ଏବଂ ଫଲିକଲ୍‌କୁ କ୍ଷତି ପହଞ୍ଚାଇଥାଏ।

➤ଆଇଲ୍ୟାସେସ୍‌ଗୁଡ଼ିକୁ ସୁନ୍ଦର ଏବଂ ଆଖିପତାରେ ଦୀର୍ଘ ସମୟ ପାଇଁ ରହିବା ଲାଗି ଫାର୍ମାଲଡିହାଇଡ୍ ଏବଂ ଲ୍ୟାଟେକ୍ସ ଭଳି ରାସାୟନିକ ମିଶାଯାଇଥାଏ, ଯଦ୍ୱାରା ଆଖିଫୁଲିବା ସହ ଦୃଷ୍ଟିଶକ୍ତି ହ୍ରାସ ପାଏ।

➤ଏହାର ଅଧିକ ବ୍ୟବହାର ଯୋଗୁ ଆଖିରେ ଲୁବ୍ରିକେଶନ୍‌ର ମାତ୍ରା କମିଯାଏ ଏବଂ ଡ୍ରାଏ ଆଇଜ୍ ସମସ୍ୟା ଉପୁଜେ। ଶସ୍ତା ଏବଂ ଏକ୍ସପାୟର ହୋଇଥିବା ଆଇ କସ୍‌ମେଟିକ୍ ପ୍ରଡକ୍ଟ ଯୋଗୁ ଆଖି କୁଣ୍ଡେଇହେବା ସହ ଅସ୍ପଷ୍ଟ ଦେଖାଯିବା, ଡର୍ମାଟାଇଟିସ୍ ଏବଂ ଲାଇଟ୍ ସେନ୍‌ସିଟିଭିଟି ପରି ସମସ୍ୟା ଦେଖାଦିଏ।




# ଉତ୍ତମ ସହକର୍ମୀ



କର୍ମକ୍ଷେତ୍ରରେ ସମସ୍ତଙ୍କ ପ୍ରିୟଭାଜନ ହେବାକୁ କିଏ ବା ନ ଚାହେଁ। ଏଥିପାଇଁ ଜଣେ ଦକ୍ଷ ତଥା ସମୟାନୁବର୍ତ୍ତୀ କର୍ମଚାରୀ ହେବା ସହ ସଭିଙ୍କ ସହ ଭଲ ବ୍ୟବହାର, ବିଶ୍ୱସ୍ତ ଆଚରଣ ରହିବା ହିଁ ଜଣେ ଉତ୍ତମ ସହକର୍ମୀର ପରିଚୟଦିଏ...

**କଥା ହୁଅନ୍ତୁ:** ଅନେକ କର୍ମଚାରୀ ଥାଆନ୍ତି, ଯିଏ ଅଫିସ୍‌କୁ ଆସିବା ପରେ କେବଳ ନିଜ କାମ ସାରି ଚାଲିଯାଆନ୍ତି। ଅତି ଆବଶ୍ୟକ ନ ପଡ଼ିଲେ କାହା ସହ କଥା ହୁଅନ୍ତି ନାହିଁ। ଏଭଳି ବ୍ୟବହାର ଆପଣଙ୍କ ବ୍ୟକ୍ତିତ୍ୱ ଉପରେ ନକାରାତ୍ମକ ପ୍ରଭାବ ପକାଇପାରେ। ତେଣୁ ଯଥାସମ୍ଭବ କାମ ପରେ କିଛି ସମୟ ପାଇଲେ ସମସ୍ତଙ୍କ ସହ କଥା ହୁଅନ୍ତୁ। ଏହାଦ୍ୱାରା ଏକ ସୁସମ୍ପର୍କ ସ୍ଥାପନ ହୋଇଥାଏ। ହେଲେ ମନେରଖନ୍ତୁ, କଥା ହେବା ଆଳରେ ଯେପରି ଅନ୍ୟ କେହି ଡିଷ୍ଟର୍ବ ନ ହୁଅନ୍ତି, ସେଥିପ୍ରତି ଧ୍ୟାନ ଦିଅନ୍ତୁ, ନଚେତ୍ ଏହି ଅଭ୍ୟାସ ଯୋଗୁ ଅନ୍ୟମାନେ ଆପଣଙ୍କୁ ଆଭଏଡ୍ କରିପାରନ୍ତି।

**ହସିବା ବି ଆବଶ୍ୟକ:** ଅନେକ କର୍ମଚାରୀ କାମ କରିବା ବେଳେ ସାମାନ୍ୟ ଚାପ ପଡ଼ିଲେ ଚିଡ଼ିଥା'ନ୍ତି କିମ୍ବା ଅନ୍ୟମାନଙ୍କ ସହ କଥା ହେବା ବେଳେ ରାଗିଥା'ନ୍ତି। ଏପରି କରିବା ଦ୍ୱାରା ସଭିଙ୍କ ମନରେ ଆପଣଙ୍କ ପ୍ରତି ବଦ୍‌ରାଗୀ, ଅହଂକାରୀ ଭଳି ଭାବନା ସୃଷ୍ଟି ହୋଇଥାଏ। ଏଣୁ ଅନ୍ୟମାନେ ଧୀରେ ଧୀରେ ଆପଣଙ୍କଠାରୁ ଦୂରେଇ ଯିବେ। ତେଣୁ ଆବଶ୍ୟକ ସ୍ଥଳେ ସଭିଙ୍କ ସହ ହସହସ ମୁହଁରେ କଥା ହୁଅନ୍ତୁ।

**ଉତ୍ତମ ପରିବେଶ ଗଢ଼ନ୍ତୁ:** ଯେହେତୁ କର୍ମକ୍ଷେତ୍ର ପ୍ରତ୍ୟେକଙ୍କ ଲାଗି ଆଉ ଏକ ଘର ଏବଂ ଏହାର କର୍ମଚାରୀ ପରିବାର ସଦୃଶ, ତେଣୁ ଏହାର ପରିବେଶକୁ ଭଲ କରିବା ଲାଗି ନିଜକୁ ହିଁ ଉଦ୍ୟମ କରିବାକୁ ହୋଇଥାଏ। ସେଥିପାଇଁ ମନେରଖନ୍ତୁ, ମଣିଷର ବ୍ୟବହାର ଏବଂ ଆଚରଣ ଅନ୍ୟମାନଙ୍କୁ ଆକୃଷ୍ଟ କରିଥାଏ। ତେଣୁ କର୍ମ କ୍ଷେତ୍ରରେ ଏଥିପ୍ରତି ବିଶେଷ ଧ୍ୟାନ ଦିଅନ୍ତୁ। ଏହାଦ୍ୱାରା କାମ କରିବା ଲାଗି ଏକ ଉତ୍ତମ ପରିବେଶ ସୃଷ୍ଟି ହୋଇପାରିବ।





**ବିଶ୍ୱସ୍ତ ହୁଅନ୍ତୁ:** ସଚ୍ଚୋଟପଣିଆ ମଣିଷର ଏକ ବଡ଼ ଗୁଣ। ଅଫିସରେ ଯଦି କେହି ଆପଣଙ୍କୁ ବିଶ୍ୱାସରେ କିଛି କୁହନ୍ତି, ତେବେ ତାହାକୁ ଗୋପନ ରଖନ୍ତୁ। ଅଫିସ ରାଜନୀତିରେ ମୁଣ୍ଡ ଖେଳାନ୍ତୁ ନାହିଁ। ସେହିପରି କାହା ସମ୍ପର୍କରେ ଅନ୍ୟ ଆଗରେ କହିବାର ଭୁଲ ଆଦୌ କରନ୍ତୁ ନାହିଁ, ନଚେତ୍ ଏହାଦ୍ୱାରା ନା କେବଳ ଆପଣଙ୍କ ବ୍ୟକ୍ତିତ୍ୱ ଉପରେ ଆଞ୍ଚ ଆସିବ ବରଂ ଆପଣଙ୍କ ପ୍ରତି ଅନ୍ୟମାନେ ବିଶ୍ୱାସ ହରାଇପାରନ୍ତି। ତେଣୁ ସର୍ବଦା ପରୋପକାରୀ ଏବଂ ବିଶ୍ୱସ୍ତ ହେବାକୁ ଚେଷ୍ଟା କରନ୍ତୁ।

**ସାହାଯ୍ୟ କରନ୍ତୁ:** ନିଜ ବସ୍ ହୁଅନ୍ତୁ ଅବା ସହକର୍ମୀଙ୍କୁ ସର୍ବଦା ସାହାଯ୍ୟ କରନ୍ତୁ। କାହାର କୌଣସି ଅସୁବିଧା ସମୟରେ ସହଯୋଗର ହାତ ବଢ଼ାଇଲେ ସମ୍ପର୍କ ବଢ଼ିଥାଏ। ତେଣୁ କାହାର ସ୍ୱାସ୍ଥ୍ୟ ସମସ୍ୟା ଥିଲେ ଡାକ୍ତରଖାନା ନେଇଯିବା କିମ୍ବା ସେଠାକୁ ଯାଇ ଦେଖାକରିବା, କାହାର ମନ ଖରାପ ଥିଲେ ବୁଝାଇବା ଏବଂ ସାନ୍ତ୍ୱନା ଦେବା, ଆବଶ୍ୟକ ଥିଲେ କାହାକୁ ଆର୍ଥିକ ସହାୟତା କରିବା ଜଣେ ଉତ୍ତମ ସହକର୍ମୀଙ୍କ ପରିଚୟ ; ଯଦ୍ୱାରା ନା କେବଳ ଅନ୍ୟଜଣେ ଉପକୃତ ହେବେ ବରଂ ଏହାହିଁ ଆପଣଙ୍କୁ ପରବର୍ତ୍ତୀ ସମୟରେ ବେଶ୍ କାମରେ ଆସିପାରେ।

**ସଭିଙ୍କୁ ଗୁରୁତ୍ୱ ଦିଅନ୍ତୁ:** ଅନେକ କର୍ମଜୀବୀ ଯେଉଁମାନେ କେବଳ ନିଜ ସମସ୍କନ୍ଧଙ୍କ ସହ ମିଳାମିଶା କରନ୍ତି ଏବଂ ଅନ୍ୟମାନଙ୍କୁ ଅଣଦେଖା କରନ୍ତି। ଏପରି କରିବା ଠିକ୍ ନୁହେଁ। ତେଣୁ ଅଫିସରେ ଉଚ୍ଚ ପଦସ୍ଥ ଅଧିକାରୀଙ୍କ ଠାରୁ ଆରମ୍ଭ କରି ନୀଚପଦସ୍ଥ ଅଧିକାରୀ ଏମିତିକି ପିଅନ ପର୍ଯ୍ୟନ୍ତ ସମସ୍ତଙ୍କ ସହ ଉତ୍ତମ ସମ୍ପର୍କ ରଖିବା ହିଁ ଜଣେ ଭଲ ସହକର୍ମୀଙ୍କ ପରିଚୟ ଦିଏ।



### ଏମାନେ କ'ଣ କୁହନ୍ତି



**ରାଧାଶ୍ୟାମ ବେହେରା** (କର୍ମଜୀବୀ, ଆଇଟି ସେଲ୍, ବାଲେଶ୍ୱର)– ଅଫିସ୍‌ରେ ମୁଁ କେବଳ ମୋ କାମକୁ ନେଇ ସମସ୍ତଙ୍କ ସହ ମିଳାମିଶା କରେ। ଅଯଥା ଅଫିସ୍ ରାଜନୀତିରେ ପଶିବାକୁ ଚେଷ୍ଟା କରେ ନାହିଁ। ସହକର୍ମୀମାନେ ମିଶି ଅନ୍ୟ କାହା ବିରୋଧରେ ଗପୁଥିଲେ ସେ ବିଷୟକୁ ଅଣଦେଖା କରେ। ନିଜ ଦୁର୍ବଳତା ବିଷୟରେ କାହା ଆଗରେ କହେ ନାହିଁ। ଅଫିସ୍‌ରେ କଠିନ ପରିଶ୍ରମ କରେ। ବସ୍ କିମ୍ବା ସିନିୟର ଦେଉଥିବା କାମକୁ ଯଥାଶୀଘ୍ର ସାରିବାକୁ ଚେଷ୍ଟା କରେ। ଯଥା ସମ୍ଭବ ଅଫିସରେ ସମସ୍ତଙ୍କ ସହ ସୁସମ୍ପର୍କ ରଖିବାକୁ ଚେଷ୍ଟା କରେ।



**ସମୁଦ୍ରିକା ମହାନ୍ତି**(ଶିକ୍ଷୟିତ୍ରୀ, ଅକ୍ସଫୋର୍ଡ ପବ୍ଲିକ୍ ସ୍କୁଲ୍, ତେଲେଙ୍ଗାପେଣ୍ଠ, କଟକ)– ନିଜ କର୍ମକ୍ଷେତ୍ରରେ ସହକର୍ମୀମାନେ ମୋର ଆଉ ଏକ ପରିବାର ସଦୃଶ। ତେଣୁ ସେମାନଙ୍କ ସହ ସର୍ବଦା ଉତ୍ତମ ବ୍ୟବହାର କରେ। ମୋର କୌଣସି କାର୍ଯ୍ୟକଳାପ ଯେପରି କାହାକୁ ମାନସିକ ସ୍ତରରେ ଆଘାତ ନ ପହଞ୍ଚାଏ ସେଥିପ୍ରତି ବିଶେଷ ଗୁରୁତ୍ୱ ଦିଏ।

**ୟୁଥ୍ କ୍ଲବ**

# ଅବହେଳିତଙ୍କ ମୁହଁରେ ଫୁଟାଉଛନ୍ତି ହସ

**କେ**ନ୍ଦୁଝରର ଖଣିଖାଦାନ ଅଞ୍ଚଳରେ ରହୁଥିବା ଅନେକ ଅବହେଳିତ ଶିଶୁଙ୍କ ମୁହଁରେ ହସ ଫୁଟାଇବାକୁ ଅଣ୍ଟା ଭିଡ଼ିଛନ୍ତି ସେମାନେ। କେବେ କୋଭିଡ୍ ମୁକାବିଲା କରିବା ତ ଆଉ କେବେ ପ୍ରଦୂଷଣମୁକ୍ତ କେନ୍ଦୁଝର ଗଢ଼ିବା ଲକ୍ଷ୍ୟରେ ବୃକ୍ଷରୋପଣ କରିବା ଆଉ ପୁଣି କେବେ ଅସହାୟଙ୍କ ସହାୟତା ଲାଗି ରକ୍ତଦାନ କରିବାକୁ ବି ପଛାଇ ନ ଥାଆନ୍ତି । ସେମାନେ ହେଉଛନ୍ତି କେନ୍ଦୁଝରରେ ଥିବା 'ଖୁସି ଦ ଇନ୍‌କ୍ରିଡେବଲ ଭାରତ' ନାମକ ୟୁଥ୍ କ୍ଲବ୍‌ର ସଦସ୍ୟମାନେ।

୨୦୨୦ରେ ଯେତେବେଳେ କୋଭିଡ୍‌ରେ ସମଗ୍ର ଦେଶ ସ୍ତବ୍ଧ ହୋଇଯାଇଥିଲା, ବିଶେଷକରି ଅବହେଳିତ ପିଲାମାନଙ୍କ ସମସ୍ୟା ବଢ଼ିଲା ; ସେତେବେଳେ କିଛି ଯୁବକ ମିଶି ଆରମ୍ଭ କରିଥିଲେ ଏହି କ୍ଲବ। ବର୍ତ୍ତମାନ ଏଥିରେ ପାଖାପାଖି ୩୦ ଜଣ ସଦସ୍ୟ ସକ୍ରିୟ କାମ କରୁଥିବା ବେଳେ ୫୦ରୁ ଊର୍ଦ୍ଧ୍ୱ ପରୋକ୍ଷରେ ସହାୟତାର ହାତ ବଢ଼ାଇ ଏହି ଅଭିଯାନରେ ସାମିଲ ହୋଇ କାମ କରିଚାଲିଛନ୍ତି । ବିଭିନ୍ନ ହାଟିଂ ବା ବସ୍ତିରେ ରହୁଥିବା ବିଶେଷକରି ଖଣିଦ୍ୱାରା କ୍ଷତିଗ୍ରସ୍ତ ଏବଂ ଅବହେଳିତ ବଡ଼ବିଲ ପୌରାଞ୍ଚଳରେ ରହୁଥିବା ଗରିବ ଅବହେଳିତ ଶିଶୁଙ୍କୁ ମାଗଣା ଶିକ୍ଷାଦାନ କରିବା ସହ ସେମାନଙ୍କ ସମସ୍ୟା ବୁଝି ସମାଧାନ କରିବା ଭଳି କାମରେ ଲାଗିଛନ୍ତି ଏହି ୟୁଥ କ୍ଲବର ସଦସ୍ୟା ସଦସ୍ୟମାନେ। କାହାରି ଅନୁଦାନରେ ନୁହେଁ, ନିଜର ପାରିଶ୍ରମିକ ଅର୍ଥରୁ କିଛି କିଛି ଦେଇ ଏହି ସଦସ୍ୟମାନେ ଉକ୍ତ କାମକୁ ଆଗେଇ ନେଉଛନ୍ତି। ତେବେ ଏହି କାର୍ଯ୍ୟ ଅନ୍ୟମାନଙ୍କୁ କିପରି ପ୍ରେରଣା ଯୋଗାଇବ ଏବଂ ଅଧିକରୁ ଅଧିକ ଲୋକ ଏଭଳି କାର୍ଯ୍ୟ ପାଇଁ ଆଗେଇ ଆସିବେ, ସେହି ଲକ୍ଷ୍ୟ ନେଇ ଏକ ୱେବ୍ ପୋର୍ଟାଲ୍ ଗଠନ କରିଛନ୍ତି।

ସଂସ୍ଥାର ସଭାପତି ଅତୁଲ ଗିରି ଓ ସାଧାରଣ ସମ୍ପାଦକ ମନୀଷ ଠାକୁର ଅନ୍ୟ ସମସ୍ତ ସଦସ୍ୟମାନଙ୍କ ସହାୟତାରେ ଏହି ଅଭିଯାନକୁ ଆଗେଇ ନେଉଛନ୍ତି। ବର୍ତ୍ତମାନ ସୁଦ୍ଧା ସେମାନେ ୫୦୦ରୁ ଊର୍ଦ୍ଧ୍ୱ ଗରିବ ତଥା ଆଦିବାସୀ ଅବହେଳିତ ପିଲାଙ୍କୁ ପାଠପଢ଼ା ଉପକରଣ, କମ୍ପ୍ୟୁଟର ଶିକ୍ଷା ପ୍ରଦାନ କରିଛନ୍ତି। ଏହା ସହ ପରିବେଶ ସୁରକ୍ଷା, ନିଆଁ ଦାଉରୁ ଜଙ୍ଗଲର ସୁରକ୍ଷା, ପ୍ରଦୂଷଣ ନିୟନ୍ତ୍ରଣ ଆଦି କ୍ଷେତ୍ରରେ ନିଃସ୍ୱାର୍ଥପର ଭାବରେ କାମ କରିବା ସହ ପିଲାଙ୍କୁ ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ସଚେତନ କରିଆସୁଛନ୍ତି। କେବଳ ଏତିକି ନୁହେଁ, ଶିଶୁ ଶ୍ରମ ବିରୋଧୀ ଅଭିଯାନ, ବୃକ୍ଷରୋପଣ, ପୋଷାକ ବଣ୍ଟନ, ରକ୍ତଦାନ ଶିବିର ଆୟୋଜନ ଆଦି ସାମାଜିକ ଓ ସଚେତନତାମୂଳକ କାର୍ଯ୍ୟ କରି ସ୍ଥାନୀୟ ଅଞ୍ଚଳରେ ତଥା ରାଜ୍ୟରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି ଏହି କ୍ଲବ। ତେବେ ଏଭଳି ସମାଜଧର୍ମୀ କାର୍ଯ୍ୟ ପାଇଁ କ୍ଲବ୍ ବିଭିନ୍ନ ସ୍ଥାନରୁ ସମ୍ମାନିତ, ସମ୍ବର୍ଦ୍ଧିତ ଓ ପୁରସ୍କୃତ ହୋଇଛି।

**– ନରେଶ ଚନ୍ଦ୍ର ପଟ୍ଟନାୟକ**


'ଖୁସି ଦ ଇନ୍‌କ୍ରିଡେବଲ ଭାରତ' ୟୁଥ୍ କ୍ଲବ୍‌ର ସଦସ୍ୟମାନେ।

# ଅଲିମ୍ପିକ୍ସ ବର୍ଜନ ପାଇଁ ୟୁକ୍ରେନ୍‌ର ଧମକ

**ଲାଉସାନେ,୪।୨(ପି.ଟି.)**

ପ୍ୟାରିସ୍ ଅଲିମ୍ପିକ୍ସ-୨୦୨୪କୁ ବର୍ଜନର ଧମକ ଦେଇଛି ୟୁକ୍ରେନ୍। ଅଲିମ୍ପିକ୍ସକୁ ମାତ୍ର ୧୮ ମାସ ସମୟ ବାକି ରହିଥିବା ବେଳେ ରୁଷ୍ ଓ ବେଲାରୁଷ୍‌କୁ ବାସନ୍ଦ କରିବା ନେଇ ୟୁକ୍ରେନ୍ ଜୋର୍‌ଦାର ଉଦ୍ୟମ କରିଛି। ଗତ ୧୦ ଦିନ ହେବ ୟୁକ୍ରେନ୍ ପକ୍ଷରୁ ଉଭୟ ରାଷ୍ଟ୍ରକୁ ବାଦ୍ ନ ଦେଲେ ଅଲିମ୍ପିକ୍ସ ବର୍ଜନର ଏକ ପ୍ରଚାର ଅଭିଯାନ ଚଳାଯାଉଛି ଏବଂ ଅନ୍ତର୍ଜାତୀୟ ଅଲିମ୍ପିକ୍ସ କମିଟି(ଆଇଓସି) ଉପରେ ଚାପ ପକାଯାଉଛି। ଏହାକୁ ନେଇ ଆଇଓସି ସଭାପତିଙ୍କ ପକ୍ଷରୁ ଏକ ମତାମତ ମଧ୍ୟ ଜାରି କରାଯାଇଛି। ରାଜନେତାମାନେ ରାଜନୈତିକ ସ୍ୱାର୍ଥ ସାଧନ ପାଇଁ କ୍ରୀଡ଼ା ଓ କ୍ରୀଡ଼ାବିତ୍‌ମାନଙ୍କୁ ମାଧ୍ୟମ ଭାବରେ ବ୍ୟବହାର କରିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି ସେ କହିଛନ୍ତି। ପ୍ୟାରିସ୍ ଅଲିମ୍ପିକ୍ସରେ ରୁଷ୍ ଓ ବେଲାରୁଷ୍‌ର ଆଥ୍‌ଲେଟମାନେ ନିରପେକ୍ଷ ଭାବେ ଅଂଶଗ୍ରହଣ କରିବେ। ଗୋଟିଏ ଦେଶର ଭୁଲ୍ ପାଇଁ ଏହାର ଆଥ୍‌ଲେଟମାନଙ୍କୁ ଦଣ୍ଡିତ କରାଯିବା ସମ୍ପୂର୍ଣ୍ଣ ଭୁଲ୍। ତେଣୁ ଆଥ୍‌ଲେଟମାନଙ୍କ ଅଂଶଗ୍ରହଣକୁ ବିରୋଧ କରୁଥିବା ଦେଶକୁ ଦଣ୍ଡିତ କରାଯିବ ବୋଲି ଆଇଓସି ସ୍ପଷ୍ଟ କରିଛି।

### ନିୟମାବଳୀ

ଅଲିମ୍ପିକ୍ସ ନିୟମାବଳୀ ଅନୁସାରେ କୌଣସି ଦେଶକୁ ବାସନ୍ଦ କରିବା ନେଇ ସେପରି କିଛି ନିୟମ ନାହିଁ। ୨୦୬ଟି ଦେଶର ଅଲିମ୍ପିକ୍ସରେ ଅଂଶଗ୍ରହଣର ଅଧିକାର ରହିଛି ବୋଲି ଉଲ୍ଲେଖ ରହିଛି। ରୁଷ୍ ଏବଂ ବେଲାରୁଷ୍ ବିପକ୍ଷରେ କାର୍ଯ୍ୟ କରିବା ପାଇଁ କୌଣସି ସ୍ପଷ୍ଟ ଲିଖିତ ନିୟମ ନ ଥିବା ବେଳେ ମିଳିତ ଜାତିସଂଘ ବିରୋଧରେ ଯାଇ ଯୁଦ୍ଧ କରିବା ବିପକ୍ଷରେ କାର୍ଯ୍ୟାନୁଷ୍ଠାନର କୌଣସି ବ୍ୟବସ୍ଥା ନ ଥିବା କହିଛନ୍ତି ଆଇଓସି ମାନବାଧିକାର କମିଶନର ଓକିଲ ସିଲ୍ଭିଆ ଶେଙ୍କ।

### ବର୍ଜନର ଇତିହାସ

ଅଲିମ୍ପିକ୍ସକୁ ଅତୀତରେ ଅନେକ ଦେଶ ବର୍ଜନ କରିଛନ୍ତି। ତେବେ ୧୯୮୮ ସିଓଲ ଅଲିମ୍ପିକ୍ସ ପରଠାରୁ କୌଣସି ଦେଶ ଅଲିମ୍ପିକ୍ସକୁ ବର୍ଜନ କରିନାହାନ୍ତି। ୧୯୭୬-୧୯୮୪ ମଧ୍ୟରେ ଏହି ବୟକଟ୍ ସବୁଠାରୁ ଶୀର୍ଷରେ ରହିଥିଲା। ୧୯୭୬ରେ ନ୍ୟୁଜିଲାଣ୍ଡର ଅଂଶଗ୍ରହଣକୁ ବିରୋଧ କରି ଆଫ୍ରିକୀୟ ରାଷ୍ଟ୍ରଗୁଡ଼ିକ ମଣ୍ଟ୍ରିଲ ଅଲିମ୍ପିକ୍ସକୁ ବର୍ଜନ କରିଥିଲେ। ସେହିପରି ୧୯୮୦ରେ ଆଫଗାନିସ୍ତାନ ଉପରେ ସୋଭିଏତ୍ ୟୁନିୟନର ଆକ୍ରମଣକୁ ବିରୋଧ କରି ଯୁକ୍ତରାଷ୍ଟ୍ର ଆମେରିକା ନେତୃତ୍ୱରେ ପ୍ରାୟ ୬୦ଟି ଦେଶ ଅଲିମ୍ପିକ୍ସ ବର୍ଜନ କରିଥିଲେ। ୧୯୮୪ରେ ଲସ୍‌ଏଞ୍ଜେଲ୍‌ସ ଅଲିମ୍ପିକ୍ସକୁ ସୋଭିଏତ୍ ୟୁନିୟନ ନେତୃତ୍ୱରେ ପୂର୍ବ ୟୁରୋପୀୟ ଦେଶଗୁଡ଼ିକ ବର୍ଜନ କରିଥିଲେ।

### ବାସନ୍ଦ

ଅଲିମ୍ପିକ୍‌ରୁ ଅନେକ ଦେଶଙ୍କୁ ବିଭିନ୍ନ କାରଣରୁ ବାସନ୍ଦ ମଧ୍ୟ କରାଯାଇଛି। ଜାତିଗତ ଭେଦଭାବ କାରଣରୁ ୧୯୬୪-୧୯୮୮ ଯାଏ ଦକ୍ଷିଣ ଆଫ୍ରିକାକୁ ବାସନ୍ଦ କରିଥିଲା ଆଇଓସି। ତେବେ ଦକ୍ଷିଣ ଆଫ୍ରିକା ଉପରେ ମିଳିତ ଜାତିସଂଘ ପକ୍ଷରୁ ସାଙ୍କ୍‌ଶନ ଲାଗୁ କରାଯାଇଥିବା ବେଳେ ରୁଷିଆ ଉପରେ ଏହା ଲାଗୁ କରାଯାଇନାହିଁ। ଟୋକିଓ ୨୦୨୦ରୁ ଓହରିବା କାରଣରୁ ଉତ୍ତର କୋରିଆକୁ ବେଜିଂ ୱିଣ୍ଟର ଅଲିମ୍ପିକ୍ସରୁ ବାସନ୍ଦ କରାଯାଇଥିଲା। ମହିଳାମାନଙ୍କୁ ଖେଳିବାର ଅଧିକାର ପ୍ରଦାନ କରାଯାଇ ନ ଥିବାରୁ ୨୦୨୪ ଅଲିମ୍ପିକ୍ସରୁ ଆଫଗାନିସ୍ତାନକୁ ବାସନ୍ଦ କରାଯାଇପାରେ।

### ନିରପେକ୍ଷ ଆଥଲେଟ୍

ରୁଷ୍ ଏବଂ ବେଲାରୁଷ୍ ଆଥ୍‌ଲେଟମାନେ ନିରପେକ୍ଷ ଭାବରେ ଅଂଶଗ୍ରହଣ କରିବା ପାଇଁ ଆଇଓସି ପକ୍ଷରୁ ପ୍ରସ୍ତାବ ଦିଆଯାଇଛି। ୧୯୯୨ରେ ଯୁଗୋସ୍ଲୋଭିଆର ଆଥଲେଟ୍ ଏବଂ ୨୦୧୬ରେ କୁଏତ୍‌ର ଆଥ୍‌ଲେଟମାନେ ନିରପେକ୍ଷ ଭାବେ ଅଲିମ୍ପିକ୍ସ ପତାକା ଅଧୀନରେ ଅଂଶଗ୍ରହଣ କରିଥିଲେ।

# ନେପାଳରେ ଟାଇଟଲ ଜିତିଲେ ଓଡ଼ିଶାର ଦେବାଶିଷ

**ଭୁବନେଶ୍ୱର, ୪।୨ (କ୍ରୀଡ଼ା ପ୍ରତିନିଧି)**

ଅନ୍ତର୍ଜାତୀୟ ସ୍ତରରେ ପ୍ରଭାବୀ ପ୍ରଦର୍ଶନ କରି ସମ୍ପ୍ରତି ଚର୍ଚ୍ଚାରେ ରହିଥିବା ଓଡ଼ିଶା ଟେନିସ ପ୍ରତିଭା ଦେବାଶିଷ ସାହୁ କ୍ୟାରିୟରରେ ଆଉ ଏକ ବଡ଼ ସଫଳତା ହାସଲ କରିଛନ୍ତି। ନେପାଳର କାଠମାଣ୍ଡୁରେ ଅନୁଷ୍ଠିତ ଜୁନିୟର ଆଇଟିଏଫ୍ ଜେ୬୦ ଟୁର୍ନାମେଣ୍ଟର ସିଙ୍ଗଲ୍ସରେ ସେ ଚାମ୍ପିୟନ ଓ ଡବଲ୍ସରେ ରନରଅପ୍ ହୋଇଛନ୍ତି। ପୂର୍ବରୁ ଜୁନିୟର ଡେଭିସ୍ କପ୍ ଖେଳି ସାରିଥିବା ଦେବାଶିଷ ପ୍ରଥମ ଓଡ଼ିଆ ଖେଳାଳିଭାବେ ଏପରି ସଫଳତା ପାଇଛନ୍ତି ଏବଂ ୱାର୍ଲ୍ଡ ଆଇଟିଏଫ୍ ର୍‍ୟାଙ୍କିଙ୍ଗ୍‌ର ୩୫୦ରେ ପହଞ୍ଚି ଯାଇଛନ୍ତି। ଫଳରେ ଗ୍ରାଣ୍ଡସ୍ଲାମ ଖେଳିବା ଦିଗରେ ସେ ଆଗକୁ ବଢ଼ିଛନ୍ତି। ନେପାଳ ପ୍ରତିଯୋଗିତାର ସିଙ୍ଗଲ୍ସ ଫାଇନାଲ ଅବସରରେ ସେ ଦ୍ୱିତୀୟ ସିଡ୍ ତାଇୱାନର କାଇ ଇନ୍ ୟାଙ୍ଗ୍‌ଙ୍କୁ ୬-୧, ୪-୪, ୭-୬ (୭/୩)ରେ ପରାସ୍ତ କରିଥିଲେ। ଫାଇନାଲରେ ଟପ୍ ସିଡ୍ ଖେଳାଳି ଭିଏତନାମ୍‌ର ଫାମ୍ ଲା ହ୍ୱାଙ୍ଗ ଆନ୍‌ଙ୍କୁ ୪-୬, ୬-୧, ୬-୩ ସେଟ୍‌ରେ ହରାଇ ଦେଇଥିଲେ। ଡବଲ୍ସରେ ଦେବାଶିଷ ଓ ସ୍ମିଥ ପଟେଲଙ୍କ ଯୋଡ଼ି ସେମିଫାଇନାଲରେ ହଂକଂର ହୋଙ୍ଗ୍ କିଉ ଲାଉ ଓ ଭାରତର ବଂଶ ନନ୍ଦାଲଙ୍କୁ ୬-୩, ୬-୪ ସେଟ୍‌ରେ ହରାଇ ଫାଇନାଲରେ ପ୍ରବେଶ କରିଥିଲେ। ମାତ୍ର ଟାଇଟଲ ପର୍ଯ୍ୟାୟରେ ଆମେରିକାର ଆରାଭ ସମ୍ରାଟ ହାଦା ଓ ନେପାଳର ଆକି ଜୁବେନ ରାଓ୍ୱତ ଯୋଡ଼ିଙ୍କଠାରୁ ୬-୩, ୫-୭ ଓ ସୁପର ଟାଇବ୍ରେକର ୮-୧୦ରେ ହାରି ଯାଇଥିଲେ। ଢେଙ୍କାନାଳ ଗଁଦିଆର ଅନୁକମ୍ପା ସାହୁ ଓ ଲକ୍ଷ୍ମୀକାନ୍ତ ସାହୁଙ୍କ ପୁତ୍ର ଦେବାଶିଷ ଏବେ ଅହମଦାବାଦସ୍ଥିତ ଅଲଟୋଭେଲ ଆଲେକଜାଣ୍ଡର ୱାସ୍‌କେ ଟେନିସ ଏକାଡେମୀରେ ଶ୍ରୀମଲ ଭଟ୍ଟଙ୍କଠାରୁ କୋଚିଂ ନେଉଛନ୍ତି।


ଦେବାଶିଷ ସାହୁ ପଦକ ପ୍ରଦର୍ଶନ କରୁଛନ୍ତି।

# ପ୍ରି-କ୍ୱାର୍ଟରରେ ଓଡ଼ିଶା ମହିଳା, ପୁରୁଷ ଦଳ

**ଜାତୀୟ ସିନିୟର ଭଲିବଲ**

**ଭୁବନେଶ୍ୱର, ୪।୨ (କ୍ରୀଡ଼ା ପ୍ରତିନିଧି)**

ଆସାମର ଗୁଆହାଟୀଠାରେ ଚାଲିଥିବା ୭୧ତମ ଜାତୀୟ ସିନିୟର ଭଲିବଲ ଚାମ୍ପିୟନଶିପ୍‌ରେ ଓଡ଼ିଶା ମହିଳା ଓ ପୁରୁଷ ଦଳ ଶନିବାର ଡବଲ ବିଜୟ ହାସଲ କରି ପ୍ରି-କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ମହିଳା ଦଳ ଏହାର ଦ୍ୱିତୀୟ ମ୍ୟାଚରେ ଲଦାଖକୁ ୩:୦ (୨୫-୫, ୨୫-୪, ୨୫-୫) ଓ ତୃତୀୟ ମ୍ୟାଚରେ ଆନ୍ଧ୍ର ପ୍ରଦେଶକୁ ୩:୦ (୨୫-୯, ୨୫-୧୩, ୨୫-୧୧) ସେଟ୍‌ରେ ହରାଇ ଦେଇଛି। ପୁରୁଷ ଦଳ ଏହାର ତୃତୀୟ ମ୍ୟାଚରେ ଶକ୍ତିଶାଳୀ ପ୍ରତିଦ୍ୱନ୍ଦ୍ୱୀ ଗୁଜରାଟକୁ ୩:୨ (୨୭-୨୯, ୨୬-୨୪, ୨୨-୨୫, ୨୫-୧୯, ୧୯-୯) ସେଟ୍‌ରେ ପରାସ୍ତ କରିଛି। ରବିବାର ଓଡ଼ିଶା ପୁରୁଷ ଦଳ ପୁଡୁଚେରୀକୁ ଏବଂ ମହିଳା ଦଳ ଉତ୍ତରାଖଣ୍ଡକୁ ଭେଟିବ। ଯଦି ଏହି ୨ଟି ମ୍ୟାଚରେ ପୁରୁଷ ଓ ମହିଳା ଦଳ ବିଜୟୀ ହୁଏ ତେବେ ପୁଲରେ ଟପ୍ପର ହେବେ।


ଜାତୀୟ ସିନିୟର ଭଲିବଲ ଚାମ୍ପିୟନଶିପର ପ୍ରି-କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଥିବା ଓଡ଼ିଶା ମହିଳା ଓ ପୁରୁଷ ଦଳ।

# ଆହାନ ସିଙ୍ଗଲ୍ସ ଚାମ୍ପିୟନ

**ଭୁବନେଶ୍ୱର, ୪।୨ (କ୍ରୀଡ଼ା ପ୍ରତିନିଧି)**

ଓଡ଼ିଶାର ପ୍ରତିଭା ସମ୍ପନ୍ନ ଟେନିସ ଖେଳାଳି ଆହାନ କ୍ୟାରିୟରରେ ଆଉ ଏକ ସଫଳତା ପାଇଛନ୍ତି। ନୂଆଦିଲ୍ଲୀରେ ଅନୁଷ୍ଠିତ ଏସିଆନ ଟେନିସ ଟୁର୍ନାମେଣ୍ଟର ୧୪ ବର୍ଷରୁ କମ୍ ବର୍ଗ ସିଙ୍ଗଲ୍ସରେ ଚାମ୍ପିୟନ ଓ ଡବଲ୍ସରେ ରନରଅପ୍ ହୋଇଛନ୍ତି। ପ୍ରତିଯୋଗିତାରେ ଭାରତ ପକ୍ଷରୁ ପ୍ରତିନିଧିତ୍ୱ କରୁଥିବା ଆହାନ ସିଙ୍ଗଲ୍ସ ଫାଇନାଲରେ ଅନ୍ୟତମ ଭାରତୀୟ ପ୍ରତିଦ୍ୱନ୍ଦ୍ୱୀ ପ୍ରାଚି ମଲିକଙ୍କୁ ୬-୧, ୬-୧ ସେଟ୍‌ରେ ପରାସ୍ତ କରିଛନ୍ତି। ଡବଲ୍ସରେ ସେ ମେହା ପାଟିଲଙ୍କୁ ସାଥିକରି ଖେଳିଥିଲେ। ତେବେ ଆହାନ-ମେହା ଯୋଡ଼ି ଫାଇନାଲରେ ପ୍ରାଚି ମଲିକ ଓ ସୁପ୍ରିୟାଂଶି ଶେଖାୱତଙ୍କଠାରୁ ୪-୬, ୪-୬ ସେଟ୍‌ରେ ହାରି ଯାଇଛନ୍ତି। ଆହାନ ପ୍ରଥମଥରପାଇଁ ଏସିଆନ ଟୁର୍ନାମେଣ୍ଟର ୧୪ ବର୍ଷରୁ କମ୍ ବର୍ଗରେ ଟାଇଟଲ ହାସଲ କରିଛନ୍ତି। ସେ ଏସ୍ ବେସ୍ ଟେନିସ ଏକାଡେମୀରେ ରାଜ୍ୟର ପ୍ରତିଷ୍ଠିତ କୋଚ୍ ଅଜୟ ନିଶଙ୍କଙ୍କଠାରୁ ପ୍ରଶିକ୍ଷଣ ନେଉଛନ୍ତି।



ପୁରସ୍କାର ସହ ଆହାନ।

# ଓଏଫ୍‌ସିରେ ଯୋଗଦେଲେ ପ୍ରିନ୍ସଟନ୍ ରେବେଲୋ

**ଭୁବନେଶ୍ୱର,୪।୨(ସ୍ପୋର୍ଟ୍ସ ବ୍ୟୁରୋ)**

ଓଡ଼ିଶା ଏଫ୍‌ସି (ଓଏଫ୍‌ସି) ଚଳିତ ସିଜନ ପାଇଁ ମିଡ୍‌ଫିଲ୍ଡର ପ୍ରିନ୍ସଟନ୍ ରେବେଲୋଙ୍କୁ ସାଇନ୍ କରିଛି। ଏଫ୍‌ସି ଗୋଆ ପକ୍ଷରୁ ମିଡ୍‌ଫିଲ୍ଡର ଭାବେ ଖେଳୁଥିବା ପ୍ରିନ୍ସଟନ୍ ୨୦୨୪ ସିଜନ୍ ଯାଏ ଓଏଫ୍‌ସି ସହିତ ଯୋଗଦେଇଛନ୍ତି। ଗୋଆର ବେଟାଲବାଟିମ୍‌ରେ ଜନ୍ମିତ ରେବେଲୋ ୮ ବର୍ଷରୁ କମ୍ ଏକ ଟୁର୍ନାମେଣ୍ଟ ଖେଳୁଥିବା ବେଳେ କୋଚ୍ ଏବାନ୍ ମସ୍କିଟାଙ୍କ ନଜରରେ ଆସନ୍ତି। ଏହାପରେ ସେ ଭେଲ୍ସାଓ ପେଲ୍ କ୍ଲବ୍ ପାଇଁ ଖେଳନ୍ତି। ୨୦୧୪ରେ ସେ ଇଂଲଣ୍ଡ ଯାଇ କ୍ୱିନ୍ସ ପାର୍କ ରେଞ୍ଜର୍ସର ୧୫ ବର୍ଷରୁ କମ୍ ଦଳ ପାଇଁ ଖେଳନ୍ତି। ୨୦୧୬ରେ ଭାରତ ଫେରିବା ସହିତ ଭାସ୍କୋ କ୍ଲବ ପକ୍ଷରୁ ଖେଳନ୍ତି। ୬ ଆସିଷ୍ଟ ଏବଂ ୩ ଗୋଲ ପରେ ସେ ଆଇ ଲିଗ୍‌ରେ ଇଣ୍ଡିଆନ ଆରୋଜ୍ ପକ୍ଷରୁ ଖେଳିଥିଲେ। ଏହାପରେ ୧୮ ଓ ୧୯ ବର୍ଷରୁ କମ୍ ଭାରତୀୟ ଦଳ ପକ୍ଷରୁ ଖେଳିଥିଲେ। ପ୍ରକାଶ ଯେ, ୨୦୨୦-୨୧ ସିଜନରେ ଏଫ୍‌ସି ଗୋଆକୁ ଚାମ୍ପିୟନ କରାଇବାରେ ତାଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ ରହିଥିଲା।

# ଓଡ଼ିଶା କ୍ଲବ ପାଓ୍ୱାର ଲିଫ୍ଟିଙ୍ଗ୍ ପ୍ରତିଯୋଗିତା ଆରମ୍ଭ

**ଭୁବନେଶ୍ୱର, ୪।୨ (ସ୍ପୋର୍ଟ୍ସ ବ୍ୟୁରୋ)**

ସ୍ଥାନୀୟ ଉତ୍କଳ କରାଟେ ସ୍କୁଲ ପରିସରରେ ପ୍ରଥମ ରାଜ୍ୟ କ୍ଲବ ସ୍ତରୀୟ ପାଓ୍ୱାର ଲିଫ୍ଟିଙ୍ଗ୍ ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ରାଜ୍ୟର ବିଭିନ୍ନ କ୍ଲବରୁ ୧୫୦ରୁ ଅଧିକ ଶକ୍ତି ଉତ୍ତୋଳକ ଭାଗ ନେଇଛନ୍ତି। ପ୍ରଥମ ଦିବସରେ ଉତ୍କଳ କରାଟେ ସ୍କୁଲ ପ୍ରାଧାନ୍ୟ ବିସ୍ତାର କରି ୩ ପଦକ ହାସଲ କରିଥିବା ବେଳେ ଶକ୍ତିମାନ ଜିମ୍ ୨ଟି ସ୍ୱର୍ଣ୍ଣ ପଦକ ପାଇଛି। ଉଦ୍‌ଘାଟନୀ ଉତ୍ସବରେ ଡ଼ଃ ଗୌରୀ ମହାନ୍ତି, ଅନ୍ତର୍ଜାତୀୟ ଶକ୍ତି ଉତ୍ତୋଳକ ପ୍ରଦୀପ କୁମାର ପାତ୍ର, ସମରେନ୍ଦ୍ର ରାଉତରାୟ, ଶକ୍ତି ରଞ୍ଜନ ବାରିକ, କୃଷ୍ଣଚନ୍ଦ୍ର ସାହୁ, ଜାଭେଦ ଅର୍ସଦ, ଅବିନାଶ ପୁନ୍ଦିର, ଅଭିଷେକ ଆଚାର୍ଯ୍ୟ ଓ ଚିତ୍ତରଞ୍ଜନ ମିଶ୍ର ପ୍ରମୁଖ ଅତିଥି ଭାବେ ଯୋଗ ଦେବା ସହ ପ୍ରଦୀପ ପ୍ରଜ୍ୱଳନ କରି ପ୍ରତିଯୋଗିତାର ଉଦ୍‌ଘାଟନ କରିଥିଲେ। ଏଭଳି ପ୍ରତିଯୋଗିତାର ଆୟୋଜନ ଦ୍ୱାରା ଶକ୍ତି ଉତ୍ତୋଳନ କ୍ରୀଡ଼ାର ମାନ ବୃଦ୍ଧି ପାଇବ ବୋଲି ସଂଘର ସମ୍ପାଦକ ଡ଼ଃ ହରି ପ୍ରସାଦ ପଟ୍ଟନାୟକ ପ୍ରକାଶ କରିଛନ୍ତି।



ଓଡ଼ିଶା କ୍ଲବ ପାଓ୍ୱାର ଲିଫ୍ଟିଙ୍ଗ୍ ପ୍ରତିଯୋଗିତା ଉଦ୍‌ଘାଟନୀ ଅବସରରେ ଅତିଥି ଓ କର୍ମକର୍ତ୍ତା।

# ଦୀପା କର୍ମକାର ବାସନ୍ଦ

**ନୂଆଦିଲ୍ଲୀ, ୪।୨**

ଷ୍ଟାର ଜିମ୍ନାଷ୍ଟ ଦୀପା କର୍ମକାରଙ୍କୁ ୨୧ ମାସ ବାସନ୍ଦ କରାଯାଇଛି। ଇଣ୍ଟରନ୍ୟାଶନାଲ ଟେଷ୍ଟିଂ ଏଜେନ୍ସି(ଆଇଟିଏ) ଦ୍ୱାରା କରାଯାଇଥିବା ଡୋପ୍ ଟେଷ୍ଟରେ ସେ ବିଫଳ ହୋଇଥିଲେ। ଆଇଟିଏ ଏକ ସଂସ୍ଥା, ଯିଏକି ଇଣ୍ଟରନ୍ୟାଶନାଲ ଜିମ୍ନାଷ୍ଟିକ୍ସ ଫେଡେରେଶନ(ଏଫ୍‌ଆଇଜି)ର ଡୋପିଙ୍ଗ୍ ପ୍ରୋଗ୍ରାମ ପରିଚାଳନା କରିଥାଏ। ୨୦୨୧ ଅକ୍ଟୋବର ୧୧ରେ ପ୍ରତିଯୋଗିତା ବାହାରେ କର୍ମକାରଙ୍କଠାରୁ ସଂଗ୍ରହ କରାଯାଇଥିବା ସାମ୍ପଲରେ ୱାଡା (ୱାର୍ଲ୍ଡ ଆଣ୍ଟି ଡୋପିଂ ଏଜେନ୍ସି) ଦ୍ୱାରା ନିଷିଦ୍ଧ ପଦାର୍ଥ ହାଇଜେନାମିନ୍‌ର ମାତ୍ରା ରହିଥିଲା। ବାସନ୍ଦ ଦଣ୍ଡ ପିଛିଲା ତାରିଖରୁ ଲାଗୁ କରାଯାଇଛି। ଏହାର ଅବଧି ଚଳିତ ବର୍ଷ ଜୁଲାଇ ୧୦ରେ ଶେଷ ହେବ। କର୍ମକାର ୨୦୧୬ ରିଓ ଅଲିମ୍ପିକ୍ସ ଭଲ୍ଟ ଇଭେଣ୍ଟରେ ଚତୁର୍ଥ ସ୍ଥାନ ଅଧିକାର କରି ସୁନାମ ଅର୍ଜନ କରିଥିଲେ। ୨୦୧୭ରେ ଲିଗାମେଣ୍ଟ ଇଞ୍ଜୁରି ପରେ ତାଙ୍କର ଅସ୍ତ୍ରୋପଚାର ହୋଇଥିଲା। ତାଙ୍କର ଶେଷ ଏଫ୍‌ଆଇଜି ଇଭେଣ୍ଟ ବାକୁଠାରେ ୨୦୧୯ ବିଶ୍ୱକପ୍ ରହିଥିଲା। କର୍ମକାର କହିଛନ୍ତି, ତାଙ୍କ ଶରୀରକୁ ଏହି ନିଷିଦ୍ଧ ଉପାଦାନ କିପରି ପ୍ରବେଶ କଲା ସେ ସମ୍ପର୍କରେ ଜାଣନ୍ତିନାହିଁ। ତେବେ ଭାରତର ଏହି ଷ୍ଟାର ଜିମ୍ନାଷ୍ଟ ଡୋପିଙ୍ଗ୍ ନିୟମ ଉଲ୍ଲଂଘନ କରିଥିବା ସ୍ୱୀକାର କରିଛନ୍ତି। ଦଣ୍ଡ ବିଧାନକୁ ସେ ଗ୍ରହଣ କରିଛନ୍ତି।

# ଡବଲ ସ୍ୱର୍ଣ୍ଣ ବିଜୟିନୀ ପାର୍ବତୀଙ୍କ ପ୍ରତ୍ୟାବର୍ତ୍ତନ


ଭୁବନେଶ୍ୱର ପ୍ରତ୍ୟାବର୍ତ୍ତନ ପରେ ପଦକ ସହ ପାର୍ବତୀ ସେଠୀ।

**ଭୁବନେଶ୍ୱର, ୪।୨ (କ୍ରୀଡ଼ା ପ୍ରତିନିଧି)**

ହାଇଦ୍ରାବାଦରେ ଅନୁଷ୍ଠିତ ୫ମ ଜାତୀୟ ମାଷ୍ଟର ଗେମ୍ସର ଉଭୟ ଡିସ୍‌କସ୍ ଓ ଶଟ୍‌ପୁଟରେ ସ୍ୱର୍ଣ୍ଣ ପଦକ ଜିତି ଶନିବାର ଭୁବନେଶ୍ୱର ଫେରିଛନ୍ତି ଓଡ଼ିଶାର ଅନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ଆଥଲେଟ୍ ପାର୍ବତୀ ସେଠୀ। ୧୯୯୦ରୁ ଦୀର୍ଘ ତିନି ଦଶନ୍ଧୀଧରି କ୍ରୀଡ଼ାରେ ସକ୍ରିୟ ରହିଥିବା ପାର୍ବତୀ ଅନେକ ପ୍ରତିଯୋଗିତାରେ ପଦକ ଜିତି ରାଜ୍ୟ ଓ ଦେଶକୁ ଗର୍ବିତ କରିଛନ୍ତି। ଡିସ୍‌କସ୍ କୁଇନ୍‌ଭାବେ ପରିଚିତ ଏହି ତାରକା ଆଥଲେଟ୍ ସମ୍ପ୍ରତି ଇଣ୍ଡିଆନ ରେଲୱେରେ ଟିଟିଆଇଭାବେ କାର୍ଯ୍ୟରତ। ରାଜ୍ୟ ସରକାରଙ୍କଠାରୁ ସାହାଯ୍ୟ ସହଯୋଗ ମିଳିଲେ ସେ ଆଗାମୀ ଦିନରେ ଅଧିକ ସଫଳତା ହାସଲ କରିବା ସହ ଅନେକ କ୍ରୀଡ଼ାବିତ୍ ପ୍ରସ୍ତୁତ କରି ଓଡ଼ିଶାକୁ ଗର୍ବିତ କରିବାକୁ ଲକ୍ଷ୍ୟ ରଖିଛନ୍ତି ବୋଲି ପାର୍ବତୀ ପ୍ରକାଶ କରିଛନ୍ତି।

# ଚୟନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ ଅନୁପମା

**ଏସୀୟ ଜୁଜୁଟ୍‌ସୁ**

**ଭୁବନେଶ୍ୱର,୪।୨(ସ୍ପୋର୍ଟ୍ସ ବ୍ୟୁରୋ)**

ଏସୀୟ ଜୁଜୁଟ୍‌ସୁ ପ୍ରତିଯୋଗିତା ପାଇଁ ଭାରତୀୟ ଦଳର ମନୋନୟନ ଶିବିରରେ ଅଂଶଗ୍ରହଣ କରିବେ ଓଡ଼ିଶାର ଅନୁପମା ସ୍ୱାଇଁ। ରବିବାର ଦିଲ୍ଲୀର ପ୍ରୋ ଫାଇଟ୍ କ୍ଲବରେ ଭାରତୀୟ ଦଳ ଚୟନ ହେବ। ଥାଇଲାଣ୍ଡରେ ଫେବୃୟାରୀ ୨୩ରୁ ୨୮ ଯାଏ ସପ୍ତମ ଏସୀୟ ଜୁଜୁଟ୍‌ସୁ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏହା ପୂର୍ବରୁ ଅନୁପମା ୩ଥର ଏସୀୟ ଜୁଜୁଟ୍‌ସୁ ପ୍ରତିଯୋଗିତାରେ ଭାଗ ନେଇ ୩ଟି ପଦକ ମଧ୍ୟ ହାସଲ କରିଛନ୍ତି। ଓଡ଼ିଶା ପୋଲିସରେ କାର୍ଯ୍ୟରତ ଅନୁପମା ୱାର୍ଲ୍ଡ ମାଷ୍ଟର୍ସ ମାର୍ସିଆଲ ଆର୍ଟସରେ ବ୍ରୋଞ୍ଜ ପଦକ ମଧ୍ୟ ହାସଲ କରିଥିଲେ। ବିଗତ ୪ ବର୍ଷ ଧରି ଜାତୀୟ ଜୁଜୁଟ୍‌ସୁ ପ୍ରତିଯୋଗିତାରେ ସେ ସ୍ୱର୍ଣ୍ଣ ପଦକ ମଧ୍ୟ ହାସଲ କରିଛନ୍ତି। ଏସୀୟ ପ୍ରତିଯୋଗିତା ପାଇଁ ଅନୁପମାଙ୍କୁ ଶୁଭକାମନା ଜଣାଇଛି ରାଜ୍ୟ ଜୁଜୁଟ୍‌ସୁ ସଂଘ।



ଏସୀୟ ଜୁଜୁଟ୍‌ସୁ ପାଇଁ ଚୟନ ପ୍ରକ୍ରିୟାରେ ଭାଗନେବା ପୂର୍ବରୁ ଅନୁପମା ସ୍ୱାଇଁଙ୍କୁ ରାଜ୍ୟ ଆସୋସିଏଶନ ପକ୍ଷରୁ ଶୁଭେଚ୍ଛା ଜ୍ଞାପନ କରାଯାଉଛି।

# ସବିତା ଟପ୍ପୋଙ୍କୁ ସ୍ୱର୍ଣ୍ଣ ପଦକ

**୫ମ ଖେଲୋ ଇଣ୍ଡିଆ ୟୁଥ୍ ଆଥଲେଟିକ୍ସ**

**ଭୁବନେଶ୍ୱର,୪।୨(ସ୍ପୋର୍ଟ୍ସ ବ୍ୟୁରୋ)**

ମଧ୍ୟପ୍ରଦେଶରେ ଅନୁଷ୍ଠିତ ଖେଲୋ ଇଣ୍ଡିଆ ୟୁଥ୍ ଆଥଲେଟିକ୍ସର ଦ୍ୱିତୀୟ ଦିନରେ ଓଡ଼ିଶା ଆଥଲେଟ ୫ଟି ପଦକ ଜିତିଛି। ୧୦୦ ମିଟର ବାଧାଦୌଡ(ହର୍ଡଲ୍ସ)ରେ ସବିତା ଟପ୍ପୋ ଓ ୪ଗୁଣା୧୦୦ ମିଟର ବାଳକ ଦଳ ସ୍ୱର୍ଣ୍ଣ ଜିତିଥିବା ବେଳେ ଓଡ଼ିଶା ଆଥଲେଟ ମାନେ ଗୋଟିଏ ରୌପ୍ୟ ଓ ଦୁଇଟି ବ୍ରୋଞ୍ଜ ପଦକ ବିଜୟୀ ହୋଇଛନ୍ତି। ଦ୍ୱିତୀୟ ଦିନ ଆରମ୍ଭରୁ ବାଳକ ଟ୍ରିପଲ ଜମ୍ପରେ ରୌପ୍ୟ ପଦକ ଜିତିଥିଲେ ଓଡ଼ିଶାର ସ୍ୱାଗତ ବେହେରା। ସ୍ୱର୍ଣ୍ଣବିଜେତା ଆନ୍ଧ୍ର ପ୍ରଦେଶର କୋଠୁରି ପ୍ରଣୟଙ୍କ ସହିତ ସମାନ ୧୪.୯୫ ମିଟର ଦୂରତା ଅତିକ୍ରମ କରିଥିବା ବେଳେ ଦ୍ୱିତୀୟ ପ୍ରୟାସରେ ୧୪.୪୫ ମିଟର ଦୂରତା ଅତିକ୍ରମ କରିବା ସହିତ ରୌପ୍ୟରେ ସନ୍ତୁଷ୍ଟ ରହିଥିଲେ। ସବିତା ଟପ୍ପୋ ୧୩.୯୬ ସେକେଣ୍ଡର ସମୟ ନେଇ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଥିଲେ। ନୀତିଶ କୁଲ୍ଲୁ, ଡିଏମ୍ ଜୟରାମ, ଏମ୍‌ଡି ରେୟାନ ବାଶା ଓ ରାଜେନ୍ଦ୍ର ସିଧୁଙ୍କ ୪ଗୁଣା୧୦୦ ମିଟର ବାଳକ ଦଳ ୪୨.୨୩ ସେକେଣ୍ଡ ସମୟ ନେଇ ଓଡ଼ିଶା ପାଇଁ ଦ୍ୱିତୀୟ ଦିନର ଦ୍ୱିତୀୟ ସ୍ୱର୍ଣ୍ଣ ଜିତିଥିଲେ। ବାଳିକା ଟ୍ରିପଲ ଜମ୍ପର ମେରୀମୁକ୍ତା ସୋରେଙ୍ଗ ମାତ୍ର ୦.୧ ମିଟର ଦୂରତା ପାଇଁ ବ୍ରୋଞ୍ଜ ପଦକ ହାସଲ କରିଥିଲେ। ମେରୀ ୧୨.୦୧ ମିଟର ଦୂରତା ଅତିକ୍ରମ କରିଥିବା ବେଳେ କର୍ଣ୍ଣାଟକର ଭୂମିକା ୧୨.୦୨ ମିଟର ସହିତ ସ୍ୱର୍ଣ୍ଣ ଓ ତାମିଲନାଡୁର ଅଭିନୟା ଶ୍ରୀ ୧୨.୦୫ ମିଟର ସହିତ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ସେହିପରି ଯମୁନା ଟୁଡୁ, ମେରୀମୁକ୍ତା ସୋରେଙ୍ଗ, ଲକ୍ଷ୍ମୀପ୍ରିୟା କିଶାନ ଓ ସବିତା ଟପ୍ପୋଙ୍କ ୪ଗୁଣା୧୦୦ ମିଟର ବାଳିକ ଦଳ ୪୯.୮୮ ସେକେଣ୍ଡର ସମୟ ନେଇ ବ୍ରୋଞ୍ଜ ପଦକ ଜିତିଥିଲା। ଓଡ଼ିଶା ଆଥଲେଟିକ୍ସ ଆସୋସିଏସନର ଅବୈତନିକ ସଚିବ ଆଶୀର୍ବାଦ ବେହେରା ଓ ସଭାପତି ଜି ଏସ୍ ପଟ୍ଟନାୟକ ସମସ୍ତ ପ୍ରତିଯୋଗୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।




3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ